
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, November 1/2019 | ★★★★

୪୫ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
KP GROUP
PAN MASALA
Watch at:
You Tube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧/୨୦୧୯ | Bhubaneswar, Friday, November 1/2019 | ପୃଷ୍ଠା-୧




**ଋତୁରାଜଙ୍କ ଶତକ**

ଓପନର ଋତୁରାଜ ଗାଏକ୍ୱାଡଙ୍କ ଆକର୍ଷଣୀୟ ଶତକ ସହାୟତାରେ ଭାରତ ବି' ଦେଓଧର ଟ୍ରଫିରେ ଭାରତ ଏ'କୁ ପରାସ୍ତ କରିଛି।

୧୭ ୦୮

**ହାପି ବାର୍ଥଡେ ଇଲିଆନା**

ଅଭିନେତ୍ରୀ ଇଲିଆନା ଡି'କ୍ରୁଜ୍ ନଭେମ୍ବର ୧ରେ ନିଜର ହାପି ବାର୍ଥଡେ ପାଳନକରିବା ପୂର୍ବରୁ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଏକ ହଟ୍-ଫଟୋ ଶେୟାର କରି ଚର୍ଚ୍ଚାକୁ ଆସିଛନ୍ତି।



## ପାକିସ୍ତାନରେ ରେଳ ଟ୍ରାଜେଡି

# ଚଳନ୍ତା ଟ୍ରେନ୍‌ରେ ନିଆଁ: ୭୩ ଦଗ୍ଧ

ଇସ୍‌ଲାମାବାଦ/ଲାହୋର,୩୧।୧୦ (ପି.ଟି./ଆଇଏଏନ୍‌ଏସ୍)



ପାକିସ୍ତାନର ଲିଆକତ୍‌ପୁର ନିକଟସ୍ଥ ରହିମ୍ ୟାର୍ ଖାନ୍‌ଠାରେ ତେଜ୍‌ପୁର ଏକ୍ସପ୍ରେସରେ ନିଆଁ ଲାଗିଯାଇଛି।

- ନିଆଁ ଲାଗିଥିବାବେଳେ ୨ କି.ମି. ଗଡ଼ିଲା ତେଜ୍‌ପୁର ଏକ୍ସପ୍ରେସ୍
- ରୋଷେଇ ବେଳେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରୁ ଅଗ୍ନିକାଣ୍ଡ: ରେଳମନ୍ତ୍ରୀ
- ଶର୍ଟ ସର୍କିଟରୁ ନିଆଁ ଲାଗିଥିବା କହିଲା ତବଲିଘି ଜମାତ
- ତଦନ୍ତ ନିର୍ଦ୍ଦେଶ ଦେଲେ ଇମ୍ରାନ୍ ଖାନ
- ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା

ପାକିସ୍ତାନର ପୂର୍ବ ପଞ୍ଜାବ ପ୍ରଦେଶସ୍ଥିତ ଲିଆକତ୍‌ପୁର ନିକଟରେ ଗୁରୁବାର ସକାଳେ ଏକ ଯାତ୍ରୀବାହୀ ଟ୍ରେନ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କରାଚୀରୁ ରାୱଲପିଣ୍ଡି ଯାଉଥିବା ତେଜ୍‌ଗାମ୍ ଏକ୍ସପ୍ରେସ୍‌ରେ ଦୁଇଟି ରୋଷେଇ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବାରୁ ୭୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏହାସହ ଅନେକେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଇସ୍‌ଲାମିକ୍ ପ୍ରବକ୍ତା ଥିଲେ। ସେମାନେ ଏକ ଧାର୍ମିକ ସମ୍ମିଳନୀରେ ଯୋଗଦେବା ପାଇଁ ଯାଉଥିବାବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି।

କରାଚୀରୁ ୨୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ତେଜ୍‌ଗାମ୍ ଏକ୍ସପ୍ରେସ୍ ରାୱଲପିଣ୍ଡି ଅଭିମୁଖେ ଯାଉଥିଲା। ସେଥିରେ ଥିବା ଜଣେ ଯାତ୍ରୀ ସକାଳେ ଗ୍ୟାସ୍ ସିଲିଣ୍ଡର ଜାଳି ଜଳଖିଆ ପ୍ରସ୍ତୁତ କରୁଥିବାବେଳେ ଲିଆକତ୍‌ପୁର ନିକଟସ୍ଥ ରହିମ୍ ୟାର୍ ଖାନ୍‌ଠାରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଫଳରେ ଅଗ୍ନିକାଣ୍ଡ ଘଟି ଚାହୁଁ ଚାହୁଁ ତିନୋଟି ବଗିକୁ ନିଆଁ ବ୍ୟାପିଯାଇଥିଲା। ନିଆଁ ଲାଗିଥିବା ଅବସ୍ଥାରେ ଟ୍ରେନ୍‌ଟି ପ୍ରାୟ ୨ କି.ମି. ଯାଏ ଗଡ଼ିଥିଲା। ପ୍ରାଣ ବିକଳରେ ଯାତ୍ରୀମାନେ ଟ୍ରେନ୍‌ରୁ ତଳକୁ ଡେଇଁବାରେ ଲାଗିଥିଲେ। ତଳେ ପଡ଼ି ଅନେକ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ନିଆଁରେ ଦଗ୍ଧ ହୋଇ ପ୍ରାଣ ହରାଇଛନ୍ତି। ୭୩ ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି। ସେହିପରି ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜିଲା ଜରୁରୀ ଅଧିକାରୀ ଆର୍‌ୱାଇକେ ବକିର ହୁସେନ କହିଛନ୍ତି। ଦୀର୍ଘ ସମୟର ଉଦ୍ୟମ ପରେ ୧୦ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଉଦ୍ଧାର କାର୍ଯ୍ୟରେ ସେନା ହେଲିକପ୍ଟର ନିୟୋଜିତ ହୋଇଥିଲା। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଡିଏନ୍‌ଏ ପରୀକ୍ଷା କରି ମୃତକମାନଙ୍କ ପରିଚୟ ସ୍ପଷ୍ଟ କରାଯିବ ବୋଲି ଜଣାପଡ଼ିଛି। ମୃତକଙ୍କ ପରିବାରକୁ ୧୫ ଲକ୍ଷ ଓ ଆହତଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ସରକାର ଘୋଷଣା କରିଛନ୍ତି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଏହାକୁ ନେଇ ଶୋକବ୍ୟକ୍ତ କରିଛନ୍ତି। ସେ ଦୁର୍ଘଟଣାର ତଦନ୍ତ ସହ ଆହତଙ୍କ ଚିକିତ୍ସା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଳମନ୍ତ୍ରୀ ଶେଖ୍ ରଶିଦ୍ ଅହମଦ କହିଛନ୍ତି, ମୃତାହତଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ତବଲିଘି ଜମାତ୍ (ଇସ୍‌ଲାମିକ୍ ପ୍ରବକ୍ତା)। ରାୱଲପିଣ୍ଡିରେ ହେବାକୁ ଥିବା ଏକ ବଡ଼ ଧାର୍ମିକ ସମାଗମରେ ଯୋଗଦେବା ପାଇଁ ସେମାନେ ଯାଉଥିଲେ। ଟ୍ରେନ୍‌ରେ ଗ୍ୟାସ୍‌ରେ ରୋଷେଇ କରିବା ବେଆଇନ ବୋଲି ସେ କହିଛନ୍ତି। ତେବେ ତବଲିଘି ଜମାତ୍ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଗ୍ୟାସ୍ ସିଲିଣ୍ଡର ଯୋଗୁ ନୁହେଁ, ବରଂ ଶର୍ଟ ସର୍କିଟ ହେବା ଫଳରେ ଏହି ଅଗ୍ନିକାଣ୍ଡ ଘଟିଛି। ଶର୍ଟ ସର୍କିଟ ସମ୍ପର୍କରେ ବୁଧବାର ରାତିରେ ଟ୍ରେନ୍ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ସେମାନେ ଏଥିପ୍ରତି ଧ୍ୟାନ ନ ଦେବାରୁ ଏଭଳି ଘଟିଥିବା ସେମାନେ କହିଛନ୍ତି। ପାକିସ୍ତାନରେ ଏହା ହେଉଛି ଚଳିତବର୍ଷର ଦ୍ୱିତୀୟ ବଡ଼ ଟ୍ରେନ୍ ଦୁର୍ଘଟଣା। ଗତ ଜୁଲାଇରେ ଆକ୍‌ବର ବୁଗ୍‌ତି ଏକ୍ସପ୍ରେସ ଲାହୋରରୁ କ୍ୱେଟା ଯାଉଥିବାବେଳେ ପଞ୍ଜାବର ୱାଲହର ଷ୍ଟେଶନରେ ଅନ୍ୟ ଏକ ଟ୍ରେନ୍‌ରେ ଧକ୍କାହେବା ଫଳରେ ୨୪ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା।



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅଭ୍ୟାସ ଅବସରରେ ଭାରତୀୟ ମହିଳା ହକି ଦଳ।

# ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି, ୱାର୍ଲ୍ଡ ଲିଗ୍ ଏବଂ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ପରି ଅନେକ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ଦେଶ ବିଦେଶରେ ଚର୍ଚ୍ଚାରେ ରହିଥିବା କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ଆଉ ଏକ ସମ୍ମାନଜନକ ପ୍ରତିଯୋଗିତା। ନଭେମ୍ବର ୧ ଓ ୨ ତାରିଖରେ ଏଠାରେ ଆୟୋଜନ ହେବ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ୍। ଏଥର କଳିଙ୍ଗର ହକି କମ୍ପ୍ଲେକ୍ସରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ ଆକ୍ସନରେ ଦେଖିବାକୁ ମିଳିବେ। ପ୍ରଥମଥର ପାଇଁ ଏଠାରେ ମହିଳା ଦଳର ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଭାରତୀୟ ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଆମେରିକା। ଭାରତ ବିଶ୍ୱ ର୍‍ୟାଙ୍କିଂର ୯ମ ସ୍ଥାନରେ ଥିବାବେଳେ ଆମେରିକା ୧୩ତମ ସ୍ଥାନ ପାଇଛି। ତେବେ ନିକଟ ଅତୀତରେ ଉତ୍ସାହୀ ପ୍ରଦର୍ଶନ କରିଥିବାରୁ ଆମେରିକା ଘରୋଇ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବା ଏକପ୍ରକାର ନିଶ୍ଚିତ। ଆମେ ଏଠାକୁ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଆସିଛୁ ବୋଲି ଆମେରିକା ଦଳର ଅଧିନାୟିକା କାଥଲିନ ଶାର୍କି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେ ଘରୋଇ ପରିବେଶରୁ ଫାଇଦା ନେବା ସହ ନିଜ ଦକ୍ଷତା ଅନୁସାରେ ଖେଳି ଆଗକୁ ବଢ଼ିବାକୁ ଚେଷ୍ଟା କରିବୁ ବୋଲି ଭାରତୀୟ ଦଳର ଅଧିନାୟିକା ରାଣୀ ରାମପାଲ କହିଛନ୍ତି।

ପୁରୁଷ ବିଭାଗରେ ଭାରତ ପ୍ରତିପକ୍ଷ ରୁଷିଆ ସହିତ ମୁକାବିଲା କରିବ। ବିଶ୍ୱ ର୍‍ୟାଙ୍କିଂରେ ଭାରତ ୫ ଓ ରୁଷିଆ ୨୨ତମ ସ୍ଥାନରେ ରହିଛି। ଗତ ଜୁନ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ସିରିଜ ଫାଇନାଲରେ ରୁଷିଆ କଳିଙ୍ଗ ଷ୍ଟାଡିୟମରେ ଖେଳିବାର ଅଭିଜ୍ଞତା ରଖିଛି। ସେତେବେଳେ ଯଦିଓ ଏହି ଦଳ ବଡ଼ ବ୍ୟବଧାନରେ ଭାରତ ନିକଟରୁ ହାରିଥିଲା ଏଥର କିନ୍ତୁ ଭିନ୍ନ ଧରଣର ଖେଳ ଦେଖିବାକୁ ମିଳିବ ବୋଲି ରୁଷିଆ ଅଧିନାୟକ ଡେନିସ ସ୍କିପାଚେଭ୍ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରୁଷିଆକୁ କୌଣସି ପରିସ୍ଥିତିରେ ହାଲ୍‌କା ଭାବେ ନେବ ନାହିଁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ ସିଂ କହିଛନ୍ତି।

## ଉପରାଜ୍ୟପାଳ ଭାବେ ଶପଥ ନେଲେ ମୁର୍ମୁ, ମାଥୁର



ଗିରୀଶ ଚନ୍ଦ୍ର ମୁର୍ମୁ

**ଶ୍ରୀନଗର/ଲେହ,୩୧।୧୦(ପି.ଟି.):** ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତି ଠିକ୍ ୧୨ଟାରେ ଜମ୍ମୁ-କଶ୍ମୀରର ଭୂଗୋଳ ଓ ଇତିହାସ ବଦଳିଯାଇଥିଲା। ଏହା ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ରୂପାନ୍ତରିତ ହୋଇଥିଲା। ନୂଆ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଥମ ଉପରାଜ୍ୟପାଳ ଭାବେ ଦୁଇଜଣ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁ ଓ ରାଧାକୃଷ୍ଣ ମାଥୁର ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଉକ୍ତ ରାଜ୍ୟକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି କେନ୍ଦ୍ର ସରକାର ଅଗଷ୍ଟ ୫ରେ ନିଷ୍ପତ୍ତି ନେଇଥିଲେ। ୮୮ଦିନ ଧରି ଉପତ୍ୟକାରେ କଟକଣା ଜାରି ରହିବା ସହ ଦୋକାନ ବଜାର ବନ୍ଦ ରହିଥିଲାବେଳେ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ଗଠନ ହୋଇଛି। ବିଶ୍ୱାସର ଦୃଢ଼ ସଂଯୋଗ ସୃଷ୍ଟି ଏହି ନୂଆ ବ୍ୟବସ୍ଥାର ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଅଧିକ ରିପୋର୍ଟ: ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ଏକ ଚେତାବନୀ**

## ମହାରାଷ୍ଟ୍ରରେ କ୍ଷମତା ଯୁଦ୍ଧ

# ଉଦ୍ଧବ ନେବେ ଚୂଡ଼ାନ୍ତ ନିଷ୍ପତ୍ତି

ମୁମ୍ବାଇ,୩୧।୧୦

- ରାଜ୍ୟପାଳଙ୍କୁ ଭେଟିଲା ଶିବସେନା
- ଏକ୍‌ନାଥ ସିନ୍ଧେ ବିଧାୟକ ଦଳ ନେତା
- ପାୱାର-ସଞ୍ଜୟଙ୍କ ସାକ୍ଷାତକୁ ନେଇ ଚର୍ଚ୍ଚା



ଏକ୍‌ନାଥ ସିନ୍ଧେ



ଆଦିତ୍ୟ ଠାକ୍‌ରେ

ମହାରାଷ୍ଟ୍ରରେ ଭାଜପା ଓ ଶିବସେନା ମଧ୍ୟରେ କ୍ଷମତା ଲଢ଼େଇ ଜାରି ରହିଛି। ଶିବସେନାର ବରିଷ୍ଠ ନେତା ଏକ୍‌ନାଥ ସିନ୍ଧେ ବୁଧବାର ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ଏକ ପ୍ରତିନିଧି ଦଳ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟିଛି। ଏହି ସାକ୍ଷାତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଚାଷୀ ସମସ୍ୟା ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା ହୋଇଥିବା ଶିବସେନା ନେତା ଆଦିତ୍ୟ ଠାକ୍‌ରେ କହିଛନ୍ତି। ସେହିପରି ସରକାର ଗଠନ ନେଇ ଦଳ ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ତାଙ୍କ ପୁଅ ତଥା ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଆଦିତ୍ୟ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କୁ ଭେଟିଥିବା ଜଣାପଡ଼ିଛି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବାର ସପ୍ତାହେ ପରେ ବି ସରକାର ଗଠନ ନେଇ ଅନିଶ୍ଚିତତା ଦୂର ହୋଇନାହିଁ। କ୍ଷମତା ଭାଗବଣ୍ଟାକୁ ନେଇ ୫୦:୫୦ ସୂତ୍ର ଆପଣାଯାଉ ବୋଲି ଶିବସେନା ଦାବି କରୁଥିବାବେଳେ ଏପରି କୌଣସି ପ୍ରତିଶ୍ରୁତି ନିର୍ବାଚନ ପୂର୍ବରୁ ଦିଆଯାଇ ନ ଥିବା ଭାଜପା ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ବୁଧବାର ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ଗୁରୁବାର ଶିବସେନା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ସେନା ଭବନରେ ଅନୁଷ୍ଠିତ ବୈଠକରେ ଆଦିତ୍ୟ ଠାକ୍‌ରେ ବିଧାୟକ ଦଳ ନେତା ପାଇଁ ଅନୁଭବୀ ନେତା ଏକ୍‌ନାଥ ସିନ୍ଧେଙ୍କ ନାମ ପ୍ରସ୍ତାବ ଦେଇଥିଲେ। ସେହିପରି ଗୃହରେ ମୁଖ୍ୟ ସଚେତକ ଭାବେ ସୁନୀଲ ପ୍ରଭୁଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଉଭୟେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ରାତିରେ ଶିବସେନାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟିଥିଲେ। ସପ୍ତାହେ ମଧ୍ୟରେ ଏହା ହେଉଛି ରାଜ୍ୟପାଳଙ୍କ ସହ ଶିବସେନାର ଦ୍ୱିତୀୟ ସାକ୍ଷାତ। ଠାକ୍‌ରେ ପରିବାରର ପ୍ରଥମ ସଦସ୍ୟ ଭାବେ ବିଧାୟକ ହୋଇଥିବା ଆଦିତ୍ୟ ଏହାକୁ ନେଇ କହିଛନ୍ତି, ଝଡ଼ବର୍ଷାରେ ଚାଷୀଙ୍କ ଫସଲ ନଷ୍ଟ ଓ ମତ୍ସ୍ୟଜୀବୀଙ୍କ ଡଙ୍ଗା ଭାଙ୍ଗିଯାଇଛି। ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା ହୋଇଛି। ସରକାର ଗଠନ ☞ପୃଷ୍ଠା-୨

## ପରିବାରର ୬ଜଣଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ

# ୬ ଦୋଷୀଙ୍କୁ ଆଜୀବନ ଜେଲ


ଚମ୍ପୁଆ/ଯୋଡ଼ା, ୩୧।୧୦(ଡି.ଏନ.ଏ.)

- ଜଣେ ମହିଳାଙ୍କୁ ୩ ବର୍ଷ ଜେଲଦଣ୍ଡ
- ଗୁଣିଗାରେଡ଼ି ସନ୍ଦେହରେ ଘଟିଥିଲା ହତ୍ୟାକାଣ୍ଡ

ଆଜକୁ ୫ ବର୍ଷ ତଳେ କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଗୁଣିଗାରେଡ଼ି ସନ୍ଦେହରେ ଗୁରା ମୁଣ୍ଡାଙ୍କ ପରିବାରର ୬ଜଣଙ୍କୁ କେତେଜଣ ଲୋକ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ୨୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ୩୦୨ ଦଫାରେ ଦୋଷୀମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ମାନା ମୁଣ୍ଡା(୩୦), ବାଗୁନ ମୁଣ୍ଡା(୩୨), ଉମା ମୁଣ୍ଡା(୩୨), ତୁମ୍ବା ମୁଣ୍ଡା(୩୦), ରତ୍ନା ମୁଣ୍ଡା(୩୮) ଓ ଈଶ୍ୱର ମୁଣ୍ଡା(୨୩)। ଏଥିସହ ଦୋଷୀମାନେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବେ ବୋଲି କୋର୍ଟ କହିଛନ୍ତି। ସେହିପରି ଜଣେ ମହିଳା ଅପରାଧୀ ପାଣ୍ଡ୍ରି ମୁଣ୍ଡାଙ୍କୁ ଉଇଚ ହଣ୍ଟିଂ ଅପରାଧରେ ୩ ବର୍ଷ କାରାଦଣ୍ଡ ଶହ ୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ତା୧୩।୭।୨୦୧୫ରିଖରେ ଲହଣ୍ଡା ଗ୍ରାମରେ ଘଟିଥିଲା ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡ। ଗୁଣିଗାରେଡ଼ି ସନ୍ଦେହରେ ଉଜୁଡ଼ିଯାଇଥିଲା ଗୁରା ମୁଣ୍ଡାଙ୍କ ପରିବାର। ସେତେବେଳେ ଏହି ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଥିଲା।

## ଗୁରୁଦାସ ଦାସଗୁପ୍ତାଙ୍କ ଦେହାନ୍ତ

କୋଲକାତା, ୩୧।୧୦(ପି.ଟି.)



ସିପିଆଇର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଗୁରୁଦାସ ଦାସଗୁପ୍ତା(୮୩)ଙ୍କ ଗୁରୁବାର ସକାଳେ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ଦୀର୍ଘଦିନ ଧରି ସେ ଫୁସ୍‌ଫୁସ୍, କର୍କଟ ଓ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ଥିଲେ। ଏଆଇଟିୟୁସିର ସେ ଜଣେ ବରିଷ୍ଠ ନେତା ଥିଲେ। ୧୯୮୫ରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ପରେ ଲୋକ ସଭାକୁ ୨୦୦୪, ୨୦୦୯ରେ ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ତ୍ରୀ ଓ ଝିଅ ଅଛନ୍ତି। ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।


Vencobb Fresh Chicken — Taste the difference!

31.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 64 | 111 | 121 |
| DKL | 63 | 110 | 120 |
| BDK | 66 | 114 | 124 |
| BLS | 68 | 116 | 126 |
| ANG | 65 | 113 | 123 |
| BHM | 59 | 105 | 115 |

*Conditions Apply

Issued in the Interest of Consumers



**କିଛି ତଥ୍ୟ**
ଚଳିତବର୍ଷ ସେପ୍ଟେମ୍ବରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁନଃପୁଞ୍ଜୀକରଣ ବଣ୍ଡ ଜରିଆରେ ସରକାର ୭୦,୩୧୪ କୋଟି ଟଙ୍କା ପ୍ରଦାନ ନେଇ ବ୍ୟବସ୍ଥା କରିଛନ୍ତି।
– ଅର୍ଥ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**
ସମ୍ବିଧାନର ଅନୁଚ୍ଛେଦ ୩୭୦ ଜମ୍ମୁ-କଶ୍ମୀର ପାଇଁ ପ୍ରାଚୀର ସଦୃଶ କାର୍ଯ୍ୟ କରୁଥିଲା।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ବାପୁନି
ପରିବାରବର୍ଗ


ଜାଗୃତି
ପରିବାରବର୍ଗ


ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଜେଡି ସଭ୍ୟ ସଂଗ୍ରହ ଅବଧି ୩ ସପ୍ତାହ ବୃଦ୍ଧି

■ ସଂଗ୍ରହ ହେଲେଣି ୪୧ ଲକ୍ଷ ସଭ୍ୟ
■ ଢିଲା ନିର୍ବାଚନମଣ୍ଡଳୀକୁ ତାଗିଦ୍

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଅକ୍ଟୋବର ଶେଷ ସୁଦ୍ଧା ବିଜେଡି ପକ୍ଷରୁ ପ୍ରାୟ ୪୧ ଲକ୍ଷଙ୍କୁ ଦଳୀୟ ସଭ୍ୟ କରାଯାଇଥିବା ଜଣାପଡ଼ିଛି। ସେହିପରି ସଭ୍ୟ ସଂଗ୍ରହରେ ଦେଖାଦେଇଥିବା ଉତ୍ସୁକତାକୁ ଦେଖି ଏହି ଅଭିଯାନକୁ ଆହୁରି ୩ ସପ୍ତାହକୁ ବୃଦ୍ଧି କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ଜିଲା ପର୍ଯ୍ୟବେକ୍ଷକ ଓ ଜିଲା ସଭାପତିଙ୍କ ବୈଠକରୁ ଏହା ଜଣାପଡ଼ିଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସଭ୍ୟ ସଂଗ୍ରହ ଏବଂ ଦଳର ଶୀର୍ଷ ନେତୃତ୍ୱ ଦ୍ୱାରା ସ୍ଥିରୀକୃତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରୁଥିବା ଜିଲା ଏବଂ ନିର୍ବାଚନମଣ୍ଡଳୀକୁ ପ୍ରଶଂସା କରାଯାଇଥିଲା। ଅନୁରୂପ ଭାବେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ନ ଥିବା ଜିଲା ଓ ନିର୍ବାଚନମଣ୍ଡଳୀରେ ଥିବା ନେତୃବର୍ଗଙ୍କୁ ତାଗିଦ୍ କରାଯାଇଥିଲା। ପୂର୍ବ ଯୋଜନା ମୁତାବକ କାର୍ଯ୍ୟ ନ ହେଲେ ଦାୟିତ୍ୱରେ ଥିବା ନେତାମାନଙ୍କୁ ଅପସାରଣ କରାଯିବାର ପରୋକ୍ଷ ଚେତାବନୀ ମଧ୍ୟ ଦିଆଯାଇଛି। ବିଶେଷକରି ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକଙ୍କ କାର୍ଯ୍ୟାବଳୀକୁ ନଜରରେ ରଖି ଏପରି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ୧୭ରୁ ୧୯ ନିର୍ବାଚନମଣ୍ଡଳୀର ସାଙ୍ଗଠନିକ କାର୍ଯ୍ୟ, ସଭ୍ୟ ସଂଗ୍ରହ ଇତ୍ୟାଦିକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିବା ଜଣାପଡ଼ିଛି। ସଭ୍ୟ ସଂଗ୍ରହରେ ଯୁବ, ମହିଳା ବର୍ଗକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି। ନିକଟରେ ଦଳ ପକ୍ଷରୁ 'ଓଡ଼ିଶା– ମୋ ପରିବାର' କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହା ଦଳକୁ ଆହୁରି ଲୋକଙ୍କ ନିକଟତର କରାଇବ ବୋଲି ମତ ପ୍ରକାଶ ପାଇଥିଲା। ଏହି ସାଙ୍ଗଠନିକ ବୈଠକରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଅମର ଶତପଥୀ, ପ୍ରମିଳା ମଲ୍ଲିକ, ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ମହାନ୍ତି, ଦେବାଶିଷ ସାମନ୍ତରାୟ, ଚନ୍ଦ୍ରସାରଥି ବେହେରା, ବିଜୟ ନାୟକ, କିଶୋର ମହାନ୍ତି, ଲାଲ୍‌ବିହାରୀ ହିମିରିକା ପ୍ରମୁଖ ବୈଠକରେ ଯୋଗଦାନ କରିଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଆଭାସ ବରାଳ


ଜ୍ୟୋତିର୍ମୟୀ ସାସମଲ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

ପ୍ରଥମ ପୃଷ୍ଠାରୁ...

### ଉଦ୍ଧବ ନେବେ...

ନେଇ ତାଙ୍କର କିଛି କହିବାର ନାହିଁ। ଏସମ୍ପର୍କରେ ଯାହା କହିବାର ଅଛି ଉଦ୍ଧବଜୀ କହିବେ। ତାଙ୍କ କଥା ଚୂଡ଼ାନ୍ତ ବୋଲି ଆଦିତ୍ୟ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶିବସେନା ମୁଖ୍ୟମନ୍ତ୍ରୀ ପଦ ପାଇଁ ନିଜ ଦାବିରୁ ଓହରି ନ ଥିବା ଏହାର ମୁଖପତ୍ର 'ସାମ୍ନା'ରେ ସଙ୍କେତ ଦିଆଯାଇଛି। ଭାଜପା ନିଜ ସହଯୋଗୀଙ୍କୁ ନେଇ 'ବ୍ୟବହାର କର ଓ ଫିଙ୍ଗ' ନୀତି ଆପଣାଇଥିବା ଏଥିରେ କୁହାଯାଇଛି। ପ୍ରକାଶ ଯେ, ନିର୍ବାଚନରେ ଭାଜପାକୁ ୧୦୫ ଓ ଶିବସେନାକୁ ୫୬ ଆସନ ମିଳିଛି। ଏନ୍‌ସିପି ୫୪ ଆସନରେ ସଫଳତା ପାଇଥିବାବେଳେ କଂଗ୍ରେସକୁ ୪୪ ଆସନ ମିଳିଛି। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପାର ଏକଜିଦିଆ ଆଭିମୁଖ୍ୟ ଶିବସେନା ସହ ବିରୋଧୀଙ୍କୁ ନିକଟତର କରିଛି ବୋଲି ବିଶ୍ଲେଷକମାନେ ମତଦେଇଛନ୍ତି।

## ୫-ଟି ବ୍ୟବସ୍ଥାକୁ ନେଇ ଅପରାଜିତା-ଅରୂପ ଲଢ଼େଇ

# ପ୍ରଶାସନିକ ପ୍ରଶିକ୍ଷଣ ବେଳେ ଶିଖିଛୁ, ନୂଆ ନୁହେଁ: ଅପରାଜିତା

■ ମୁଖ୍ୟମନ୍ତ୍ରୀ ହେଲେ ବଦଳାଇ ଦେବେ: ଅରୂପ
■ ୫-ଟି ନାଁରେ ପ୍ରହସନ ଚାଲିଛି: ସୁର

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଆଇଏଏସ୍ ପ୍ରଶିକ୍ଷଣ ସମୟରେ ୫-ଟି ପାଠ ପଢାଯାଉଥିଲା। ରାଜ୍ୟ ସରକାର ଲାଗୁ କରିଥିବା ୫-ଟି ଏକ ଅଭିନବ ପଦକ୍ଷେପ ନୁହେଁ। ଏଥିରେ କୌଣସି ନୂତନତ୍ୱ ନାହିଁ, ଏହା ବହୁତ ପୁରୁଣା କଥା ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ଅପରାଜିତା କହିଛନ୍ତି ଯେ, ଏହା ସୁଶାସନର ପକ୍ଷ ନୁହେଁ। ଶାସକ ବିଜେଡି ୨୦ବର୍ଷ ଧରି ରାଜ୍ୟରେ ଶାସନ କରୁଥିବାବେଳେ ହଠାତ୍ ଏବେ କାହିଁକି ୫-ଟି ଅଣାଗଲା। ରାଜ୍ୟ ସରକାର ୫-ଟିର ଏକ ଅଲଗା ବିଭାଗ କରି ଜଣକୁ ଦାୟିତ୍ୱ ଦେଇ ବିଭାଗୀୟ ମନ୍ତ୍ରୀ ଏବଂ ସଚିବମାନଙ୍କୁ ଦୁର୍ବଳ କରୁଛନ୍ତି। ଗୃହ ଏବଂ ସ୍ୱାସ୍ଥ୍ୟ ବିଭାଗ ପରି ଅନେକ ବିଭାଗର ସଚିବ ଏବଂ ମନ୍ତ୍ରୀଙ୍କ ପାରିବା ପଣିଆ ଓ ଯୋଗ୍ୟତା ଉପରେ ରାଜ୍ୟ ସରକାର ବର୍ତ୍ତମାନ ପ୍ରଶ୍ନ ଉଠାଉଛନ୍ତି। ୫-ଟି ପାଇଁ ଅଲଗା ବିଭାଗ କରିବା ପରିବର୍ତ୍ତେ ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ସଚିବ ଏବଂ ମନ୍ତ୍ରୀମାନଙ୍କୁ ସଶକ୍ତ ଏବଂ ସକ୍ଷମ କରାଯାଉ। ଏହାଦ୍ୱାରା କାର୍ଯ୍ୟ ହେଉ କିନ୍ତୁ ଏହାକୁ ଏକ ଅଲଗା ବିଭାଗ କରି ଜଣକୁ ସମସ୍ତ କ୍ଷମତା ଦେବା ଠିକ୍ ନୁହେଁ। ପ୍ରଚଳିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଗଲେ ଜନସାଧାରଣ ଉପକୃତ ହେବେ ବୋଲି ଅପରାଜିତା କହିଛନ୍ତି।

ଅପରାଜିତାଙ୍କ ଏଭଳି ମନ୍ତବ୍ୟକୁ ସମାଲୋଚନା କରି ବିଜେଡି ନେତା ଅରୂପ ପଟ୍ଟନାୟକ କହିଛନ୍ତି, ଆଇଏଏସ୍/ଆଇପିଏସ୍ ଟ୍ରେନିଂ ସମୟରେ ଯାହା ହୁଏ ଜାଣିଛି। ଆଇପିଏସ୍ ଟ୍ରେନିଂରେ ପରେଡ ଶିଖାଯାଏ। ଲୋକଙ୍କୁ କିପରି ହ୍ୟାଣ୍ଡେଲ କରାଯିବ ସେକଥା ଟ୍ରେନିଂ ଯାଏନାହିଁ। ସେହି ଟ୍ରେନିଂଗୁଡ଼ିକରେ ଲୋକଙ୍କ ସହିତ କେମିତି ମିଶିବ, ବସିବ ଏଗୁଡ଼ିକ ଶିଖାଯାଏ ନାହିଁ। ସେହି ଭଦ୍ର ମହିଳା ଟ୍ରେନିଂରେ ୫-ଟି ଶିଖିଥିବେ। ଯେତେବେଳେ ସିଏ ମୁଖ୍ୟମନ୍ତ୍ରୀ ହେବେ ସେତେବେଳେ ୫-ଟି ଉଠାଇଦେବେ ବୋଲି ଅରୂପ କହିଛନ୍ତି। ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, ୫-ଟି ଏକ ବିଭାଗ ନୁହେଁ ବରଂ ଏହା ଏକ ଚାଟର। ୫-ଟିର ଚିନ୍ତା, ଚେତନା, ଭିନ୍ନ ଅଟେ। ସରକାରୀ କର୍ମଚାରୀଙ୍କୁ ସୁପରିଚାଳିତ କରିବା ଉଦ୍ଦେଶ୍ୟ ହୋଇଥିବା ବେଳେ ଜଣେ ପୂର୍ବତନ ପ୍ରଶାସିକାଙ୍କ ପାଖରୁ ଏପରି ମନ୍ତବ୍ୟ ଆଶା କରାଯାଇ ନ ପାରେ। କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ସରକାରଙ୍କ ୫-ଟି ନା ଚା। ଏଇଠି କ୍ୟାପିଟାଲ ହସ୍ପିଟାଲରେ ରୋଗୀ ପଡିଛନ୍ତି, ସାଲାଇନ ଚାଲିଛି। ଏଠି ହସ୍ପିଟାଲରେ ବେଡ୍ ନାହିଁ ରୋଗୀ ତଳେ ଗଡୁଛନ୍ତି, ଏମାନେ ବାହାରେ ବୁଲୁଛନ୍ତି। ଆଗ ରାଜଧାନୀ ଅବସ୍ଥା ଦେଖ। ୫-ଟି ଏକ ପ୍ରହସନ। ଏଠାରେ ଲୋକଙ୍କୁ ସେବା ନ ଦେଇ ବାହାରେ ବାହାବା ନେବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସୁର କହିଛନ୍ତି।

## ଲାଞ୍ଚ ମାମଲା: ଶିଳ୍ପକେନ୍ଦ୍ର ସଂଯୋଜକ ଦଣ୍ଡିତ

**କଟକ ଅଫିସ, ୩୧।୧୦:** ନୂଆପଡ଼ା ଜିଲା ଶିଳ୍ପକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ରାୟ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ସେ ପୂର୍ବରୁ ବାଲେଶ୍ୱର ଜିଲା ଶିଳ୍ପକେନ୍ଦ୍ରରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଏକ ଫାଇଲ କାମ କରିବା ପାଇଁ ବିରଜା ଶଙ୍କର ସାହୁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୫/୨୦୦୭) ରୁଜୁ ହୋଇଥିଲା। ଏହି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ରାୟଙ୍କୁ ଦୁର୍ନୀତି ନିବାରଣ ଆଇନର ପୃଥକ ଧାରାରେ ଦଣ୍ଡିତ କରିଛନ୍ତି। ଗୋଟିଏ ଧାରାରେ ଅଭିଯୁକ୍ତଙ୍କୁ ଦୁଇ ବର୍ଷ ଜେଲ୍ ଓ ୩ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅର୍ଥ ଅନାଦାୟେ ଅଧିକ ୨ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସେହିପରି ଅନ୍ୟ ଏକ ଧାରାରେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୨ହଜାର ଟଙ୍କା ଜରିମାନା ଦଣ୍ଡ ମିଳିଛି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଆଉ ଅଧିକ ୧ ମାସ ଜେଲ୍ ଦଣ୍ଡାଦେଶ ହୋଇଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ସେକ୍ ହାଜିରୁଦ୍ଦିନ ମାମଲା ପରିଚାଳନା କରୁଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ରଙ୍କ ସହ ଶନି ଓ କେତୁଙ୍କ ସଂଯୋଗ ପ୍ରଭାବରେ ଭାଇ, ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ଅନିବାର୍ଯ୍ୟ ହୋଇପାରେ। ଯେତେ ଚେଷ୍ଟା କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ।

**ବୃଷ**
ଆପଣଙ୍କ ରାଶିକୁ ଶୁଭଗ୍ରହମାନେ ଦେଖୁଥିବାରୁ ଆଜି ବୈଷୟିକ ସୁଖ, ସମ୍ପଦ ପ୍ରଦାନ କରିବାରେ ସହାୟକ ହେବେ। କିନ୍ତୁ ଶନି ସଂସ୍ପର୍ଶରେ ଚନ୍ଦ୍ର ଉଦାସୀନତା ସୃଷ୍ଟିକରି ଭୋଗ ବିଳାସ ପ୍ରତି ବୈରାଗ୍ୟ ଭାବ ଉଦ୍ରେକ କରିପାରନ୍ତି। ଆପଣ ଘର ସକାଶେ, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ।

**ମିଥୁନ**
ସପ୍ତମ କେନ୍ଦ୍ରସ୍ଥ ଏକାଧିକ ଗ୍ରହ ହେତୁ ବିବାଦରେ ପଶିଲେ ଅପଦସ୍ଥ ହେବେ ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ପରାଜୟ ସ୍ୱୀକାର କରିବାକୁ ପଡ଼ିପାରେ। ପାଖପଡୋଶୀଙ୍କ ହସ୍ତକ୍ଷେପ ଯୋଗୁ ଘରୋଇ ବ୍ୟାପାରରେ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ନିଜର ମତ ବଦଳାଇ ଅସହଯୋଗ କରିବେ।

**କର୍କଟ**
କର୍ମସ୍ଥାନକୁ ଧନାଧିପଙ୍କ ଦୃଷ୍ଟିଜନିତ ଅର୍ଥଲାଭ ସହ ଏକ ନୂତନ ପରିବେଶରେ ସହାନୁଭୂତିର ସହ ସହାବସ୍ଥାନରୁ ନିଜକୁ ଭାଗ୍ୟବାନ୍ ମନେ କରିପାରନ୍ତି। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପୂର୍ବାହ୍ନରେ ଲାଭକରି ସାମୟିକ ଖୁସି ରହିବେ। ଶିଳ୍ପ, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ।

**ସିଂହ**
ରବିଙ୍କ ଦୁର୍ବଳତା ସାଇନୋଇସାଟିସ୍ ଭଳି ରୋଗ ଜନିତ ମୁଣ୍ଡବ୍ୟଥା କିମ୍ବା କ୍ରନିକ୍ ରୋଗ ପୀଡାକୁ ନିମନ୍ତ୍ରଣ କରିପାରେ। ତଥାପି କର୍ତ୍ତବ୍ୟର ଦ୍ୱାହି ଦେଇ ଅନ୍ୟ ପାଇଁ ନିଜେ କଷ୍ଟ ସ୍ୱୀକାର କରିପାରନ୍ତି। କର୍ମକ୍ଷେତ୍ରରେ ଅପରାହ୍ନ ସମୟରେ କାରଣ ନ ଥାଇ ମଧ୍ୟ ଦୋଷୀସାବ୍ୟସ୍ତ ହେବାର ଆଶଙ୍କା ରହିଛି।

**କନ୍ୟା**
ଶନିଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ସନ୍ତାନ ହେତୁକ ସମସ୍ୟାରେ ବ୍ୟସ୍ତତା ସୃଷ୍ଟି କରିବ। କିଛି ମତ ମନ୍ତବ୍ୟ ଦେବା ପୂର୍ବରୁ ଭାବିଚିନ୍ତି କହିବା ଭଲ ହେବ ଅନ୍ୟଥା ଅଶାନ୍ତି ସୃଷ୍ଟି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାରେ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ତୁଳା**
ଅଭାବ ଅସୁବିଧା ଲାଗି ରହିଥିବା ଯୋଗୁ ଇଚ୍ଛା ଥିଲେ ମଧ୍ୟ କେତେକ ଅଭିଳଷିତ କାମ ଅଧୁରା ରହିଯିବ। ସ୍ୱାମୀ କିମ୍ବା ପତ୍ନୀଙ୍କ କ୍ଷୋଭ, ସନ୍ତାନଙ୍କ ବେଖାତିର କାମ ସାଙ୍ଗକୁ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ମାନସିକ ସ୍ଥିରତା ହରାଇବେ। ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁ ସ୍ୱରୂପ ହୋଇପାରେ।

**ବିଛା**
କେବଳ କଳ୍ପନା ମାଧ୍ୟମରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ, ଯେହେତୁ ବାସ୍ତବତା ବହୁ ଦୂରରେ ରହିଯିବ। କର୍ମକ୍ଷେତ୍ରରେ ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। ଗୃହସୀମାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ପାପଗ୍ରହମାନେ ରାଶିକୁ ପ୍ରଭାବିତ କରୁଥିବାରୁ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ଅନ୍ତରଙ୍ଗମାନଙ୍କ ଆନ୍ତରିକତାକୁ ହରାଇ ପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରିବାରରେ କାହାକୁ ସନ୍ଦେହ କରି ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହେବାର ସମ୍ଭାବନା ରହିଛି।

**ମକର**
ଗ୍ରହମାନଙ୍କ ପ୍ରତିକୂଳ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାର୍ଯ୍ୟ ସମ୍ପନ୍ନ ହେବା କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଆଲୋଚନା ପରିସରରେ ଆପଣ ଯୁକ୍ତିଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। ଉଚ୍ଚ ବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ।

**କୁମ୍ଭ**
ରାହୁଙ୍କ ପ୍ରଭାବରେ ଆପଣ ଭୁଲ୍ ନିଷ୍ପତ୍ତି ନେଇ ହରଡ଼ଘଣାରେ ପଡିପାରନ୍ତି। ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ କେତୁଙ୍କ କୁପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବନାହିଁ। ପିଲାମାନଙ୍କର କିଛି ସମସ୍ୟାକୁ ନେଇ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ତଥାପି ଜମିଜମା, ପରିବହନରେ ସମସ୍ୟା କମିଯାଇପାରେ।

**ମୀନ**
କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବ ଓ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବ। ଅଭାବ ନ ଥିଲେ ମଧ୍ୟ ଶାନ୍ତି ପାଇବା କଷ୍ଟକର ହୋଇପାରେ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ନାଗ ପଞ୍ଚମୀ ଶୁକ୍ରବାର, ନଭେମ୍ବର ୧ ତାରିଖ, ବିଶ୍ୱ ଶୁଦ୍ଧ ଶାକାହାରୀ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୬ମି. ମଧ୍ୟେ, ଘ୭।୨୧ମି. ଗତେ ଘ୯।୩୭ମି. ମଧ୍ୟେ, ଘ୧୧।୫୨ମି. ଗତେ ଘ୨।୫୩ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୮ମି. ମଧ୍ୟେ ଘ୧୧।୫୫ମି. ଗତେ, ଘ୧୧।୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୫ମି. ଗତେ ଘ୧୧।୩୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302


**SALE**

Honda- (Suv)- BRV- Id Tech 1.5 Diesel 2017- Aug-Owner Driven- 6900km only. 9437025786. D-68151

2012 December, Renault Duster, 3.5Lacs for Immediate sale. Contact- 9937050101. D-68305


**SALE**

2BHK flat near Garage Chhaka, Bhubaneswar, Bhubaneswari Temple nearby. Buyer: 8328890345. D-68304

ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689. D-66797

Plot and Duplex are available for sale in Patia, Contact: 7008492713. D-67099

Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

ପାରାଦ୍ୱୀପ ଏସସର ପେଟ୍ରୋଲ ଟାଙ୍କି (କଟକ-ପାରାଦ୍ୱୀପ ରାସ୍ତା) ପାଖରେ ୨୫ ଡେସିମିଲ ଘରବାଡି ଜମି ପାଚେରି ଏବଂ ଗେଟ୍ ସହ ୫୫ ଲକ୍ଷରେ ବିକ୍ରି ହେବ । ଯୋଗାଯୋଗ: ୯୯୩୮୨୧୯୪୩୪, ୯୧୧୪୩୯୫୭୦୬ ଧ-୧୪୯୭୬

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412. D-68022

କଟକ-ଗୋପାଳପୁର ଧାକୁଲେଇପାଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

ଭୁବନେଶ୍ୱର ନିକଟ ବାଳକାଟିରୁ 2k.m ଦୂରରେ ଘରବାଡି ଜାଗା sqft. 500/-ରେ ମିଳୁଛି। School, college, hospital ପାଖ। Immediate registration 8280002060. D-66990

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



2BHK flat 2/34 in Banaja Apartment 4th floor to be letout rent 13,000/- per month excluding society charge & electricity. 9437008476 D-67247

Semi furnished single room attach bath kitchen balcony, Lewis Road, BBSR. Rent- 5,000/-. 9337524451. D-67246



Rejuvenate and ayurvedic full body massage by smart therapist. 9114402304. D-68145

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Refresh your mind and soul with best therapy at Orchid Salon/Spa. 9937287222. D-66991

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149

Monalisa Massage Club: All types body massage with hiprofile smart lady rooms service available- 9708545108. D-14965

Ayurvedic full body massage ladies & gents smart therapist. 9040900385. D-66992

**AFFIDAVIT**
Affidavit before the Notary Public, Baramba, Cuttack. I, Sansari Sahu, Service No. JC421629M Rank subedar, aged 46 years, S/o- Golak Sahu, At- Haritha, P.O- Kankadajodi, P.S- Baramba, Dist- Cuttack do hereby solemnly affirm and state that in my service record my daughter's name spelling is wrongly written as Agneehotree Sahu, but in her school certificate her name spelling is written as Agnihotri Sahoo. That Agneehotree Sahu and Agnihotri Sahoo is the same and one person. Now I willing to change my daughter's name as Agnihotri Sahoo in place of Agneehotree Sahu.
Deponent
Sansari Sahu
D-15011

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।








# ପ୍ରସନ୍ନ ରାଜ୍ୟ ସଭା ପିଟିଶନ କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଉଚ୍ଚସଦନ ପିଟିଶନ କମିଟି ଅଧ୍ୟକ୍ଷ କରାଯାଇଛି। ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁଙ୍କ ପକ୍ଷରୁ ଏହି ନିଯୁକ୍ତି ଦିଆଯାଇଛି। ସେହିପରି ଅମର ପଟ୍ଟନାୟକଙ୍କୁ ରାଜ୍ୟ ସଭା ସବ୍‌ଅର୍ଡିନେଟ୍ ଲେଜିସ୍‌ଲେଶନ୍ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅନୁରୂପଭାବେ ବିଜେଡି ଗଣମାଧ୍ୟମ ସଂଯୋଜକ ସସ୍ମିତ ପାତ୍ରଙ୍କୁ ମଧ୍ୟ ରାଜ୍ୟ ସଭା ପ୍ରିଭିଲେଜ୍ (ସ୍ୱାଧିକାର) କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି।






# ‘ଶାସକ ଦଳ ନେତାଙ୍କୁ ବଞ୍ଚାଇବାକୁ ଆତ୍ମହତ୍ୟା ରୂପ ଦିଆଯାଉଛି’

## ସ୍ମିତାରାଣୀ ମୃତ୍ୟୁ ପ୍ରସଙ୍ଗ

- ଠିକ୍ ତଦନ୍ତ ନ ହେଲେ ଆନ୍ଦୋଳନ ଧମକ ଦେଲା କଂଗ୍ରେସ
- ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ପ୍ରତିନିଧି ଦଳ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉପରେ କଂଗ୍ରେସ ଜୋର୍‌ଦାର ବର୍ଷିଛି। ଏହି ଘଟଣାକୁ ନେଇ ଭାଜପା ବାରମ୍ବାର ଆନ୍ଦୋଳନ କରୁଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ କଂଗ୍ରେସ ରାସ୍ତାକୁ ଓହ୍ଲାଇଛି। ଏହି ଘଟଣାର ସିବିଆଇ ତଦନ୍ତ ଦାବି ମଧ୍ୟ କରିଛି। ଖୋଦ୍ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ଘଟଣାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି। ନିରଞ୍ଜନଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ମିତାରାଣୀଙ୍କ ମୃତ୍ୟୁ ରହସ୍ୟର ସିବିଆଇ ତଦନ୍ତ ଦାବିରେ ରାଜଭବନ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯାଇଥିଲା। ଏହି ଅବସରରେ ନିରଞ୍ଜନ କହିଛନ୍ତି, ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀ ଶାସକ ଦଳ ସଦସ୍ୟ। ସେଥିଲାଗି ଅଭିଯୁକ୍ତକୁ ବଞ୍ଚାଇବାକୁ ଏହି ହତ୍ୟାକାଣ୍ଡକୁ ଆତ୍ମହତ୍ୟା ରୂପ ଦେବାର ଚେଷ୍ଟା କରାଯାଉଛି। ଘଟଣାର ଉଚିତ ତଦନ୍ତ ହେବା ଦରକାର। ଯଦି ସ୍ମିତାରାଣୀଙ୍କୁ ଆତ୍ମହତ୍ୟା କରିବାର ଥିଲା ତେବେ ସେ ଗେଷ୍ଟହାଉସକୁ କାହିଁକି ଗଲେ। ତାଙ୍କୁ ଗେଷ୍ଟ ହାଉସ ଡକାଯାଇ କିଛି ଅଘଟଣ ଜାଣିଶୁଣି କରାଯାଇଛି। ଯଦି ସେଠାରେ ସେ ଆତ୍ମହତ୍ୟା କଲେ ତେବେ ସଙ୍ଗେସଙ୍ଗେ ପୋଲିସକୁ ଟେଲିଫୋନ କରିବାର ଥିଲା। ସେମିତି ନ କରି ପୋଲିସ ଆସିବା ଆଗରୁ କାହିଁକି ହସ୍ପିଟାଲ ନିଆଗଲା ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ନିରଞ୍ଜନଙ୍କ ଅଧ୍ୟକ୍ଷତାରେ ପିସିସିର ଏକ କମିଟି ପୀଡିତାଙ୍କ ପରିବାର ପାଇଁ ନ୍ୟାୟ ଦାବିରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୩ ତାରିଖରେ ପିସିସି ପକ୍ଷରୁ ଏକ ତଥ୍ୟ ଅନୁଧ୍ୟାନ କମିଟି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ଅଧ୍ୟକ୍ଷତାରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାର ସ୍ଥାନୀୟ ଜିଲା ଆରକ୍ଷୀ ଅଧୀକ୍ଷକ ଓ ପରିବାରବର୍ଗଙ୍କୁ ସାକ୍ଷାତ କରି ନିରପେକ୍ଷ ତଦନ୍ତ ସହ ପରିବାରବର୍ଗଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ଯଦି ଘଟଣାର ନିରପେକ୍ଷ ତଦନ୍ତ କରିବାରେ ବିଳମ୍ବ ହୁଏ ତେବେ ରାଜ୍ୟରେ କଂଗ୍ରେସ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ନିରଞ୍ଜନ କହିଛନ୍ତି।



## ଜିଲା ଚିଠି
### କୋରାପୁଟ

# ପରବ ପାଇଁ ଜାଗା

୧୯୯୬ରେ କୋରାପୁଟ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଆରମ୍ଭ ହୋଇଥିଲା ‘ପରବ’। ବର୍ତ୍ତମାନ ଏହି ଉତ୍ସବ ୨୪ ବର୍ଷରେ ପହଞ୍ଚିଛି। ଇତିମଧ୍ୟରେ ପରବର କଳେବର ବୃଦ୍ଧି ହୋଇଛି। ରୂପରେଖ ମଧ୍ୟ ଅଧିକ ମାର୍ଜିତ ଓ ଚିତ୍ତାକର୍ଷକ ହୋଇଛି। ଏଥିସହିତ ପରବ ରାଜ୍ୟସ୍ତରୀୟ ଲୋକ ମହୋତ୍ସବର ମାନ୍ୟତା ପାଇ ସାରିଛି। କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ଆରମ୍ଭ ହୋଇଥିବା ପରବ ସମୟକ୍ରମେ ପଡ଼ୋଶୀ ଜିଲା ତଥା ରାଜ୍ୟର ଅଧିକାଂଶ ଜିଲା ପାଇଁ ଅଗ୍ରଦୂତ ସାଜିଛି। ଫଳରେ ପଡ଼ୋଶୀ ମାଲକାନଗିରି ଜିଲାରେ ମାଲ୍ୟବନ୍ତ, ରାୟଗଡ଼ାରେ ଚଇତି, ନବରଙ୍ଗପୁରରେ ମଣ୍ଡେଇ ଆରମ୍ଭ ହୋଇଛି। ପରବରେ ରାଜସ୍ଥାନ, ଆସାମ, ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ର, ଜମ୍ମୁ-କଶ୍ମୀର, ପଶ୍ଚିମବଙ୍ଗ, କର୍ନାଟକ, ତାମିଲନାଡୁ ଏପରି କି ପଡ଼ୋଶୀ ଶ୍ରୀଲଙ୍କା ଦେଶର କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ଦେଖିବାର ସୁଯୋଗ ପାଇଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ସେହିପରି ପରବ ମାଧ୍ୟମରେ ଜିଲାର ବୈପାରିଗୁଡ଼ା ବ୍ଲକର ସିରିବେଡ଼ା କଳାକାରଙ୍କ ଦୁରୁଆ ନାଚ ଜାତୀୟସ୍ତରରେ ପହଞ୍ଚିଛି। ଲକ୍ଷ୍ମୀପୁର ବ୍ଲକ ଖଜୁରିପୁଟ ଗ୍ରାମ କଳାକାରଙ୍କ ଢେମସା ନୃତ୍ୟ ନିମନ୍ତେ ରାଜ୍ୟ ସରକାର ସେହି ଗାଁକୁ ‘ଲୋକକଳା ଗ୍ରାମ’ ଭାବେ ଘୋଷଣା କରିଛନ୍ତି। ଏହାପରେ ବି ଏହି ରାଜ୍ୟସ୍ତରୀୟ ଉତ୍ସବ ପାଳନ ପାଇଁ ବର୍ତ୍ତମାନ ସୁଦ୍ଧା କୋରାପୁଟରେ ଏକ ସ୍ଥାୟୀ ପଡ଼ିଆ ନାହିଁ। ଯାହାଦ୍ୱାରା ପରବ କେତେବେଳେ ରେଲୱେ ପଡ଼ିଆ, ପୋଲିସ ପଡ଼ିଆ, ଷ୍ଟାଡିୟମ ତ ଆଉ କେତେବେଳେ ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ହେଉଛି। ପ୍ରତିବର୍ଷ ପ୍ରସ୍ତୁତି ବୈଠକରେ କେବଳ ପରବ କେଉଁ ସ୍ଥାନରେ ହେବ ସେନେଇ ଆଲୋଚନା ସରଗରମ ହେଉଛି। ପରବର୍ତ୍ତୀ ସମୟରେ ଏଥିରେ ଶିଥିଳତା ପ୍ରକାଶ ପାଉଛି। ୨୦୧୭ରେ ପରବର ମୁଖ୍ୟ ମହୋତ୍ସବ ପାଳନ ପାଇଁ ସ୍ଥାନୀୟ କୁମ୍ଭା ୧ ମୌଜାର ପ୍ରାୟ ୨୫ ଏକର ଜାଗାରେ ତରବରିଆ ଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ସଚିବଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରାୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ପରମୁହୂର୍ତ୍ତରେ କୋରାପୁଟ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ସ୍ଥାନକୁ ସଂରକ୍ଷିତ ଜଙ୍ଗଲ ଦର୍ଶାଯାଇଥିଲା। ପରେ ସେଠାରେ ନିର୍ମାଣ ହେବାକୁ ଥିବା ପରବ ପଡ଼ିଆ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଚଳିତ ବର୍ଷ ମଧ୍ୟ ସେହି ପଡ଼ିଆରେ ପରବ ହେବ ବୋଲି ଚିନ୍ତା କରାଯାଇଛି। ଏଥିପାଇଁ ଜିଲାପାଳଙ୍କ ସହିତ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉକ୍ତ ସ୍ଥାନ ପରିଦର୍ଶନ କରି ସେଠାରେ ନିର୍ମାଣ କାର୍ଯ୍ୟ କିପରି ପୁନର୍ବାର ଆରମ୍ଭ ହେବ ସେ ନେଇ ଉଦ୍ୟମ ଆରମ୍ଭ କରିଛନ୍ତି। ତଥାପି ବନ ବିଭାଗ ସବୁଜ ସଙ୍କେତ ଦେଇ ନ ଥିବାରୁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପରବ ପଡ଼ିଆକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

– ଅମିତାଭ ବେହେରା


# ଆଜିଠୁ କଟକଣା: ନିଷିଦ୍ଧାଞ୍ଚଳ ହେଲା ଗହୀରମଥା

**ରାଜନଗର/ମହାକାଳପଡ଼ା, ୩୧।୧୦ (ଡି.ଏନ୍.ଏ.)**

> କଇଁଛଙ୍କ ସୁରକ୍ଷା ପାଇଁ କୋଷ୍ଟଗାର୍ଡ, ଡିଆର୍‌ଡିଓ, ମେରାଇନ୍ ପୋଲିସ ଓ ମତ୍ସ୍ୟ ବିଭାଗକୁ ଚିଠି

ବିରଳ ସାମୁଦ୍ରିକ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ କଟକଣା ଜାରି କରିଛି ରାଜନଗର ବନବିଭାଗ। ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡିରାଶାଳ ଭାବେ ପରିଚିତ ଗହୀରମଥାକୁ କଇଁଛଙ୍କ ଆଗମନ ଆରମ୍ଭ ହୋଇଥିବାରୁ ନଭେମ୍ବର ୧ରୁ ଆସନ୍ତା ମେ ୩୧ ପର୍ଯ୍ୟନ୍ତ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ନିଷିଦ୍ଧାଞ୍ଚଳରେ ଯନ୍ତ୍ରଚାଳିତ ଟ୍ରଲର, ବୋଟ୍, ଭୁଟୁଭୁଟି ଆଦି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଧାମରା ମୁହାଣରୁ ଦେବୀ ମୁହାଣ ଯାଏଁ ସମୁଦ୍ର କୂଳଠାରୁ ୨୦ କି.ମି. ପର୍ଯ୍ୟନ୍ତ ମାଛ ଧରିବାକୁ ବାରଣ କରାଯାଇଛି। ଏଥିସହିତ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ଅଗରନାଶିଠାରେ ଦୁଇଟି ଅଫିସର କ୍ୟାମ୍ପ ସହ ଏକକୁଳା, ସାତଭାୟା, ଜଉଦିଆ, ଦୋବନ୍ଧି, ଶାସନପେଟା, ତାଲଙ୍ଗ, ଜଟାଧାର, ଷଣ୍ଢକୁଦ ୧, ୨, ହାୱାଖାନା, ରାମତାରା ଓ ବନ୍ଦର ଆଦି ସ୍ଥାନରେ ଟର୍ଟଲ ପ୍ରୋଟେକ୍ସନ୍ କ୍ୟାମ୍ପ କରାଯାଇଛି। ଅଫିସର କ୍ୟାମ୍ପରେ ୫ ଜଣ ଲେଖାଏଁ କର୍ମଚାରୀ ଓ ଅନ୍ୟ ୧୪ଟି କ୍ୟାମ୍ପରେ ୩ଜଣ ଲେଖାଏଁ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଏହାବାଦ୍ ବାବୁବାଲି ଓ ଶାସନପେଟାରେ ଏପିଆର୍ ଫୋର୍ସ ମୁତୟନ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ବେଆଇନ ଟ୍ରଲର ଚଳାଚଳ ଉପରେ ନଜର ରଖିବା ପାଇଁ ବନବିଭାଗ ସମେତ କୋଷ୍ଟଗାର୍ଡ, ମେରାଇନ୍ ପୋଲିସ୍, ମତ୍ସ୍ୟବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯିବ। ଦୁଇଟି ସ୍ପିଡ୍‌ବୋଟ୍ ଗହୀରମଥା-୧ ଓ ଗହୀରମଥା-୨ ଏବଂ ଗୋଟିଏ ସପୋର୍ଟ ଟ୍ରଲର ଅଲଗା ପାଟ୍ରୋଲିଂରେ ସାମିଲ ହେବେ। ଏଥିସହ ବାବୁବାଲିଠାରେ ଭଦ୍ରକ ଡିଭିଜନ ପକ୍ଷରୁ ଗୋଟିଏ କ୍ୟାମ୍ପ କରାଯିବା ସହିତ ଗୋଟିଏ ସ୍ପିଡବୋଟ୍ ନିୟୋଜିତ ହେବ। କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କୋଷ୍ଟଗାର୍ଡ, ଡିଆର୍‌ଡିଓ, ମେରାଇନ ପୋଲିସ ଓ ମତ୍ସ୍ୟ ବିଭାଗକୁ ଚିଠି ଦିଆଯାଇଛି ବୋଲି ଗହୀରମଥା ରେଞ୍ଜ ଅଧିକାରୀ ଦେବାଶିଷ ଭୋଇ ସୂଚନା ଦେଇଛନ୍ତି।

ଯେତେବେଳେ ଆମକୁ କିଛି ଦେଖାଯାଏନା- ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ -ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିଛୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି- ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ। -ଶ୍ରୀଅରବିନ୍ଦ

# ଏକ ଚେତାବନୀ

ଆମେରିକାର ବିଶାଳ ରିଟେଲ ବ୍ରାଣ୍ଡ ଫର୍‌ଏଭର ୨୧ ଯାହାକି ୨୦୦୦ରେ ନୂତନ ଶୈଳୀରେ ଶସ୍ତା ଜିନିଷ ବିକ୍ରି କରି ପ୍ରଚୁର ଲାଭ କରିଥିଲା। ଏବେ ଏହାର ବିକ୍ରୟ କେନ୍ଦ୍ରଗୁଡିକୁ ବନ୍ଦ କରି ଚାଲିଛି। ଏହା ସଂଗଠିତ ରିଟେଲ ବ୍ୟବସାୟ ପାଇଁ ଏକ ସତର୍କ ସୂଚନା। ଫର୍‌ଏଭର ୨୧ ପକ୍ଷରୁ କୁହାଯାଇଛି ଯେ ଏହା ୪୦ଟି ଦେଶରେ କାରବାର ବନ୍ଦ କରିବା ସହ ୩୫୦ଟି ଷ୍ଟୋର ମଧ୍ୟ ବନ୍ଦ କରିଦେବ । ଏହା ସହ ଆମେରିକାରେ ଥିବା ମୋଟ ୫୪୯ଟି ଆଉଟ୍‌ଲେଟ ମଧ୍ୟରୁ ୧୭୮ଟିକୁ ପୂରା ବନ୍ଦ କରିଦେବ। ଏହି ସଙ୍କଟ ଉପଭୋକ୍ତା ଜନିତ ବିଶେଷ କାରଣ ତୁଳନାରେ ପରିଚାଳନାଗତ ତ୍ରୁଟି ଯୋଗୁ ହୋଇଛି ବୋଲି କୁହାଯାଇପାରେ। ସୀମାତୀତ ବିସ୍ତାର ଓ ବିଶେଷଜ୍ଞାନ ବିନା ବିଭିନ୍ନ କ୍ୟାଟେଗୋରିରେ ପ୍ରବେଶ କରିବା ଯୋଗୁ ଏହି ବ୍ରାଣ୍ଡ୍ ସମସ୍ୟା ଭିତରକୁ ଠେଲି ହୋଇଯାଇଛି। ଏହା ଅନେକ ବିଦେଶ ରାଷ୍ଟ୍ରରେ ପ୍ରବେଶ କରି ବିପଦକୁ ଡାକି ଆଣିଛି। ୧୯୯୦ ଦଶକର ଶେଷ ଆଡକୁ ଭାରତରେ ଯେତେବେଳେ ସାଂଗଠନିକ ଖୁଚୁରା ବ୍ୟବସାୟ ଆରମ୍ଭ ହେଲା ସେତେବେଳେ ଲାଭ ପାଇଁ ଏହା ଆଶା ସୃଷ୍ଟି କରିଥିଲା। ଦେଶର ଟାଟା, ବିର୍ଲା, ଅମ୍ବାନୀ ଏବଂ ଭାରତୀ ଗ୍ରୁପ ସମେତ ଅନ୍ୟ ଆଗଧାଡିର ବିଜ୍‌ନେସ ହାଉସ୍ ଏହା ମଧ୍ୟକୁ ପ୍ରବେଶ କରିଥିଲେ। କିଶୋର ବିୟାନି ଯେ କି ପ୍ରଥମ ପିଢିର ବିଜ୍‌ନେସମ୍ୟାନ ଏହି ବ୍ୟବସାୟରେ ଅଗ୍ରଣୀ ଥିଲେ। ସେ ସେତେବେଳେ ଫ୍ୟୁଚର ଗ୍ରୁପ ପ୍ରତିଷ୍ଠା କରିଥିଲେ ଯାହା ସର୍ବବୃହତ୍ ହୋଇପାରିଥିଲା। ତେବେ ଏହା କୁହାଯାଇପାରିବନି ଯେ ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ସେକ୍ଟରରେ ପ୍ରବେଶ କଲେ ସେମାନେ ଭାଗ୍ୟବାନ ହୋଇପାରିଥିଲେ। ସୁବିକ୍ଷା ଭଳି ଏମିତି ଅନେକ ରିଟେଲ ଚେନ୍ ଯେଉଁମାନେ ନେବରହୁଡ ଷ୍ଟୋର୍ ପ୍ରତିଷ୍ଠା କରି ଅନ୍ୟମାନଙ୍କଠାରୁ ଭିନ୍ନ ହେବାର ପ୍ରୟାସ କରିଥିଲେ। ସେମାନେ ଲମ୍ବା ସମୟ ଧରି ଚାଲିବା ପୂର୍ବରୁ ତ୍ରୁଟିପୂର୍ଣ୍ଣ ବିଜ୍‌ନେସ ମଡେଲ କାରଣରୁ ରହିଗଲେ। ଏବେ ଭାରତରେ ଖୁଚୁରା ବ୍ୟବସାୟର ବଜାର ୪୦୦ ବିଲିୟନ ଆମେରିକୀୟ ଡଲାର ରହିଛି। ଏଥିରୁ ସଂଗଠିତ ଖୁଚୁରା ବ୍ୟବସାୟର ପରିମାଣ ପ୍ରାୟ ୮ପ୍ରତିଶତ।

ତଥାପି ଭାରତର ବିରାଟ ଖୁଚୁରା ବ୍ୟବସାୟ ଓ ତା'ର ପହଞ୍ଚ ଲୋଭରେ ପଡି ବିଶ୍ୱର ସବୁଠୁ ବଡ ଖୁଚୁରା ବ୍ୟବସାୟ ସଂସ୍ଥା ୱାଲ୍‌ମାର୍ଟ ଭାରତରେ ପ୍ରବେଶ କରି ଫ୍ଲିପ୍‌କାର୍ଟକୁ କିଣିଛି। ବହୁ ଆନ୍ତର୍ଜାତିକ ରିଟେଲର ଭାରତର ଖୁଚୁରା ବ୍ୟବସାୟରେ ସଫଳ ହେବେ ବୋଲି ଉତ୍ସୁକତାର ସହ ତାହାକୁ ନିରୀକ୍ଷଣ କରୁଛନ୍ତି।

## ଆଜିର ଅର୍ଥନୀତି

କିନ୍ତୁ ଭାରତରେ ଖୁଚୁରା ବ୍ୟବସାୟ ଏତେ ସହଜ ନୁହେଁ। ଏଠାରେ ଏହି ସେକ୍ଟରକୁ ବିଭିନ୍ନ ସମସ୍ୟା ଘେରି ରହିଛି। ଅର୍ଥନୀତିରେ ମାନ୍ଦାବସ୍ଥା ସଂରଚନାତ୍ମକ ସମସ୍ୟାକୁ ଅଧିକ ଖରାପ କରିଛି। ଭାରତରେ ଖୁଚୁରା ବ୍ୟବସାୟକୁ ନିୟନ୍ତ୍ରଣ କରୁଥିବା କିରାଣାଷ୍ଟୋରରେ ରହିଥିବା ସମସ୍ୟାରୁ ମୁକୁଳିବା ଏକ ଚ୍ୟାଲେଞ୍ଜ । ଏହି ଷ୍ଟୋରଗୁଡିକ ୧୫ରୁ ୧୮ ପ୍ରତିଶତ ଗ୍ରସ୍ ମାର୍ଜିନରେ ବ୍ୟବସାୟ କରୁଥିବା ବେଳେ ସଂଗଠିତ ଖୁଚୁରା କ୍ଷେତ୍ରର ଖର୍ଚ୍ଚ ଏହାଠାରୁ ବହୁ ଦୂରରେ ରହିଛି। ସଂଗଠିତ ଖୁଚୁରା କ୍ଷେତ୍ର ରିୟଲ ଇଷ୍ଟେଟ, ଇଲେକ୍ଟ୍ରିସିଟି, ଲେବର, ଏନର୍ଜି ଏବଂ ଟ୍ୟାକ୍ସ ଉପରେ ଅତ୍ୟଧିକ ଖର୍ଚ୍ଚ କରୁଛି। କିରାଣା ଷ୍ଟୋରଗୁଡିକ ଏଥିପାଇଁ ଆଦୌ ଚିନ୍ତିତ ନୁହନ୍ତି। ବିଶ୍ୱରେ ସବୁଆଡେ ସଂଗଠିତ ଖୁଚୁରା ବ୍ୟବସାୟ ଏବେ ବିପରୀତ ପରିସ୍ଥିତିର ସମ୍ମୁଖୀନ ହେଉଛି। ଭାରତରେ ରାଜସ୍ଥାନୀ, ଗୁଜରାଟୀ ଓ ମାରୱାଡୀଙ୍କ ଭଳି ପରମ୍ପରାଗତ ବ୍ୟବସାୟୀ ଗୋଷ୍ଠୀ ଯେଉଁମାନଙ୍କ ପାଇଁ କିରାଣା ବ୍ୟବସାୟ ପିଢିପିଢି ଧରି ରହିଥିବାରୁ ସଂଗଠିତ ଖୁଚୁରା ବ୍ୟବସାୟ ପାଇଁ ଏହି ଚ୍ୟାଲେଞ୍ଜ ଆହୁରି ଅଧିକ ରହିଛି। ଏମାନେ କିରାଣା ବ୍ୟବସାୟକୁ ବଂଶଗତ ବ୍ୟବସାୟ ଭାବି ଚଳାଇ ଆସୁଛନ୍ତି।

ଭାରତରେ ଇଣ୍ଟରନେଟ ପ୍ରବେଶ ବ୍ୟାପକ ହେବା ପରେ ଇ-କମର୍ସ ବିଜନେସ ବୃଦ୍ଧି ପାଇ ଚାଲିଛି। ଅଧିକରୁ ଅଧିକ ଲୋକ ଇଣ୍ଟରନେଟ ପ୍ରତି ଆଗ୍ରହୀ ହୋଇଯାଉଛନ୍ତି। ଆରମ୍ଭରୁ ଅନ୍‌ଲାଇନରେ ଜିନିଷ କିଣିବାର ଯେଉଁ ଭୟ ଥିଲା ତାହା ଦୂର ହୋଇଯାଇଛି। ଲୋକମାନେ ଆଉ ଅନ୍‌ଲାଇନ ଦେଣନେଣକୁ ଭୟ କରୁନାହାନ୍ତି। ଧୀରେ ଧୀରେ ଡିଜିଟାଲ ପେମେଣ୍ଟ ଯୋଗୁ ବି ଏହା ଆହୁରି ସୁବିଧା ହୋଇପାରିଛି। ଏହା କିଣାବିକା ବ୍ୟବସାୟକୁ ସହଜ କରିପାରିଛି। ଯେହେତୁ ଯାତ୍ରାରେ କଷ୍ଟ ଓ ସମୟ ଲାଗୁଛି ତେଣୁ କେହି ମାର୍କେଟ ଯାଇ ଜିନିଷ କିଣିବା ପାଇଁ ଚାହୁଁ ନାହାନ୍ତି। ଖାଉଟିଙ୍କ ପସନ୍ଦରେ ଶୀଘ୍ର ପରିବର୍ତ୍ତନ, ଯିବା ଲାଗି ସମୟର ଅଭାବ, ବିଲିଂ ପାଇଁ ଧାଡିରେ ଅଧିକ ସମୟ ଅପେକ୍ଷା କରିବା, ଅନ୍‌ଲାଇନ କ୍ଷେତ୍ରରେ ପ୍ରତିଯୋଗିତା, ପ୍ରଚୁର ରିହାତି ସଂଗଠିତ ଖୁଚୁରା ବ୍ୟବସାୟକୁ ଦୁର୍ବଳ କରିଚାଲିଛି। ବିଶ୍ୱର ଅନ୍ୟ ଦେଶ ଭଳି ଭାରତରେ ବହୁ ପୂର୍ବରୁ ରିଟେଲ ସେକ୍ଟରରେ ଅଧିକ ନିଯୁକ୍ତି ରହିଥିଲା। କିନ୍ତୁ ଏବେ ବଡ଼ ବଡ଼ ରିଟେଲ ସେକ୍ଟର ଛଟେଇ ଆରମ୍ଭ କରିଦେଇଛନ୍ତି। ଯଦି ଏହି ଧାରା ଲାଗିରହେ ଏଥିରେ କାମ କରୁଥିବା ଲୋକଟି ବହୁତ ପ୍ରଭାବିତ ହେବ। ଅଧିକାଂଶ ରିଟେଲର ସେମାନଙ୍କ ମୂଳସ୍ଥିତିକୁ ଫେରିବା ଲାଗି 'ଫ୍ରେସ୍ ଫର୍ମୁଲା ମଧ୍ୟ ପ୍ରୟୋଗ କରୁଛନ୍ତି। ରିଲାଏନ୍ସ ଓ ଫ୍ୟୁଚର ଗ୍ରୁପ ଭଳି ବଡ଼ ବଡ଼ ବ୍ୟବସାୟିକ ସଂସ୍ଥା ଆଗକୁ ଚାଲିବା ଲାଗି ନୂଆ ମଡେଲ ଆପଣାଉଛନ୍ତି। ଫର୍‌ଏଭର୨୧ ବନ୍ଦ ହେବା ସଂଗଠିତ ଖୁଚୁରା କ୍ଷେତ୍ର ପାଇଁ ଏକ ଚେତାବନୀ।

# ସୋସିଆଲ ମିଡ଼ିଆ : ଭଲ ଭିତରେ ଭେଲ



ଶୁଭସ୍ମିତା ନାୟକ

ବିଶ୍ୱବାସୀଙ୍କୁ ବନ୍ଧୁତ୍ୱ ସୂତ୍ରରେ ବାନ୍ଧି ରଖିଥିବା ସୋସିଆଲ ମିଡ଼ିଆରେ ଅନେକଙ୍କର ଦିନର ଅଧିକାଂଶ ସମୟ କଟିଯାଉଛି। ଏହାଦ୍ୱାରା ନିଜ ଅଜାଣତରେ ନିଜର କ୍ଷତି ହିଁ ହେଉଛି। ଲାପ୍‌ଟପ୍, ଟ୍ୟାବ୍, ମୋବାଇଲରେ ନୂଆ ନୂଆ ଆପ୍ଲିକେଶନ ଡାଉନ୍‌ଲୋଡ୍ କରି ଦିନରାତି ସେଥିରେ ବୁଡ଼ି ରହୁଛନ୍ତି ଅନେକେ। ବିଶେଷକରି ପାଠପଢୁଆ ପିଲାଙ୍କ ମଧ୍ୟରେ ସୋସିଆଲ ମିଡ଼ିଆ ବ୍ୟବହାର କରିବାର ପ୍ରବଣତା ଅଧିକ। ବିଭିନ୍ନ ସୋସିଆଲ ମିଡ଼ିଆ ଏକ ଅଦୃଶ୍ୟ ଦୁନିଆ। ଏଥିସହ ସଂଯୁକ୍ତ ଏମିତି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ ବାସ୍ତବରେ ସଂସାରରେ ବି ନାହାନ୍ତି। ଅର୍ଥାତ୍ ଏମାନେ ଏକଦମ୍ ନକଲି। ଆଜିକାଲି ଅଧିକାଂଶ ପିଲା ନିଜର ମୋବାଇଲ୍‌ରେ ସବୁବେଳେ ଅନ୍‌ଲାଇନ୍‌ରେ ରହି ସାଙ୍ଗ ସହ ଅଯଥା ଚାଟିଂରେ ସମୟ ନଷ୍ଟ କରୁଛନ୍ତି। ଦିନର ପ୍ରାୟ ଅଧାଅଧି ସମୟ କଟିଯାଉଛି ସୋସିଆଲ ମିଡ଼ିଆରେ। ବୃତ୍ତିଗତ ଶିକ୍ଷାରେ ପାଠପଢୁଥିବା ପିଲାମାନେ ସୋସିଆଲ ମିଡ଼ିଆର ଭରପୂର ଫାଇଦା ନେବା କଥା। ହେଲେ ଅଧିକାଂଶ ପିଲା ଏହି ସାଇଟ୍‌ରେ ପାଠ ଓ କ୍ୟାରିୟର କଥା ଆଦାନ ପ୍ରଦାନ କରିବା ବଦଳରେ ଅନ୍ୟ ଖରାପ କଥାରେ ବ୍ୟସ୍ତ ରହୁଛନ୍ତି। ଏଥିପ୍ରତି ସଜାଗ ନ ହେଲେ ଏହା ପିଲାଙ୍କ ସୁନେଲି ଭବିଷ୍ୟତ ପ୍ରତି କ୍ଷତି ପହଞ୍ଚାଇବାର ଭୟ ରହିଛି। ଏହା ବିବିଧ ଭଲ ଭିତରେ ମଣିଷ ନିଜ ପାଇଁ ସୃଷ୍ଟି କରୁଛି ବହୁ ଭେଲ।

ଅଧିକାଂଶ ସୋସିଆଲ ନେଟୱର୍କିଂ ସାଇଟ୍ ଏକ ଅବାସ୍ତବ ଦୁନିଆରେ ବଞ୍ଚିବା ଶିଖାଇ ଥାଏ। ନିଜ ଜୀବନର ଅପ୍ରାସଙ୍ଗିକ ବିଷୟଗୁଡ଼ିକୁ ନେଇ ଭାବିବାକୁ ଏକ ପ୍ରକାର ବାଧ୍ୟ କରିଥାଏ। ସବୁବେଳେ ନିଜକୁ ଏକ ଅଦୃଶ୍ୟ ବା ଅବାସ୍ତବ ଦୁନିଆରେ ଆବଦ୍ଧକରି ରଖିବା ଫଳରେ ନାନା ମାନସିକ ଓ ଶାରୀରିକ ସମସ୍ୟା ଦେଖାଦିଏ। ବାରମ୍ବାର ମୋବାଇଲ ଦେଖିବା, ସୋସିଆଲ ନେଟୱର୍କିଂ ସାଇଟ୍‌ର ନୋଟିଫିକେଶନ୍ ଚେକ୍ କରିବା, ଷ୍ଟାଟସ୍ ଅପଡେଟ୍ ଆଦି ଫଳରେ ମାନସିକ ଅସ୍ଥିରତା ବୃଦ୍ଧିପାଇବା, ମେଦବୃଦ୍ଧି ସହିତ ହାର୍ଟବିଟ୍ କମ୍ ହେବା ଓ ନିଦ୍ରାହୀନତା ସମସ୍ୟା ସୃଷ୍ଟି କରିଥାଏ। ବେକମୂଳ ଦରଜ, ଅଣ୍ଟା ବିନ୍ଧା, ଆଖି ପୋଡ଼ାଜଳା, ଜଏଣ୍ଟ ପେନ୍, ଟେନିସ୍ ଏଲ୍‌ବୋ ଭଳି ସମସ୍ୟା ଉପୁଜିଥାଏ।

ବିଭିନ୍ନ ସୋସିଆଲ ସାଇଟ୍‌ରେ ଲାଇକ୍, କମେଣ୍ଟ ଓ ଲମ୍ବି ଚାଲିଥିବା ବନ୍ଧୁ ତାଲିକା ହିଁ ସମାଜର ପରିଭାଷା ପାଲଟିଛି। ସହରାଞ୍ଚଳରେ ସାଇପଡ଼ିଶାଙ୍କ ସହ କଥା ହେବାକୁ ସତେ ଯେମିତି କାହା ପାଖରେ ସମୟ ନାହିଁ। ଏପରିକି ନିଜ ପରିବାରର ଅନ୍ୟ ସଦସ୍ୟଙ୍କ ସହ କଥା ହେବାକୁ ଯେମିତି ସମୟ ନାହିଁ। କାରଣ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଆଦିରେ ବ୍ୟସ୍ତ ରହୁଛୁ ଆମେ। ନୂଆ ନୂଆ ବିଜ୍ଞାନ ବା ଟେକ୍ନୋଲୋଜିର ବହୁଳ ବ୍ୟବହାର ଆମକୁ ଅନ୍ତର୍ମୁଖୀ ହେବାକୁ ବାଧ୍ୟ କରୁଛି। ଧୀରେ ଧୀରେ ସମାଜଠାରୁ ଆମେ ଦୂରେଇ ଯାଉଛେ। ମନୋବିଜ୍ଞାନୀଙ୍କ ମତରେ, ସୋସିଆଲ୍ ମିଡ଼ିଆରେ ଅଧିକ ସମୟ ବିତାଇବା ଦ୍ୱାରା ସମ୍ପର୍କ ଉପରେ ଏହାର କୁପ୍ରଭାବ ପଡୁଛି।

କଲେଜପଢୁଆ ପିଲାଙ୍କ ଲାଗି ସୋସିଆଲ ନେଟ୍‌ୱର୍କ ପାଲଟିଛି ନିଶା। ଆଧୁନିକ ପିଢ଼ି ନିଜ ଆଖପାଖରେ ଥିବା ସମପିଢ଼ିଙ୍କ ସହ ବନ୍ଧୁତା ରଖିବାକୁ ପସନ୍ଦ କରୁନାହାନ୍ତି। କିନ୍ତୁ ସୋସିଆଲ ମିଡ଼ିଆରେ ଦୂରଦୂରାନ୍ତର ଅଜଣା ପିଲା ସହ ବନ୍ଧୁତା କରୁଛନ୍ତି। ଏହି ଅଜଣା ଅର୍ବାଚୀନ ବନ୍ଧୁଙ୍କ ସହ ଫଟୋ, ଭିଡିଓ ତଥା ଜୀବନର ବ୍ୟକ୍ତିଗତ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଶେୟାର କରିବା ସହ ପସନ୍ଦ, ନାପସନ୍ଦ ଓ ସମସ୍ତ ପ୍ରକାର କାର୍ଯ୍ୟକଳାପକୁ ସେମାନେ ବିନା ଦ୍ୱିଧାରେ ପରସ୍ପର ମଧ୍ୟରେ ବାଣ୍ଟୁଛନ୍ତି, ଫଳରେ ସେମାନେ ଅନାୟାସରେ ଠକାମିରେ ପଡୁଛନ୍ତି।

ଅନେକ ଝିଅ ସୋସିଆଲ ମିଡ଼ିଆରେ ବନ୍ଧୁତା କରି ନିଜର ଭିଡ଼ିଓ ଓ ଫଟୋଗ୍ରାଫ୍ ଦିଆନିଆ କରିବା ପରେ ଜାଣୁଛନ୍ତି ଯେ, ସେମାନେ ଯାହା ସହିତ ବନ୍ଧୁତା କରିଥିଲେ, ତାହା ଏକ ଫେକ୍ ଆଇଡି ବା ସେମିତି କେହି ଲୋକ ହିଁ ନାହାନ୍ତି। ହେଲେ ଶେୟାର କରିଥିବା ନିଜର ବ୍ୟକ୍ତିଗତ ଫଟୋ ବା ଭିଡ଼ିଓ ଏଡିଟ୍ ହୋଇ ବିଭିନ୍ନ ସୋସିଆଲ ସାଇଟ୍‌ରେ ନଗ୍ନଚିତ୍ର ଭାବେ ପ୍ରଦର୍ଶିତ ହୋଇଛି। ଏମିତି ଘଟଣା ବାରମ୍ବାର ଘଟୁଛି, ଯାହାକୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ।

କେହି କେହି ସୋସିଆଲ୍ ମିଡ଼ିଆରେ ଅପଡେଟ୍ ରହିବାକୁ ଯାଇ ନିଜ ଜୀବନର ସତ ଖୁସିଠାରୁ ଦୂରେଇ ଯାଉଛନ୍ତି। ଆମ ଭିତରୁ ଅଧିକାଂଶ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ କିମ୍ବା ବିଭିନ୍ନ ଉତ୍ସବ ଓ ପୂଜାପର୍ବରେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଅପଲୋଡ୍ କରିବା ନିଶାରେ ଏତେ ନିମଗ୍ନ ରହୁଛନ୍ତି ଯେ, ସେହି ପରିବେଶର ପ୍ରକୃତ ଖୁସି ଉପଭୋଗ କରିପାରୁ ନାହାନ୍ତି। ନିଜର ଷ୍ଟାଟସ୍ ଅପଡ଼େଟ କରିବାକୁ ଯାଇ ଅନେକେ ନିଜର ଖୁସିକୁ ଅଧାରେ ଛାଡ଼ି ଆସୁଛନ୍ତି।

ସୋସିଆଲ ସାଇଟ୍‌ରେ ବ୍ୟକ୍ତିଗତ ଜୀବନ ଓ କଥାକୁ ସର୍ବସାଧାରଣ ଆଗରେ ଉପସ୍ଥାପନ କରିବା ଦ୍ୱାରା ବେଳେବେଳେ ବିବାଦ ଉପୁଜିବା ଦେଖାଦିଏ। ପୁଣି ଯୁବପିଢ଼ି ସୋସିଆଲ ମିଡ଼ିଆରେ ଯୋଡ଼ି ହେବାକୁ ଷ୍ଟାଟସ୍ ସିମ୍ବଲ୍ ବୋଲି ଭାବୁଛନ୍ତି। ସେମାନଙ୍କ ମତରେ, ଏସବୁରେ ନଥିବା ଲୋକ ପୁରୁଣାକାଳିଆ ବା ଆଉଟ୍ ଡେଟେଡ୍। ଯୁବପିଢ଼ି ସୋସିଆଲ ମିଡ଼ିଆରେ ଅଧିକ ସମୟ ବିତାଇବା ଦ୍ୱାରା ଚିଡ଼ିଚିଡ଼ା ସ୍ୱଭାବର ହୋଇଯାଉଛନ୍ତି। କ୍ରୋଧୀ ପାଲଟିଯାଉଛନ୍ତି। ଫଳରେ ପ୍ରକୃତ ବନ୍ଧୁମାନଙ୍କ ସହ ସମ୍ପର୍କ ବିଗିଡ଼ି ଯାଉଛି।

ସାଇବର୍ ନିଶା କାରଣରୁ ଯୁବଗୋଷ୍ଠୀଙ୍କ ମନରେ ଅପରାଧ ଭାବନା ଜାଗିଉଠୁଛି। ଉଗ୍ରବାଦ, ଆତଙ୍କବାଦର ପ୍ରଚାରରେ ମଧ୍ୟ ମୁଖ୍ୟ ମାଧ୍ୟମ ସାଜିଛି ସୋସିଆଲ୍ ମିଡ଼ିଆ। ଅପରାଧପ୍ରବଣ ଲୋକ ଏହାକୁ ମାଧ୍ୟମ କରି ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ସହଜରେ କରିପାରୁଛି। ଠିକ୍ ସେମିତି କିଛି ନକାରାତ୍ମକ ଲୋକଙ୍କ ପାଇଁ ନଗ୍ନ ଫଟୋ, ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି ସୋସିଆଲ ମିଡ଼ିଆରେ।

ଫେସ୍‌ବୁକ୍, ଟୁଇଟର୍ ଭଳି ସାମାଜିକ ଗଣମାଧ୍ୟମରେ ପ୍ରାୟତଃ ଭ୍ରମାତ୍ମକ ତଥ୍ୟ ପ୍ରକାଶ ପାଇଥାଏ। ଏକ ଆକଳନରୁ ଜଣାପଡ଼େ ଯେ, ସତ୍ୟ ବା ଠିକ୍ ତଥ୍ୟ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ମାତ୍ର ଶତକଡ଼ା ୧୮ ଭାଗ। ପୁଣି ମିଥ୍ୟା ବା ଭୁଲ ତଥ୍ୟ ଦେବାରେ ମହିଳାଙ୍କଠାରୁ ପୁରୁଷ ଆଗୁଆ। ୪୩ ଭାଗ ପୁରୁଷ ଭୁଲ ତଥ୍ୟ ପ୍ରଦାନ କରୁଥିବା ଜଣାଯାଏ। ଅନ୍ୟମାନଙ୍କୁ ପ୍ରଭାବିତ କରିବା ତଥା ନିଜ ଆଡକୁ ଅଧିକ ଆକର୍ଷିତ କରିବା ପାଇଁ ବ୍ୟବହାରକାରୀ ଏପରି କରନ୍ତି ବୋଲି ଏହି ଅଧ୍ୟୟନରୁ ଜଣାପଡ଼ିଛି।

ଅପବ୍ୟବହାରରୁ ବର୍ତ୍ତିବା ପାଇଁ ଦରକାର କେବଳ ନିଜ ଉପରେ ନିୟନ୍ତ୍ରଣ। କିପରି ଓ କେତେ ସମୟ ବ୍ୟବହାର କଲେ ତାହା ମନ ଓ ସ୍ୱାସ୍ଥ୍ୟ ପ୍ରତି ଠିକ୍ ରହିବ, ତାହା ନିର୍ଭର କରେ ନିଜର ମାନସିକତା ଉପରେ। ଯେ କୌଣସି ଜିନିଷର ଉଭୟ ସକାରାତ୍ମକ ଓ ନକାରାତ୍ମକ ଦିଗ ରହିଛି। ତେବେ ଏହାକୁ କେଉଁ ଭାବରେ ବ୍ୟବହାର କରିବେ, ତାହା ନିଜର ଦାୟିତ୍ୱ ହେବା ଉଚିତ। ସୋସିଆଲ ମିଡ଼ିଆର ଅପବ୍ୟବହାର ବହୁ ଅସୁବିଧାରେ ପକାଇପାରେ। ତେଣୁ ଭାବିଚିନ୍ତି ଏହାର ଉପଯୋଗ କରିବା ଉଚିତ।

- ଗବେଷଣା ଛାତ୍ରୀ, ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର,
ମୋ-୯୫୫୬୧୫୮୧୧୧

# ଏକ ଅମୃତ ଅନୁଭବ



ସଂଗ୍ରାମ କେଶରୀ ପୃଷ୍ଟି

ଏ ସୃଷ୍ଟିର ପାଳନକର୍ତ୍ତା ପ୍ରଭୁ ବିଷ୍ଣୁ ଦାନ କରିବାକୁ ସଂକଳ୍ପ ନେଲେ। ଏ ଖବର ପ୍ରଚାରିତ ହେବା ପରେ ବିଷ୍ଣୁଲୋକରେ ଦେବ, ଦାନବ, ଗନ୍ଧର୍ବ ଓ କିନ୍ନରମାନଙ୍କର ଗହଳି ଲାଗିଲା। ସମସ୍ତେ ନିଜର ଇଚ୍ଛା ମୁତାବକ ଧନଧାନ୍ୟ, ଶକ୍ତି-ସାମର୍ଥ୍ୟ, ସମ୍ପତ୍ତି-ପ୍ରତିପତ୍ତି, ବିଳାସବ୍ୟସନ, ସନ୍ତାନସନ୍ତତି ଓ ଯଶଖ୍ୟାତି ମାଗିନେଲେ। ଅକୁଣ୍ଠିତ ଚିତ୍ତରେ ସମସ୍ତଙ୍କ ଇପ୍‌ସିତ କାମନା ପୂରଣ କଲେ ବିଷ୍ଣୁ ଭଗବାନ। ଅଳ୍ପ ସମୟ ମଧ୍ୟରେ ବୈକୁଣ୍ଠପୁରର ଏତେବଡ଼ କୋଷାଗାର ଶୂନ୍ୟ ହେବାକୁ ଲାଗିଲା। ମା' ଲକ୍ଷ୍ମୀ ନିକଟରେ ଥାଇ ଏସବୁ ଦୃଶ୍ୟ ଅବଲୋକନ କରୁଥାନ୍ତି। ପ୍ରଭୁଙ୍କ ଦାନ ଓ କୋଷାଗାର ଶୂନ୍ୟ ହେବାର ଦେଖି ନିଜକୁ ସେ ସମ୍ଭାଳି ପାରିଲେ ନାହିଁ। ଏଣୁ ସେ ବ୍ୟସ୍ତହୋଇ ବିଷ୍ଣୁଙ୍କ ପାଖରେ ଆପତ୍ତି କଲେ- ''ହେ ପ୍ରଭୁ! ଏମିତି ଦାନ କରି ଚାଲିଲେ ଆମ କୋଷାଗାର ଶୂନ୍ୟ ପଡ଼ିଯିବ। ସୁଖଶାନ୍ତି ଆମଠୁ ଦୂରେଇଯିବ।''

ଏ କଥା ଶୁଣି ବିଷ୍ଣୁ ଆଶ୍ୱାସନା ଦେଲେ- ଏଥିପାଇଁ ଚିନ୍ତା କରନାହିଁ ଦେବି! ଆମ ଭଣ୍ଡାରଘରୁ ସବୁକିଛି ଚାଲିଗଲା ପରେ ମଧ୍ୟ ଗୋଟିଏ ଜିନିଷ ସୁରକ୍ଷିତ ହୋଇ ରହିଛି। ଏଯାବତ୍ ଏହାକୁ କେହି ମାଗିନାହାନ୍ତି ବା ମାଗିବାର ସମ୍ଭାବନା ନାହିଁ। ଯେପର୍ଯ୍ୟନ୍ତ ଏହା ଆମ ପାଖରେ ଥିବ, ସେ ପର୍ଯ୍ୟନ୍ତ ଆମର ଅସୁବିଧା କିଛି ହେବନାହିଁ। ସେ ଜିନିଷଟି ହେଉଛି ଶାନ୍ତି। ତା' ପାଖରେ ଦୁନିଆର ସକଳ ଐଶ୍ୱର୍ଯ୍ୟ, ପ୍ରତିପତ୍ତି, ବିଳାସବ୍ୟସନ ଓ ଯଶଖ୍ୟାତି ମୂଲ୍ୟହୀନ। ଶାନ୍ତି ହିଁ ଅମୂଲ୍ୟ ନିଧି।

ଶାନ୍ତିର ମହତ୍ତ୍ୱକୁ ସେଦିନ ଯଥାର୍ଥରେ ଅନୁଭବ କରିପାରିଥିଲେ ମା' ଲକ୍ଷ୍ମୀ। ବାସ୍ତବରେ ଶାନ୍ତି ହେଉଛି ଏକ ମାନସିକ ସ୍ଥିତି, ଯାହା ଆତ୍ମାର ସ୍ଥିରତାରୁ ହିଁ ଆସିଥାଏ। ଜୀବନକୁ ସରସ ସୁନ୍ଦର କରି ଗଢ଼ିତୋଳିବାରେ ଏହାର ବିଶେଷ ଭୂମିକା ରହିଛି। ଶାନ୍ତି ଏକ ଅମୃତ ଅନୁଭବ, ଯାହାକି ଦେଇଥାଏ ପରମ ଓ ଅନ୍ତିମ ସୁଖ।

ସାଧାରଣତଃ ଶାରୀରିକ ଓ ମାନସିକ ସ୍ତରରେ ଶାନ୍ତିକୁ ଅନୁଭବ କରିହୁଏ। ପାର୍ଥିବ ଜୀବନରେ ସୁଖ, ସମ୍ପତ୍ତିଠାରୁ ବେଶ୍ ଆନନ୍ଦ ଓ ଆତ୍ମତୃପ୍ତି ଏହା ପ୍ରଦାନ କରିଥାଏ। ସାଂସାରିକ ବନ୍ଧନକୁ ସୁଦୃଢ଼ କରାଇବାରେ ଏହାର ବିଶେଷ ଭୂମିକା ରହିଛି। ଶାନ୍ତିବିହୀନ ଜୀବନ ଏକ ଜୀବନ ନୁହେଁ। ଗୌତମ ବୁଦ୍ଧଙ୍କ ଭାଷାରେ- ''ସଂସାର ଦୁଃଖମୟ। ଦୁଃଖର କାରଣ କାମନା। କାମନାର ବିନାଶରେ ଦୁଃଖର ବିନାଶ ଓ ନିର୍ବାଣପ୍ରାପ୍ତି।'' ହେଲେ ମଣିଷ କାମନାର କେବେ ଅନ୍ତ ଥାଏ କି! ଜୀବନସାରା ଉପାର୍ଜିତ ସମ୍ପତ୍ତିର ସୁରକ୍ଷା ପାଇଁ ହଜିଯାଏ ନିଦ, ଚାଲିଯାଏ ସମୟ। ପୁନଶ୍ଚ କାର୍ଯ୍ୟର ବ୍ୟସ୍ତତା ଓ ମାନସିକ ଚାପ ଏଥିରେ ବାଧକ ସାଜେ। ଶାନ୍ତି ପାଇବା ଆଶାରେ ମଣିଷ ବିଷୟ ବାସନା ପଛରେ ଗୋଡ଼େଇ ଗୋଡ଼େଇ ଯାହାକୁ ଜାବୁଡ଼ି ଧରିଥାଏ ସେ ହେଉଛି ଅଶାନ୍ତି। କାରଣ ଯଦି ସମ୍ମାନ ସହିତ ଶାନ୍ତି ଏକାଠି ରହି ନ ପାରିଲା, ତା'ହେଲେ ତାକୁ କଦାପି ଶାନ୍ତି କୁହାଯାଇପାରିବ ନାହିଁ।

ମଣିଷ ସତ୍ ଉପାୟରେ ଯାହା କିଛି ଅର୍ଜନ କରେ, ସେଥିରେ ସନ୍ତୁଷ୍ଟ ହୋଇ ଅଧିକ କାମନା ନ କରିବାକୁ 'ସନ୍ତୋଷ' କୁହାଯାଏ। ଏହାହିଁ ଶାଶ୍ୱତ ଶାନ୍ତିର ମୂଳ ଉତ୍ସ। କିନ୍ତୁ ଏ ସଂସାରରେ ଅଳ୍ପରେ ସନ୍ତୁଷ୍ଟ ହେଉଥିବା ଲୋକଙ୍କ ସଂଖ୍ୟା ନିହାତି କମ୍। କେବେ ସନ୍ତୁଷ୍ଟ ହୋଇପାରୁ ନ ଥିବା ବ୍ୟକ୍ତି ଜୀବନରେ ଶାନ୍ତି ମିଳିବା କଷ୍ଟକର ହୋଇପଡ଼େ। ଧନ-ଜନ-ଗୋପ-ଲକ୍ଷ୍ମୀ ଏ ସମସ୍ତଙ୍କ ବହୁ ଊର୍ଦ୍ଧ୍ୱରେ ଥାଏ ଶାନ୍ତିର ସ୍ଥାନ। ଏସବୁ ପାଇଲେ ମଧ୍ୟ ହୁଏ ତ ଶାନ୍ତି ମିଳି ନ ପାରେ, ମାତ୍ର ଏ କଥା ସତ ଯେ, ଶାନ୍ତି ଥିଲେ ଏସବୁ ମିଳିବା କିଛି ଅସମ୍ଭବ ନୁହେଁ। ଶାନ୍ତି ପାଖରେ ପ୍ରାଚୁର୍ଯ୍ୟ ମୂଲ୍ୟହୀନ। ସେଥିପାଇଁ ତ ଶାନ୍ତିକୁ ଅମୂଲ୍ୟନିଧି କୁହାଯାଏ।

କାମ, କ୍ରୋଧ, ଲୋଭ, ମୋହ, ମଦ (ଅହଂକାର, ଗର୍ବ ବା ଔଦ୍ଧତ୍ୟ), ମାତ୍ସର୍ଯ୍ୟ (ପରଶ୍ରୀକାତରତା ବା ଈର୍ଷା, ମାନ ବା ମିଥ୍ୟା-ସମ୍ମାନ)-ଏହି ଛଅଟି ଗୁଣ ହେଉଛି ମନୁଷ୍ୟର ଅନ୍ତଃଶତ୍ରୁ। ଏହାକୁ ଷଡ଼ରିପୁ କୁହାଯାଏ। ଏଥିମଧ୍ୟରୁ କେଉଁ ଗୋଟିକୁ ହୃଦୟରେ ଧାରଣ କଲେ ମଣିଷର ସାମଗ୍ରିକ ଜୀବନ ପ୍ରଭାବିତ ହୋଇଥାଏ, ସୁଖ-ଶାନ୍ତିରେ ବ୍ୟାଘାତ ଘଟିଥାଏ, ପ୍ରକୃତ ଶାନ୍ତି ମିଳିପାରି ନ ଥାଏ। ଦାର୍ଶନିକ ରାଲ୍ଫ ୱାଲ୍ଡୋ ଏମର୍ସନଙ୍କ ମତରେ କ୍ରୋଧରେ ରହିବା କାରଣରୁ ପ୍ରତ୍ୟେକ ମିନିଟ୍‌ରୁ ଆମେ ୬୦ ସେକେଣ୍ଡର ମାନସିକ ଶାନ୍ତି ହରାଇ ବସିଥାଉ। ଅର୍ଥାତ୍ ମନରେ କ୍ରୋଧ ଥିବା ପର୍ଯ୍ୟନ୍ତ ମାନସିକ ଶାନ୍ତି ମିଳିପାରି ନ ଥାଏ। ସେହିପରି ଈର୍ଷା ଅନ୍ୟର ସଫଳତାରେ ନିଜକୁ ଜଳାଇ ଶାନ୍ତିକୁ ନଷ୍ଟ କରିଦିଏ। ଲୋଭ ତ ସୀମାହୀନ ସାଗର। ତାହା ଶାନ୍ତିକୁ ନୁହେଁ ବରଂ ମୃତ୍ୟୁ ଆଡ଼କୁ ବାଟ କଢ଼ାଇ ନେଇଥାଏ।

ଷଡ଼ରିପୁକୁ ପରିତ୍ୟାଗ କଲେ ହିଁ ହୃଦୟ ଭିତରେ ଶାନ୍ତିର ଆବିର୍ଭାବ ଘଟିଥାଏ। ସନ୍ତୋଷ କାରଣରୁ ହୃଦୟରେ ସକାରାତ୍ମକ ଗୁଣର ପରିପ୍ରକାଶ ଘଟେ। ପ୍ରେମ, ଦୟା, କ୍ଷମା, ତ୍ୟାଗ, ସହିଷ୍ଣୁତା ଓ ସେବା ପରି ଐଶ୍ୱରୀୟ ଦିବ୍ୟଗୁଣ ବ୍ୟକ୍ତିତ୍ୱକୁ ଉଦ୍‌ଭାସିତ କରିଥାଏ। ଯେଉଁଠାରେ ଏସବୁ ଗୁଣ କ୍ରିୟାଶୀଳ ଥାଏ ସେଠାରେ ଅଶାନ୍ତି ସୃଷ୍ଟି କରୁଥିବା କାମନା ସହଜରେ ପ୍ରବେଶ କରିପାରେନାହିଁ। ଆତ୍ମ-କଲ୍ୟାଣ ବିରୋଧୀ କାମନାଗୁଡ଼ିକୁ ମୁହୂର୍ତ୍ତକ ମଧ୍ୟରେ ବିନାଶ କରିଦିଏ। ଫଳରେ ଶାନ୍ତି ମିଳିଥାଏ। ଜେରାଲ୍ଡ ଜମ୍ପୋଲେସବୀଙ୍କ ମତରେ- ମୋତେ ମାନସିକ ଶାନ୍ତି କେବଳ ସେତେବେଳେ ମିଳିଥାଏ, ଯେତେବେଳେ ମୁଁ କାହାକୁ ପରୀକ୍ଷା କରିବା ବଦଳରେ କ୍ଷମା କରିଦିଏ। ସେବା ଓ ତ୍ୟାଗକୁ ନିଜ ଜୀବନର ଆଦର୍ଶ କରି ଗଢ଼ିତୋଳିଥିବା ଗାନ୍ଧୀ, ଗୋପବନ୍ଧୁ, ଗୌତମ ବୁଦ୍ଧ, ମଦର ଟେରେସା, ଦାନୀ ହରିଶ୍ଚନ୍ଦ୍ରଙ୍କ ପରି ବ୍ୟକ୍ତିତ୍ୱ ଆମର ଆଦର୍ଶ ହେବା ଉଚିତ।

'ମୁଁ ଏବଂ ମୋର'- ଏ ଦୁଇଟି ହେଉଛି ଅହଂର ପ୍ରତୀକ। ଏହାକୁ ଧାରଣ କରିଥିବା ବ୍ୟକ୍ତି ଜୀବନରେ ଶାନ୍ତି ପାଇପାରି ନ ଥାଏ। ତେଣୁ ଭଗବତ୍ ଗୀତାରେ କୁହାଯାଇଛି- ଯିଏ ନିଜର ସବୁ ଇଚ୍ଛା (କାମନା)କୁ ତ୍ୟାଗ କରିଦେଇଥାଏ ଏବଂ 'ମୁଁ' ଓ 'ମୋର' ଲାଳସା ତଥା ଭାବନାରୁ ମୁକ୍ତ ହୋଇଥାଏ, ସେ ଶାନ୍ତି ପାଇଥାଏ।

ସେହିପରି ଈଶ୍ୱର ଉପାସନା ଦ୍ୱାରା ଅଖଣ୍ଡ ଶାନ୍ତି ମିଳିଥାଏ। ଯେତେବେଳେ ନିଜ ହୃଦୟରେ ଶାନ୍ତିଆସେ ସେତେବେଳେ ସାରା ବିଶ୍ୱ ଶାନ୍ତିମୟ ଅନୁଭୂତ ହୋଇଥାଏ। ବାସ୍ତବିକ ଓ ସ୍ଥାୟୀ ବିଜୟ ଯୁଗେ ଯୁଗେ ଶାନ୍ତିର ହିଁ ହୋଇଥାଏ, ଯୁଦ୍ଧର ନୁହେଁ। ସୁତରାଂ ଆତ୍ମାର ଅମଙ୍ଗଳ ଘଟାଉଥିବା ଅନାବଶ୍ୟକ କାମନାକୁ କଠୋର ଭାବରେ ଦମନ କଲେ ଯାଇ ଶାନ୍ତିର ସ୍ୱର୍ଗୀୟ ଆନନ୍ଦ ଉପଲବ୍ଧି କରାଯାଇପାରିବ। ଫଳରେ ଜୀବନ ହୋଇଉଠିବ ସୁନ୍ଦର ଓ ମଧୁମୟ।

ରାଜକିଶୋରନଗର, ଅନୁଗୋଳ,
ମୋ-୯୪୩୭୫୪୭୧୪୬

## ଏଇ ଭାରତରେ

ସମାଜରେ ଏମିତି ଦିବ୍ୟାଙ୍ଗ ଅଛନ୍ତି ଯେଉଁମାନେ ଦେଶଭାବନାରେ ଉଦ୍‌ବୁଦ୍ଧ ହେବା ସହ ଅନ୍ୟମାନଙ୍କୁ ଜିଇବାର ରାସ୍ତା ଦେଖାଇବା ପାଇଁ ସବୁ ଦୁଃଖକଷ୍ଟ ଭୁଲିଯାଇଥାନ୍ତି। ମହାରାଷ୍ଟ୍ରର ପ୍ରେରଣା ଆସୋସିଏଶନ୍ ଫର୍ ଦି ବ୍ଲାଇଣ୍ଡ ଟିମ୍‌ର ସଦସ୍ୟମାନେ ଏମିତି କାର୍ଯ୍ୟରେ ଲାଗିଛନ୍ତି। ଏମାନେ ଭାରତର ବିଭିନ୍ନ ସୀମାରେ ପହଞ୍ଚି ଯବାନମାନଙ୍କ ସହ ଭାଇଦୁଜ୍ ପାଳନ କରିଆସୁଛନ୍ତି। ଦୃଷ୍ଟିହୀନମାନଙ୍କ ଏହି ମନୋଭାବ ସମାଜ ପାଇଁ ପାଲଟିଛି ପ୍ରେରଣାର ଉତ୍ସ। ଏମାନେ ୧୭ ଥର ସୀମାକୁ ଯାଇ ଯବାନମାନଙ୍କ ସହ ବିଭିନ୍ନ ପର୍ବ ପଳନ କରିସାରିଲେଣି। ଏଥର ଏମାନେ ପଞ୍ଜାବ ସୀମାନ୍ତ ଫଜିଲ୍‌କାର ସାଦକି ଚୌକିରେ ପହଞ୍ଚି ସନ୍ଧ୍ୟାରେ ଧ୍ୱଜାବତରଣ ଉତ୍ସବ ପୂର୍ବରୁ ସୀମା ସୁରକ୍ଷା ବଳ(ବିଏସ୍ଏଫ୍) ଯବାନମାନଙ୍କୁ ତିଳକ ଲଗାଇ ସେମାନଙ୍କ ଦୀର୍ଘଜୀବନ କାମନା କରିଥିଲେ। ସେମାନଙ୍କ କହିବା ମୁତାବକ,ବିଏସ୍ଏଫ୍ ଯବାନମାନେ ବିଭିନ୍ନ ପର୍ବରେ ଘରଠାରୁ ଦୂରରେ ରହନ୍ତି ଓ ତାହା ପାଳନ କରିପାରନ୍ତିନାହିଁ। ଏଣୁ ସୀମାରେ ଯବାନମାନଙ୍କ ସହ ଏହି ପର୍ବ ପାଳନ କରି ସେମାନଙ୍କୁ ଖୁସି ରଖିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ଟିମ୍‌ର ସଦସ୍ୟମାନେ । ଭିନ୍ନ ଭିନ୍ନ ସହରରୁ ଆସିଥିବା ଦୃଷ୍ଟିହୀନଙ୍କ ଏହି ଟିମ୍ କେବଳ ଯବାନମାନଙ୍କ ସହ ପର୍ବ ପାଳନ କରୁନାହାନ୍ତି,ସେମାନେ ମହାରାଷ୍ଟ୍ରରେ ଦୃଷ୍ଟିହୀନମାନଙ୍କୁ ନଜି ଗୋଡ଼ରେ ଠିଆ ହେବା ପାଇଁ ଏକ କମ୍ପ୍ୟୁଟର ସେଣ୍ଟର ବି ଖୋଲିଛନ୍ତି। ଏହି ସେଣ୍ଟର୍‌ରେ ଏବେ ୫୦ ଜଣ ପିଲା ପଢୁଛନ୍ତି। 'ନେତ୍ରଦାନ ମହାପୁଣ୍ୟ ଓ ଏହାଦ୍ୱାରା ଆଉ ଜଣେ ବି ଦୁନିଆକୁ ଦେଖିପାରିବ' ଏପରି ଭାବନା ନେଇ ଏହି ଟିମ୍ ଲୋକମାନଙ୍କୁ ନେତ୍ରଦାନ କରିବା ପାଇଁ ମଧ୍ୟ ପ୍ରେରିତ କରୁଛନ୍ତି।

## ଚିରନ୍ତନୀ

ସୁଦୂରର ପ୍ରିୟା ମୋର
ଡାକେ ପରା ତୁହାଇ
ଅନ୍ତର ଜଳ ତାର ବୁହାଇ !
ନୟନେ ଶିଶିର କଣା
କରିଦିଏ ପଥବଣା
ବସିଛି ସୁଦୂରେ ମଥା ନୁଆଁଇ
ଅନ୍ତର ଜଳ ତାର ବୁହାଇ !
(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୯୪

- ସୋଲୋମନ ଦ୍ୱୀପପୁଞ୍ଜର ପ୍ରଧାନମନ୍ତ୍ରୀ ଫ୍ରାନ୍‌ସିସ ବିଲି ହିଲି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ତାମିଲନାଡୁ ଉପକୂଳରେ ସାମୁଦ୍ରିକ ଝଡ଼ରେ ୨୬ ମୃତ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | B | | 1 | 4 | 0 | 3 | | E | C | | | | |
| | 5 | | | 7 | 9 | E | | | | | 6 | B | | |
| | 6 | | 3 | 8 | | | | | 5 | | | | | |
| | | | | 2 | | | | 6 | | A | 3 | | 1 | |
| | 7 | C | 0 | | 5 | | | | 9 | | B | | | |
| 7 | | | | 4 | 2 | | | A | C | | | | | |
| | E | | | | B | | 8 | | | 1 | 2 | | 5 | A |
| C | | | D | 5 | | | | B | | | A | | | |
| | | 3 | | | 6 | | | | 0 | | | | | 8 |
| | | | | | 8 | | 4 | 3 | D | | 9 | | | 2 |
| | 3 | | | B | | A | | | | 0 | 8 | | | 1 |
| 0 | | 5 | | | | B | | | | | | | 9 | |
| | 1 | | | | | | | 9 | | 4 | | | | |
| 6 | | 4 | 5 | | | | 7 | 8 | | | | | 3 | E |
| 2 | | D | 6 | | 3 | C | | | | | E | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 0 | 7 | 3 | 4 | B | 6 | 5 | 8 | 2 | A | 1 | 9 | D | E |
| D | 6 | 2 | 8 | 1 | 0 | 3 | 7 | E | 9 | 4 | C | 5 | B | A |
| A | 1 | 9 | 2 | 7 | D | 4 | C | B | 8 | 5 | E | 3 | 0 | 6 |
| 5 | 4 | B | E | C | A | 0 | 1 | 9 | 3 | D | 6 | 8 | 2 | 7 |
| E | 8 | 3 | 9 | 6 | 5 | A | 2 | D | B | 0 | 7 | C | 1 | 4 |
| 9 | E | 6 | 7 | 2 | 8 | C | A | 4 | 0 | B | 5 | D | 3 | 1 |
| 1 | 7 | 4 | C | 5 | 6 | 9 | 8 | 0 | A | 3 | D | 2 | E | B |
| 0 | C | D | B | 9 | 3 | 2 | E | 1 | 7 | 6 | 8 | 4 | A | 5 |
| 2 | A | 5 | D | E | 4 | B | 6 | 3 | C | 1 | 9 | 0 | 7 | 8 |
| 3 | B | 8 | 0 | A | 1 | 5 | D | 7 | E | 2 | 4 | 6 | C | 9 |
| 4 | 5 | C | A | 3 | E | 7 | B | 6 | D | 8 | 2 | 1 | 9 | 0 |
| 8 | 3 | 1 | 4 | 0 | 7 | D | 9 | C | 6 | E | B | A | 5 | 2 |
| B | 9 | E | 6 | D | 2 | 1 | 4 | A | 5 | C | 0 | 7 | 8 | 3 |
| 6 | D | A | 5 | 8 | 9 | E | 0 | 2 | 1 | 7 | 3 | B | 4 | C |
| 7 | 2 | 0 | 1 | B | C | 8 | 3 | 5 | 4 | 9 | A | E | 6 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧାର୍ଯ୍ୟ ଘରଭଡ଼ା ପ୍ରଚଳିତ ହେଉ

ମହାଶୟ,

କିଛିମାସ ପୂର୍ବରୁ ସରକାର ଭଡାଘରେ ରହୁଥିବା ଲୋକମାନଙ୍କ ସୁବିଧା ପାଇଁ ଘର ଆୟତନ ଅନୁଯାୟୀ ଉପଯୁକ୍ତ ଭଡା ସ୍ଥିର କରିବା ପାଇଁ ଯୋଜନା କରିଥିଲେ। ଏହି ନିୟମ କିନ୍ତୁ ସେତେବେଳେ କିଛିଦିନ ଜୋରସୋରରେ ପ୍ରଚାର ହେବା ପରେ ଏବେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ଭାବେ ପ୍ରଶାସନର ନାଳିଫିତା ତଳେ ପଡିରହିଛି। କର୍ତ୍ତୃପକ୍ଷ ଯଦି ଏହି ନିୟମଟିକୁ ସ୍ୱତନ୍ତ୍ର ଭାବେ ସାରା ରାଜ୍ୟ ପାଇଁ ପ୍ରଣୟନ କରନ୍ତେ ତା' ହେଲେ ଏହାଦ୍ୱାରା ଭଡାଘରେ ବହୁଦିନ ଧରି ବସବାସ କରି ଆସୁଥିବା ନିମ୍ନ ଓ ମଧ୍ୟମ ଆୟବର୍ଗର ଲୋକେ ବିଶେଷ ଉପକୃତ ହୋଇପାରନ୍ତେ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

### ଫନୀ ସହାୟତା ମିଳୁ

ଫନୀ ବାତ୍ୟା ହେବାର ପାଞ୍ଚ ମାସ ଅତିକ୍ରାନ୍ତ ହେଲାଣି। ଘରଭଙ୍ଗା ଟଙ୍କା ମିଳି ସାରିଲାଣି, ମାତ୍ର ଅନେକ ଗୃହସ୍ଥଙ୍କ ଭାଙ୍ଗିଯାଇଥିବା ନଡିଆ, ଗୁଆ, ଆମ୍ବଗଛ, କିଆରିରେ ନଷ୍ଟ ହୋଇଥିବା ମୁଗ, ବିରି ଫସଲର କ୍ଷତିପୂରଣ ଏବଂ ଚାଷୀଙ୍କୁ ଘୋଷିତ କାଳିଆ ଟଙ୍କା ମିଳି ନ ଥିବାରୁ ଲୋକେ ଅସନ୍ତୁଷ୍ଟ ହେଉଛନ୍ତି। କେତେଜଣଙ୍କୁ ପ୍ରଥମ କିସ୍ତି କାଳିଆ ଟଙ୍କା ଓ ପ୍ରଧାନମନ୍ତ୍ରୀଙ୍କ କୃଷି ସହାୟତା ମିଳି ସାରିଥିଲେ ମଧ୍ୟ ଯେଉଁମାନେ ସେବା ସମବାୟ ସମିତି ସଭ୍ୟ ନୁହନ୍ତି, ମଣ୍ଡିରେ ଧାନ ବିକି ନାହାନ୍ତି କିମ୍ବା ସେବା ସମବାୟ ସମିତିରୁ ସାର, କୀଟନାଶକ କିଣି ନାହାନ୍ତି, ସେମାନେ ବଞ୍ଚିତ ହୋଇଛନ୍ତି। କୃଷି ବିଭାଗ ନୀରବ ନ ରହି ସହାୟତା ପ୍ରଦାନ କରନ୍ତୁ।

ଶ୍ରୀରାମଚନ୍ଦ୍ର ଦାଶ ଓ ଚାଷୀବୃନ୍ଦ, ବିଦ୍ୟାଧରପୁର,
ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ ଓଡ଼ିଶାରେ 'ଏକତା ପାଇଁ ଦୌଡ଼'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

# 'ପଟେଲ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ଭାରତ ମହାଶକ୍ତି ହୋଇଥାନ୍ତା'

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଦେଶର ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ଅବସରରେ ଗୁରୁବାର ଦେଶବ୍ୟାପୀ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତାକା ଦେଖାଇ ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସର୍ଦ୍ଦାର ପଟେଲ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ସମ୍ଭବତଃ ଭାରତ ପୃଥିବୀର ମହାଶକ୍ତି ହୋଇସାରନ୍ତାଣି। ଯେଉଁ ସର୍ଦ୍ଦାରଙ୍କ ଯୋଗୁ ଦେଶରେ କୃଷି, ସମବାୟ, ସୁରକ୍ଷା ଓ ପ୍ରଶାସନ ଦ୍ୱାରା ଏକ ଲୌହ ଢାଞ୍ଚା ତିଆରି କରାଯାଇ ପାରିଥିଲା ସେହି ସର୍ଦ୍ଦାରଙ୍କୁ ଦେଶ ମନେପକାଇ ନ ଥିଲା। ମାତ୍ର ଆଜି ଦେଶରେ ତାଙ୍କ ଜୟନ୍ତୀ ଅର୍ଥାତ୍ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ଦ୍ଦାରଙ୍କ ପୃଥିବୀର ସବୁଠୁ ଉଚ୍ଚ ପ୍ରତିମୂର୍ତ୍ତି ''ଷ୍ଟାଚ୍ୟୁ ଅଫ୍ ୟୁନିଟ୍'' ସ୍ଥାପନା କରି ସର୍ଦ୍ଦାରଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ଦେଇଛନ୍ତି। ଓଡିଶାର ନୀଳଗିରି ମଧ୍ୟ ସର୍ଦ୍ଦାର ପଟେଲଙ୍କର ସହ ଦୃଢତାର ସହ ଠିଆ ହୋଇଥିଲା। ଦେଶର ପ୍ରଥମ ଦେଶୀୟ ରାଜ୍ୟଭାବେ ବାଲେଶ୍ୱରର ନୀଳଗିରି ସାର୍ବଭୌମ ଭାରତର ଅଂଶ ହୋଇଥିଲା। ଯୁଦ୍ଧ ଜାହାଜ ଆଇଏନ୍ଏସ୍ ନୀଳଗିରି ତାହାର ପ୍ରମାଣ ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଶହୀଦ ବାଜି ରାଉତ, ବକ୍ସି ଜଗବନ୍ଧୁ, ଶହୀଦ ଭଗତ ସିଂହ, ମଙ୍ଗଲ୍ ପାଣ୍ଡେ, ସର୍ଦ୍ଦାର ପଟେଲ, ହରେକୃଷ୍ଣ ମହତାବ ଏବଂ ପଣ୍ଡିତ ଗୋପବନ୍ଧୁ ଦାସ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଛନ୍ତି। ଭୁବନେଶ୍ୱର ରେଳ ଷ୍ଟାଡିୟମଠାରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ରନ୍ ଅଫ୍ ୟୁନିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଫଟୋରେ ଧର୍ମେନ୍ଦ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅର୍ଦ୍ଧ ସାମରିକ ବାହିନୀର ଯବାନ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ତଥା ଜନସାଧାରଣଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ।


ଏକତା ପାଇଁ ଦୌଡ଼ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ସେବା ମନୋବୃତ୍ତି ରଖି କାର୍ଯ୍ୟ କର: ନବୀନ



ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ସାଲିଆସାହିଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

**ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ**

ଗାନ୍ଧୀ ଜୟନ୍ତୀରୁ ବିଜେଡି ପକ୍ଷରୁ ଆରମ୍ଭ କରାଯାଇଥିବା ଜନସମ୍ପର୍କ ପଦଯାତ୍ରା ଗୁରୁବାର ସମାପ୍ତ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଭୁବନେଶ୍ୱର(ଉତ୍ତର) ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଲିଆସାହିରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇ ଜୟପ୍ରକାଶ ଜୟନ୍ତୀ(ଅକ୍ଟୋବର ୧୧)ରେ ସମାପ୍ତ ହୋଇଥାଏ। ଚଳିତ ଥର ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଜାରି ରହିଥିବାରୁ ଅକ୍ଟୋବର ୩୧ ଯାଏ ପଦଯାତ୍ରା ଅବଧି ବୃଦ୍ଧି କରାଯାଇଥିଲା। ରାଜଧାନୀର ୩ ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିବାବେଳେ ତୃଣମୂଳସ୍ତରରେ ସ୍ଥାନୀୟ ବିଜେଡି ନେତା ପଦଯାତ୍ରା ଆୟୋଜନ କରିଥିଲେ।

ପଦଯାତ୍ରାର ଶେଷ ଦିବସରେ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ, ଦଳୀୟ କର୍ମୀ ସର୍ବଦା ସେବା ମନୋବୃତ୍ତି ରଖି କାର୍ଯ୍ୟ କରିବା ଆବଶ୍ୟକ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ଉଚିତ। ନୂଆକରି ଆରମ୍ଭ ହୋଇଥିବା 'ଓଡ଼ିଶା-ମୋ ପରିବାର' କାର୍ଯ୍ୟକ୍ରମ ଜରିଆରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ରକ୍ତଦାନ ଏବଂ ବାହାରେ ରହୁଥିବା ନିଷ୍ପେଷିତ ଓଡ଼ିଆଙ୍କ ଉତ୍ଥାନ ପାଇଁ କାର୍ଯ୍ୟ କରିବା ଉଚିତ। ଓଡ଼ିଶାବାସୀଙ୍କ ଭଲପାଇବା ତାଙ୍କୁ ଋଣୀ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତ ଦଳୀୟ ସଭାପତିଙ୍କ ନିର୍ଦ୍ଦେଶ ନିଷ୍ଠାର ସହ ପାଳନ ହେବା ନେଇ ମତ ରଖିଥିଲେ। ରାଜ୍ୟ ତଥା ଭୁବନେଶ୍ୱର ସାଙ୍ଗଠନିକ ଜିଲାର ଶତାଧିକ କର୍ମୀ ଏବଂ ସାଧାରଣ ଜନତା ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅଶୋକ ପଣ୍ଡା, ବିଧାୟକ ପ୍ରଶାନ୍ତ ଜଗଦେବ, ଅନନ୍ତ ନାରାୟଣ ଜେନା, ପ୍ରଣବ ବଳବନ୍ତରାୟ, ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଓଏସ୍ଆଇସି ଅଧ୍ୟକ୍ଷ ଚିନ୍ମୟ ସାହୁ, ବିଜେଡି ନେତା ସଂଗ୍ରାମ ପାଇକରାୟ ଏବଂ ଦୁର୍ଗା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

# ଡିସେମ୍ବର ୧ରୁ ବିମାନବନ୍ଦର ରନ୍‌ୱେ ରିକାର୍ପେଟିଂ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

**ରାତିରେ ବନ୍ଦ ରହିବ ବିମାନ ଚଳାଚଳ**

ଡିସେମ୍ବର ୧ରୁ ଆରମ୍ଭ ହେବ ଭୁବନେଶ୍ୱର ବିମାନବନ୍ଦର ରିକାର୍ପେଟିଂ କାମ। ପୂର୍ବରୁ ଏହା ୧ ନଭେମ୍ବରରୁ କରାଯିବା ପାଇଁ ସ୍ଥିର କରାଯାଇଥିଲା। ମରାମତି କାର୍ଯ୍ୟ ଚାଲୁଥିବା ସମୟରେ ଅର୍ଥାତ୍ ରାତି ୧୦ଟାରୁ ଭୋର ୫ଟା ୩୦ ମଧ୍ୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ବନ୍ଦ ରହିବ। ପୂର୍ବରୁ ବିମାନବନ୍ଦର କର୍ତ୍ତୃପକ୍ଷ ଏନେଇ ସୂଚନା ଦେଇ ସାରିଛନ୍ତି। ଆସନ୍ତା ବର୍ଷ ୧ ଏପ୍ରିଲଠାରୁ ୩୦ ଜୁନ୍ ପର୍ଯ୍ୟନ୍ତ ସକାଳ ୧୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିମାନ ଚଳାଚଳ ବନ୍ଦ ରହିବ। ଏହାକୁ ଲକ୍ଷ୍ୟ ରଖି ଗତ ୨୭ରେ ପ୍ରକାଶ ପାଇଥିବା ଶୀତକାଳୀନ ସମୟସୂଚୀରେ ବିମାନ ଚଳାଚଳର ସମୟ ନିର୍ଦ୍ଧାରଣ କରାଯାଇଛି।

# ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ଲାଗି ଏମ୍ଓୟୁ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)



■ ଜେ-ପିଏଏଲ୍, ରାଜ୍ୟ ସରକାରଙ୍କ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର

■ ମହିଳା ସଶକ୍ତୀକରଣ, କୃଷି ଉତ୍ପାଦନ ବୃଦ୍ଧି, ଦାଦନ ସମସ୍ୟା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଗବେଷଣାଭିତ୍ତିକ ସହଯୋଗ ଉପରେ ଗୁରୁତ୍ୱ

ରାଜ୍ୟର ବିଭିନ୍ନ କ୍ଷେତ୍ରରୁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଗୁରୁବାର ରାଜ୍ୟ ସରକାର ଅବ୍‌ଦୁଲ ଲତିଫ୍ ଜମିଲ ପଭର୍ଟି ଆକ୍ସନ ଲାବ୍(ଜେ-ପିଏଏଲ) ଦକ୍ଷିଣ ଏସିଆ ସହିତ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ସର୍ତ୍ତ ଅନୁଯାୟୀ ଜେ-ପିଏଏଲ ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ସହ ବିକାଶମୂଳକ କାର୍ଯ୍ୟକ୍ରମକୁ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାରଙ୍କୁ ବୈଷୟିକ ସହାୟତା ଯୋଗାଇ ଦେବ। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅନୁରୂପ ଏହି ବୁଝାମଣାପତ୍ର ନୀତି ନିର୍ଦ୍ଧାରଣ ପାଇଁ ଗବେଷଣାଭିତ୍ତିକ ସହଯୋଗ ଯୋଗାଇ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା, ଟିମ୍‌ୱର୍କ ଏବଂ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଜେ-ପିଏଏଲ ଶ୍ରମ, ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦାରିଦ୍ର୍ୟ ଦୂରୀକରଣ ଓ ବିକାଶମୂଳକ ଯୋଜନା ବିଷୟରେ ତଥ୍ୟ ସଂଗ୍ରହ କରି ତା'ର ମୂଲ୍ୟାୟନ କରିବ। ଏଥିସହିତ ଏହିସବୁ କାର୍ଯ୍ୟର ମୂଲ୍ୟାୟନ ଓ ସୁପରିଚାଳନା ପାଇଁ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯିବ। ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସମୟରେ କର୍ମଶାଳାର ଆୟୋଜନ କରାଯିବ।

ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରିଥିବା କାର୍ଯ୍ୟକ୍ରମର ସୁଫଳ ଯେପରି ସର୍ବାଧିକ ହିତାଧିକାରୀ ପାଇପାରିବେ ସେ ଦିଗରେ ଉଭୟ କାର୍ଯ୍ୟ କରିବେ। ରାଜ୍ୟ ସରକାର ଓ ଜେ-ପିଏଏଲ ଦକ୍ଷିଣ ଏସିଆ ନିୟମିତ ବିଭିନ୍ନ ନୀତି ଉପରେ ବାର୍ଷିକ ଆଲୋଚନା କରି ସରକାରଙ୍କ ପ୍ରାଥମିକତା କ୍ଷେତ୍ର ଚୟନ କରିବେ। ଏଥିସହିତ ତଥ୍ୟ ଆଦାନପ୍ରଦାନ କରିବା ଏବଂ ମିଳିତ ଭାବେ ଅଭିନବ ଉପାୟ ଅବଲମ୍ବନ କରିବା ସହିତ ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ କରି କାର୍ଯ୍ୟକ୍ରମଗୁଡ଼ିକର ମୂଲ୍ୟାୟନ କରିବେ। ପୁଷ୍ଟିହୀନତା, ମହିଳା ସଶକ୍ତୀକରଣ, ଦାଦନ ଶ୍ରମିକ ସମସ୍ୟା, ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ଏବଂ କୃଷି ଉତ୍ପାଦନ ଆଦି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ନୀତି ସମ୍ପର୍କରେ ନିୟମିତ ଆଲୋଚନା କରି ସାଧାରଣ ଲୋକଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିବା ଦିଗରେ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରିମଣ୍ଡଳ ସଦସ୍ୟ, ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ, ମୋ ସ୍କୁଲ ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, କୃଷି ଉତ୍ପାଦନ କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଖାରବେଳ ଭବନଠାରେ ଅନୁଷ୍ଠିତ ଏହି ବୁଝାମଣାପତ୍ରରେ ରାଜ୍ୟ ସରକାରଙ୍କ ତରଫରୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଏବଂ ଜେ-ପିଏଏଲ ପକ୍ଷରୁ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଶୋଭିନୀ ମୁଖାର୍ଜୀ ଦସ୍ତଖତ କରିଥିଲେ। ଏହି ଏମ୍ଓୟୁ ସ୍ୱାକ୍ଷର ଫଳରେ ଓଡ଼ିଶାର ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହୋଇପାରିବ। ଓଡ଼ିଶା ସରକାରଙ୍କ ସହ ମିଶି କାର୍ଯ୍ୟ କରିବାକୁ ଜେ-ପିଏଏଲର ପ୍ରବଳ ଉତ୍ସାହ ରହିଥିଲା ବୋଲି ମୁଖାର୍ଜୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜେ-ପିଏଏଲ୍‌ର ସହ ପ୍ରତିଷ୍ଠାତା ଅଭିଜିତ୍ ବାନାର୍ଜୀ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

## କାର୍ଯ୍ୟରୁ ଅନ୍ତର ହେଲେ ୩ ଅତିରିକ୍ତ ସରକାରୀ ଓକିଲ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ରାଜ୍ୟ ସରକାର ୩ ଜଣ ଅତିରିକ୍ତ ସରକାରୀ ଓକିଲ(ଏପିପି)ଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ସେମାନେ ହେଲେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ନାୟକ, ସୁଧାଂଶୁ ମିଶ୍ର ଏବଂ ବଂଶୀଧର ଦାସ। ଗୁରୁବାର ଏ ନେଇ ଆଇନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେବେ କେଉଁ କାରଣରୁ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି ତାହା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇ ନାହିଁ।

# ଟିକେଟ ରଦ୍ଦ ପ୍ରକ୍ରିୟାରେ ଓଟିପି ବ୍ୟବସ୍ଥା

## ଏସ୍ଏମ୍ଏସ୍‌ରେ ସମ୍ପୂର୍ଣ୍ଣ ସୂଚନା ସହ ଶୀଘ୍ର ମିଳିବ ଅର୍ଥ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଭାରତୀୟ ରେଳପଥ ଟିକଟ ରଦ୍ଦ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଏକ ବିଶେଷ ପଦକ୍ଷେପ ନେଇଛି। ରଦ୍ଦ ଟିକଟ ବା ପ୍ରତୀକ୍ଷା ସୂଚୀରୁ ସମ୍ପୂର୍ଣ୍ଣ ବାଦ୍ କରାଯାଇଥିବା ଟିକଟ ବିପକ୍ଷରେ ଅର୍ଥ ଫେରସ୍ତ ପ୍ରକ୍ରିୟାରେ ନୂଆ କରି ଓଟିପି ବ୍ୟବସ୍ଥା କରାଯାଇଛି। ଟିକଟ ରଦ୍ଦ କଲେ କିମ୍ବା ପ୍ରତୀକ୍ଷା ସୂଚୀରୁ ଟିକଟ ବାଦ୍ କଲେ ଯାତ୍ରୀମାନେ ଓଟିପି ପ୍ରମାଣ ଜରିଆରେ ଯାତ୍ରାଭଡ଼ା ଫେରସ୍ତ ପାଇବେ। ଏହି ବ୍ୟବସ୍ଥା କେବଳ ଇ-ଟିକଟ କ୍ଷେତ୍ରରେ କରାଯାଇଛି, ଯାହା ଆଇଆର୍‌ସିଟିସି ଅଧିକୃତ ଏଜେଣ୍ଟଙ୍କ ଜରିଆରେ କଟାଯାଇଥିବା ଟିକଟ ବିପକ୍ଷରେ ମିଳିବ। ପରବର୍ତ୍ତୀ ସମୟରେ ଏହାକୁ ବ୍ୟକ୍ତିଗତ କ୍ଷେତ୍ରରେ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି।

ଯଦି କୌଣସି ଯାତ୍ରୀ ଟିକଟ ରଦ୍ଦ କରିବାକୁ ଚାହାନ୍ତି, ତେବେ ତାଙ୍କୁ ଆଇଆରସିଟିସି ୱେବସାଇଟ ଜରିଆରେ ରଦ୍ଦ କରିବାକୁ ପଡ଼ିବ। ସବୁ ପ୍ରକ୍ରିୟା ଶେଷ ହେବା ପରେ ଅର୍ଥ ଫେରସ୍ତ ଲାଗି ବୁକିଂ ବେଳେ ଦେଇଥିବା ଫୋନ ନମ୍ବରରେ ଏକ ଓଟିପି(ୱାନ ଟାଇମ୍ ପାସୱାର୍ଡ) ଆସିବ। ଯାତ୍ରୀଙ୍କୁ ଏହି ଓଟିପିକୁ ସମ୍ପୃକ୍ତ ଏଜେଣ୍ଟଙ୍କୁ ଦେବାକୁ ପଡ଼ିବ, ଯାହାକୁ ଭରିଲେ ଯାତ୍ରୀ ଟିକଟ ଅର୍ଥ ଫେରସ୍ତ ପାଇପାରିବେ। ଏହା ଦ୍ୱାରା ଫେରସ୍ତ ହୋଇଥିବା ପ୍ରକୃତ ରାଶି ବିଷୟରେ ଯାତ୍ରୀଙ୍କ ନିକଟକୁ ମଧ୍ୟ ଏସ୍ଏମ୍ଏସ୍ ଜରିଆରେ ସୂଚନା ଯିବ। ଏହାଦ୍ୱାରା ପୂର୍ବାପେକ୍ଷା ଖୁବ୍ କମ୍ ସମୟରେ ଅର୍ଥ ଫେରସ୍ତ ଆସିବ ବୋଲି ଜଣାପଡ଼ିଛି। ଅଧିକାଂଶ ସମୟରେ ଏଜେଣ୍ଟମାନେ ନାନା ବାହାନା କରି ଯାତ୍ରୀଙ୍କ ଟିକଟ ଅର୍ଥର ଅର୍ଦ୍ଧାଧିକ ରାଶି ରଖିଦିଅନ୍ତି। ଏହା ଦ୍ୱାରା ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ ବୋଲି ଆଇଆରସିଟିସି ପକ୍ଷରୁ କୁହାଯାଇଛି। ଖୁବ୍ ଶୀଘ୍ର ବ୍ୟକ୍ତିଗତ ସ୍ତରରେ ଏହା କରିବାକୁ ଯୋଜନା କରାଯାଉଛି ବୋଲି ଜଣାପଡ଼ିଛି।

CLASSIFIED DISPLAY

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର
DIGITAL HEARING AID
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ଘରେ ଘରେ ପରିଚିତ ସୁଗନ୍ଧ ବାସ୍ନା ସହ ସମସ୍ତଙ୍କର ପ୍ରିୟ
ଗୁପ୍ତଗଙ୍ଗା ଅଗରବତୀ
ଓଡିଶାର No. 1 ଅଗରବତୀ
ଆମ କମ୍ପାନିରୁ ଅଗରବତୀ ମେସିନ କିଣି ମାସକୁ ୧୫ ରୁ ୨୦ ହଜାର ଟଙ୍କା ରୋଜଗାର କରନ୍ତୁ
M/S RADHAMADHAB INDUSTIES, KEONJHAR MOB : 9937608757

ଯୋଶରେ ଭରପୂର ଆବେଗ ଯାହା ଆପଣଙ୍କ ସାଥୀଙ୍କୁ ଅଧିକ ଉତ୍ତେଜିତ କରେ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
only Effect No Side Effect
ଯୌବନର ଆରମ୍ଭ ହେବାମାତ୍ରେ ନବଯୁବକମାନେ ପିଲାବେଳର ଭୁଲ୍ କାରଣରୁ ଶୀଘ୍ରପତନ, ଉତ୍ତେଜନା ଅଭାବ, ନପୁଂସକତା ଓ ଏପରି ସମସ୍ତ ସମସ୍ୟାରେ ପୀଡ଼ିତ ହୋଇଯାଆନ୍ତି, ଏପରି ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ୍ କରନ୍ତୁ ଏବଂ ଏପରି ସମସ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
Play Win Oil · Play Win Capsule
ତେଲ କ୍ୟାପ୍‌ସୁଲ
A Quality Product by Rajnish Wellness Limited
SS : Mahendra Pharma / ODD
Trade Enquiry : 08291288119
ପ୍ଲେ-ୱିନ୍ କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ | www.playwincapsule.com
ଯୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସଂସାଧନ ପ୍ରବନ୍ଧ ବିଭାଗ, ଭୁବନେଶ୍ୱର

**ଟେଣ୍ଡର ସୂଚନା**
(କେବଳ ଇଲେକ୍ଟ୍ରୋନିକ ଟେଣ୍ଡର ମାଧ୍ୟମରେ)

**ଇଲେକ୍ଟ୍ରୋନିକ୍ ଟେଣ୍ଡର- ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ସୁରକ୍ଷା ପରିସର ବହିର୍ଭୂତ ସ୍ଥାନ, ସଂଲଗ୍ନ ଗୃହ ଏବଂ ପାରିପାର୍ଶ୍ୱିକ ସ୍ଥାନରେ ଥିବା ଶୌଚାଳୟଗୁଡ଼ିକର ଦୈନିକ ସଫେଇ କାର୍ଯ୍ୟ ନିମନ୍ତେ ବାର୍ଷିକ କଣ୍ଟ୍ରାକ୍ଟ।**

ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏବଂ ନାମକରା କଣ୍ଟ୍ରାକ୍ଟରମାନଙ୍କଠାରୁ ଉପରୋକ୍ତ ଆନୁମାନିକ ବାର୍ଷିକ ୧୧ ଲକ୍ଷ ମୂଲ୍ୟର କାର୍ଯ୍ୟ ପାଇଁ ଜାନୁୟାରୀ ୧, ୨୦୨୦ଠାରୁ ଜୁନ୍ ୩୦, ୨୦୨୦ ପର୍ଯ୍ୟନ୍ତ ଛ'ମାସର ସମୟସୀମା ପାଇଁ ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କଠାରୁ **ଇ-ଟେଣ୍ଡର** ଆହ୍ୱାନ କରୁଛି। ଏହି କଣ୍ଟ୍ରାକ୍ଟଗୁଡ଼ିକ କଣ୍ଟ୍ରାକ୍ଟରମାନଙ୍କର ସନ୍ତୋଷଜନକ କାର୍ଯ୍ୟ ଆଧାରରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଗତ ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ। **ଏମ୍ଏସ୍‌ଟିସି ପୋର୍ଟାଲରେ 'ଟେଣ୍ଡର ଗ୍ରହଣର ଶେଷ ତାରିଖ' ଡିସେମ୍ବର ୦୨, ୨୦୧୯ ଦିନ ୧୨.୦୦ଟା** ପର୍ଯ୍ୟନ୍ତ ରହିଛି।

ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବା ପାଇଁ ଆରବିଆଇ ୱେବ୍‌ସାଇଟ୍ www.rbi.org.inର 'ଟେଣ୍ଡର ବିଭାଗ'ରେ ଲଗ୍‌ଇନ୍ କରନ୍ତୁ ତଥା ଟେଣ୍ଡର ଅପ୍‌ଲୋଡ୍ କରିବା ପାଇଁ https://mstcecommerce.com ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ

**D.D. Autonomous College, Keonjhar.**

**WALK-IN-INTERVIEW**

Walk-in-Interview will be conducted for engagement of Guest Faculty for two years regular B.Ed. Programme, at D.D.(Autonomous) College, Keonjhar for the Session 2019-20 on dt.05.11.2019 at 11:00 A.M in the College. The candidate should be of M.Sc. with M.Ed. Degree (55% Marks in both).

Interested candidates have to submit their biodata with all Original Testimonials and one recent passport size photograph, attached to the biodata form on the date of interview.

The undersigned reserves the right to stop/ cancel the interview /engagement at any time in case of arising situation without assigning any reason thereof.

Sd./-
Principal
D.D. (Auto) College,
Keonjhar

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMBBS2019050, ତା.25.10.2019ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ୍ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ସମୟାନୁସାର ପରୀକ୍ଷା ଓ ମରାମତି (POH) କାରଖାନାର ସ୍ଥାପନା ସମ୍ବନ୍ଧୀୟ ରୋଡ୍ କ୍ରସିଙ୍ଗ୍‌ଗୁଡ଼ିକର ସର୍ବେକ୍ଷଣ, ମାଟି ଅନ୍ୱେଷଣ, ବ୍ରିଜ୍‌ଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜଙ୍ଗଲ ଡାଇଭର୍ସନ (Diversion) ପ୍ରସ୍ତାବ ଇତ୍ୟାଦି ନିମନ୍ତେ ଜେନେରାଲ ଆରେଞ୍ଜମେଣ୍ଟ ଡ୍ରଇଂର ଡିଜାଇନ୍ ଏବଂ ପ୍ରସ୍ତୁତି, ନକ୍ସା (Plan) ପ୍ରସ୍ତୁତି ଭଳି ପ୍ରାଥମିକ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 55.13 ଲକ୍ଷ, EMD (ଟଙ୍କାରେ) : 1,10,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.11.2019 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-69/CC/19-20

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଯାଜପୁର
ବସୁଧା ପାଣ୍ଠି ଅନୁଦାନରେ ନିମ୍ନଲିଖିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ
ତା୦୧।୧୧।୨୦୧୯ରିଖ (ଶୁକ୍ରବାର)
ଧର୍ମଶାଳାର ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପ୍ରଣବ କୁମାର ବଳବନ୍ତରାୟଙ୍କ
କରକମଳରେ ସମାହିତ ହେବ।

୧. ପାଇକରାପୁର ଜଳଯୋଗାଣ- ଅଟକଳ ୬୪.୨୫ ଲକ୍ଷ
୨. କବାଟବନ୍ଧ ପାଣି ଟାଙ୍କି- ଅଟକଳ ୩୯.୨୬ ଲକ୍ଷ
୩. ଗୋବିନ୍ଦପୁର ଜଳଯୋଗାଣ- ଅଟକଳ ୮୯.୪୪ ଲକ୍ଷ
୪. ପୁରୁଣାବଉଳମାଳ ଜଳଯୋଗାଣ- ଅଟକଳ ୫୧.୮୦ ଲକ୍ଷ
୫. ପୋଦକ ଜଳଯୋଗାଣ- ଅଟକଳ ୭୨.୨୭ ଲକ୍ଷ
୬. ସୁଭଦ୍ରାପୁର ଜଳଯୋଗାଣ- ଅଟକଳ ୫୦.୩୭ ଲକ୍ଷ
୭. ପାଇକରାପୁର (କଣ୍ଠିଗାଡ଼ିଆ) ଜଳଯୋଗାଣ- ଅଟକଳ ୮୩.୪୦ ଲକ୍ଷ
୮. ହରିଦେଇପୁର ଜଳଯୋଗାଣ- ଅଟକଳ ୧୨୭ ଲକ୍ଷ
୯. ଫତେପୁର ଜଳଯୋଗାଣ- ଅଟକଳ ୫୮.୨୫ ଲକ୍ଷ
୧୦. ଉତ୍ତରଶାସନ ଜଳଯୋଗାଣ- ଅଟକଳ ୭୩.୫୫ ଲକ୍ଷ
୧୧. ନୋସ୍ତା ଜଳଯୋଗାଣ- ଅଟକଳ ୭୩.୭୫ ଲକ୍ଷ
୧୨. ଭାଲୁଖାଇ ଜଳଯୋଗାଣ- ଅଟକଳ ୧୨୦.୩୫ ଲକ୍ଷ

**ଆଲ୍ଲାହାବାଦ ବ୍ୟାଙ୍କ**
କିଟ୍ ଶାଖା
କୋଏଲ କ୍ୟାମ୍ପସ୍, କିଟ୍, ପଟିଆ, ଭୁବନେଶ୍ୱର - ୭୫୧୦୨୪

**ଦଖଲ ନୋଟିସ୍**
[ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ସହିତ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, କିଟ୍ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ରମାରାଣୀ ଡେକର ଟାଇଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ରଞ୍ଜିତ୍ ଜେନା, ପିତା: ଶ୍ରୀ କାହ୍ନୁ ଚରଣ ଜେନା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ କାହ୍ନୁ ଚରଣ ଜେନା, ୨) ଶ୍ରୀ ରାକେଶ ଜେନା, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ରାଏପୁର, ଭାୟା: ଫୁଲନଖରା, ଜିଲ୍ଲା: କଟକ-୭୫୪୦୦୧ | ୦୧.୦୮.୨୦୧୯ ସୁଦ୍ଧା ଟ.୧୭,୯୬,୯୯୩.୨୬ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୮.୨୦୧୯ / ୨୮.୧୦.୨୦୧୯ | ଶ୍ରୀ କାହ୍ନୁ ଚରଣ ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଏପୁର, ଖାତା ନଂ.:୧୭୧/୫୯, ପ୍ଲଟ୍ ନଂ.: ୪୬୭, କ୍ଷେତ୍ର: ଏକର୦.୦୪୦ଡିସିମିଲି, ଥାନା ନଂ.: ୧୮୦, ଥାନା: କଟକ ସଦର, ତହସିଲ: ବାରଙ୍ଗ, ଡିଏସ୍‌ଆରଓ: କଟକ, ଜିଲ୍ଲା: କଟକ, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ମେନକା ଓରଫ୍ ମିନା କୁମାରୀ ଦାସ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୧୦.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

## ସଂକ୍ଷେପରେ

### ଦଶିପୁର ପଞ୍ଚାୟତରେ କିରୋସିନ ହଡ଼ପ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୩୧।୧୦:** ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନେ କିରୋସିନ ପାଉ ନାହାନ୍ତି । ଏନେଇ ପଞ୍ଚାୟତବାସୀ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ଭେଟି ଡିଲରଙ୍କ ବିରୋଧରେ ମଙ୍ଗଳବାର ଅଭିଯୋଗ କରିଛନ୍ତି । ଅଭିଯୋଗକାରୀ ବିବେକାନନ୍ଦ ଦାଶ କହିଛନ୍ତି ଯେ, ଏହି ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ଜଣେ ଡିଲରଙ୍କ ବିରୋଧରେ ଅଭିଯୋଗ ଥିବାରୁ ତାଙ୍କୁ ନିଲମ୍ବିତ କରାଯାଇଛି । ତେବେ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଡିଲରଙ୍କୁ ନୂତନ ଭାବେ ନିଯୁକ୍ତ କରାଯାଇ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦିଆଯାଇଛି। କିନ୍ତୁ କିରୋସିନ ବଣ୍ଟନରେ ପୂର୍ବପରି ଅନିୟମିତତା ଲାଗି ରହିଛି । ଏପରି କି ହିତାଧିକାରୀଙ୍କୁ ବଣ୍ଟନ କରାଯାଉଥିବା ମାଗଣା ବିଦ୍ୟୁତ୍ ବଲ୍ ବାବଦରେ ୧୦ଟଙ୍କା ନିଆଯାଉଛି । ଏହି ଅବ୍ୟବସ୍ଥା ବିରୋଧରେ ଜିଲା ପ୍ରଶାସନକୁ ଆଜି ଅବଗତ କରାଯାଇଥିବା ସେ ପ୍ରକାଶ କରିଛନ୍ତି । ଅଭିଯୋଗପତ୍ର ପ୍ରଦାନ ସମୟରେ ପଞ୍ଚାୟତର ପ୍ରମୋଦ ପଣ୍ଡା, ଅକ୍ଷୟ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

### ଦୁର୍ନୀତି ମୁକ୍ତ ହେଲେ ରାଷ୍ଟ୍ରର ବିକାଶ ହେବ

**କେନ୍ଦ୍ରାପଡା ଅଫିସ, ୩୧।୧୦:** ଦୁର୍ନୀତି ଏକ ସାମାଜିକ ବ୍ୟାଧି । ଏହାର ମୂଳୋତ୍ପାଟନ ପାଇଁ ଜନସଚେତନତା ଓ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟ ନିଷ୍ଠା ଆବଶ୍ୟକ ବୋଲି ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମଙ୍ଗଳବାର ଆୟୋଜିତ ଏକ ଆଲୋଚନାଚକ୍ରରେ ଆଲୋଚକମାନେ ମତ ଦେଇଛନ୍ତି । ଜିଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗ ପକ୍ଷରୁ ଡିଆରଡିଏ ସଭାଗୃହରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ ସଂଯୋଜନା କରିଥିଲେ । ଏଥିରେ ଏଡିଏମ ବସନ୍ତ କୁମାର ରାଉତ, ଏଏସପି ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତି, ଶିକ୍ଷାବିତ ନନ୍ଦ କିଶୋର ପରିଡା, ଭିଜିଲାନ୍ସ ଡିଏସପି ସୁରେନ୍ଦ୍ରନାଥ ରାୟଗୁରୁ ଆଲୋଚକ ଭାବେ ଯୋଗ ଦେଇଥିଲେ । ଆଲୋଚକଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଥିଲେ ଯେ, ଦୁର୍ନୀତି ମୁକ୍ତ ହେଲେ ରାଷ୍ଟ୍ରର ବିକାଶ ଘଟିବ । ଏହି ଅବସରରେ ଯୋଗ ଦେଇଥିବା ଜିଲାର ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦୁର୍ନୀତି ବିରୋଧରେ ଲଢ଼ିବାକୁ ଶପଥ ପାଠ କରିଥିଲେ । ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସେହିପରି ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ରଚନା, ବିତର୍କ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଏକ ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା ।

### ମିଶନ ଶକ୍ତି ମହାସଂଘର ସଞ୍ଚୟ ଖାତା ବନ୍ଦକୁ ବିରୋଧ

**କେନ୍ଦ୍ରାପଡା ଅଫିସ, ୩୧।୧୦:** ସିଣ୍ଡିକେଟ ବ୍ୟାଙ୍କର ପଟ୍ଟାମୁଣ୍ଡାଇ ଶାଖାରେ ଥିବା ବଡମୋହନପୁର ପଞ୍ଚାୟତର ଭୋଳିବାବା ମିଶନ ଶକ୍ତି ମହାସଂଘର ସଞ୍ଚୟ ଖାତା ଗତ ଦେଢବର୍ଷ ଧରି ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି । ଏହାକୁ ମିଶନଶକ୍ତି ମହାସଂଘର ସଦସ୍ୟା ମାନେ ବିରୋଧ କରିଛନ୍ତି । ଏନେଇ ଅତିରିକ୍ତ ଜିଲାପାଳଙ୍କୁ ମଙ୍ଗଳବାର ଅଭିଯୋଗ ପତ୍ର ଦେଇଛନ୍ତି। ଏସମ୍ପର୍କରେ ସଭାନେତ୍ରୀ ଭାରତୀ ବେହେରା କହିଛନ୍ତି ଯେ, ଗତ ୨୦୦୯ ମସିହାରୁ ଏହି ସଞ୍ଚୟ ଖାତାରେ ଦେଣନେଣ ହେଉଥିଲା । ତେବେ ଗତ ଦେଢ଼ବର୍ଷ ପୂର୍ବ ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା ଅର୍ଥ ହେରଫେର କରିବାରୁ ସଞ୍ଚୟ ଖାତାକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି । ତେବେ ଇତିମଧ୍ୟରେ ମହାସଂଘର ନୂତନ କର୍ମକର୍ତ୍ତା ନିୟମ ଅନୁଯାୟୀ କାର୍ଯ୍ୟ କରୁଛନ୍ତି । ସଞ୍ଚୟ ଖାତା ବନ୍ଦ ରହିଥିବାରୁ ସଦସ୍ୟାଙ୍କର ସମସ୍ତ ପ୍ରାପ୍ୟ ମିଳୁନାହିଁ । ତୁରନ୍ତ ଏହି ସଞ୍ଚୟ ଖାତା ଚାଲୁ ନ କଲେ ଆନ୍ଦୋଳନ ହେବ ବୋଲି ସଭାନେତ୍ରୀ ବେହେରା ପ୍ରକାଶ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ସମ୍ପାଦିକା ଜୟନ୍ତୀ ଦାସ, କର୍ମକର୍ତ୍ତା କବିତା ଦଳାଇ, ତୃପ୍ତି ପରିଡା, ଗୌରୀପ୍ରଭା ସାହୁ, ମଞ୍ଜୁଲତା ମଣ୍ଡଳଙ୍କ ସମେତ ବହୁ ସଦସ୍ୟା ସାମିଲ ହୋଇଥିଲେ ।

■ ବର୍ଷା ଛାଡ଼ିବାର ପାଞ୍ଚଦିନ ବିତିଲା

# ଚାଷଜମିରେ ପାଣି : ଫସଲ ନଷ୍ଟ ଆଶଙ୍କା

**ଡେରାବିଶ,୩୧।୧୦(ସ୍ୱ.ପ୍ର.)**


ପାଟରେ ପାଣି ଜମିଛି ।

ନିକଟରେ ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷାରେ ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଚାଷ ଜମି ଏବେ ବି ପାଣିରେ ବୁଡି ରହିଛି । ବ୍ଲକର ଦେଶପୁର ପାଟ, ପଲେଇ ପାଟ, ଅଠରପଡା ପାଟ, ବାଲିଆ ପାଟ, ଏଣ୍ଡର ପାଟ, ନରସିଂହପୁର ପାଟ, ନୋଳସାହି ପାଟ, ଚାଟରାଚକଡା ପାଟ, ରଘୁଦେଇପୁର ପାଟ, ଗୁଆଳସିଂ ପାଟ, କାଉପଡା ପାଟ, ଠାକୁରହାଟ ପାଟ ରେ ପାଣି ଜମି ରହିଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା ରହିଛି । ସେହିପରି କୁରୁଜଙ୍ଗା, ନହଙ୍ଗ, ଛୋଟି, ମଙ୍ଗଳପୁର, ବେଣିପୁର, ବାରିମୂଳ ଓ କୁଶିଆପାଳ ସମେତ ଅନ୍ୟ ପଞ୍ଚାୟତରେ ରହିଥିବା ହଜାର ହଜାର ହେକ୍ଟର ଚାଷ ଜମି ବର୍ଷାଜଳରେ ବୁଡି ରହିଛି। ଏଥିଯୋଗୁ ଧାନ ସମେତ ପନିପରିବା ଫସଲର ବ୍ୟାପକ କ୍ଷତି ହୋଇଛି। ଏପରି ଦୁର୍ଦ୍ଦଶା ସମୟରେ ଏଯାବତ୍ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା କର୍ମଚାରୀ ସେମାନଙ୍କ ନିକଟରେ ପହଞ୍ଚି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ଡେରାବିଶ ବ୍ଲକ କୃଷି ଅଧିକାରୀ ପ୍ରଭାତ କୁମାର ସାମଲଙ୍କୁ ଯୋଗାଯୋଗ କରିବାରେ କହିଥିଲେ ଯେ, ପ୍ରାଥମିକ ଭାବେ ଡେରାବିଶ ବ୍ଲକ ଅଞ୍ଚଳର ଚାରି ଶହରୁ ଉର୍ଦ୍ଧ୍ୱ ହେକ୍ଟର ଖାଲୁଆ ଚାଷ ଜମିରେ ଲଗାଣ ବର୍ଷା ଜଳ ଜମି ରହିଥିବା ନେଇ ସେ ଜିଲା ଅଧିକାରୀଙ୍କ ନିକଟରେ ରିପୋର୍ଟ ଦାଖଲ କରିଛନ୍ତି। ଏହି ଜଳ ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ଚାଷ ଜମିରୁ ନିଷ୍କାସିତ ହୋଇ ନ ପାରିଲେ ଫସଲ ନଷ୍ଟ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି କହିଛନ୍ତି। ଏହାଛଡା ରାଜସ୍ୱ କର୍ମଚାରୀ, କୃଷି କର୍ମଚାରୀ ଓ କୃଷି ଓ ଉଦ୍ୟାନ କର୍ମଚାରୀଙ୍କ ଏକ ମିଳିତ ଟିମ୍ ବ୍ଲକ ଅଞ୍ଚଳର ଚାଷ ଜମିଗୁଡିକ ବୁଲି କେତେ ପରିମାଣର ଫସଲ କ୍ଷୟକ୍ଷତି ହୋଇଛି ସେ ସମ୍ପର୍କରେ ସର୍ଭେ କରିବେ ବୋଲି ଡେରାବିଶ ତହସିଲଦାର ଏକ ଚିଠି କରିଥିବା ନେଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଡେରାବିଶ ବ୍ଲକ ଅଞ୍ଚଳରେ ସର୍ବମୋଟ ୧୫ହଜାର ୪ଶହ ୬୬ ହେକ୍ଟର ଚାଷ ଜମି ରହିଛି । ଚଳିତବର୍ଷ ୧୧ହଜାର ହେକ୍ଟର ଜମିରେ ଧାନ ଫସଲ, ୩ ହଜାର ହେକ୍ଟର ଚାଷ ଜମିରେ ପନିପରିବା ଚାଷ ଓ ବଳକା ଚାଷ ଜମିରେ ଅନ୍ୟାନ୍ୟ ଫସଲ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଗତ ୨୪ ତାରିଖରେ ଡେରାବିଶ ବ୍ଲକ ଅଞ୍ଚଳରେ ୫୪ମିଲିମିଟର,୨୫ ତାରିଖରେ ସର୍ବାଧିକ ୧୦୧ଏମଏମ ଏବଂ ୨୬ ତାରିଖରେ ୨୬ମିଲିମିଟର ବର୍ଷା ହୋଇଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମିନି, ଜାମିନି, ମଧ୍ୟସ୍ଥି**
**ମନା କରିଛନ୍ତି ଅଗସ୍ତି ।**

ଅମିନମାନେ ଜମି ମାପକରି ମାଲିକାନା ସାବ୍ୟସ୍ତ କରନ୍ତି। ଯେତେ ଠିକ୍ ମାପ କଲେ ବି ଦୁଇପକ୍ଷ ସନ୍ତୁଷ୍ଟ ହୋଇ ପାରି ନ ଥାନ୍ତି। ଜାମିନିମାନେ ବ୍ୟକ୍ତିଗତ ମୁଚାଲିକା ଦେଇ ଥାନା ବା କୋର୍ଟରୁ ଲୋକକୁ ଆଣିଥାନ୍ତି। ସେହି ଲୋକ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହେ । ହାଜିର ହୋଇ କୈଫିୟତ ଦେବାକୁ ଦୌଡ଼େ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହରକତ ହୁଏ। ସେହିପରି ବର ଓ କନ୍ୟା ପକ୍ଷକୁ ମଙ୍ଗେଇ ମଧ୍ୟସ୍ଥ ବାହାଘର ସ୍ଥିର କରେ। ଦେବା ନେବାରେ ଅସୁବିଧା ହେଲେ ଦୁଇପକ୍ଷ ତାକୁ ଗାଳି ଦିଅନ୍ତି। ଏ ତିନୋଟିଯାକ କାମ ଅପ୍ରୀତିକର ହୋଇଥିବା ସ୍ଥଳେ ଏପରି କାମ ନ କରିବା ପାଇଁ ଅଗସ୍ତି ଋଷି ମନା କରିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅସକରାକୁ ଅସକରୀ**
**ଦଇବ ଦେଇଛି ଭେଟ କରି ।**

କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ଯେଉଁଠି ଏଇଭଳି ଯୋଡ଼ିଥାଏ, ସେଠି ଈଶ୍ୱରଙ୍କ କୃତ ବୋଲି ଭାବିନେବାକୁ ସମସ୍ତେ ବାଧ୍ୟ ହୋଇଥାନ୍ତି। ବର ଓ କନ୍ୟା ଉଭୟେ ସମଶ୍ରେଣୀର ହୋଇଥିବା ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ରାଜ୍ୟସ୍ତରୀୟ ଗୋ-ନବରାତ୍ର ମହୋତ୍ସବ

# ଗୋମାତା ଆମ ସଂସ୍କୃତିର ପ୍ରତୀକ

**ରାଜନଗର, ୩୧।୧୦(ଡି.ଏନ.ଏ.)**


ସତ୍‌ସଙ୍ଗରେ ଉପସ୍ଥିତ ସାଧୁସନ୍ଥ ।

ଗୋମାତା ଆମ ସଂସ୍କୃତିର ପ୍ରତୀକ। ବୈଦିକ ଯୁଗ ଠାରୁ ଆରମ୍ଭ କରି ଆଜିଯାଏଁ ହିନ୍ଦୁମାନଙ୍କର ଦ୍ୱିତୀୟ ମା'ର ସ୍ଥାନ ଗ୍ରହଣ କରି ଆସିଛି । ତେବେ ଆଜିର ଅର୍ଥ ସର୍ବସ୍ୱ ମଣିଷ ନିଜର ସ୍ୱାର୍ଥ ସାଧନ ପାଇଁ ଅନେକ ସମୟରେ ମଣିଷପଣିଆକୁ ବଳି ଦେଇ ଅମାନବୀୟ କାଣ୍ଡ ଭିଆଇ ଚାଲିଛି। ଯାହା ଆମ ସଂସ୍କୃତି ଓ ପରମ୍ପରାକୁ କୁଠାରାଘାତ କରୁଛି। ଗୋମାତାର ସୁରକ୍ଷା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍ ବୋଲି ରୁଦ୍ରବିହାର ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଛନ୍ତି। ଗୋସେବା ସମିତିର ସଭାପତି ସମର୍ପଣାନନ୍ଦ ଗିରିଙ୍କ ସଂଯୋଜନାରେ ବୁଧବାର ଦ୍ୱିତୀୟ ଦିନରେ ସାଧୁ ସନ୍ଥଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ପ୍ରାଣରୂପାନନ୍ଦ ସରସ୍ୱତୀ, ବାବା ଛନ୍ଦାଚରଣ ଦାସ, ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ, ଡ. ବିନାୟକ ରଥ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଅଲେଖ କୁମାର ଜେନା ଯୋଗଦେଇ ଗୋସୁରକ୍ଷା ଉପରେ ମତ ରଖିଥିଲେ। ଗୁରୁବାର ତୃତୀୟ ଦିନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହଜାରରୁ ଉର୍ଦ୍ଧ୍ୱ ମହିଳା ରାଜନଗର ଅଭିରାମ ପରମହଂସ ଆଶ୍ରମ ପୁଷ୍କରିଣୀରୁ ଜଳ ଉଠାଇ ଦୀର୍ଘ ୩ କିଲୋମିଟର ଚାଲି ଚାଲି ଗୋ-ନବରାତ୍ର ଉତ୍ସବ ପଡିଆରେ ପହଞ୍ଚିଥିଲେ। ଏହି କଳସ ଶୋଭାଯାତ୍ରା ସମୟରେ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସନ୍ଧ୍ୟାରେ ଗୋମାହାତ୍ମ୍ୟ ଉପରେ ଏକ କର୍ମଶାଳା ହୋଇଥିଲା।

### ୫ରୁ କ୍ରିକେଟ ପ୍ରଶିକ୍ଷଣ ଶିବିର ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୩୧।୧୦**

ସହରର ଗଣାମାହାଲସ୍ଥିତ ବାଲାବାବା କ୍ଲବ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ ଖେଳାଳିଙ୍କ ଉନ୍ନତି ପାଇଁ ପ୍ରତିବର୍ଷ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୫ ତାରିଖରୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ଶିବିର ଅନୁଷ୍ଠିତ ହେବ ବୋଲି କୋଚ ସୁବାସ ଚନ୍ଦ୍ର ସାହୁ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ କୋଚ ସାହୁ କହିଛନ୍ତି ଯେ, ଏହି ପ୍ରଶିକ୍ଷଣ ଶିବିର ଫଳରେ ଗ୍ରାମାଞ୍ଚଳର ପ୍ରତିଭା ଚିହ୍ନଟ ହୋଇ ପାରୁଛନ୍ତି ।

# ମିଳିନି ପ୍ରଶ୍ନପତ୍ର, ଏକକ ପରୀକ୍ଷା ଆଜି

**କେନ୍ଦ୍ରାପଡା ଅଫିସ, ୩୧।୧୦**

କେନ୍ଦ୍ରାପଡା ଜିଲାରେ ନଭେମ୍ବର ୧ ତାରିଖ ଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ପରୀକ୍ଷା ହେବ ବୋଲି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିପାଇଁ ଗତ ୨୫ ଓ ୩୦ ତାରିଖରେ ପ୍ରଶ୍ନପତ୍ର ଦୁଇଥରରେ ଆସିଛି। ତେବେ ସବୁ ଶ୍ରେଣୀ ପାଇଁ ସମସ୍ତ ବିଷୟର ପ୍ରଶ୍ନପତ୍ର ଗୁରୁବାର ରିପୋର୍ଟ ଲେଖା ପର୍ଯ୍ୟନ୍ତ ପହଞ୍ଚି ନାହିଁ । ପ୍ରଶ୍ନପତ୍ର ପାଇଁ ଡିପିସି ଅଫିସ, ଡିଇଓ ଅଫିସରେ ଶିକ୍ଷକଙ୍କ ଗହଳି ଲାଗିଥିଲେ ମଧ୍ୟ ପ୍ରଶ୍ନପତ୍ର ମିଳି ନ ଥିବାରୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି । ନିଜର ନାମ ଗୋପନ ରଖି କେତେଜଣ ଶିକ୍ଷକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଦ୍ୱିତୀୟ ଶ୍ରେଣୀର ଚିତ୍ରାଙ୍କନ ଓ ଗଣିତ ପ୍ରଶ୍ନ ଆସିନାହିଁ । ସେହିପରି ତୃତୀୟ ଶ୍ରେଣୀର ସାହିତ୍ୟ, ଚତୁର୍ଥ ଶ୍ରେଣୀର ସାହିତ୍ୟ ଓ ଚିତ୍ରାଙ୍କନ, ପଞ୍ଚମ ଶ୍ରେଣୀର ଇଂରାଜୀ, ବିଜ୍ଞାନ ଓ ଗଣିତ, ଷଷ୍ଠ ଶ୍ରେଣୀର ଉର୍ଦ୍ଦୁ, ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଉର୍ଦ୍ଦୁ, ଇତିହାସ, ଭୂଗୋଳ ଆଦି ପ୍ରଶ୍ନ ପତ୍ର ଯୋଗାଣ ହୋଇନାହିଁ । ସୂଚନାଯୋଗ୍ୟ ଯେ, ଜିଲାକୁ ଯେଉଁ ପ୍ରଶ୍ନପତ୍ର ଆସିଛି, ତାହା ପର୍ଯ୍ୟାପ୍ତ ନ ହେବାରୁ ଜେରକ୍ସ ହେଉଥିବା ବୁଧବାର ସୂଚନା ମିଳିଥିଲା । ଏ ସମ୍ପର୍କରେ ଡିପିସି ଦାୟିତ୍ୱରେ ଥିବା ଡିଇଓଙ୍କ ସହିତ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ । ସେହିପରି ଅଫିସରେ ସଂପୃକ୍ତ ଅଧିକାରିଣୀ ନ ଥିବାରୁ ଯୋଗାଯୋଗ ହୋଇ ପାରିନାହିଁ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

FINANCE FINANCE

ରଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
୧୨୪୦ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ରଣ | ବ୍ୟବସାୟ | ଗ୍ରୁପ୍ ରଣ
ଏଗ୍ରିକଲ୍ଚର ରଣ
ସବୁ ପ୍ରକାର ରଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ରଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ରଣ, ମହିଳାଙ୍କ ପାଇଁ ରଣ 2% ସୁଧ, 35% ସବ୍‌ସିଡି।
Call Now:
9716592470
Brahma Sahi, Nayagarh

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ରଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ରଣ ଧମାକା ରଣ ଧମାକା ରଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ରଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

KUBER FINANCE
Kuber ରଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ରଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ରଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ରଣ ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS BUSINESS

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ରଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ। ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466
8743042068

!! ରଣ ରଣ ରଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ରଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ରଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SEE COLOR DISPLAY CLASSIFIED
ON EVERY TUESDAY & FRIDAY



ବିବାହର ଏକମାତ୍ର ସତ୍ୟ ହେଉ ପରସ୍ପର ପ୍ରତି ଅନାବିଳ ଭଲ ପାଇବା।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ୧୨ରେ ବୋଇତ ବନ୍ଦାଣ ଉତ୍ସବ

ଧର୍ମଶାଳା,୩୧।୧୦(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନ ପକ୍ଷରୁ ୩୭ତମ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ଉପଦେଷ୍ଟା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଚୟନ, ସାଜସଜ୍ଜା, ବୋଇତ ନିର୍ମାଣ, ଶୋଭାଯାତ୍ରା, ଶାନ୍ତିଶୃଙ୍ଖଳା ସହିତ ଅନ୍ୟାନ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା ତଥା ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଅଭିନେତ୍ରୀ ସନମୀରା ଉତ୍ସବରେ ଅତିଥି ଭାବେ ଯୋଗଦେବା ପାଇଁ ବୈଠକରେ ସମସ୍ତେ ସ୍ୱୀକୃତି ପ୍ରଦାନ କରିଥିବା ଉପଦେଷ୍ଟା ରବି ଲାବଣ୍ୟ କହିଛନ୍ତି। ଏଥିସହ ଉତ୍ସବ ଦିନ ସ୍ଥାନୀୟ 'ବନ୍ଦେ ଉତ୍କଳ ଜନନୀ' କାର୍ଯ୍ୟାଳୟରୁ ଅତିଥିମାନଙ୍କୁ ଏକ ସୁସଜ୍ଜିତ ଖୋଲା ଗାଡିରେ ଶୋଭାଯାତ୍ରାରେ ନିଆଯାଇ ଶ୍ୟାମସୁନ୍ଦର ଜୀଉଙ୍କ ପୁଷ୍କରିଣୀରେ ପୂର୍ବାହ୍ନ ୧୦ଘଟିକା ସମୟରେ ବୋଇତ ବନ୍ଦାଣ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ବୋଇତ ବନ୍ଦାଣ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅଧିକ ସଂଖ୍ୟକ ପୋଲିସ ଏବଂ ଦମକଳବାହିନୀ ମୁତୟନ ନିମନ୍ତେ ଦୃଷ୍ଟି ଆକର୍ଷଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି। ଶେଷରେ ରଣଜିତ୍ ନାୟକ ଧନ୍ୟବାଦ ଦେଇଥିଲେ।

### ସୂର୍ଯ୍ୟମୁଖୀ ଫୁଲ ଚାଷ ପ୍ରୋତ୍ସାହନ ବୈଠକ

ବରୀ,୩୧।୧୦(ସ୍ୱ.ପ୍ର.): ବରୀ ବ୍ଲକ ଅଧୀନ ଧାରପୁର ପ୍ରାଥମିକ କୃଷି ସେବାସମବାୟ ସମିତି ପରିସରରେ ମଙ୍ଗଳବାର ସୂର୍ଯ୍ୟମୁଖୀ ଫୁଲ ଚାଷ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ସରୋଜ କୁମାର ଜେନାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଚାଷ ଶୀତଋତୁରେ କରାଗଲେ ଚାଷୀକୁଳ ଉପକୃତ ହୋଇପାରିବେ। ସାଧାରଣତଃ ଶୀତଋତୁରେ ଦୈବ ଦୁର୍ବିପାକ ଭଳି ସମସ୍ୟା ଦେଖା ଯାଇ ନ ଥାଏ। ସେଥିପାଇଁ ନଭେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ସୂର୍ଯ୍ୟମୁଖୀ ଚାଷ କରାଗଲେ ମାର୍ଚ୍ଚ ପରେ ଅମଳ ହୋଇପାରିବ। ଚାଷୀ ଏକର ପିଛା ୪୦ ହଜାର ଟଙ୍କା ପାଇପାରିବା ନେଇ ବୈଠକରେ ଆକଳନ କରାଯାଇଛି। କେନ୍ଦ୍ର ସରକାର ୨୦୧୮/୧୯ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କୁ ୧୦ ହଜାର ଟନ ସୂର୍ଯ୍ୟମୁଖୀ ଚାଷ ଧାର୍ଯ୍ୟ ରଖିଥିଲେ। ହେଲେ ରାଜ୍ୟରେ କେବଳ ଭଦ୍ରକ ଓ ଗଞ୍ଜାମରେ ଏହି ଚାଷ କରାଯାଇ ୫ ହଜାର ୩ଶହ ୬୬ କୁଇଣ୍ଟାଲ ଫସଲ ଅମଳ ହୋଇଥିବା ଜଣାପଡିଛି। ତେବେ ବରୀ ଅଞ୍ଚଳରେ ଏହି ଚାଷକୁ ପ୍ରୋତ୍ସାହନ ଦିଆଗଲେ ୨ ଶହ ଟନ୍‌ରୁ ଅଧିକ ସୂର୍ଯ୍ୟମୁଖୀ ଫସଲ ଅମଳ ହୋଇପାରନ୍ତା ବୋଲି ବୈଠକରେ କୁହାଯାଇଛି। ସୁଧାଂଶୁ ଜେନା, ପୁରୁଷୋତ୍ତମ ଜେନା, ଶମ୍ଭୁନାଥ ପରିଡା, ଶ୍ରୀକାନ୍ତ ଜେନା, ସରୋଜ ପରିଡା, ନବ କିଶୋର ସାମଲ, ବ୍ରଜ କିଶୋର ପାଣି, କୃଷ୍ଣ ଦଳାଇ, ରାଜକିଶୋର ଦାସ, ହର୍ଷବର୍ଦ୍ଧନ ଜେନାଙ୍କ ସହ ୭୦ରୁ ଊର୍ଦ୍ଧ୍ୱ ଚାଷୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବେପରୁଆ ଭାବେ ଚାଲିଛି ଶିଳ୍ପକୁ ଜଳଯୋଗାଣ

- ଖରାପ ଜଳମାପକ ଯନ୍ତ୍ର ବ୍ୟବହାର ଯୋଗୁ ରହୁନି ଠିକ୍ ହିସାବ
- ଆଇଡବ୍ଲ୍ୟୁସିଆର୍‌ସିଏମ୍ ପୋର୍ଟାଲରୁ ମିଳିଛି ସୂଚନା
- ଆବଶ୍ୟକ ପଦକ୍ଷେପ ନେବାକୁ ସଚିବଙ୍କ ନିର୍ଦ୍ଦେଶ

ଯାଜପୁର ଅଫିସ,୩୧।୧୦

ଲୋକେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ହେଲେ କେହି ଶୁଣୁ ନାହାନ୍ତି। ଅପରପକ୍ଷରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ଶତାଧିକ କ୍ୟୁସେକ ପାଣି କଳିଙ୍ଗନଗର ଶିଳ୍ପାଞ୍ଚଳର କାରଖାନାଗୁଡ଼ିକୁ ଯାଉଛି। ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ଅତି ଖରାପ ଫ୍ଲୋମିଟର(ଜଳ ମାପକ ଯନ୍ତ୍ର) ବସାଇ ବେପରୁଆ ଭାବେ ପାଣି ଯୋଗାଣ ହେଉଛି। ଏହା କାହାରି ଅଭିଯୋଗ ନୁହେଁ ଖୋଦ ଜଳ ସମ୍ପଦ ବିଭାଗର ଶିଳ୍ପକୁ ଜଳଯୋଗାଣ ପ୍ରସଙ୍ଗରେ ଅନୁଷ୍ଠିତ ବୈଠକରେ ଦର୍ଶାଯାଇଛି। ଉକ୍ତ ବୈଠକରେ ଆଇଡବ୍ଲ୍ୟୁସିଆର୍‌ସିଏମ୍(ଇଣ୍ଡଷ୍ଟ୍ରି ୱାଟର କଞ୍ଜମ୍ପସନ ଆଣ୍ଡ ରେଭିନ୍ୟୁ କଲେକ୍ସନ ମନିଟରିଂ) ପୋର୍ଟାଲରୁ ଏହି ତଥ୍ୟ ମିଳିଥିବା ସ୍ପେଶିଆଲ ସଚିବ ସୂଚନା ଦେଇଛନ୍ତି। ଏଥିପାଇଁ ଜଳ ସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ଆବଶ୍ୟକ ପଦକ୍ଷେପ ନେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। କେବଳ କଳିଙ୍ଗନଗରରେ ନୁହେଁ ରାଜ୍ୟର ୩୩ଟି କାରଖାନାକୁ ଖରାପ ଫ୍ଲୋମିଟରରେ ଜଳଯୋଗାଣ ହେଉଥିବା ନେଇ ସଚିବ ଜଣାଇଛନ୍ତି ।

କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନା ଚଳାଇବାକୁ ଅଚଳ ଜଳ ମାପକ ଯନ୍ତ୍ର (ୱାଟର ମିଟର) ଲଗାଇ ବର୍ଷବର୍ଷ ଧରି ବ୍ରାହ୍ମଣୀ ନଦୀଜଳ ଲୁଟ୍ ହେଉଛି। ଏହାଦ୍ୱାରା ବର୍ଷା ଅଭାବରୁ ବ୍ରାହ୍ମଣୀ ନଦୀଗର୍ଭ ଶୁଖିଲା ପଡ଼ିଥିବା ଦେଖିବାକୁ ମିଳିଛି। ରାଜ୍ୟର ଶିଳ୍ପ ବିକାଶ ପାଇଁ ସେବାକାରୀ ସଂସ୍ଥା ଭାବେ କାର୍ଯ୍ୟ କରୁଥିବା ଇଡ୍‌କୋ ଏନେଇ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। କମ୍ପାନୀ ସହିତ ସଲାସୁତୁରା କରି ମାସିକ ଭାବେ ଏକ ନିର୍ଦ୍ଦିଷ୍ଟ ଅର୍ଥ ଜଳକର ନେଇ ସରକାରଙ୍କୁ ଭୁଆଁ ବୁଲାଉଥିବା କୁହାଯାଉଛି। ଗରିବ ଚାଷୀଙ୍କ ହାତରୁ ନଦୀ ଜଳ ଛଡ଼ାଇ ବିକାଶ ନାମରେ ପୁଞ୍ଜିପତିଙ୍କ ହାତକୁ ଟେକିଦେବାରେ ରାଜ୍ୟରେ ଇଡ୍‌କୋ ସବୁଠୁ ଆଗରେ ରହିଥିବା ଏଥିରୁ ସ୍ପଷ୍ଟ ହେଉଛି। ତେବେ ଏନେଇ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ୨୩।୧୦।୨୦୧୯ ତାରିଖ ଅପରାହ୍ନ ୪ଟା ସମୟରେ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗର ସ୍ପେଶିଆଲ ସଚିବଙ୍କ କାର୍ଯ୍ୟାଳୟରେ ଶିଳ୍ପକୁ ଜଳଯୋଗାଣ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଇଡବ୍ଲ୍ୟୁସିଆର୍‌ସିଏମ୍ ଅନ୍‌ଲାଇନ ପୋର୍ଟାଲରେ ଫ୍ଲୋମିଟରର ସ୍ଥିତି ଉପରେ ଆଲୋଚନା ହୋଇଥିଲା। ତେବେ ଫ୍ଲୋମିଟର ସଂକ୍ରାନ୍ତରେ ହୋଇଥିବା ନୀରିକ୍ଷଣରେ ଜଣାପଡ଼ିଥିଲା ଯେ, ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଫ୍ଲୋମିଟର ଉପରେ କୌଣସି ନୀରିକ୍ଷଣ କରୁ ନାହାନ୍ତି। ଫଳରେ ପୋର୍ଟାଲରେ ଫ୍ଲୋମିଟରର ସ୍ଥିତି ଅତି ଖରାପ ବୋଲି ଜଣାପଡିଛି । ଏନେଇ ସଚିବ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଅନ୍‌ଲାଇନ ଡାସ ବୋର୍ଡର ଉନ୍ନତିକରଣ ଉପରେ ପରାମର୍ଶ ଦେଇଥିଲେ। ଏଥିରୁ ସ୍ପଷ୍ଟ ହୋଇଛି ଯେ, ଦୀର୍ଘଦିନ ଧରି ଶିଳ୍ପ କାରଖାନାଗୁଡ଼ିକ ଖରାପ ଫ୍ଲୋମିଟର ଲଗାଇ ମନଇଚ୍ଛା ନଦୀପାଣିକୁ ବ୍ୟବହାର କରୁଛନ୍ତି। ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍ ୩୩.୪୪୯ କ୍ୟୁସେକ, ଭିସା ଷ୍ଟିଲ ୬.୩୪୦କ୍ୟୁସେକ, ଟାଟା ଷ୍ଟିଲ ୭୪.୩୨୦କ୍ୟୁସେକ, ନୀଳାଚଳ ଇସ୍ପାତ ନିଗମ ୧୨.୯୪୦ କ୍ୟୁସେକ ଏବଂ ଅନ୍ୟ କାରଖାନାଗୁଡ଼ିକୁ ଇଡ୍‌କୋ ଜରିଆରେ ୮.୦୦୦ କ୍ୟୁସେକ ବ୍ରାହ୍ମଣୀ ପାଣି ଯୋଗାଣ ହେଉଛି। ଅତି ଖରାପ ଫ୍ଲୋମିଟର ଲଗାଇ ଶିଳ୍ପ କାରଖାନାଗୁଡିକ ବେଆଇନ ଭାବେ ଦୈନିକ ଗ୍ୟାଲେନ ଗ୍ୟାଲେନ ଜଳ ଶୋଷୁଥିବାରୁ ତଳମୁଣ୍ଡ ଅଞ୍ଚଳରେ ଅଧିକାଂଶ ନଦୀଗର୍ଭ ଶୁଖିଲା ପଡୁଛି। ଏସଂକ୍ରାନ୍ତରେ ଜାରକା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ବାମ ପ୍ରଶାଦ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି ଶିଳ୍ପକୁ ଜଳଯୋଗାଣ ପାଇଁ ସ୍ଥାପନ ହୋଇଥିବା ଫ୍ଲୋମିଟରକୁ ମାପ ଓ ଓଜନ ବିଭାଗ ଦ୍ୱାରା ପରୀକ୍ଷା କରାଯାଇ ବ୍ୟବହାର ହେଉଛି। ଏଥିପାଇଁ ନିୟମିତ ଭାବେ ଫ୍ଲୋମିଟର ନୀରିକ୍ଷଣ କରାଯାଉଛି। ଅନ୍‌ଲାଇନ ସିଷ୍ଟମରେ ମଧ ଫ୍ଲୋମିଟରକୁ ସଂଯୋଗ କରାଯାଇ ସ୍ଥିତି ଉପରେ ଯାଞ୍ଚ ହେଉଛି ବୋଲି ବିଶ୍ୱାଳ କହିଛନ୍ତି।

### ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ

ଧର୍ମଶାଳା,୩୧।୧୦(ଡି.ଏନ୍.ଏ.)

ଜାରକାସ୍ଥିତ ଜେମାଶୁଣୀ ମନ୍ଦିର ପରିସରରେ ଗୁରୁବାର ପୂର୍ବାହ୍ନରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୫ତମ ବଳିଦାନ ଦିବସ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ପାଳିତ ହୋଇଯାଇଛି। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଷାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ପ୍ରବକ୍ତା ମାନସ ରଞ୍ଜନ କର, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡା, ୧୧ନଂ ଜୋନ୍ ସଭାପତି ସୁଧାକର ରାଉତ, ୧୨ନଂ ଜୋନ୍ ସଭାପତି ପ୍ରଫୁଲ୍ଲ କୁମାର ରାୟ ଓ ଜିଲା ସାଧାରଣ ସମ୍ପାଦକ ମିହିର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନକୁଳ ଜେନା, ପ୍ରମୋଦ କୁମାର ଜେନା, କାଲୁଆ ରାଉତ, ଦାମୋଦର ବାରିକ, ସାଗର ପାଳ, ସେକ୍ ଏକବାଲ, ଅନୀଲ କୁମାର ସ୍ୱାଇଁ, ଦେବକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ଗୃହପାଳିତ ପ୍ରାଣୀଙ୍କୁ ବ୍ୟାପୁଛି ବଥ ରୋଗ

କାଳିଆପାଣି,୩୧।୧୦(ଡି.ଏନ୍.ଏ.)



ଯାଜପୁର ଜିଲା ସୁକିନ୍ଦା ବ୍ଲକ ଖଣି ଅଞ୍ଚଳରେ ଗୃହପାଳିତ ପ୍ରାଣୀଙ୍କଠାରେ ବଥ ରୋଗ ସଂକ୍ରମିତ ହେବାରେ ଲାଗିଛି। ଏହି ରୋଗରେ ପଡି ୩୦ରୁ ଊର୍ଦ୍ଧ୍ୱ ଛେଳି, ମେଣ୍ଢା, ବାଛୁରୀ, ଗାଈ, ମଇଁଷି ମୃତ୍ୟୁବରଣ କରିଥିବା ଜଣାପଡିଛି। ପ୍ରାଣୀ ଚିକିତ୍ସକଙ୍କ ପକ୍ଷରୁ ଦିଆଯାଉଥିବା ରୋଗ ପ୍ରତିଷେଧକ ଔଷଧ କାମ କରୁ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ପ୍ରାଣୀ ଚିକିତ୍ସକମାନେ ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ବହୁ ପଶୁ ପାଳକ ଅଭିଯୋଗ କରିଛନ୍ତି। ଦିନକୁ ଦିନ ବଥରୋରେ ଗୋରୁ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ବିଶେଷକରି ଗୋରୁଙ୍କ ଦେହରେ ପ୍ରଥମେ ବଥ ପରି ଫୁଲିବା ଆରମ୍ଭ ହେଉଛି। ଏହାର କୌଣସି ପ୍ରତିକାର ନ କରାଯିବାରୁ ଘା' ବଢିବା ସହ ଦେହରେ ପୋକ ହୋଇଯାଉଛନ୍ତି। ଫଳରେ ସପ୍ତାହ ମଧ୍ୟରେ ମୃତ୍ୟୁ ବରଣ କରୁଥିବା କଲରଙ୍ଗୀ ଗ୍ରାମର ଭୀମ ମହାନ୍ତ, ସାଧୁ ମୁଣ୍ଡା, ମକରା ମହାନ୍ତ, ରାଁସୋଳ ଗ୍ରାମର ରତ୍ନାକର ମହାନ୍ତ, ଦୁଃଖବନ୍ଧୁ ପରିଡ଼ା, ଜନାର୍ଦ୍ଦନ ମହାନ୍ତ କହିଛନ୍ତି। ବିଶେଷକରି ରାଁସୋଳ, କାଳିଆପାଣି, କାଙ୍କଡ଼ପାଳ, କଂସ, କୁହିକା, ପିମ୍ପୁଡ଼ିଆ ପଞ୍ଚାୟତରେ ଏହି ରୋଗ ବ୍ୟାପୁଥିବା ଜଣାପଡିଛି। ଏ ନେଇ ସୁକିନ୍ଦା ଭିଭିଏସ୍ ସଖେନ୍ଦୁ ରାୟଙ୍କୁ ପଚାରିବାରୁ, ଏବାବଦରେ ଏଲ୍‌ଆଇଙ୍କୁ ପଦକ୍ଷେପ ନେବାକୁ କହିଥିବା କହିଛନ୍ତି। ପଶୁପାଳକଙ୍କୁ କ୍ଷତିପୂରଣ ପ୍ରଦାନ ସହ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଭାଜପା ଯୁବନେତା ଦିଲୀପ କୁମାର ପାତ୍ର, ଲମ୍ବୋଦର ମହାନ୍ତ, ନରୋତ୍ତମ ମହାନ୍ତଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଜିଠାରୁ ୪ର୍ଥ ଧର୍ମଶାଳା ପୁସ୍ତକମେଳା

ଧର୍ମଶାଳା,୩୧।୧୦(ଡି.ଏନ୍.ଏ.)

ଧର୍ମଶାଳା ସାଧାରଣତନ୍ତ୍ର ଦିବସ ପାଳନ କମିଟି ଆନୁକୂଲ୍ୟରେ ୪ର୍ଥ ଧର୍ମଶାଳା ପୁସ୍ତକ ମେଳା ଶୁକ୍ରବାର ସନ୍ଧ୍ୟାରେ ଧର୍ମଶାଳା ବାଣୀପୀଠ ପଡ଼ିଆରେ ଉଦ୍‌ଘାଟିତ ହେବ। ଏହି ଅବସରରେ ଉଦ୍‌ଘାଟକ ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ମୁଖ୍ୟ ଅତିଥି ଯାଜପୁର ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଓ ମୁଖ୍ୟ ବକ୍ତାଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଶା ଉପାଦଷ୍ଟା ମଣ୍ଡଳୀ ଆବାହକ ଡ.ବିଜୟାନନ୍ଦ ସିଂ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପୁସ୍ତକମେଳା ୭ଦିନ ବ୍ୟାପୀ ଚାଲିବାକୁ ଥିଲାବେଳେ ପ୍ରତ୍ୟେକ ସନ୍ଧ୍ୟାରେ ସାରସ୍ୱତ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ମେଳାରେ ୪୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଥିବାବେଳେ ରାଜ୍ୟ ଓ ରାଜ୍ୟ ବାହାରରୁ ବହୁ ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଅଂଶଗ୍ରହଣ କରିବେ ବୋଲି କମିଟିର ସଭାପତି ତଥା ତହସିଲଦାର ସରୋଜ କୁମାର ପଣ୍ଡା ଏବଂ ସମ୍ପାଦକ ତଥା ଧର୍ମଶାଳା ଆରକ୍ଷୀ ନିରୀକ୍ଷକ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

### ସାଧାରଣ ବଣ୍ଟନ ଚାଉଳ କଳାବଜାର ମାମଲା

## ଜିଲା ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

ରସୁଲପୁର,୩୧।୧୦(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତରେ ସାଧାରଣ ବଣ୍ଟନ ଚାଉଳ କଳାବଜାରୀ ହେଉଛି। ମଙ୍ଗଳବାର ରାତିରେ ଏକ ଟ୍ରକ୍‌ରୁ ଚାଉଳ ବରଜପୁର ଗ୍ରାମର ଏକ କୋଠ ଘରେ ଖଲାସି ହେଉଥିବା ନେଇ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ନିର୍ଦ୍ଦେଶକ୍ରମରେ ରସୁଲପୁର ବ୍ଲକ ଯୋଗାଣ ଅଧିକାରୀ ଅନୁଜ କୁମାର ସାହୁଙ୍କ ନେତୃତ୍ୱରେ ଗୁରୁବାର ଏକ ୩ଜଣିଆ ତଦନ୍ତକାରୀ ଦଳ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବାରୁ ଏକ କୋଠଘରେ ଗଚ୍ଛିତ ଥିବା ଚାଉଳ ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟବସାୟୀଙ୍କ ବୋଲି ଜଣାପଡ଼ିଥିଲା। ତଦନ୍ତକାରୀଦଳ ସେମାନଙ୍କ କାଗଜପତ୍ରକୁ ଯାଞ୍ଚ କରିବା ସହ ଏନେଇ ସମ୍ପୃକ୍ତ ବ୍ୟବସାୟୀଙ୍କୁ ପଚରା ଉଚୁରା କରି ଫେରି ଆସିଥିଲେ। ଚାଉଳ ଖଲାସ କରୁଥିବା ଟ୍ରକ୍‌ଟି ଯୋଗାଣକାରୀ ସଂସ୍ଥାର ଏଲ-୨ ପ୍ରଫୁଲ୍ଲ କୁମାର ସାହୁଙ୍କ ବୋଲି ଅଭିଯୋଗ ହେଉଛି। ଏସମ୍ପର୍କରେ ସାହୁଙ୍କୁ ପଚାରିବାରୁ ତାଙ୍କର କୌଣସି ଟ୍ରକ୍ ଘଟଣା ଦିନ ରାତିରେ ବାରବାଟୀ ଯାଇ ନ ଥିଲା ବୋଲି ପ୍ରକାଶ କରିବା ସହ ତାଙ୍କର ଟ୍ରକ୍ ନିକଟସ୍ଥ ପାର୍କିଂ ନିକଟରେ ସର୍ବଦା ରଖାଯାଉଛି ଏବଂ ଟ୍ରକ୍‌ରେ ଯୋଗାଣ ବିଭାଗର ବ୍ୟାନର ଲାଗି ରହୁଛି। ତେଣୁ କିଏ କେଉଁଠୁ ଫଟୋ ନେଇଥିବ ସେ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି ସାହୁ କହିଛନ୍ତି। ଅନ୍ୟପକ୍ଷରେ ବ୍ଲକ ଯୋଗାଣ ଅଧିକାରୀ ସାହୁଙ୍କୁ ପଚାରିବାରୁ ସେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଘଟଣା ସ୍ଥଳକୁ ଯାଇଥିଲେ। ସେଠାରେ ମିଳିଥିବା ଚାଉଳ ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟବସାୟୀଙ୍କ ଥିଲା। ସେ ତାଙ୍କର କାଗଜପତ୍ର ଯାଞ୍ଚ କରିଥିଲେ। ଘଟଣାସ୍ଥଳରୁ କୌଣସି ଟ୍ରକ୍ ଜବତ କରାଯାଇ ନ ଥିବା ସାହୁ ସୂଚନା ଦେଇଛନ୍ତି । ଏନେଇ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରୁ ଏଦିଗରେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି । ବ୍ଲକ ଯୋଗାଣ ଅଧିକାରୀ ଓ ବିଡିଓଙ୍କୁ ଏନେଇ ରିପୋର୍ଟ ତଲବ କରାଯାଇଛି। ରିପୋର୍ଟ ହସ୍ତଗତ ହେବାପରେ ଏହାକୁ ଅନୁଧ୍ୟାନ କରି ଯାହାକିଛି ପଦକ୍ଷେପ ନେବେ ବୋଲି ହୋତା ପ୍ରକାଶ କରିଛନ୍ତି। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

### ବଡ଼ଚଣା ବ୍ଲକରେ ଆର୍ଥିକ ହେର୍‌ଫେର

## ୭ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

ରାଜ୍ୟ ଏଲ୍‌ଏଫ୍‌ଏ ନିର୍ଦ୍ଦେଶାଳୟରୁ କାର୍ଯ୍ୟାନୁଷ୍ଠାନ

ଯାଜପୁର ଅଫିସ,୩୧।୧୦

ଯାଜପୁର ଜିଲାର ବଡ଼ଚଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାରୀ ଅର୍ଥର ଅପବ୍ୟବହାର ପ୍ରମାଣିତ ହୋଇଛି। ମିଥ୍ୟା ବିଲ୍ ଭାଉଚର କରି ଲକ୍ଷାଧିକ ଟଙ୍କା ବାଟମାରଣା ହୋଇଥିବା ଲୋକାଲ ଫଣ୍ଡ ଅଡିଟ(ଏଲ୍‌ଏଫ୍‌ଏ)ରେ ଧରା ପଡ଼ିବା ପରେ ୪ ପଞ୍ଚାୟତର ୭ଜଣ ଠକ ଅଧିକାରୀଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଏହି ମର୍ମରେ ରାଜ୍ୟ ଲୋକାଲ ଫଣ୍ଡ ଅଡିଟ ନିର୍ଦ୍ଦେଶାଳୟର ଡେପୁଟି ଏକ୍‌ଜାମିନରଙ୍କ ପକ୍ଷରୁ ଓଡ଼ିଶା ଲୋକାଲ ଫଣ୍ଡ ଅଡିଟ ଆକ୍ଟ ୧୯୪୮ର ଧାରା ୯(୨) ଅନୁସାରେ ଏହି କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। କାରଣଦର୍ଶାଅ ନୋଟିସ ସଂଖ୍ୟା ୬୮୧୬/୩୧।୧୦।୨୦୧୯ରେ ସମ୍ପୃକ୍ତ ଠକ ଅଧିକାରୀଙ୍କୁ ନୋଟିସ ଜାରି କରି ୧୫ ଦିନ ମଧ୍ୟରେ ଆବଶ୍ୟକ ଉତ୍ତର ଗ୍ରହଣ କରିବାକୁ ଯାଜପୁର ଜିଲା ଅଡିଟ ଅଫିସରଙ୍କୁ ନିର୍ଦ୍ଦେଶ ହୋଇଛି । ବଡ଼ଚଣା ବ୍ଲକ ମାଣ୍ଟୁକା ପଞ୍ଚାୟତର କାର୍ତ୍ତିକ ମହାନ୍ତି, ଦର୍ପଣ ପଞ୍ଚାୟତର ନରୋତ୍ତମ ଶତପଥି, ଦୈତାରୀ ସାହୁ ଓ ରବୀନ୍ଦ୍ର କୁମାର ବେହେରା, ସୁଙ୍ଗୁଡା ପଞ୍ଚାୟତର ମଧୁସୂଦନ ଜେନା ଓ ଅମୀୟ କୁମାର ତ୍ରିପାଠୀ ଏବଂ ରୁଫୁର ପଞ୍ଚାୟତର କ୍ଷିରୋଦ କୁମାର ମଲ୍ଲିକଙ୍କୁ ନୋଟିସ କରିବାକୁ କୁହାଯାଇଛି। ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ ଉପରୋକ୍ତ ଅଧିକାରୀମାନେ ବିଭିନ୍ନ ଆର୍ଥିକ ହେରାଫେରିରେ ସଂପୃକ୍ତ ରହିଥିବା ଅଭିଯୋଗ ହୋଇଥିଲା। ଅଡିଟରେ ବିଭିନ୍ନ ଆର୍ଥିକ କାରବାରରେ ଅନିୟମିତତା ହୋଇଥିବା ଧରାପଡ଼ିଥିଲା। ତେବେ ସମ୍ପୃକ୍ତ ଅଧିକାରୀମାନେ ଉପଯୁକ୍ତ ଅନୁପାଳନ କରି ପାରି ନ ଥିବାରୁ ଏଭଳି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ମିଳିଛି ।

## ବରୀ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ବରୀ, ୩୧।୧୦(ସ୍ୱ.ପ୍ର)

ବରୀ ବ୍ଲକ୍ ଅଧୀନ ରାଜାତୋଟାସ୍ଥିତ ଆମ୍ରକାନନ ନୋଡ଼ାଲ୍ ଶିକ୍ଷାନିକେତନ ପରିସରରେ ଗୁରୁବାର ବରୀ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସୋବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ଶିଶୁଙ୍କର ବୌଦ୍ଧିକ, ଜ୍ଞାନକୌଶଳ, ବିକାଶ ପାଇଁ ସର୍ବଶିକ୍ଷା ଯୋଜନାରେ ସୁରଭି କାର୍ଯ୍ୟକ୍ରମ କରଯାଇଛି। ହେଲେ ବରୀ ବ୍ଲକରେ ଏହାର ପ୍ରଭାବ ପଡୁ ନ ଥିବା ଭଳି ଗୁରୁବାର ଏହି କାର୍ଯ୍ୟକ୍ରମ ସ୍ଥଳରେ ଦେଖିବାକୁ ମିଳିଛି। ମଞ୍ଚରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରୁଥିଲାବେଳେ ଦର୍ଶକ ଗ୍ୟାଲେରୀରେ କେତେଜଣ ଛାତ୍ରୀ ଗପସପ କରୁଥିବାବେଳେ କେତେଜଣ ଶିକ୍ଷକ ମଞ୍ଚଠାରୁ ଦୂରରେ ଏକ ବାରଣ୍ଡାରେ ବସି ଖଟି କରୁଥିବା ଦେଖିବାକୁ ମିଳିଥିଲା। ଯାହାକି ଏହି କାର୍ଯ୍ୟକ୍ରମର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇପାରିଲେ ସମାଜରେ ଭଲ ମଣିଷଟିଏ ହୋଇ ପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଓ ବାଙ୍କ ବିହାରୀ ପଣ୍ଡା, ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ସାମଲ, ଭଗବାନ ପଢ଼ିଆରୀ, ବୃନ୍ଦାବନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ବିଧାୟିକ ଦାସ ପ୍ରଦାନ କରିଥିଲେ। ଶେଷରେ ଅଶୋକ ସାମଲ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ। ସିଆରସି ପ୍ରମୋଦ ଦାସ, ବନୀତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କୀଟନାଶକ ପ୍ରୟୋଗ ସମ୍ପର୍କିତ କର୍ମଶାଳା

ରସୁଲପୁର,୩୧।୧୦(ଡି.ଏନ୍.ଏ.)

ରସୁଲପୁର ବ୍ଲକ କୃଷି ବିଭାଗପକ୍ଷରୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷୀଙ୍କୁ କୀଟନାଶକ ଔଷଧର ସଫଳ ପ୍ରୟୋଗ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହେଉଛି। ପରିବର୍ତ୍ତିତ ପାଣିପାଗ ଓ ରୋଗପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀମାନେ କୀଟନାଶକ ଔଷଧ ବ୍ୟବହାର କରୁଛନ୍ତି। ଏହାର ସଫଳ ପ୍ରୟୋଗକୁ ନେଇ ଚାଷୀମାନଙ୍କୁ ସତର୍କ ଓ ସଚେତନ କରିବା ପାଇଁ ଆଜି ଭୋଟକା ପଞ୍ଚାୟତରେ ଏକ ଶିବିର ଅନୁଷ୍ଠିତ ହୋଇଛି।

ପଞ୍ଚାୟତ କୃଷି କର୍ମଚାରୀ ଚନ୍ଦନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସହକାରୀ କୃଷି ଅଧିକାରୀ ଭାଗ୍ୟନିଧି ସାହୁ, ବ୍ଲକ ବୈଷୟିକ ପରିଚାଳକ ଶ୍ରୀନିବାସ ରାଉତରାୟ, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ମଲିକ ପ୍ରମୁଖ ସମ୍ବଳ ଅଧିକାରୀ ଭାବରେ ଯୋଗଦେଇ ଚାଷୀଙ୍କୁ କୀଟନାଶକ ବ୍ୟବହାରର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇ କହିଥିଲେ। ଅଧିକାରୀଙ୍କ ମତରେ ଚାଷୀମାନେ ଫସଲ ଜନିତ ରୋଗ ସମ୍ପର୍କରେ ଔଷଧ ଦୋକାନୀ ତଥା ଡିଲରଙ୍କ ସହ ପରାମର୍ଶ କରିବା ପରେ କୀଟନାଶକ ଖରିଦ କରନ୍ତୁ। ଏଥିସହ ଏହାକୁ ବ୍ୟବହାର କରିବା ସମୟରେ ଏହାର ଠିକ୍ ଡୋଜ୍ ଓ ପାଣିର ବ୍ୟବହାର କରିବାକୁ କୁହାଯାଇଛି । ଔଷଧ ସିଞ୍ଚନ ସମୟରେ ଚାଷୀମାନେ ଖାଲି ପେଟରେ ନ ରହିବା ଅଥବା ଖାଇ ସାରିବାପରେ କୀଟନାଶକ ବ୍ୟବହାରକୁ ବାରଣ କରାଯାଇଛି। ଔଷଧ ସିଞ୍ଚନ ପରେ ହାତକୁ ଭଲଭାବରେ ସଫାସୁତୁରା କରି ଖାଇବା ପାଇଁ ପରାମର୍ଶ ଦିଆଯାଇଛି। କୀଟନାଶକ ବ୍ୟବହାର ହୋଇଥିବା ପନିପରିବାକୁ ତତ୍‌କ୍ଷଣାତ୍ ବ୍ୟବହାର ନ କରିବାକୁ ମଧ କୁହାଯାଇଛି। ଉକ୍ତ ଶିବିରରେ ପଞ୍ଚାୟତର ୫୦ଜଣ ଅଗ୍ରଣୀ ଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ ।

# ୨୧ ପ୍ରତିଯୋଗୀ ଜିଲା ସୁରଭିକୁ ମନୋନୀତ

ରସୁଲପୁର,୩୧।୧୦(ଡି.ଏନ୍.ଏ.)

ବିଦ୍ୟାର୍ଥୀମାନଙ୍କ ଲୁକ୍କାୟିତ ପ୍ରତିଭା ବିକାଶ କରିବାର ମାଧ୍ୟମ ସାଜିଛି ସୁରଭି। ବହୁମୁଖୀ ପ୍ରତିଭାଧାରୀ ପିଲାମାନେ ସୁରଭି ମାଧ୍ୟମରେ ନିଜର ପାରାକାଷ୍ଠା ପ୍ରଦର୍ଶନ କରିପାରୁଛନ୍ତି ବୋଲି ଗୁରୁବାର ଯାଜପୁର ଜିଲା ରସୁଲପୁର ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ମତ ପ୍ରକାଶ ପାଇଛି । ଖଣ୍ଡିତର ନୋଡାଲ ହାଇସ୍କୁଲରେ ବିଆରସିସି ଭିକାରୀ ଚରଣ କବିଙ୍କ ଅଧ୍ୟକ୍ଷତାରେ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର, ମୁଖ୍ୟବକ୍ତା ଭାବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର, ସମ୍ମାନିତ ଅତିଥି ଭାବରେ ରସୁଲପୁର ସରପଞ୍ଚ ଗୋଲକ ବିହାରୀ ପଣ୍ଡା, ଶିକ୍ଷକ ସୁନନ୍ଦ କୁମାର ରାଉତ, ପରିଚାଳନା କମିଟିର ସଭାପତି ଆଲୋକ କୁମାର ସାହୁ, ସିଆର୍‌ସିସି ଦେବରାଜ ମିଶ, ଅନାଦି ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଠାରେ ବିଭିନ୍ନ କ୍ଲଷ୍ଟରରୁ ଯୋଗଦେଇଥିବା ବରିଷ୍ଠ(୯ମ ଓ ୧୦ମ), କନିଷ୍ଠ(୧ମ ରୁ ୮ମ) ପ୍ରତିଯୋଗୀଙ୍କୁ ନେଇ ୭ଟି ଲେଖାଏ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାଛଡ଼ା ଦଳଗତ ଇଭେଣ୍ଟ ଭାବରେ ଗୋଟିଏ ପ୍ରତିଯୋଗିତାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ମୋଟ ୨୧ଜଣ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ କରାଯାଇଛି। ଏହିକ୍ରମରେ ବରିଷ୍ଠ ବର୍ଗରୁ ତର୍କ ପ୍ରତିଯୋଗିତାରେ ମଧୁପୁର ନୋଡାଲ ହାଇସ୍କୁଲର ଆଶୁତୋଷ ରଣା, ବକ୍ତୃତାରେ ପଞ୍ଚାୟତ ନୋଡାଲ ହାଇସ୍କୁଲର ସାଗର ସାହୁ, ପ୍ରବନ୍ଧରେ ପଞ୍ଚାୟତ ହାଇସ୍କୁଲ ବଡ଼ କଇଁଚିର କିରଣମୟୀ ରଥ , ବିତର୍କରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଆଦମପୁରର ସାଗରିକା ପଣ୍ଡା, ଶ୍ରୁଜନଶୀଳ ଲିଖନରେ ମଧୁବନ ନୋଡାଲ ହାଇସ୍କୁଲର ସତ୍ୟପ୍ରକାଶ ସାହୁ, ଚିତ୍ରାଙ୍କନରେ ଲକ୍ଷ୍ମୀନଗର ପଞ୍ଚାୟତ ହାସସ୍କୁଲର ବିଶ୍ୱମିତ୍ରା ନାୟକ, ଭିନ୍ନକ୍ଷମ ଚିତ୍ରାଙ୍କନରେ ବନଦୁର୍ଗା ୟୁପି ସ୍କୁଲର ମାମୁନୀ ସାହୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସେହିପରି କନିଷ୍ଠ ବିଭାଗରେ ଶ୍ରୁଜନଶୀଳ ଲିଖନରେ ହରିପୁର ଉ.ପ୍ରା. ବିଦ୍ୟାଳୟର ତନୁଶ୍ରୀ ବରାଳ, ବକ୍ତୃତାରେ କୃଷ୍ଣପଡ଼ା ୟୁଜିଏମଇର ଶ୍ୱାତୀଶ୍ରୀ ଦେଓ, ଚିତ୍ରାଙ୍କନରେ ହିଙ୍ଗୁଳା ନୋଡାଲର ଦିବ୍ୟରଞ୍ଜନ ଭଦ୍ର, ହସ୍ତାକ୍ଷରରେ ମଧୁବନ ନୋଡାଲର ସ୍ୱପ୍ନାସୀମା ବୋଇତାଇ, କୁଇଜ୍‌ରେ ଜାବରା ନୋଡାଲର ସମ୍ପୂର୍ଣ୍ଣା ପ୍ରୀୟଦର୍ଶିନୀ ପୃଷ୍ଟି , ମଧ୍ୟାହ୍ନ ଭୋଜନ ପରିବେଶଣରେ ଲକ୍ଷ୍ମୀନଗର ନୋଡାଲର ବୈଜୟନ୍ତ ପଣ୍ଡା, ସଂଗୀତରେ କୃଷ୍ଣପଡା ୟୁଜିଏମଇର ସତ୍ୟସ୍ୱରୂପ ବାରିକ, ଦଳଗତ ନୃତ୍ୟରେ ହରିପୁର ୟୁପି ବିଦ୍ୟାଳୟକୁ ସଫଳତା ମିଳିଛି। ଏହି ବିଭାଗରେ ୬ଜଣ ପ୍ରତିଯୋଗୀ ରହିଛନ୍ତି। ଏହାଛଡା ଜଣେ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ମିଶାଇ ମୋଟ ୨୧ଜଣ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏମାନେ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଯାଜପୁର ଜିଲା ହାଇସ୍କୁଲରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବ୍ଲକ ଶିକ୍ଷା ବିଭାଗ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି ।

### ବ୍ଲକସ୍ତରୀୟ ସୁରଭି ଉଦ୍‌ଯାପିତ



ଜିଲାସ୍ତରକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।



"ଅନୁ ମଲିକଙ୍କ ଭଳି ଜଣେ ମି#ଠୁ ଅଭିଯୁକ୍ତଙ୍କୁ ଇଣ୍ଡିଆନ୍ ଆଇଡଲରେ ପୁଣି ବିଚାରକ ଭାବେ ନିଆଯିବା ଉଚିତ୍ ନ ଥିଲା।

-ସୋନା ମହାପାତ୍ର, ଗୀତିକାର

# ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଡାଟା ଚୋରି

**ନୂଆଦିଲ୍ଲୀ:** ହ୍ୱାଟ୍ସଆପ୍ ବ୍ୟବହାରୀଙ୍କ ପର୍ସନାଲ ଡାଟା (ବ୍ୟକ୍ତିଗତ ଗୋପନୀୟ ତଥ୍ୟ) ଚୋରି ହେବା ସହ ମୋବାଇଲ୍ ମଧ୍ୟ ହ୍ୟାକ୍ ହେଉଛି। ଇସ୍ରାଏଲର ସାଇବର ଇଣ୍ଟେଲିଜେନ୍ସ କମ୍ପାନୀ 'ଏନ୍ଏସ୍ଓ' ଏକ ସଫ୍ଟୱେର ମାଧ୍ୟମରେ ଭାରତୀୟ ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଉପରେ ନଜର ରଖୁଥିବା ଅଭିଯୋଗ ଆଣିଛି ହ୍ୱାଟ୍ସଆପ୍। ଏହି ସଫ୍ଟୱେର ଯୋଗେ ଦେଶର କେତେଜଣ ଖବରଦାତା, ସାମାଜିକ କର୍ମୀ ଓ ଆଇନଜୀବୀଙ୍କ ଉପରେ କମ୍ପାନୀ ନଜର ରଖୁଥିଲା। ନଜର ରଖାଯାଉଥିବା ଲୋକଙ୍କ ନାମ ଏ ପର୍ଯ୍ୟନ୍ତ ପ୍ରକାଶ କରାଯାଇ ନ ଥିଲେ ବି ସେମାନଙ୍କୁ ହ୍ୱାଟ୍ସଆପ୍ ପକ୍ଷରୁ ଫୋନ୍ କରି ଏ ସମ୍ପର୍କରେ ଜଣାଇ ଦିଆଯାଇଥିବା କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କୁହାଯାଉଛି କି, ମୋବାଇଲ୍‌ରୁ ଡାଟା ଚୋରି ପାଇଁ ଏନ୍ଏସ୍ଓ ପକ୍ଷରୁ ସଫ୍ଟୱେର ପେଗସିସ୍‌ର ବ୍ୟବହାର କରାଯାଇଥିଲା। ଏହି ସଫ୍ଟୱେର ଯେକୌଣସି ମୋବାଇଲରେ ଇନଷ୍ଟଲ କରିହେବ। ଏହି ସଫ୍ଟୱେର ଯୋଗେ କେବଳ ହ୍ୱାଟ୍ସଆପ୍‌ରେ ଏକ ମିସ୍‌କଲ୍ କରିବା ଦ୍ୱାରା ଉକ୍ତ ମୋବାଇଲଟି ସମ୍ପୂର୍ଣ୍ଣ ଅନ୍ୟଜଣଙ୍କ ନିୟନ୍ତ୍ରଣକୁ ଆସିଯାଇଥାଏ। ଏହି ଉପାୟରେ ଏ ପର୍ଯ୍ୟନ୍ତ ପ୍ରାୟ ୧୪ଶହ

## କମ୍ପାନୀକୁ ଜବାବ ମାଗିଲା ଆଇଟି ମନ୍ତ୍ରଣାଳୟ


ଭାରତୀୟଙ୍କ ଉପରେ ନଜର ରଖାଯାଇଥିବା ହ୍ୱାଟ୍ସଆପ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହ୍ୱାଟ୍ସଆପ୍ ପକ୍ଷରୁ ଏନ୍ଏସ୍ଓ କମ୍ପାନୀ ବିରୋଧରେ ସନ୍ ଫ୍ରାନ୍‌ସିସ୍କୋର ଏକ ଫେଡେରାଲ୍ କୋର୍ଟରେ ମାମଲା ଦାଏର କରାଯାଇଛି। ଅନ୍ୟପଟେ ହ୍ୱାଟ୍ସଆପ୍‌କୁ ଏ ନେଇ ଜବାବ ରଖିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ୪ ତାରିଖ ସୁଦ୍ଧା ଚିଠି ଲେଖି ଜବାବ ଦାଖଲ ପାଇଁ ହ୍ୱାଟ୍ସଆପ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

# ହାପି ବାର୍ଥଡେ ଇଲିଆନା



**ମୁମ୍ବାଇ:** ନିଜ ମନପସନ୍ଦର ସେଲିବ୍ରିଟିଙ୍କୁ ଅଧିକ ଜାଣିବାର ସୁଯୋଗ ଦେଇଥାଏ ସୋସିଆଲ ମିଡିଆ। ଏଣୁ ସେଲିବ୍ରିଟିମାନେ ମଧ୍ୟ ନିଜ ଫ୍ୟାନ୍‌ମାନଙ୍କୁ ଆକର୍ଷିତ କରି ବାନ୍ଧି ରଖିବାପାଇଁ ସୋସିଆଲ ମିଡିଆର ଭରପୂର ଫାଇଦା ଉଠାଇଥାନ୍ତି। ଏଭଳି ଜଣେ ସେଲିବ୍ରିଟି ହେଲେ ସୁନ୍ଦରୀ ଇଲିଆନା ଡି'କ୍ରୁଜ୍। ବି-ଟାଉନ୍‌ର ଏହି ବୋଲ୍ଡ ଅଭିନେତ୍ରୀ ସୋସିଆଲ ମିଡିଆରେ କିଭଳି ଚର୍ଚ୍ଚାରେ ରହିବେ, ସେ ବିଦ୍ୟା ତାଙ୍କୁ ଭଲ ଭାବେ ଜଣା। ତେବେ ଇଲିଆନା ଶୁକ୍ରବାର ଅର୍ଥାତ୍ ନଭେମ୍ବର ୧ରେ ପାଳନ କରିବେ ନିଜର ହାପି ବାର୍ଥ ଡେ। ଏଥିପାଇଁ ଜନ୍ମଦିନ ପୂର୍ବରୁ ନିଜ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଏକ ହଟ୍-ଫଟୋ ଶେୟାର କରି ଫ୍ୟାନ୍‌ମାନଙ୍କୁ ଇଲିଆନା ଦେଇଛନ୍ତି ବାର୍ଥ ଡେ ଟ୍ରିଟ୍, ଯାହାକୁ ନେଇ ଏବେ ଚର୍ଚ୍ଚା ହିଁ ଚର୍ଚ୍ଚା। ଇଲିଆନାଙ୍କ ଫ୍ୟାନ୍‌ମାନେ ତାଙ୍କ ବାର୍ଥ ଡେ ସେଲିବ୍ରେଶନ ବାବଦରେ ଜାଣିବାକୁ ଉତ୍ସୁକତାର ସହ ଅପେକ୍ଷା କରିଥିବାବେଳେ ସୋସିଆଲ ମିଡିଆରେ ତାଙ୍କର ଏଭଳି ଫଟୋ ଚହଳ ସୃଷ୍ଟି କରିଛି। ଫଟୋରେ ଇଲିଆନା ଏକ ନୀଳ ରଙ୍ଗର ବିକିନୀ ପିନ୍ଧିଥିବା ଦେଖିବାକୁ ମିଳିଛି। ଏହାସହ ସେ ସନ୍-ଗ୍ଲାସ୍ ମଧ୍ୟ ପିନ୍ଧିଛନ୍ତି। ଫଟୋଟି ଶେୟାର କରି ସେ କ୍ୟାପଶନ୍ ଦେଇଛନ୍ତି 'ଲାଷ୍ଟ ବିଟ୍ ଅଫ୍ ସନ୍ ବିଫୋର ଦ ବାର୍ଥ ଡେ'। ଇଲିଆନା ନିଜ ଜନ୍ମଦିନ ଠିକ୍ ପୂର୍ବରୁ ଏଭଳି ପୋଷ୍ଟ କରି ଫ୍ୟାନ୍‌ମାନଙ୍କୁ ଖୁସି କରିଦେଇଛନ୍ତି। ଏବେ ଶୁକ୍ରବାର ସେ କିଭଳି ନିଜ ବାର୍ଥ ଡେ ସେଲିବ୍ରେଶନ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର। ଇଲିଆନାଙ୍କ ବିକିନୀ ଫଟୋକୁ ସୋସିଆଲ ମିଡିଆରେ ଖୁବ୍ ଲାଇକ୍, ଶେୟାର ଓ କମେଣ୍ଟ ମିଳୁଛି। ଅନ୍ୟପକ୍ଷରେ ଇଲିଆନା ସେହି ଅଭିନେତ୍ରୀମାନଙ୍କ ମଧ୍ୟରୁ ଅନ୍ୟତମ, ଯେଉଁମାନେ ଖୁବ୍ କମ୍ ସମୟରେ ନିଜ ସୌନ୍ଦର୍ଯ୍ୟ, ଅଭିନୟ ଏବଂ ନିଆରା ବ୍ୟକ୍ତିତ୍ୱ ସାହାଯ୍ୟରେ ବଲିଉଡ୍‌ରେ ସଫଳତା ହାସଲ କରିପାରିଛନ୍ତି। ଆଗକୁ ସେ ମଲ୍‌ଟିଷ୍ଟାରର କମେଡି ଫିଲ୍ମ 'ପାଗଲ୍‌ପନ୍ତି'ରେ ନଜରକୁ ଆସିବେ। ଫିଲ୍ମରେ ତାଙ୍କ ବିପକ୍ଷରେ ଜନ୍ ଆବ୍ରାହମ୍‌ଙ୍କୁ ଦେଖିବାକୁ ମିଳିବ। ନଭେମ୍ବର ୨୨ରେ ଫିଲ୍ମଟି ରିଲିଜ୍ ହେବ। ଏହାଛଡ଼ା 'ଦ ବିଗ୍ ବୁଲ୍' ଫିଲ୍ମରେ ଇଲିଆନା ଅଭିଷେକ୍ ବଚ୍ଚନଙ୍କ ବିପକ୍ଷରେ ନଜରକୁ ଆସିବେ। 'ଦ ବିଗ୍ ବୁଲ୍' ୨୦୨୦ରେ ରିଲିଜ୍ ହେବ। ତେବେ ୩୩ ବର୍ଷୀୟା ଇଲିଆନାଙ୍କୁ ଅ । ମ ତ ର ଫ ରୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

# ବାଘର ସୁନାଦାନ୍ତ



**ବର୍ଲିନ:** ବାଘର ସୁନାଦାନ୍ତ। କଥାଟା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଚିକିତ୍ସା ବିଜ୍ଞାନ ଚମତ୍କାର ଯୋଗୁ ହିଂସ୍ର ବାଘ 'କାରା' ପାଟିରେ ଲାଗିଛି ସୁନାର କୃତ୍ରିମ ଦାନ୍ତ। ଏହି ଘଟଣା ଏବେ ଇଟାଲୀରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

ଅବାଧ ଶିକାର ଏବଂ ଚୋରା ଚାଲାଣ ଯୋଗୁ ବାଘ ଏବେ ବିରଳ ପ୍ରଜାତିର ଅନ୍ତର୍ଭୁକ୍ତ ହୋଇଛି। ବିଶେଷ କରି ରୟାଲ ବେଙ୍ଗଲ ଟାଇଗର ପ୍ରଜାତିର ବାଘ ବଂଶ ଏବେ ବିପଦରେ। ଭାରତ, ଚାଇନା ଏବଂ ଇଟାଲୀ ଭଳି ଦେଶ ବାଘ ଶିକାର ଏବଂ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ଚୋରାଚାଲାଣ ପାଇଁ ଦୁର୍ନାମ ମୁଣ୍ଡାଇଛନ୍ତି। ୫ବର୍ଷ ତଳେ ଶିକାରୀଙ୍କ କବଳରୁ 'କାରା'କୁ ଉଦ୍ଧାର କରାଯାଇଥିଲା। ଅଗଷ୍ଟରେ ଖେଳଣା ସହ ଖେଳୁଥିବାବେଳେ ଏହାର ଡାହାଣ ପାର୍ଶ୍ୱ ମୁଖ୍ୟ ଦାନ୍ତଟି ଭାଙ୍ଗି ଯାଇଥିଲା। ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ ବିଶେଷଜ୍ଞ। ଡେନମାର୍କର ପ୍ରାଣୀବିଜ୍ଞାନୀମାନେ ଜର୍ମାନୀରେ ବାଘଟିର ସଫଳ ଅସ୍ତ୍ରୋପଚାର କରିଥିଲେ। ୩ ସପ୍ତାହ ପରେ କୃତ୍ରିମ ସୁନା ଦାନ୍ତ ସହ 'କାରା' ଏବେ ସ୍ୱାଭାବିକ ଜୀବନ ଜିଉଁଛି।

'କାରା'ର ଦାନ୍ତ ଅପରେଶନ କରି ବାହାର କରିବା ଏବଂ ସେହି ସ୍ଥାନରେ ସୁନାର ଦାନ୍ତ ଲଗାଇବାକୁ ବେଶ୍ ପରିଶ୍ରମ କରିଥିଲେ ଡାକ୍ତରୀଦଳ। ଦୁଇ ପର୍ଯ୍ୟାୟରେ କରାଯାଇଥିବା ସର୍ଜରି ପାଇଁ ସେମାନଙ୍କୁ ଲାଗିଥିଲା ୪ ଘଣ୍ଟା ସମୟ। ଏଥିପୂର୍ବରୁ ଅଗଷ୍ଟରେ କ୍ଷତିଗ୍ରସ୍ତ ହୋଇଥିବା ଦାନ୍ତର ଆବଶ୍ୟକ ଚିକିତ୍ସା ମଧ୍ୟ କରାଯାଇଥିଲା। ଏ ନେଇ ବିଶେଷଜ୍ଞ ଟିମ୍‌ର ଜଣେ ସଦସ୍ୟ କହିଛନ୍ତି, ଦାନ୍ତ ଲଗାଯିବା ପରେ 'କାରା'କୁ ୩ ସପ୍ତାହ ଯାଏ ହାଡ଼ ନ ଥିବା ମାଂସ ଖାଇବାକୁ ଦିଆଯାଇଥିଲା। ପ୍ରଥମେ ପ୍ରଥମେ ଧାତୁ ତିଆରି ଦାନ୍ତ ସହ ସେ ବେଶ୍ ଅସହଜ ମନେ ହେଉଥିଲା। ଦୀର୍ଘ ଦିନ ଧରି ସୁନା ଦାନ୍ତକୁ ଜିଭ ଲଗାଇ ଚାଟୁଥିଲା। ବାଘର ଦାନ୍ତ ପ୍ରତ୍ୟାରୋପଣ ଘଟଣା ବେଶ୍ ଖୁସି ଦେଇଛି। ଏବେ ସେ ଠିକ୍ ଭାବେ ମାଂସ ଖାଇପାରୁଛି। ହେଣ୍ଟାଳ ଛାଡ଼ିବା ସମୟରେ ତା' ପାଟିର ସୁନା ଦାନ୍ତ ଝଟକୁଛି। ସର୍ଜରି ପରେ କରାଯାଇଥିବା ଏକ୍ସ-ରେରୁ ଉକ୍ତ ସୁନା ଦାନ୍ତ ଠିକ୍ ଭାବେ ଯୋଡ଼ି ହୋଇସାରିଥିବା ଜଣାପଡ଼ିଛି।

# ଦିନରେ ଶୋଇଲେ କମେ ମେଦବହୁଳତା



**ହାର୍ଭାର୍ଡ:** ଦିନରେ ଶୋଇଲେ ମେଦବହୁଳତା କମ୍ ହୋଇଥାଏ। ଏନେଇ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ ହୋଇଛି। ଦିନରେ ଶୋଇଲେ ଶରୀର ୧୦ ପ୍ରତିଶତ ଚର୍ବି କମିଯାଇଥାଏ। ଫଳରେ ମେଦବହୁଳତା ଦୂରେଇ ରହିଥାଏ। ନିୟମିତ ଦିନବେଳେ ଘଣ୍ଟାଏ ଶୋଉଥିବା ଲୋକଙ୍କ ସ୍ୱାସ୍ଥ୍ୟ ଅନ୍ୟ ଲୋକଙ୍କ ତୁଳନାରେ ସୁସ୍ଥ ରହିଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ତେବେ ପୂର୍ବରୁ କୁହାଯାଉଥିଲା ଯେ, ଦିନ ବେଳେ ଶୋଇଲେ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ। ମାତ୍ର ଏହି ରିପୋର୍ଟରେ ଏହାକୁ ଖଣ୍ଡନ କରାଯାଇଛି। ଦିନରେ କିଛି ସମୟ ଶୋଇଲେ ମାନସିକ ଅବସାଦ ଦୂର ହୋଇଥାଏ ବୋଲି ଗବେଷକ କହିଛନ୍ତି।

# ହଳଦୀ ପାଣିର ଔଷଧୀୟ ଗୁଣ



**ନୂଆଦିଲ୍ଲୀ:** ପ୍ରତିଦିନ ସକାଳେ ହଳଦି ପାଣି ପିଇଲେ ବହୁ ଫାଇଦା ମିଳିଥାଏ । ହଳଦି ପାଣିରେ କରକ୍ୟୁମିନ୍ ଅଧିକ ଥିବାରୁ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଉପଶମ କରିବାରେ ଏହା ସହାୟକ ହୁଏ। ରକ୍ତ ଶର୍କରାସ୍ତରକୁ ଏହା ସ୍ୱାଭାବିକ କରିଥାଏ। ଫଳରେ ଡାଇବେଟିସ୍ ରୋଗରୁ ମୁକ୍ତି ମିଳିଥାଏ। ହଳଦି ପାଣି ପିଇବା ଦ୍ୱାରା କିଡ୍‌ନୀ ଏବଂ ଲିଭରଜନିତ ରୋଗ ଆଶଙ୍କା କମ୍ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଏହାଦ୍ୱାରା ପେଟ ସମସ୍ୟାରୁ ମୁକ୍ତି ମିଳେ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ଶରୀରକୁ ସତେଜ ରଖିବାରେ ସହାୟକ ହୋଇଥାଏ। ଅଧଗ୍ଲାସ ହଳଦି ପାଣି ନିୟମିତ ପିଇଲେ ରକ୍ତ ପରିଷ୍କାର ହୋଇଥାଏ। ଫଳରେ ମୁହଁରେ ବ୍ରଣ ଉଠି ନ ଥାଏ।

# କୁକୁର ଦୂରକରେ ମାନସିକ ଅବସାଦ



**ବେଜିଂ:** କୁକୁରଙ୍କ ସହିତ କିଛି ସମୟ କାଟିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ସୁପ୍ରଭାବ ପଡ଼ିଥାଏ। ଏନେଇ ଚାଇନାର ବେଜିଂ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ଘରେ ପୋଷା କୁକୁର ସହିତ କିଛି ସମୟ ଖେଳିଲେ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭପ୍ରଦ ହୋଇଥାଏ। ଚାଇନାରେ ତାଲିମ୍ ପ୍ରାପ୍ତ କିଛି କୁକୁରଙ୍କ ସହାୟତାରେ ମାନସିକ ଅବସାଦ ଭୋଗୁଥିବା ରୋଗୀଙ୍କ ଚିକିତ୍ସା ସହଜରେ କରାଯାଇପାରୁଛି। ଏପରି କୁକୁରଙ୍କୁ ଲୋକେ କିଣି ଘରେ ପୋଷା ଭାବେ ରଖି ମନକୁ ଶାନ୍ତ କରି ପାରୁଛନ୍ତି। ଅଧ୍ୟୟନରୁ ମିଳିଥିବା ଜ୍ଞାନ ଆଧାରରେ ଏବେ ପୃଥିବୀର ଅନେକ ସ୍ଥାନରେ ଏଭଳି ତାଲିମପ୍ରାପ୍ତ କୁକୁରଙ୍କ ଦ୍ୱାରା ମାନସିକ ରୋଗୀଙ୍କ ଚିକିତ୍ସାର ପ୍ରୟାସ କରାଯାଉଛି।

# ଖୋଲିଲା ଜିରୋ ୱେଷ୍ଟ ଇକୋ ଷ୍ଟୋର୍

**ହାଇଦ୍ରାବାଦ:** ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ଆମ ପରିବେଶକୁ ସବୁଠାରୁ ଅଧିକ ନଷ୍ଟ କରିବା ସହ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରୁଛି। ବିଶ୍ୱକୁ ପଲିଥିନ୍ ମୁକ୍ତ କରିବା ପାଇଁ ଚାରିଆଡ଼େ ଉଦ୍ୟମ ଆରମ୍ଭ ହୋଇଛି। ତଥାପି ଏହା ସମ୍ପୂର୍ଣ୍ଣ ସଫଳ ହୋଇପାରିନାହିଁ। ହେଲେ ହାଇଦ୍ରାବାଦର ଦମ୍ପତି ଜ୍ୟୋତି ଏବଂ ପଙ୍କଜ ପଲିଥିନ୍‌ର ବ୍ୟବହାରକୁ ବନ୍ଦ କରିବା ପାଇଁ ଏକ ସୁନ୍ଦର ପ୍ରୟାସ ଆରମ୍ଭ କରିଛନ୍ତି। ଲୋକଙ୍କ ଅଭ୍ୟାସକୁ ବଦଳାଇ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଢ଼ିବା ପାଇଁ ଦୁହେଁ ଖୋଲିଛନ୍ତି 'ଜିରୋ ୱେଷ୍ଟ ଇକୋ ଷ୍ଟୋର୍'। ଏହି ଷ୍ଟୋର୍‌ରେ ୧୫୦ ପ୍ରକାର ଦୈନନ୍ଦିନ ବ୍ୟବହୃତ ଜିନିଷ




ବିକ୍ରି ହେଉଛି। ଏଠାରେ ରହିଥିବା ସମସ୍ତ ସାମଗ୍ରୀ ଅର୍ଗାନିକ୍ ଏବଂ ଏହି ଜିନିଷଗୁଡ଼ିକୁ ରଖିବା ପାଇଁ କାଚ ଏବଂ ଧାତୁ ବାକ୍ସ ବ୍ୟବହାର କରାଯାଉଛି। ସେପ୍ଟେମ୍ବରରେ ଖୋଲିଥିବା ଏହି ଷ୍ଟୋର୍‌ରେ ଚାଉଳ, ବିଭିନ୍ନ ଶସ୍ୟ, ଘର ତିଆରି ଆଚାର, ସ୍ନାକ୍ସ, କଫି ସ୍କ୍ରବ୍, ହର୍ବାଲ୍ ସାବୁନ୍ ସମେତ ମାଟି ପାତ୍ର, ପରିବେଶ ଉପଯୋଗୀ ବାସନକୁସନ ଓ କପଡ଼ା ବ୍ୟାଗ୍ ଆଦି ବିକ୍ରି ହେଉଛି। ଏଠାରେ ଜିନିଷ ରହୁଥିବା ସ୍ଥାନ(ଶେଲ୍‌ଭ୍) ଗୁଡ଼ିକ ମଧ୍ୟ ସ୍ୱତନ୍ତ୍ର ଏବଂ ସଫାସୁତରା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବିକ୍ରି ହେଉଥିବା ଅନେକ ଜିନିଷ ବିଶେଷ କରି ଆଚାର ଏବଂ ବ୍ୟାଗ୍‌ଗୁଡ଼ିକ ମହିଳାଙ୍କ ଦ୍ୱାରା ଘରେ ତିଆରି ହେଉଛି। ଷ୍ଟୋର୍‌ର ଅନ୍ୟ ଏକ ବିଶେଷତ୍ୱ ହେଲା ଗ୍ରାହକ ଏଠାରୁ ଜିନିଷ କିଣିବାକୁ ହେଲେ ସାଥିରେ କପଡ଼ା ବ୍ୟାଗ୍ ନେଇ ଆସିବାକୁ ପଡ଼ିବ। କାରଣ ଏଠାରେ ପ୍ଲାଷ୍ଟିକ୍ ବ୍ୟାଗ୍(ପଲିଥିନ୍) ସମ୍ପୂର୍ଣ୍ଣ ନିଷେଧ। ଦମ୍ପତି ପେସାରେ ଚାର୍ଟାଡ ଆକାଉଣ୍ଟାଣ୍ଟ ହୋଇଥିବାବେଳେ ନିଜେ ପ୍ରଥମେ ଚେନ୍ନାଇସ୍ଥିତ 'ଇକୋ ଇଣ୍ଡିଆନ୍' ନାମକ ଏକ ଷ୍ଟୋର୍‌ରୁ ସମସ୍ତ ଜିନିଷ କିଣୁଥିଲେ। ହେଲେ ସେମାନେ ହାଇଦ୍ରାବାଦ ଫେରିବା ପରେ ସେଠାରେ ଏଭଳି ଏକ ଷ୍ଟୋର୍ ନ ଥିବା ଯୋଗୁ ନିରାଶ ହୋଇଥିଲେ। ତେଣୁ ଚେନ୍ନାଇ, ବାଙ୍ଗାଲୁରୁ, ଗୋଆ ଭଳି ହାଇଦ୍ରାବାଦରେ ମଧ୍ୟ ଏକ ପରିବେଶ ଉପଯୋଗୀ ଷ୍ଟୋର୍ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ।

# ୧୦୦ କୋଟି କ୍ଲବ୍‌ରେ 'ହାଉସ୍‌ଫୁଲ୍-୪'

**ମୁମ୍ବାଇ:** ଅକ୍ଟୋବର ୨୫ରେ ରିଲିଜ୍ ହୋଇଥିବା ମଲ୍‌ଟିଷ୍ଟାରର କମେଡ଼ି ଫିଲ୍ମ 'ହାଉସ୍‌ଫୁଲ୍-୪' ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଯାଇଛି। ଫିଲ୍ମ ରିଲିଜ୍ ହେବାର ଦୁଇଦିନ ପର୍ଯ୍ୟନ୍ତ ଭଲ ବ୍ୟବସାୟ କରି ନ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ଦର୍ଶକଙ୍କୁ ମନୋରଞ୍ଜନ କରି ଭଲ ବ୍ୟବସାୟ କରିବାରେ ସଫଳ ହୋଇପାରିଛି। ଏହି ସଫଳତାରେ ଫିଲ୍ମର ପୂରା ଟିମ୍ ସେଲିବ୍ରେଶନ କରୁଛି। ଫିଲ୍ମରେ ନେଗେଟିଭ୍ କ୍ୟାରେକ୍ଟରରେ ନଜରକୁ ଆସିଥିବା ଶରଦ କେଲକର ଏନେଇ ଖୁବ୍ ଉତ୍ସାହିତ ଅଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଏକ ସୁନ୍ଦର ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ଫିଲ୍ମର ସଫଳତା ପରେ ସେଲିବ୍ରେଶନ କରୁଥିବା ଦେଖିବାକୁ ମିଳିଛି। ଭିଡିଓରେ ସେ କୁନି କୁନି ପିଲାଙ୍କ ସହ ଫିଲ୍ମର 'ବାଲା' ଗୀତରେ ନାଚି ସେଲିବ୍ରେଶନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଫିଲ୍ମକୁ ସମୀକ୍ଷକମାନେ ଭଲ ରିଭ୍ୟୁ ଦେଇ ନ ଥିଲେ ମଧ୍ୟ ଏହା ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଛି।



ଶରଦ କେଲକର

# ରଣବୀରଙ୍କ ସହ ପୁଣି ରୋମାନ୍ସ କରିବେ ପ୍ରିୟଙ୍କା

**ମୁମ୍ବାଇ:** ଫିଲ୍ମ ନିର୍ମାତା ସଞ୍ଜୟ ଲୀଲା ଭନ୍‌ସାଲୀ ଗୋଟିଏ ପରେ ଗୋଟିଏ ଫିଲ୍ମର ଘୋଷଣା କରି ଚାଲିଛନ୍ତି। କିଛି ଦିନ ତଳେ ସଞ୍ଜୟ 'ଗଙ୍ଗୁବାଇ' ଫିଲ୍ମର ଘୋଷଣା କରିଥିଲେ। ସେହିପରି ଏଇ ନିକଟରେ ତାଙ୍କର ଆଗାମୀ ପ୍ରୋଜେକ୍ଟର ନାମକୁ ମଧ୍ୟ ସେ ଘୋଷଣା କରିଛନ୍ତି। ଏହି ଫିଲ୍ମର ନାମ ହେଉଛି 'ବେଜୁ ବାୱରା'। ଜଣେ କଳାକାରର ପ୍ରତିଶୋଧକୁ ନେଇ ଫିଲ୍ମର କାହାଣୀଟି ଆଧାରିତ। ଭନସାଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦୨୧ ମସିହା ଦୀପାବଳି ଅବସରରେ ମୁକ୍ତିଲାଭ କରିବ ବୋଲି ଶୁଣିବାକୁ ମିଳିଛି। ଏପର୍ଯ୍ୟନ୍ତ ଫିଲ୍ମର କାଷ୍ଟିଂକୁ ନେଇ କୌଣସି ଘୋଷଣା କରାଯାଇ ନ ଥିଲେ ହେଁ, ଏଥିରେ ରଣବୀର ସିଂଙ୍କୁ ମୁଖ୍ୟ ଭୂମିକାରେ ସାଇନ କରାଯିବ ବୋଲି ଜଣାପଡ଼ିଛି। ଏଥିସହିତ ତାଙ୍କ ଅପୋଜିଟ୍‌ରେ ପ୍ରିୟଙ୍କାଙ୍କୁ ସାଇନ କରାଯିବ ବୋଲି ଚର୍ଚ୍ଚା ହେଉଛି। ଯଦି ଏପରି ହୁଏ ତେବେ ପ୍ରିୟଙ୍କା ଓ ରଣବୀରଙ୍କ ଯୋଡ଼ିକୁ ଦର୍ଶକେଚତୁର୍ଥ ଥର ଲାଗି ପରଦାରେ ଏକାଠି ଦେଖିବାକୁ ପାଇବେ। ଏହାପୂର୍ବରୁ ଉଭୟେ 'ବାଜିରାଓ ମସ୍ତାନୀ', 'ଗୁଣ୍ଡେ', ଦିଲ ଧଡ଼କନେ ଦୋ' ଫିଲ୍ମରେ ଏକାଠି କାମ କରିସାରିଛନ୍ତି। ଏହାବ୍ୟତୀତ ପ୍ରିୟଙ୍କା ରଣବୀରଙ୍କ ଫିଲ୍ମ 'ଗୋଲିୟୋଁ କି ରାସଲୀଲାର ରାମଲୀଲା'ର ଏକ ଆଇଟମ୍ ନମ୍ବର ପରିବେଷଣ କରିଥିଲେ। ସେହିପରି ଭନ୍‌ସାଲୀଙ୍କ ସହ ମଧ୍ୟ ରଣବୀର ଚତୁର୍ଥ ଥର ଲାଗି କାମ କରିବାକୁ ଯାଉଛନ୍ତି। ଏହାପୂର୍ବରୁ ରଣବୀର ଭନ୍‌ସାଲୀଙ୍କ ଫିଲ୍ମ 'ରାମଲୀଲା', 'ବାଜିରାଓ ମସ୍ତାନୀ' ଏବଂ 'ପଦ୍ମାବତ୍'ରେ କାମ କରିସାରିଛନ୍ତି।





❝ ଆଭ୍ୟନ୍ତରୀଣ ନିରାପତ୍ତା ମୋଦି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

# ରାଜ୍ୟ ମାନ୍ୟତା ହରାଇଲା ଜମ୍ମୁ ଓ କଶ୍ମୀର


## କଶ୍ମୀରରେ ମୁର୍ମୁ, ଲଦାଖରେ ମାଥୁର ଏଲ୍‌ଜି

ଶ୍ରୀନଗର/ଲେହ,୩୧।୧୦(ପି.ଟି.)


ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ-କଶ୍ମୀର ରାଜ୍ୟ ମାନ୍ୟତା ହରାଇଛି। ଏହି ଭୂଖଣ୍ଡକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଛି। ଲଦାଖ ରାଜଧାନୀ ଲେହରେ ରାଧାକୃଷ୍ଣ ମାଥୁର ଓ ଶ୍ରୀନଗରରେ ଗିରୀଶ ଚନ୍ଦ୍ର ମୁର୍ମୁ ଉପରାଜ୍ୟପାଳ(ଏଲ୍‌ଜି) ଭାବେ ଶପଥ ନେଇଛନ୍ତି।

ଜମ୍ମୁ-କଶ୍ମୀର ହାଇକୋର୍ଟର ମୁଖ୍ୟ ବିଚାରପତି ଗୀତା ମିତ୍ତଲ ଲେହସ୍ଥିତ ସିନ୍ଧୁ ସଂସ୍କୃତି ଅଡିଟୋରିୟମରେ ୧୯୭୭ ବ୍ୟାଚ୍‌ର ତ୍ରିପୁରା କ୍ୟାଡର ଆଇଏଏସ୍ ଅଫିସର ତଥା ପୂର୍ବତନ ପ୍ରତିରକ୍ଷା ସଚିବ ମାଥୁରଙ୍କୁ ଉପରାଜ୍ୟପାଳ ଭାବେ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଲେହ ଓ କାର୍‌ଗିଲ ପାର୍ବତ୍ୟାଞ୍ଚଳ ପରିଷଦର ଅଫିସର, ସେନା ଓ ଅର୍ଦ୍ଧସାମରିକ ବାହିନୀ, ଧାର୍ମିକ ନେତା ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ପରେ ମୁଖ୍ୟ ବିଚାରପତି ଶ୍ରୀନଗର ଯାଇ ରାଜ ଭବନରେ ମୁର୍ମୁଙ୍କୁ ଶପଥ ପାଠ କରାଇଥିଲେ। ଓଡ଼ିଶା ଜନ୍ମିତ ଗିରୀଶ ମୁର୍ମୁ ୧୯୮୫ ବ୍ୟାଚ୍‌ର ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର। ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ ଥାଇ ଉପରାଜ୍ୟପାଳ ନିଯୁକ୍ତି ପାଇବାରେ ସେ ହେଉଛନ୍ତି ସମ୍ଭବତଃ ପ୍ରଥମ ଅଫିସର। ଅର୍ଥ ମନ୍ତ୍ରଣାଳୟରେ ବ୍ୟୟ ବିଭାଗ ସଚିବ ଥିବା ମୁର୍ମୁଙ୍କର ଚଳିତ ମାସ ଶେଷରେ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପୂର୍ବରୁ ତାଙ୍କୁ ଉପରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା। ମୁଖ୍ୟ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମ୍ ମୁର୍ମୁଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଥିଲେ। ଶପଥ ଗ୍ରହଣ ଉତ୍ସବରେ ଭାଜପା ଲୋକ ସଭା ସଦସ୍ୟ ଯୁଗଳ କିଶୋର ଓ ରାଜ୍ୟ ସଭା ସଦସ୍ୟ ତଥା ପିଡିପି ସଭ୍ୟ ନାଜିର ଲୱେଙ୍କ ସମେତ ୨୫୦ରୁ ଊର୍ଦ୍ଧ୍ୱ ଅତିଥି ଯୋଗଦେଇଥିଲେ। ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଗିରୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅତି ଘନିଷ୍ଠ ଭାବେ ଜଣାଶୁଣା। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲାବେଳେ ଗିରୀଶ ତାଙ୍କର ଅତିରିକ୍ତ ପ୍ରମୁଖ ସଚିବ ଥିଲେ।

ଜମ୍ମୁ-କଶ୍ମୀର ରାଷ୍ଟ୍ରପତି ଶାସନାଧୀନ ଥିବାରୁ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉପରାଜ୍ୟପାଳଙ୍କ ଜରିଆରେ କେନ୍ଦ୍ରର ପ୍ରତ୍ୟକ୍ଷ ଶାସନାଧୀନ ରହିବ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏନେଇ ଗୁରୁବାର ସକାଳେ ଦୁଇଟି ଅଲଗା ବିଜ୍ଞପ୍ତି ଜାରି କରିଛନ୍ତି। ପ୍ରଥମ ଥର ଲାଗି ଗୋଟିଏ ରାଜ୍ୟ ଦୁଇଭାଗ ହୋଇ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଛି। ଫଳରେ ରାଜ୍ୟ ସଂଖ୍ୟା ୨୮କୁ ହ୍ରାସ ପାଇବା ସହ କେନ୍ଦ୍ରଶାସିତ ଅଞ୍ଚଳ ସଂଖ୍ୟା ୯କୁ ବୃଦ୍ଧି ପାଇଛି।



ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଏଲ୍‌ଜି ଭାବେ ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ଶପଥ ପାଠ କରାଉଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି ଗୀତା ମିତ୍ତଲ ।



ଲଦାଖ ରାଜଧାନୀ ଲେହରେ ଉପରାଜ୍ୟପାଳ ଭାବେ ଶପଥ ନେଉଛନ୍ତି ରାଧାକୃଷ୍ଣ ମାଥୁର ।

■ ଜାତିସଂଘକୁ ଜଣାଇଲେ ଆଇସିଜେ ଅଧ୍ୟକ୍ଷ

# ଭିଏନା ଚୁକ୍ତିର ଉଲ୍ଲଂଘନ କରିଛି ପାକ୍

ଜାତିସଂଘ,୩୧।୧୦ (ଆଇଏଏନ୍‌ଏସ୍)

ନୌସେନାର ପୂର୍ବତନ ଅଧିକାରୀ କୁଳଭୂଷଣ ଯାଦବ ମାମଲାରେ ପାକିସ୍ତାନ ଭିଏନା ଚୁକ୍ତିର ଉଲ୍ଲଂଘନ କରିଛି। ପାକିସ୍ତାନ ଜେଲରେ ଥିବା କୁଳଭୂଷଣଙ୍କୁ ଭାରତୀୟ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ପାଇଁ ଇସ୍‌ଲାମାବାଦ ଅନୁମତି ଦେଇନାହିଁ। ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ) ଅଧ୍ୟକ୍ଷ ଜଜ୍ ଅବ୍‌ଦୁଲକାୱି ଏ. ୟୁସୁଫ୍ ଜାତିସଂଘ ସାଧାରଣ ସଭା(ୟୁଏନ୍‌ଜିଏ)କୁ ଏନେଇ ଅବଗତ କରାଇଛନ୍ତି।

ୟୁଏନ୍‌ଜିଏର ୧୯୩ ସଦସ୍ୟ ବିଶିଷ୍ଟ ୭୪ତମ ଅଧିବେଶନରେ ଆଇସିଜେ ମୁଖ୍ୟ ୟୁସୁଫ୍ ବୁଧବାର କୁଳଭୂଷଣ ମାମଲାର ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ସମ୍ବୋଧିତ କରି ସେ କହିଛନ୍ତି, ଆଇସିଜେ ଗତ ଜୁଲାଇ ୧୭ରେ କୁଳଭୂଷଣ ମାମଲାର ରାୟ ଶୁଣାଇଛନ୍ତି। ୧୯୬୩ ଭିଏନା ଚୁକ୍ତିର ଅନୁଚ୍ଛେଦ ୩୬ରେ ଥିବା ବ୍ୟବସ୍ଥା ଅନୁସାରେ ପାକିସ୍ତାନ କୁଳଭୂଷଣଙ୍କୁ ଆଇନଗତ ସହାୟତା ଅଧିକାର ଅନୁମତି ପ୍ରଦାନ କରିନାହିଁ। ଏହା ଭିଏନା ଚୁକ୍ତିର ଉଲ୍ଲଂଘନ ବୋଲି ଶୁଣାଣି ବେଳେ ଅନ୍ତର୍ଜାତୀୟ ଅଦାଲତ ଜାଣିବାକୁ ପାଇଛନ୍ତି। ଏଥିଲାଗି ଉପଯୁକ୍ତ ଉପଚାର କରିବାକୁ ପାକିସ୍ତାନକୁ ନିର୍ଦ୍ଦେଶ ଦିଆଯାଇଛି। କୁଳଭୂଷଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବା ପାକିସ୍ତାନୀ ସେନା ଅଦାଲତକୁ ନିଜ ରାୟର ସମୀକ୍ଷା ଓ ପୁନର୍ବିଚାର କରିବାକୁ କୁହାଯାଇଛି। ତେବେ ଆଇସିଜେଙ୍କ ରାୟର ଅନୁପାଳନ କରି ନିଜ ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଯାଉଛି। ଭିଏନା ଚୁକ୍ତି ଅନୁସାରେ ତାଙ୍କୁ ଅଗଷ୍ଟ ୨ରେ ଆଇନଗତ ସହାୟତା ପ୍ରଦାନ ପାଇଁ ଇସ୍‌ଲାମାବାଦରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଆମନ୍ତ୍ରଣ କରାଯାଇଥିବା ବିଷୟ ଏହାର ଦିନକ ପୂର୍ବରୁ ଆଇସିଜେଙ୍କୁ ପାକିସ୍ତାନ ଜଣାଇଥିଲା। ସେପ୍ଟେମ୍ବର ୨ରେ ଭାରତ ପକ୍ଷରୁ ଗୌରବ ଆହଲୁୱାଲିଆ ପାକିସ୍ତାନୀ ଜେଲ୍‌ରେ କୁଳଭୂଷଣଙ୍କୁ ଭେଟିଥିଲେ। ୨୦୧୬ରେ କୁଳଭୂଷଣ ଗିରଫ ହେବା ପରେ ଏହା ହେଉଛି ଏହି ଧରଣର ପ୍ରଥମ ସହାୟତା ବୋଲି ଆଇସିଜେ ଅଧ୍ୟକ୍ଷ ୟୁସୁଫ୍ କହିଛନ୍ତି। ପ୍ରକାଶ ଯେ, ୪୯ ବର୍ଷୀୟ ଅବସରପ୍ରାପ୍ତ ନୌସେନା ଅଧିକାରୀ ଇରାନକୁ ବ୍ୟବସାୟ ପାଇଁ ଯାଇଥିବାବେଳେ ପାକିସ୍ତାନ ତାଙ୍କୁ ଅପହରଣ କରିନେଇଥିଲା। ୨୦୧୭ ଏପ୍ରିଲରେ କୁଳଭୂଷଣଙ୍କୁ ଗୁପ୍ତଚର ବୃତ୍ତି ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ପାକିସ୍ତାନର ଏକ ସାମରିକ ଅଦାଲତ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲା। ଭାରତ ଏହି ରାୟକୁ ଆଇସିଜେରେ ଚ୍ୟାଲେଞ୍ଜ କରିଥିଲା।



ଅବ୍‌ଦୁଲକାୱି ଏ. ୟୁସୁଫ୍



## ୟୁଏନ୍‌ଜିଏରେ କୁଳଭୂଷଣ ମାମଲାର ରିପୋର୍ଟ ଉପସ୍ଥାପନ

# 'ଇୟୁ ଏମ୍‌ପିଙ୍କ ଗସ୍ତ କଶ୍ମୀର ପ୍ରସଙ୍ଗକୁ ଆନ୍ତର୍ଜାତିକୀକରଣ କରିବା ପାଇଁ ନୁହେଁ'

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ୟୁରୋପୀୟ ସଂଘ (ଇୟୁ)ର ଏମ୍‌ପିମାନଙ୍କ ଜମ୍ମୁ-କଶ୍ମୀର ଗସ୍ତ ଉକ୍ତ ପ୍ରସଙ୍ଗକୁ ଆନ୍ତର୍ଜାତିକୀକରଣ କରାଇବା ଉଦ୍ଦେଶ୍ୟ ଆଦୌ ନୁହେଁ। ସେଥିପାଇଁ ଏଭଳି ପ୍ରତିନିଧି ଦଳ ଆନୁଷ୍ଠାନିକ ଚ୍ୟାନେଲ ଦେଇ ଆସିବାର ଆବଶ୍ୟକତା ନ ଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୃହତ୍ତର ଜାତୀୟ ସ୍ୱାର୍ଥକୁ ନେଇ ଏହି ଗସ୍ତ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା କି ନାହିଁ ତାହା ଦେଖିବା ହେଉଛି ବଡ଼ କଥା ବୋଲି ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ପ୍ରଥମ ଥର ଲାଗି ଗତ ମଙ୍ଗଳବାର ଇୟୁରୁ ୨୩ ଜଣିଆ ଏମ୍‌ପିଙ୍କର ଏକ ପ୍ରତିନିଧି ଦଳ ସେଠାକୁ ଦୁଇଦିନିଆ ଗସ୍ତରେ ଆସିଥିଲେ। ସେମାନେ ଜମ୍ମୁ-କଶ୍ମୀର ସ୍ଥିତି ଅନୁଧ୍ୟାନ କରିବା ସହ ୩୭୦ ଉଚ୍ଛେଦ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ମନ୍ତବ୍ୟ ଦେଇଛନ୍ତି। ଏହା ବ୍ୟତୀତ ଆତଙ୍କବାଦ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟକୁ ସେମାନେ ସମର୍ଥନ ଜଣାଇଛନ୍ତି। ସେମାନେ ସରକାରଙ୍କ ସହିତ ନୁହେଁ ଲୋକମାନଙ୍କ ସହ ମିଶିଥିଲେ। ତେଣୁ ଏହା କଶ୍ମୀର ପ୍ରସଙ୍ଗକୁ ଆନ୍ତର୍ଜାତିକୀକରଣ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ରବୀଶ କୁମାର କହିଛନ୍ତି।



# କେନ୍ଦ୍ରଶାସିତ ଅଞ୍ଚଳ ଗଠନ ବେଆଇନ: ଚାଇନା

ବେଜିଂ/ନୂଆଦିଲ୍ଲୀ,୩୧।୧୦(ପି.ଟି.)

ଜମ୍ମୁ-କଶ୍ମୀରକୁ ଦୁଇଭାଗ କରାଯାଇ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନ କରିବା ବେଆଇନ ବୋଲି ଗୁରୁବାର ଚାଇନା କହିଛି। ଚାଇନାର କେତେକ ଅଞ୍ଚଳକୁ ନିଜ ପ୍ରଶାସନିକ ସୀମାଭୁକ୍ତ କରିବା ଲାଗି ଭାରତ ନିଷ୍ପତ୍ତି ନେଇଥିବାରୁ ଏହା ବେଜିଂର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିଛି ବୋଲି ଏହାର ବହିର୍ବ୍ୟାପାର ବିଭାଗ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ ଗଣମାଧ୍ୟମକୁ କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଲାଗି ଭାରତର ଅଗଷ୍ଟ ୫ ନିଷ୍ପତ୍ତିକୁ ଚାଇନା ପୂର୍ବରୁ ବିରୋଧ କରିଥିଲା। ଭାରତ ଏକପାଖିଆ ଭାବେ ଏହାର ଘରୋଇ ଆଇନ ପରିବର୍ତ୍ତନ କରିବା ସହ ପ୍ରଶାସନିକ ବିଭାଜନ କରିଥିବାରୁ ଏହା ଚାଇନା ସାର୍ବଭୌମତ୍ୱ ବିରୋଧରେ ଯାଇଛି। ଏହା ବେଆଇନ ହୋଇଥିବାରୁ କୌଣସି ପ୍ରକାରେ କାର୍ଯ୍ୟକାରୀ ହୋଇପାରିବ ନାହିଁ ଏବଂ ଚାଇନାର ପ୍ରକୃତ ନିୟନ୍ତ୍ରଣରେ ଥିବା ଅଞ୍ଚଳକୁ ବଦଳାଯାଇପାରିବ ନାହିଁ ବୋଲି ଗେଙ୍ଗ୍ କହିଛନ୍ତି। ଚାଇନାର ଆଞ୍ଚଳିକ ସାର୍ବଭୌମତ୍ୱକୁ ସମ୍ମାନ ଦେବା ସହ ଚୁକ୍ତିନାମାକୁ ମାନିବା ଓ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ବେଜିଂ ନୂଆଦିଲ୍ଲୀକୁ ଆହ୍ୱାନ ଦେଇଛି।

ଅନ୍ୟପକ୍ଷରେ ଚାଇନାର ଅଭିଯୋଗକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଜମ୍ମୁ-କଶ୍ମୀରର ପୁନର୍ଗଠନ ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପର ଏବଂ ଏହା ଉପରେ ଅନ୍ୟ ଦେଶର ମନ୍ତବ୍ୟ ଆଶା କରାଯାଏ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ଏକ ବିସ୍ତୀର୍ଣ୍ଣ ଅଞ୍ଚଳକୁ ଚାଇନା ଅକ୍ତିଆର କରି ରଖିଥିବା ନୂଆଦିଲ୍ଲୀ କହିଛି। ତଥାକଥିତ ଚାଇନା-ପାକିସ୍ତାନୀ ସୀମା ରାଜିନାମା ୧୯୬୩ ଅନୁଯାୟୀ ଚାଇନା ପାକ୍ ଅଧିକୃତ କଶ୍ମୀର (ପିଓକେ)ରୁ ମଧ୍ୟ କିଛି ଭାରତୀୟ ଅଞ୍ଚଳକୁ କବ୍‌ଜା କରି ରଖିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି।



ଗେଙ୍ଗ୍ ଶୁଆଙ୍ଗ

## ଭାରତ କହିଲା ମୁଣ୍ଡ ଖେଳାଅନି

# ୮ ରାଜ୍ୟ ସଭା କମିଟି ପୁନର୍ଗଠିତ

**ନୂଆଦିଲ୍ଲୀ,୩୧।୧୦:** ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଗୁରୁବାର ୮ଟି ଗୃହ କମିଟିର ପୁନର୍ଗଠନ କରିଛନ୍ତି। ଦଳୀୟ ସହକର୍ମୀ ନାରାୟଣ ଲାଲ୍ ପଞ୍ଚରିୟାଙ୍କ ସ୍ଥାନରେ ଭାଜପା ନେତା ପ୍ରଭାତ ଝାଙ୍କୁ ଏଥିକ୍ସ କମିଟିର ଅଧ୍ୟକ୍ଷ କରାଯାଇଥିବାବେଳେ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ପିଟିଶନ୍ସ କମିଟି ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ଏହି ପଦବୀରେ ପ୍ରଭାତ ଝା ଥିଲେ। ରାଜ୍ୟ ସଭା ସଦସ୍ୟମାନଙ୍କ ବିରୋଧରେ ଅଭିଯୋଗ ଆସିଲେ ଏଥିକ୍ସ କମିଟି ଏହାର ଅନୁଧ୍ୟାନ କରିଥାଏ। ଉପରାଷ୍ଟ୍ରପତି ନାଇଡୁ କଂଗ୍ରେସ ଏମ୍‌ପି ଡ. ଟି. ସୁବ୍ବରାମି ରେଡ୍ଡୀଙ୍କୁ ସବ୍‌ଅର୍ଡିନେଟ ଲେଜିସ୍‌ଲେଶନ କମିଟି ଅଧ୍ୟକ୍ଷ ନିଯୁକ୍ତ କରିଥିବାବେଳେ ଏ. ନବନୀଥ କ୍ରିଷ୍ଣନ୍‌ଙ୍କୁ ସରକାରୀ ଆସ୍ୟୁରାନ୍ସ କମିଟି ଅଧ୍ୟକ୍ଷ, ଭାଜପା ଏମ୍‌ପି ଓମ୍‌ପ୍ରକାଶ ମାଥୁରଙ୍କୁ ଗୃହ କମିଟି ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ନିୟମ ଅନୁଯାୟୀ ରାଜ୍ୟ ସଭା ଅଧ୍ୟକ୍ଷ ବିଜ୍‌ନେସ୍ ଆଡଭାଇଜରି କମିଟି ଓ କମିଟି ଅଫ୍ ରୁଲ୍ସର ମୁଖ୍ୟ ହୋଇଥାନ୍ତି। ସେହିପରି ଉପାଧ୍ୟକ୍ଷ ପ୍ରିଭିଲେଜ୍ କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରିଥାନ୍ତି।



ଶିବସେନା ନେତା ଆଦିତ୍ୟ ଠାକ୍‌ରେଙ୍କ ସହ ଦଳୀୟ ବିଧାୟକମାନେ ଗୁରୁବାର ମୁମ୍ବାଇସ୍ଥିତ ରାଜଭବନରେ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ସ୍ମାରକପତ୍ର ଦେଉଛନ୍ତି।

# ଆର୍ଗନ-୪୦ର ସନ୍ଧାନ ପାଇଲା ଚନ୍ଦ୍ରୟାନ-୨

ବେଙ୍ଗାଲୁରୁ,୩୧।୧୦

ଭାରତ ପଠାଇଥିବା ଚନ୍ଦ୍ରୟାନ-୨ର ପ୍ଲେଲୋଡ୍ (ଚେସ୍-୨) ଚନ୍ଦ୍ରର ଏକ୍ସୋସ୍ପିୟରରେ ଆର୍ଗନ-୪୦ର ସନ୍ଧାନ କରିଥିବା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ସୂଚନା ଦେଇଛି। ଚନ୍ଦ୍ରପୃଷ୍ଠରେ ଥିବା ରେଡିଓଜେନିକ୍ ଗ୍ୟାସ୍ ମଧ୍ୟରେ ଆର୍ଗନ-୪୦ ହେଉଛି ନିଷ୍କ୍ରିୟ ଗ୍ୟାସ ଆର୍ଗନର ଏକ ଆଇସୋଟପ। ଏହା ଚନ୍ଦ୍ର ଏକ୍ସୋସ୍ପିୟରର ମୁଖ୍ୟ ଉପାଦାନ। ପୋଟାସିୟମ-୪୦ର ରେଡିଓଆକ୍ଟିଭ ଡିସିଣ୍ଟିଗ୍ରେଶନ୍‌ରୁ ଏହାର ସୃଷ୍ଟି ବୋଲି ଇସ୍ରୋ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଚନ୍ଦ୍ରପୃଷ୍ଠଠାରୁ ବହୁ ଗଭୀରରେ ପୋଟାସିୟମ-୪୦ ନ୍ୟୁକ୍ଲାଇଡ୍ ରହିଛି। ଆର୍ଗନ-୪୦ର ସନ୍ଧାନ କରିବା ଇସ୍ରୋ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଏହି ଆଇସୋଟପ୍ ସମ୍ପର୍କରେ ଏହା ପ୍ରଥମ ଅଧ୍ୟୟନ ନୁହେଁ। ପୂର୍ବରୁ କଲରାଡୋ ବୁଲ୍ଡର ବିଶ୍ୱବିଦ୍ୟାଳୟର ଆର୍. ରିଚାର୍ଡ ହଗ୍ସ ଚନ୍ଦ୍ରପୃଷ୍ଠରେ ଥିବା ଉପରୋକ୍ତ ଗ୍ୟାସ ସମ୍ପର୍କରେ ଅଧ୍ୟୟନ କରିଥିଲେ।

# '୩୭୦ ଉଚ୍ଛେଦ ଲାଗି ସର୍ଦ୍ଦାର ପଟେଲ ଉତ୍ସାହିତ କରିଥିଲେ'

କେଭଡ଼ିୟା(ଗୁଜରାଟ), ୩୧।୧୦

ଜମ୍ମୁ-କଶ୍ମୀରରୁ ୩୭୦ ଅନୁଚ୍ଛେଦ ଉଠାଇବା ଓ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପଛରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉତ୍ସାହ ରହିଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଆତଙ୍କବାଦ ଦୂର କରିବା ଓ ସେଠାକାର ବିକାଶକୁ ବହୁଗୁଣିତ କରିବା ଲାଗି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପଟେଲଙ୍କ ୧୪୪ତମ ଜୟନ୍ତୀ ଅବସରରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଦି କହିଛନ୍ତି, ଜମ୍ମୁ-କଶ୍ମୀର ଓ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ କରି କେବଳ ସୀମାରେଖା ଆଙ୍କିବା ଆମର ଉଦ୍ଦେଶ୍ୟ ନୁହେଁ। ଭାରତର ଏକତା, ଅଖଣ୍ଡତା ଓ ବିକାଶ ଲାଗି ସର୍ଦ୍ଦାର ପଟେଲଙ୍କ ଉତ୍ସାହ ରହିଆସିଥିଲା। ପାକିସ୍ତାନ ଯୁଦ୍ଧ ହାରିବା ଭୟରେ ଭାରତର ଏକତାକୁ ନଷ୍ଟକରିବାକୁ ଚାହୁଁଛି। ଆତଙ୍କବାଦ ଯୋଗୁ ୩ ଦଶନ୍ଧିରେ ୪୦ ହଜାର ଲୋକ ମଲେଣି। ତଥାପି ବିଭିନ୍ନତା ମଧ୍ୟରେ ଏକତାର ଆଦର୍ଶ ଭାରତ ଦେଖାଇ ଆସିଛି। ପଟେଲ ୫୦୦ରୁ ଅଧିକ ରାଜ୍ୟକୁ ଯୋଡ଼ି ଦେଶର ଏକତାକୁ ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୧୪ରୁ ତାଙ୍କ ଜନ୍ମଦିବସକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଇଆସୁଛି। ପ୍ରଧାନମନ୍ତ୍ରୀ ଗୁରୁବାର ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ପୁଷ୍ପମାଲ୍ୟ ଅର୍ପଣ କରି ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହି ଅବସରରେ ଅନୁଷ୍ଠିତ ଏକ୍‌ତା ପରେଡ୍‌କୁ ଦେଖିଥିଲେ। କେନ୍ଦ୍ର ସରକାରଙ୍କ ପଦକ୍ଷେପ ପଟେଲଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିଛି ବୋଲି ମୋଦି ପ୍ରକାଶ କରିଥିଲେ।





ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନୂଆଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶବିତ୍ ତଥା ସାମାଜିକ କର୍ମୀ ଚଣ୍ଡୀ ପ୍ରସାଦ ଭଟ୍ଟଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ସଂହତି ପୁରସ୍କାର ପ୍ରଦାନ କରୁଛନ୍ତି।

# ବ୍ୟାଙ୍କକ୍‌ରେ ୩୫ତମ ଆସିଆନ ସମିଟ୍ ଆରମ୍ଭ

**ବ୍ୟାଙ୍କକ୍,୩୧।୧୦:** ୩୫ତମ ଆସିଆନ୍ (ଦକ୍ଷିଣପୂର୍ବ ଏସିଆ ରାଷ୍ଟ୍ରସଂଘ) ଶିଖର ସମ୍ମିଳନୀ ଗୁରୁବାର ବ୍ୟାଙ୍କକ୍‌ଠାରେ ଆରମ୍ଭ ହୋଇଛି। ଏହା ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଇମ୍ପାକ୍ଟ କନ୍‌ଭେନ୍‌ଶନ କମ୍ପ୍ଲେକ୍ସରେ ଉକ୍ତ ସମ୍ମିଳନୀକୁ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରୟୁତ୍ ଚାନ୍-ଓ-ଚା ଉଦ୍‌ଘାଟନ କରିଛନ୍ତି। ଆସିଆନ୍‌ରେ ୧୦ ରାଷ୍ଟ୍ର ସଦସ୍ୟ ରହିଛନ୍ତି। ଉକ୍ତ ଅଞ୍ଚଳରେ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସହଯୋଗ ବୃଦ୍ଧି କରିବା ଏହି ସଂଗଠନର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଓ ୪ ତାରିଖରେ ଉକ୍ତ ଶିଖର ସମ୍ମିଳନୀରେ ଯୋଗଦେବେ। ଏହି ଅବସରରେ ପୂର୍ବ ଏସିଆ ସମିଟ (ଇଏଏସ୍) ଏବଂ ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ସମିଟ୍ (ଆର୍‌ସିଇପି) ମଧ୍ୟ ଅନୁଷ୍ଠିତ ହେବ। ୧୦ ସଦସ୍ୟ ରାଷ୍ଟ୍ର ବ୍ୟତୀତ ଭାରତ, ଆମେରିକା, ଚାଇନା, ଜାପାନ, କୋରିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଏହି ସମିଟ୍‌ରେ ଯୋଗ ଦେଉଛନ୍ତି। ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ଆମନ୍ତ୍ରଣକ୍ରମେ ମୋଦି ୨ରୁ ବ୍ୟାଙ୍କକ୍ ଗସ୍ତରେ ଯାଉଥିବା ପୂର୍ବାଞ୍ଚଳ ସଚିବ ବିଜୟ ଠାକୁର ସିଂ କହିଛନ୍ତି। ସେ ୧୬ତମ ଆସିଆନ-ଭାରତ ସମିଟ୍, ୧୪ତମ ପୂର୍ବ ଏସିଆ ସମ୍ମିଳନୀ ଏବଂ ତୃତୀୟ ଆର୍‌ସିଇପି ସମିଟ୍‌ରେ ଯୋଗଦେବେ।

ଇତିହାସର ଆଇନାରେ

## ନଭେମ୍ବର ୧ର ପ୍ରମୁଖ ଘଟଣା

୧୯୮୪ ନଭେମ୍ବର ୧ରେ ଶିଖ୍‌ବିରୋଧୀ ହିଂସାକାଣ୍ଡ ଭାରତରେ ବ୍ୟାପିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଦୁଇ ଶିଖ୍ ଅଙ୍ଗରକ୍ଷୀ ହର୍‌ଦୀପ ସିଂ ଓ ଅବ୍‌ତାର ସିଂ ହତ୍ୟାକରିବାର ଦିନକ ପରେ ଏହା ଦଙ୍ଗାର ରୂପ ନେଇଥିଲା।

୨୦୧୨ ନଭେମ୍ବର ୧ରେ ସାଉଦି ଆରବର ରାଜଧାନୀ ରିୟାଧ୍‌ରେ ଗୋଟିଏ ତେଲବୋଝେଇ ଟ୍ୟାଙ୍କର ଏକ ବ୍ରିଜ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇ ବିସ୍ଫୋରଣ ହେବାରୁ ଏଥିରେ ୨୬ ଜଣଙ୍କ ପ୍ରାଣହାନି ଘଟିଥିଲା। ପ୍ରାୟ ୧୩୫ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ।

# ମାଡ଼ିଆସୁଛି ବାତ୍ୟା 'ମହା'

ଚେନ୍ନାଇ, ୩୧।୧୦(ପି.ଟି.)

ଆରବସାଗରରେ ମାଡ଼ିଆସୁଛି ବାତ୍ୟା'ମହା'। ଏହା ଲାକ୍ଷାଦ୍ୱୀପ ମୁହାଁ ହେଉଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ରୂପ ଧାରଣ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଘଣ୍ଟାପ୍ରତି ୧୧୦ କି.ମି. ବେଗରେ ପବନ ବହିବା ସହ ବର୍ଷା ଲାଗିରହିବ। ଦକ୍ଷିଣ-ପୂର୍ବ ଆରବ ସାଗର ଅଞ୍ଚଳ ଓ ଲାକ୍ଷାଦ୍ୱୀପରେ ଏହା ତାଣ୍ଡବ ରଚିବାର ଆଶଙ୍କା କରାଯାଉଛି। ସମୁଦ୍ରରେ ୧ ମିଟରରୁ ଊର୍ଦ୍ଧ୍ୱ ଜୁଆର ଏହି ସମୟ ମଧ୍ୟରେ ଦେଖାଦେବ। ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବା ଲାଗି ବାରଣ କରାଯାଇଛି। ବାତ୍ୟା ପ୍ରଭାବରେ ଲାକ୍ଷାଦ୍ୱୀପ, ତାମିଲନାଡୁ, ପୁଡୁଚେରୀରେ ୨୪ ଘଣ୍ଟାକାଳ ପ୍ରବଳ ବର୍ଷା ହେବ ବୋଲି ଜଣାପଡ଼ିଛି।

# ରାଜନୈତିକ ବିଜ୍ଞାପନ ବନ୍ଦ କରିବ ଟ୍ୱିଟର

ନ୍ୟୁୟର୍କ,୩୧।୧୦

ସୋସିଆଲ ମିଡିଆ ଟ୍ୱିଟର ରାଜନୈତିକ ବିଜ୍ଞାପନ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବା ଏହାର ସିଇଓ ଜାକ୍ ଡୋର୍‌ସେ ଘୋଷଣା କରିଛନ୍ତି। ଟ୍ୱିଟର ଜରିଆରେ ବିଶ୍ୱ ସ୍ତରରେ ସମସ୍ତ ରାଜନୈତିକ ବିଜ୍ଞାପନ ବନ୍ଦ କରିବା ଲାଗି ନିଷ୍ପତ୍ତି ହୋଇଛି। ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ ଏବଂ ବିଶ୍ୱବ୍ୟାପୀ ସମସ୍ତ ନିର୍ବାଚନୀ ଓ ରାଜନୈତିକ ବିଜ୍ଞାପନ ପାଇଁ ଲାଗୁ ହେବ। ଆଗକୁ ବ୍ରିଟେନ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିଲାବେଳେ ତାହା ପୂର୍ବରୁ ଟ୍ୱିଟର ଏଭଳି ପଦକ୍ଷେପ ନେଇଛି। ପୂର୍ବରୁ ମଧ୍ୟ ଏହି ସଂସ୍ଥା ରାଜନୈତିକ ବିଜ୍ଞାପନ ଉପରେ କେତେକ କଟକଣା ଲଗାଇଥିଲା।

ରାଜନୈତିକ ବାର୍ତ୍ତା ଅନ୍ୟମାନଙ୍କ ପାଖରେ ପହଞ୍ଚିଥାଏ, ଯେତେବେଳେ ଲୋକେ ଏହି ଆକାଉଣ୍ଟକୁ ଫଲୋ କରନ୍ତି କିମ୍ବା ରିଟ୍ୱିଟ୍ କରନ୍ତି। ଏହାକୁ କିଣାଯାଇ ନ ଥାଏ। ପହଞ୍ଚାଇବା ପାଇଁ ଅର୍ଥ ଦେବା ଏଭଳି ନିଷ୍ପତ୍ତିକୁ ଦୂରେଇ ଦେଇଛି ଏବଂ ନିର୍ଦ୍ଦିଷ୍ଟ ରାଜନୈତିକ ବାର୍ତ୍ତା ଲୋକଙ୍କୁ ପ୍ରଭାବିତ କରୁଛି। ଏହି ନିଷ୍ପତ୍ତିକୁ ଅର୍ଥରେ ସାଲିସ କରାଯିବା ଉଚିତ ନୁହେଁ ବୋଲି ଜାକ୍ କହିଛନ୍ତି। ୨୦୧୮ରେ ଟ୍ୱିଟର ୩ ନିୟୁତ ଡଲାରରୁ କମ୍ ମୂଲ୍ୟର ରାଜନୈତିକ ବିଜ୍ଞାପନ ପାଇଥିଲା ବୋଲି ଏହାର ମୁଖ୍ୟ ଫାଇନାନ୍ସିଆଲ ଅଫିସର ନେଡ୍ ସେଗଲ ଟ୍ୱିଟ୍ କରିଛନ୍ତି। ରାଜନୈତିକ ନେତାମାନଙ୍କ ମିଥ୍ୟା ବିଜ୍ଞାପନକୁ ଅନୁମତି ଦେଉଥିବା ଫେସ୍‌ବୁକ୍ ସମାଲୋଚିତ ହୋଇଛି। ଟ୍ୱିଟର୍‌ର ଏଭଳି ନିଷ୍ପତ୍ତି ଫଳରେ ନେତାଙ୍କ ମିଥ୍ୟା ବିବୃତିର ବିଜ୍ଞାପନ କରୁଥିବା ଫେସ୍‌ବୁକ୍ ଉପରେ ଚାପ ବୃଦ୍ଧି ପାଇବ।

## ସଂକ୍ଷେପରେ

### କାରଖାନା ପିଗ୍ ଆଇରନ୍ ଲୁଟ୍ ଘଟଣା, ୩ କୋର୍ଟ ଚାଲାଣ

**କଳିଙ୍ଗନଗର,୩୧।୧୦(ଡି.ଏନ୍.ଏ.):** କଳିଙ୍ଗନଗର ଶିଳ୍ପାଞ୍ଚଳ ମେସ୍କୋଷ୍ଟିଲ କାରଖାନାରୁ ପିଗ୍ଆଇରନ ଟ୍ରକ୍ ଲୁଟ୍ ଘଟଣାରେ ଗୁରୁବାର ପୋଲିସ ଜଣେ ଶିଳ୍ପପତିଙ୍କ ସମେତ ଅନ୍ୟ ୩ ଜଣଙ୍କୁ କୋର୍ଟଚାଲାଣ କରିଛି। ଶିଳ୍ପପତି ଜଣଙ୍କ ହେଲେ ରାଉରକେଲା ଅଞ୍ଚଳର ଶୁଭ ଷ୍ଟିଲ କାରଖାନା ମାଲିକ ହନୁମାନ ସେବାଡିଆ (୫୧) ଓ ତାଙ୍କ ୨ ସହଯୋଗୀ ଲିଚିରାମ ଅଗ୍ରୱାଲ(୬୦) ଏବଂ ନାରାୟଣ ସିଂ (୪୦)। ବୁଧବାର ପୋଲିସ ଡ୍ରାଇଭର ସରବ୍ଜିତ ସିଂଙ୍କୁ କୋର୍ଟ ଚାଲାଣ କରିଥିଲା। ଏମାନେ ଯୋଜନାବଦ୍ଧ ଭାବେ ପିଗ୍ ଆଇରନ ବୋଝେଇ ୨ ଟ୍ରକ୍କୁ ଲୁଟ୍ କରିଥିବା ପୋଲିସ ସୂଚନା ଦେଇଛି। ଘଟଣାରେ ସମ୍ପୃକ୍ତ ଆହୁରି ୩ ଜଣଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଗତ ୮ ତାରିଖରେ ମେସ୍କୋଷ୍ଟିଲ କାରଖାନାରୁ ବିଶାଳ ଟ୍ରାନ୍ସପୋର୍ଟ ଅଧୀନରେ ଦୁଇଟି ଲୋଡିଂ କରି ବାହାରିଥିଲା। ହେଲେ ନିର୍ଦ୍ଧାରିତ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ନ ଥିଲା। ଏହାକୁ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ ୧୯୭/ ୧୯) ରଜୁକରି ତଦନ୍ତ ଚଳାଇଥିଲା।

### ୨୮ ଜଣ ପାଇଲେ ୩ୟ, ୫ମ ବୃତ୍ତି

**କୋରେଇ,୩୧।୧୦(ସ୍ୱ.ପ୍ର.):** ଚଳିତ ବର୍ଷ ପାଇଁ ୩ୟ ଓ ୫ମ ଶ୍ରେଣୀର ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। କୋରେଇ ବ୍ଲକ ସମେତ ବ୍ୟାସନଗର ପୌରାଞ୍ଚଳରୁ ମୋଟ ୨୮ ଜଣ ଛାତ୍ରୀଛାତ୍ର ମେରିଟ୍ ଲିଷ୍ଟରେ ସ୍ଥାନ ପାଇଛନ୍ତି। ୩ୟ ଶ୍ରେଣୀ ପାଇଁ କୋରେଇ ବ୍ଲକର ଶଙ୍ଖଚିଲା ଶିଶୁମନ୍ଦିରର ଛାତ୍ର ଓମ୍ ପ୍ରକାଶ ସାହୁ, ପାଣିକୋଇଲି ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ରାୟ, ପାଣିକୋଇଲି ଶିଶୁମନ୍ଦିରର ଛାତ୍ରୀ ସୁଶ୍ରୀ ଦେବସ୍ମିତା ସେନାପତି ଓ ସ୍ୱୟଂଶ୍ରୀ ମହାପାତ୍ର, କିଆପଦା ଶିଶୁମନ୍ଦିରର ଛାତ୍ରୀ ଅଙ୍କିତା ହୋତା, ମୂଳାପାଳ ଶିଶୁମନ୍ଦିରର ଛାତ୍ରୀ ଭାଗ୍ୟଲକ୍ଷ୍ମୀ ମିଶ୍ର ଓ ଛାତ୍ର ପ୍ରତ୍ୟୁଷ ରାଉତ ସ୍ଥାନ ପାଇଥିବା ବେଳେ ବ୍ୟାସନଗରର ମଧୁସୂଦନ ନଗର ଶିଶୁମନ୍ଦିରର ବିଶ୍ୱପ୍ରକାଶ ସାହୁ, ସୁଶାନ୍ତ କୁମାର ବିଶ୍ୱାଳ ଓ ଆଶୁତୋଷ ସ୍ୱାଇଁ, ନହକା ଶିଶୁମନ୍ଦିରର ମୋନାଲିସା ସାହୁ ଓ ଦିବ୍ୟାଙ୍କ ମଲିକ ଏବଂ ବୀରମଣିପୁର ନୋଡ଼ାଲରୁ ପ୍ରିୟଙ୍କା ନାୟକ ସ୍ଥାନ ପାଇଛନ୍ତି। ସେହିପରି ୫ମ ଶ୍ରେଣୀ ବୃତ୍ତି ପାଇଁ କୋରେଇ ବ୍ଲକର ଶଙ୍ଖଚିଲା ଶିଶୁମନ୍ଦିରର ମଙ୍ଗଳ ରାୟ, କଡ଼ମିଆଁ ୟୁଜିଏମ୍ଇର ବିଭୁଦତ ସ୍ୱାଇଁ, ମୂଳାପାଳ ଶିଶୁମନ୍ଦିରର ଅରୋମିରାଶିଷ ଜେନା, ପାଣିକୋଇଲି ଶିଶୁମନ୍ଦିରର ସମ୍ବିତ ଶତପଥୀ, କୋରେଇ ନୋଡ଼ାଲର ଚିନ୍ମୟ ଚିରନ୍ତନ, ବରୁଣ୍ଡାଇ ଉଚ୍ଚ ବିଦ୍ୟାପୀଠର ଦେବଦତ୍ତ ପତି ଓ କିଆପଦା ଶିଶୁମନ୍ଦିରର ବିଷ୍ଣୁପଦ ପଣ୍ଡା ସ୍ଥାନ ପାଇଥିବା ଜଣାପଡିଛି। ବ୍ୟାସନଗର ପୌରାଞ୍ଚଳର ମଧୁସୂଦନ ନଗର ଶିଶୁମନ୍ଦିରର ଶୁଭମ ଜେନା, ଅଭିଷୋକ ଦତ, ବିବାଦ ନାୟକ, ନହକା ଶିଶୁମନ୍ଦିରର ଗୁରୁଚରଣ ବେହେରା ଓ ସୌମ୍ୟରଞ୍ଜନ ସ୍ୱାଇଁ ଏବଂ ସନ୍ତରା ଶିଶୁମନ୍ଦିରର ଗୋପାଳ ଚନ୍ଦ୍ର ରାଉତ ଓ ଶୁଭମ କୁମାର ବେହେରା ସ୍ଥାନ ପାଇଛନ୍ତି। ବୃତ୍ତି ପାଇଥିବା ୩ୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମାସିକ ଶହେ ଟଙ୍କା ଏବଂ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାସିକ ୨ ଶହ ଟଙ୍କା ପ୍ରଦାନ କରାଯିବ ବୋଲି କୋରେଇ ବିଇଓ ସୁଶାନ୍ତ କୁମାର ଶତପଥୀ ସୂଚନା ଦେଇଛନ୍ତି।

### ମା' କାଳୀଙ୍କ ପୂଜା ଉପଲକ୍ଷେ ଆଦିବାସୀ ପର୍ବ

**ଡୁବୁରୀ,୩୧।୧୦(ଡି.ଏନ୍.ଏ.):** ସୁକିନ୍ଦା ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଗଣପର୍ବ ମଙ୍ଗଳବାର ମା' କାଳୀଙ୍କ ପୂଜାଠାରୁ ଚାନ୍ଦିଆ ପଞ୍ଚାୟତର ଅଙ୍କୁରାପାଳଠାରେ ଆରମ୍ଭ ହୋଇଛି। ଏହି ପର୍ବକୁ ଆଦିବାସୀ ନେତା ରବୀନ୍ଦ୍ରନାଥ ଜାରିକା ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଏସ୍ଆରଡିଏସ୍ ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଅକ୍ଷୟ କୁମାର ଦାସ, କ୍ରୀଡା ବିଭାଗ ମୁଖ୍ୟ ସୁନାରମ କିସ୍କୁ, ଗୋବରଘାଟି ସମିତି ସଭ୍ୟା ଝରଣା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ପର୍ବ ୫ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ସୁକିନ୍ଦା ଅଞ୍ଚଳର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ଆଦିବାସୀ ସମ୍ପ୍ରଦାୟ ସାମିଲ ହୋଇଛନ୍ତି। ପର୍ବକୁ ସୁଚାରୁରୂପେ ସମ୍ପାଦନ ପାଇଁ ପାଣ୍ଡୁ ହେମ୍ବ୍ରମ୍, ନନ୍ଦ କିଶୋର ଆଙ୍ଗରାଇ ପ୍ରମୁଖ ନିବେଦନ କରିଛନ୍ତି।

■ କାରଖାନାର ବନ୍ଦ ପଡିଥିବା ୟୁନିଟ କାର୍ଯ୍ୟକ୍ଷମ, ନିୟମିତ ଦରମା ଦାବିରେ ବିକ୍ଷୋଭ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ଡୁବୁରୀ/କଳିଙ୍ଗନଗର, ୩୧।୧୦(ଡି.ଏନ୍.ଏ.)**

କଳିଙ୍ଗନଗରସ୍ଥିତ ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ କାରଖାନାରେ ଗୁରୁବାର ଉତ୍ତେଜନା ଦେଖାଦେଇଛି। କାରଖାନାର ପ୍ରଶାସନିକ ଭବନ ସମ୍ମୁଖରେ କଳିଙ୍ଗନଗର ମଜଦୁର ୟୁନିୟନ ଏବଂ ଶ୍ରମିକ ସଂଘ ପକ୍ଷରୁ ନିୟମିତ ଦରମା ପ୍ରଦାନ ଏବଂ ବନ୍ଦ ପଡିଥିବା ୟୁନିଟ୍ଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଖବର ପାଇ କାରଖାନାର ୟୁଗ୍ମ ନିର୍ଦ୍ଦେଶକ ଏସ୍.ଏସ୍ ଜଗଦଲ, ଅର୍ଥନୈତିକ ନିର୍ଦ୍ଦେଶକ ଏଫ.ଡି ସାଇ, କଳିଙ୍ଗନଗର ଅତିରିକ୍ତ ଏସ୍ପି ରାଜକିଶୋର ଦୋରା, କଳିଙ୍ଗନଗର ଇନ୍ସପେକ୍ଟର ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ କାରଖାନା କର୍ତ୍ତୃପକ୍ଷ ବକେୟା ବାବଦ ଅର୍ଥର ୬୦ ପ୍ରତିଶତ ଦରମା ତୁରନ୍ତ ପ୍ରଦାନ କରିଥିବାବେଳେ ବାକି ଅର୍ଥ ଶୁକ୍ରବାର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ କାରଖାନାର ବନ୍ଦ ପଡିଥିବା ସମସ୍ତ ୟୁନିଟ ଯଥାସମ୍ଭବ କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କାରଖାନା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷେ କଳିଙ୍ଗନଗର ମଜଦୁର ୟୁନିୟନର ଠିକା ଶ୍ରମିକମାନେ ବିଭିନ୍ନ ଦାବିରେ ଶୁକ୍ରବାର କାରଖାନା ସମ୍ମୁଖରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିବା ଜଣାପଡିଛି। ନୀଳାଚଳରେ କାର୍ଯ୍ୟରତ ସ୍ଥାୟୀ ବୈଷୟିକ ଓ ଅନ୍ୟ କର୍ମଚାରୀଙ୍କୁ ପ୍ରତି ଦୁଇମାସରୁ ଊର୍ଦ୍ଧ୍ୱ ସମୟ ବ୍ୟବଧାନରେ ମାସିକ ଦରମା ପ୍ରଦାନ କରାଯାଉଛି। ଏ ନେଇ କାରଖାନାର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ନେତୃତ୍ୱରେ କର୍ମଚାରୀ କାରଖାନା କର୍ତ୍ତୃପକ୍ଷଙ୍କୁ ବହୁ ବାର ଜଣାଇଥିଲେ। ହେଲେ କାରଖାନା କର୍ତ୍ତୃପକ୍ଷ ପୂର୍ବପରି ୨ ମାସରେ ଥରେ ଦରମା ପ୍ରଦାନ କରିଥିଲେ। ଅପରପକ୍ଷେ ଗତ ଜୁଲାଇ ୨୬ ତାରିଖରୁ କାରଖାନାର ବ୍ଲାଷ୍ଟ ଫର୍ନେସ, ପିସିଏମ୍, ସେଲଟର ପ୍ଲାଣ୍ଟ, ଆଏମ୍ଏଚ୍ଏସ୍ ପ୍ରଭୃତି ୟୁନିଟ ବନ୍ଦ ହୋଇଯାଇଥିବା ବେଳେ କେବଳ ପାୱାର ପ୍ଲାଣ୍ଟ ଓ କୋକଓଭାନ ୟୁନିଟ କାର୍ଯ୍ୟ କରୁଛି। ଫଳରେ ବହୁ ଶ୍ରମିକ ଏବଂ କର୍ମଚାରୀ କାମ ନ ପାଇ ଘରେ ବସିଛନ୍ତି। ଏହାର ପ୍ରତିବାଦରେ ସକାଳେ ମହିରାମ ପୂର୍ତ୍ତି, ବାବୁଲି ହାଇବ୍ରୁ, ଅମରେନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ପଟ୍ଟନାୟକ, ବିଷ୍ଣୁ ବିଶ୍ୱାଳ, ବିଜୟ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ବିକ୍ଷୋଭରେ ସାମିଲ ହୋଇଥିଲେ।



ଆନ୍ଦୋଳନକାରୀଙ୍କ ସହ କାରଖାନା କର୍ତ୍ତୃପକ୍ଷ ଓ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।

# ଆଜିଠାରୁ ଷାଣ୍ମାସିକ ପରୀକ୍ଷା, ପହଞ୍ଚିନି ପ୍ରଶ୍ନପତ୍ର

**କୋରେଇ,୩୧।୧୦(ସ୍ୱ.ପ୍ର)**

ସାରା ରାଜ୍ୟରେ ସମାପ୍ତି ସୂଚକ ମୂଲ୍ୟାୟନ (ଷାଣ୍ମାସିକ) ପରୀକ୍ଷା ଶୁକ୍ରବାରଠାରୁ ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ପରୀକ୍ଷା କେନ୍ଦ୍ରରେ ଏକକ ପରୀକ୍ଷା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ସ୍ଥିର କରାଯାଇଥିଲା। ତଦନୁଯାୟୀ ଅକ୍ଟୋବର ୨୯ତାରିଖ ସମସ୍ତ ବିଦ୍ୟାଳୟରେ ଅର୍ଦ୍ଧ ବାର୍ଷିକ ପରୀକ୍ଷା କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର ପ୍ରଶ୍ନପତ୍ର ପହଞ୍ଚି ନ ପାରିବାରୁ ଏହି ପରୀକ୍ଷା ନଭେମ୍ବର ୧କୁ ଘୁଞ୍ଚାଇ ଦିଆଯାଇ ଥିଲା। କିନ୍ତୁ ଏଯାବତ୍ ମଧ ପ୍ରଶ୍ନପତ୍ର ପହଞ୍ଚି ପାରିନାହିଁ। ଫଳରେ ପରୀକ୍ଷା କିପରି ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚତୁର୍ଥ ଶ୍ରେଣୀର ଗଣିତ ଓ ୭ମ ଶ୍ରେଣୀର ହିନ୍ଦୀ ପ୍ରଶ୍ନପତ୍ର ଏଯାଏ କୋରେଇର କୌଣସି ବିଦ୍ୟାଳୟରେ ପହଞ୍ଚି ନ ଥିବାବେଳେ ଅନ୍ୟ ଯେଉଁ ପ୍ରଶ୍ନପତ୍ର ଆସିଛି ତାହା ମଧ ସମୁଦ୍ରକୁ ଶଙ୍ଖେ ଭଳି। ଫଳରେ ସିଆରସିସିମାନେ ରାସ୍ତାଘାଟରେ ଶିକ୍ଷକଙ୍କୁ ପ୍ରଶ୍ନପତ୍ର ଦେଇ ଛାତ୍ରୀଛାତ୍ର ସଂଖ୍ୟା ଅନୁଯାୟୀ ଫଟୋକପି କରିବାକୁ କୁହାଯାଇଛି। ପୂର୍ବରୁ ପ୍ରଶ୍ନପତ୍ର ସଂଘ ଦ୍ୱାରା ଯୋଗାଇ ଦିଆଯାଉଥିବାବେଳେ ପ୍ରତି ୧୦୦ ପିଲାଙ୍କ ପ୍ରତି ୭୫୦ଟଙ୍କା ନିଆଯାଉଥିଲା। କିନ୍ତୁ ଏବେ ସରକାର ପ୍ରଶ୍ନପତ୍ର ଯୋଗାଇ ପାରୁ ନ ଥିବାରୁ ଫଟୋକପି ଦ୍ୱାରା ୩ଗୁଣା ଅଧିକ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଉଛି। ଏହି ଖର୍ଚ୍ଚ କେଉଁଠୁ ଆସିବ ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷରେ ଫଟୋକପି ବେଳେ ପ୍ରଶ୍ନପତ୍ର ଲିକ୍ ହୋଇଛି। ପିଲାଙ୍କ ଭବିଷ୍ୟତକୁ ନେଇ ଖେଳୁଥିବା ସରକାରଙ୍କର ଏଭଳି ନିଷ୍ପତ୍ତି ପାଇଁ କିଏ ଦାୟୀ ରହିବେ ବୋଲି ପ୍ରଶ୍ନବାଚୀ ହୋଇଛି।

# ସ୍କୁଲ ଗୃହ ଭଙ୍ଗାକୁ ନେଇ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ରତ୍ନଗିରି,୩୧।୧୦(ଡିଏନ୍ଏ)**

ବରୀ ବ୍ଲକ ଅଧୀନ ଅଳିପୁର ପଞ୍ଚାୟତରେ ଥିବା ବ୍ରଜବନ୍ଧୁ ନୋଡାଲ ବିଦ୍ୟାଳୟ ଗୃହକୁ ବେଆଇନ ଭାବେ ଭଙ୍ଗା ଯିବାକୁ ନେଇ ଗୁରୁବାର ଗ୍ରାମବାସୀମାନେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ ଫନୀ ବାତ୍ୟାରେ ଏହି ବିଦ୍ୟାଳୟର ଗୃହ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଗୃହ ମରାମତି ନିମନ୍ତେ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର କ୍ଷତିଗ୍ରସ୍ତ ହୋଇ ନ ଥିବା ଏକ ଗୃହକୁ ସ୍ଥାନୀୟ କିଛି ମୁଷ୍ଟିମେୟ ଲୋକ ଭାଙ୍ଗି ନିଜର ମୁନାଫା ପାଇଁ କାର୍ଯ୍ୟ କରିବା ଘଟଣାକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି। ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କୁ ଘର ଭଙ୍ଗାଯିବା ଘଟଣା ସମ୍ପୂର୍ଣ୍ଣ ବେଆଇନ ବୋଲି ଜଣାଇବା ପରେ ବି ପ୍ରଧାନଶିକ୍ଷକ କୌଣସି ପଦକ୍ଷେପ ନ ନେବାରୁ ବାଧ ହୋଇ ଗ୍ରାମବାସୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିୟମ ମୁତାବକ, କୌଣସି ସରକାରୀ ଗୃହ ବିପଦପୂର୍ଣ୍ଣ ଥିଲେ ଦାୟିତ୍ୱରେ ଥିବା ଅଧିକାରୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ପରେ ସମ୍ପୃକ୍ତ ବିଭାଗର ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥାନ୍ତି। କିନ୍ତୁ ଏହି ବିଦ୍ୟାଳୟ ପରିସରରେ ଥିବା ଗୃହଟିକୁ କୌଣସି ବିଭାଗ ବିପଦପୂର୍ଣ୍ଣ ବୋଲି ଦର୍ଶାଇ ନ ଥିବା ବେଳେ କାହା ସ୍ୱାର୍ଥରେ ଶ୍ରେଣୀ ଗୃହଟି ଭଙ୍ଗାଯାଇ କାର୍ଯ୍ୟ କରିବାର ମସୁଧା କରାଯାଉଛି ତାହା ତଦନ୍ତ ସାପେକ୍ଷ। ଘଟଣା ସମ୍ପର୍କରେ ବ୍ରଜବନ୍ଧୁ ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ଅପରପକ୍ଷରେ ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରେ, ଏ ବିଷୟରେ ସେ ଅବଗତ ନ ଥିଲେ। ମାତ୍ର ଅଭିଯୋଗ ମିଳିଛି। ଖୁବ୍ ଶୀଘ୍ର ତଦନ୍ତ କରି ଆଇନ୍ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ବିଞ୍ଝାରପୁର,୩୧।୧୦(ଡି.ଏନ୍.ଏ.)**

ବିଞ୍ଝାରପୁର ଶିକ୍ଷା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର କପିଳାସ୍ଥିତ ଏସ୍.ଜି, ନୋଡାଲ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ସମ୍ମାନିତ ଅତିଥିଭାବେ ବ୍ଲକ ବିଡିଓ ମିନତୀ ଜଗଦେବ, ପ୍ରଧାନ ଶିକ୍ଷକ ଅଭୟ ପଣ୍ଡା, ଅଧ୍ୟାପକ ଶ୍ରୀହରୀ ଧଳ, ପ୍ରସନ୍ନ କୁମାର ରାଉତ, ଶିକ୍ଷାବିତ ଅକ୍ଷୟ ରାଉତ, କ୍ଷୀରୋଦ ମଲ୍ଲିକ, ସରୋଜକାନ୍ତ ନାୟକ, ଉପେନ୍ଦ୍ର ରାଉତ, ରବୀନ୍ଦ ନାରାୟଣ ମହାନ୍ତି, ଅକ୍ଷୟ ସାମଲ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ ଥିବା ୧୪ ଆଞ୍ଚଳିକ ସାଧାନକେନ୍ଦ୍ର ଅଧିନରେ ହୋଇଥିବା ସୁରଭି କାର୍ଯ୍ୟକ୍ରମରେ କୃତି ଛାତ୍ରୀଛାତ୍ର ନିଜର ପ୍ରତିଭା ପରିବେଶଣ କରିବା ସହିତ ପୁରସ୍କୃତ ହୋଇଥିଲେ। ଶିକ୍ଷା ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

**କଳିଙ୍ଗନଗର,୩୧।୧୦(ଡି.ଏନ୍.ଏ.)**

ଦାନଗଦୀ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ବୁଧବାର ବିଳମ୍ବିତ ରାତିରେ ଢେଙ୍କାନାଳ ଜିଲା ଗନ୍ଦିଆ ଥାନା ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିଛି। ଗିରଫ ଅପହର୍ତ୍ତା ଜଣଙ୍କ ଢେଙ୍କାନାଳ ଗନ୍ଦିଆ ଥାନା ଧଉଳିବେଣୀ ଗ୍ରାମର ଗୋପୀ ହେମ୍ବ୍ରମ(୨୪)। ଗୁରୁବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସୌଭାଗ୍ୟ ନାୟକ ସୂଚନା ଦେଇଛନ୍ତି। ଗୋପୀ ଦାନଗଦୀ ଫାଣ୍ଡି ଅଞ୍ଚଳରେ ଗାଡି ଡ୍ରାଇଭର ଭାବେ କାମ କରୁଥିଲେ। ଗତ ୨୮ ତାରିଖ ରବିବାର ସନ୍ଧ୍ୟାରେ ସମ୍ପୃକ୍ତ ନାବାଳିକାଙ୍କୁ ଅପରହରଣ କରିଥିବା ନାବାଳିକାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୩୫୯/୧୯) ରୁଜୁକରି ତଦନ୍ତ ଚଳାଇଥିଲା।

# କାଳିଆପାଣି ଥାନାରେ ଆମ ପୋଲିସ ବୈଠକ

**କାଳିଆପାଣି,୩୧।୧୦(ଡି.ଏନ୍.ଏ.)**

କାଳିଆପାଣି ଥାନା ଆମ ପୋଲିସ ପକ୍ଷରୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାଳିଆପାଣି ଥାନା ଅଭ୍ୟର୍ଥନା ଗୃହରେ ଆମପୋଲିସ ସଦସ୍ୟ କାର୍ତ୍ତିକ ମହାନ୍ତିଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନା ଅଧିକାରୀ ରମାକାନ୍ତ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଖଣି ଅଞ୍ଚଳର ରାସ୍ତାରେ ହୋଇଥିବା ଖାଲଖମା ଓ ହମ୍ପ ଯୋଗୁ ଘଟୁଥିବା ଦୁର୍ଘଟଣାକୁ ଏଡ଼ାଇବା ପାଇଁ ମାଟି ମୋରମ ପକାଇ ପୂରଣ କରିବା, ଏଡସ୍ ଦିବସ ଅବସରରେ ଗଣଦୌଡ଼ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ନେଇ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଆମ ପୋଲିସ ଆବାହକ ଏସ୍ଆଇ ବିଭୂତି ମହାପାତ୍ର, ବିଶ୍ୱଜିତ ନାୟକ, ବଳାରାମ ଦାସ, ବିଶ୍ୱଜିତ ମହାନ୍ତି, ଆଶିଷ ଜେନା ପ୍ରମୁଖ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।



ଆମ ପୋଲିସ ବୈଠକରେ ଉପସ୍ଥିତ ଅଧିକାରୀ।

### ସହକାରୀଯନ୍ତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବିଞ୍ଝାରପୁର,୩୧।୧୦(ଡି.ଏନ୍.ଏ.)**

ବିଞ୍ଝାରପୁର ଉପଖଣ୍ଡର ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ତଥା ପରିବେଶବିତ୍ ସତ୍ୟସାଗର ଭୂୟାଁଙ୍କୁ ଗୁରୁବାର ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନବୀନକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଲେନିନ ଦାସ, ସୁଧାଂଶୁ ଶେଖର ସାମଲ ସମେତ ବିଭାଗୀୟ କର୍ମଚାରୀ ଅଜୟ କୁମାର ଶତପଥୀ, ବିଜୟ ଦାସ, ସୁରେଶ ଚନ୍ଦ୍ର ସାମଲ, ଏକନ ମିଶ୍ର , ଅଶୋକ ଯେନା, ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କ ବଦଳିକୁ ବିରୋଧ
# ବିଦ୍ୟାଳୟରେ ତାଲା ପକାଇ ରାସ୍ତା ଅବରୋଧ



ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

**ସିଂହପୁର,୩୧।୧୦(ଡିଏନଏ)**

ବିଞ୍ଝାରପୁର ବ୍ଲକ ଛନ୍ଦାମୁଣ୍ଡ ନୋଡାଲ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ଅଚାନକ ବଦଳିକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଉକ୍ତ ବିଦ୍ୟାଳୟରେ ତାଲା ପକାଇ ରାସ୍ତା ଅବରୋଧ କରିଥିଲେ। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ଦେଖାଦେଉଥିବାବେଳେ ଏବେ ପ୍ରଧାନ ଶିକ୍ଷକ ଅକ୍ଷୟ ସାମଲଙ୍କର ଅଚାନକ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଯାଇଛି। ଏହି ଘଟଣାକୁ ନେଇ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିରେ ବିଭ୍ରାଟ ଯୋଗୁ ବଦଳି ହୋଇଥିବା ଚର୍ଚ୍ଚା ହେଉଛି। ଫଳରେ ଏହାକୁ ବିରୋଧ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇବା ସହିତ ଟାୟାର ଜାଳି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ।

### ଯୌତୁକ ପାଇଁ ବୋହୂଙ୍କୁ ପୋଡ଼ି ହତ୍ୟା ଉଦ୍ୟମ
# ଭିଡିଓ ଭାଇରାଲ ପରେ ସ୍ୱାମୀ, ଶାଶୁ ଗିରଫ

**କୋରେଇ,୩୧।୧୦(ସ୍ୱ.ପ୍ର)**

କୋରେଇ ଥାନା ଗୌରପୁର ପଞ୍ଚାୟତର ଜଳନ୍ଦା ଗ୍ରାମରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ବୋହୂଙ୍କୁ ନିର୍ଯାତନା ଦେବା ସହ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଅଭିଯୋଗ କରିବାକୁ ପୀଡ଼ିତାଙ୍କ ବାପା ଥାନାକୁ ଯାଇଥିଲେ ହେଁ ପୋଲିସ ଶୁଣି ନ ଥିଲା। ଏହାପରେ ପୀଡ଼ିତାଙ୍କ ବାପା ଏହାର ଏକ ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିବାରୁ ପୋଲିସ ଏକ ମାମଲା (ନଂ.୨୩୭/୧୯) ରୁଜୁ କରି ସ୍ୱାମୀ ସୁରେଶ ସାହୁ (୪୦) ଓ ଶାଶୁ ଚଞ୍ଚଳା ସାହୁ(୬୦)ଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଭଦ୍ରକ ଜିଲା ଭଣ୍ଡାରୀ ପୋଖରୀ ଥାନା ଦକ୍ଷିଣ ବାଡ ଗ୍ରାମର ବିଳାସ ଦାସଙ୍କ ଅଭିଯୋଗ ମୁତାବକ, ତାଙ୍କ ଝିଅ ଲିପ୍ସିତାଙ୍କର ଜଳନ୍ଦା ଗ୍ରାମର ଶତ୍ରୁଘନ ସାହୁଙ୍କ ପୁଅ ସୁରେଶଙ୍କ ସହ ବିବାହ ହୋଇଥିଲା। ଗତ ୨୩ ତାରିଖ ଲିପ୍ସିତାଙ୍କୁ ତାଙ୍କ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

# ଲାଙ୍ଗୁଡ଼ି ପାହାଡ଼ରେ ଗିରିଗୋବର୍ଦ୍ଧନ ପୂଜା

**ଧର୍ମଶାଳା,୩୧।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତସ୍ଥିତ ଲାଙ୍ଗୁଡି ପାହାଡଠାରେ ଗିରିଗୋବର୍ଦ୍ଧନ ପୂଜା ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ଯାଦବ ସମ୍ମିଳନୀ ପକ୍ଷରୁ ଅନୁଷ୍ଠିତ ଗିରିଗୋବର୍ଦ୍ଧନ ପୂଜାରେ କଣ୍ଟିଗଡିଆର ପୂର୍ବତନ ସରପଞ୍ଚ ଉତ୍ତମ ଦାସ କର୍ତ୍ତାଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଧର୍ମଶାଳା ଯାଦବ ସମ୍ମିଳନୀର ସଭାପତି ନିତ୍ୟାନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଯାଜପୁର ଜିଲା ଯାଦବ ମହାସଭାର ସଭାପତି ରାମଚନ୍ଦ୍ର ବେହେରା, ରାଜ୍ୟ ଯୁବ ଯାଦବ ସଭାପତି ପ୍ରଦୀପ କୁମାର ବେହେରା, ପଣ୍ଡିତ ଗଣେଶ୍ୱର ପରିଡା, ଧରଣୀଧର ନାୟକ, ମୋହନ ଖିଲାର, ନିର୍ମଳ ଚନ୍ଦ୍ର ଜତି, ସରପଞ୍ଚ ନଗେନ ଦାସ, ରଘୁ ବେହେରା, ଭରତ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ବେହେରା, ବାସୁଦେବ ପଲେଇ, ବେଣୁଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଓ ଗିରିଗୋବର୍ଦ୍ଧନ ପର୍ବତ ଉଠାଇ ଇନ୍ଦ୍ରଙ୍କ କୋପରୁ ଗୋମାତା ଓ ଜନସଧାରଣଙ୍କୁ କିଭଳି ଉଦ୍ଧାର କରିଥିଲେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ସମ୍ପାଦକ ମନୋଜ କୁମାର ଦାସ ଧନ୍ୟବାଦ ଦେଇଥିଲେ।



ଗିରି ଗୋବର୍ଦ୍ଧନ ପୂଜା ମହୋତ୍ସବରେ ଯୋଗ ଦେଇଥିବା ଅତିଥି।

## ସଂକ୍ଷେପରେ

### ଜୟଶଙ୍କରପୁରରୁ ଜବରଦଖଲ ଉଚ୍ଛେଦ

**କୁଜଙ୍ଗ,୩୧।୧୦(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ୍ ଜିଲାନାସୀ ପଞ୍ଚାୟତ ଜୟଶଙ୍କରପୁର ଗ୍ରାମ ମହାନଦୀ ପଠାର ୫୦ ଏକରରୁ ଊର୍ଦ୍ଧ୍ୱ ଜାଗାକୁ କେତକ ବ୍ୟକ୍ତି ନିଜ କବ୍‌ଜାରେ ରଖିଥିଲେ। ଏ ନେଇ ବହୁବାର ଗ୍ରାମବାସୀ ତହସିଲଦାର ଓ ଜିଲାପାଳଙ୍କୁ ଅବଗତ କରାଇଥିଲେ। ସେହି ଅନୁଯାୟୀ ଗୁରୁବାର କୁଜଙ୍ଗ ତହସିଲ ପକ୍ଷରୁ ଏହି ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ଏଥିସହ ରାଜସ୍ୱ ନିରୀକ୍ଷକ ଓ ଅମିନ ଏଠାରେ ନାଲି ପତାକା ଲଗାଇଛନ୍ତି। ପ୍ରଶାସନର ଏଭଳି କାର୍ଯ୍ୟରେ ଗ୍ରାମବାସୀ ସନ୍ତୋଷ ପ୍ରକାଶ କରିଛନ୍ତି।

### ମିତବ୍ୟୟିତା ସଚେତନତା ଶୋଭାଯାତ୍ରା

**ଜଗତ୍‌ସିଂହପୁର ଅଫିସ, ୩୧।୧୦:** ଜଗତ୍‌ସିଂହପୁରରେ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସ୍ଥାନୀୟ କଲେଜ ଛକ ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଭୂଅର୍ଜନ ଅଧିକାରୀ ବିଭୂଦ କୁମାର ମହାନ୍ତି, ଜିଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ଏସ୍‌କେ ଏକାଡେମୀ, ବୃନ୍ଦାବନ ବିଦ୍ୟାପୀଠ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ।

### ବଳିଦାନ ଦିବସ ପାଳିତ

**ନାଉଗାଁ,୩୧।୧୦(ସ୍ୱ.ପ୍ର.):** ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ବଳିଦାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲା କଂଗ୍ରେସ ଉପସଭାପତି ତଥା ପୂର୍ବତନ ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ନାଉଗାଁ ବଜାରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ବେଣୁଧର ସ୍ୱାଇଁ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପରିଡ଼ା, ଜିଲା ଛାତ୍ର କଂଗ୍ରେସ ସଂଯୋଜକ କ୍ରିଷ୍ଣାନନ୍ଦ ସାହୁ, ଅଜୟ ଦାସ, ଦେବଜ୍ୟୋତି ମହାନ୍ତି, ବଂଶୀଧର ସ୍ୱାଇଁ, ପ୍ରଭାତ ପରିଡ଼ା, ଅଭୟ ବିଶ୍ୱାଳ, ଅଲେଖ ସାହୁ ପ୍ରମୁଖ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ଦେଶ ପ୍ରତି ଥିବା ବଳିଦାନ ଉପରେ ଆଲୋକପାତ କରିଥିଲେ।

### ସିଦ୍ଧମହାପୁରୁଷଙ୍କ ପୀଠରେ ନାମଯଜ୍ଞ

**ବାଲିଆ,୩୧।୧୦:** ବିରିଡ଼ି ବ୍ଲକ ଗୋଠପଦାର ମାଳିକା ପ୍ରସିଦ୍ଧ ଶ୍ରୀ ଶ୍ରୀ ସିଦ୍ଧମହାପୁରୁଷଙ୍କ ପୀଠରେ ୯୯ ବର୍ଷଧରି ନିରନ୍ତର ଭାବେ ଦୀପାବଳି ଅମାବାସ୍ୟାରେ ଅନୁଷ୍ଠିତ ହେଉଥିବା ଅଷ୍ଟମ ପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୁରେନ୍ଦ୍ରନାଥ ଭୂୟାଁ, ଗୁରୁଚରଣ ରାୟ, ବିଜୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ନାମଯଜ୍ଞ ୩ ଦିନଧରି ଚାଲିଥିଲା। ଏଥିରେ ଅଭୟ ମହାନ୍ତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସୁକାନ୍ତ ଭୂୟାଁ ଓ ବ୍ରଜକିଶୋର ନାୟକଙ୍କ ନେତୃତ୍ୱରେ ବୋଇଲ, ତେନ୍ତୁଳିଆ, ନୂଆଗାଁ-ହଳଦିଆପଡ଼ା, ରଘୁନାଥପୁର ତେଲିପାଟଣା, ମଣ୍ଡାସାହି ଓ ସ୍ଥାନୀୟ ଗୋଠପଦାର ସଂକୀର୍ତ୍ତନ ମଣ୍ଡଳି ଯୋଗଦେଇ ହରିନାମ ସଂକୀର୍ତ୍ତନ କରିଥିଲେ। ବାସନ୍ଦରାର ବାବା ବାଙ୍କବିହାରି ଦାସ ୩ ଦିନ ଧରି ପୂଜା କରିଥିଲେ। କମଳଲୋଚନ ଭୂୟାଁ, ଅଜୟ ଭୂୟାଁ, ଅଶୋକ ମହାନ୍ତି, ପ୍ରଶାନ୍ତ ବାରିକ, ସତ୍ୟଜିତ ଖଣ୍ଡୁଆଳ, ସବ୍ୟସାଚୀ ଭୂୟାଁ, ଜୟନ୍ତ ଭୂୟାଁ, ସତ୍ୟଜିତ ଭୂୟାଁ, ପ୍ରତାପ ବାରିକ, ଆଶିଷ ମହାନ୍ତି, ରବୀନ୍ଦ୍ର ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନ ଦିବସରେ ନଗର ସଂକୀର୍ତ୍ତନ ଓ ଗ୍ରାମ ପରିକ୍ରମା କରାଯାଇଥିଲା।

### ଖବରଦାତାଙ୍କ ମାତୃ ବିୟୋଗ

**ବାଲିଆ,୩୧।୧୦:** ଇଂରାଜୀ ଖବର କାଗଜ 'ଦି ପାୟୋନିୟର'ର ଜଗତ୍‌ସିଂହପୁର ଜିଲା ପ୍ରତିନିଧି କାହ୍ନୁ ନନ୍ଦଙ୍କ ମା' ସରୋଜିନୀ ନନ୍ଦଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ହଡ଼ପ ଘଟଣା

# ଜିଲାପାଳ ନୀରବ, ନ୍ୟାୟ ଅପେକ୍ଷାରେ ମମତା

**ଜଗତ୍‌ସିଂହପୁର ଅଫିସ,୩୧।୧୦:**

- ୧୨.୯୫ କୁଇଣ୍ଟାଲ ହଡ଼ପ ଅଭିଯୋଗ
- ଦୁର୍ନୀତି ଲୁଚାଇବାକୁ ଦିଆଯାଇଥିଲା ୬.୧୪ କୁଇଣ୍ଟାଲ

ଏରସମା ବ୍ଲକ ଡିଙ୍କିଆର ପ୍ରମୋଦ ସ୍ୱାଇଁଙ୍କ ସ୍ତ୍ରୀ ମମତା ସ୍ୱାଇଁଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାତ୍ର ୭ ମାସ ଚାଉଳ ଦିଆଯିବା ପରେ ହଠାତ୍ ବନ୍ଦ କରିଦିଆଯାଇଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବାରେ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇଥିଲା। ଏହା ପରେ ତାଙ୍କୁ ଏକକାଳୀନ ୬.୧୪ କୁଇଣ୍ଟାଲ ଚାଉଳ ଓ ୩୦ ଲିଟର କିରୋସିନ ଦିଆଯାଇଥିଲା। ବାସ୍ତବରେ କିନ୍ତୁ ତାଙ୍କୁ ୧୨.୯୫ କୁଇଣ୍ଟାଲ ଚାଉଳ ଦିଆଯିବା କଥା ବୋଲି ସେ ଦାବି କରିଛନ୍ତି। କାରଣ ଅନ୍ତ୍ୟୋଦୟ ଯୋଜନାରେ ତାଙ୍କ ନାଁରେ ମାସିକ ୩୫ କିଗ୍ରା ହିସାବରେ ଚାଉଳ ଉଠିଥିଲେ ସୁଦ୍ଧା ତାହା ଚଳୁ କରି ଦିଆଯାଇଛି। ଡିଲର ଓ ଯୋଗାଣ ବିଭାଗ ଏମ୍‌ଆଇ ମିଳିତ ଭାବେ ୩ ବର୍ଷରୁ ଅଧିକ ସମୟ ହେବ ଏହି ଚାଉଳ ଲୁଟିଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ତେଣୁ ତାଙ୍କୁ ଅବଶିଷ୍ଟ ୬.୮୧ କୁଇଣ୍ଟାଲ ଚାଉଳ ଦେବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମମତା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରିକି ଅଭିଯୋଗପତ୍ରର ନକଲ ମୁଖ୍ୟମନ୍ତ୍ରୀ, ରାଜ୍ୟ ଖାଦ୍ୟ ଓ ଯୋଗାଣ ସଚିବ, ୫ଟି ସଚିବ ଓ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ବିସ୍ମୟ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନଂ.୯୪୩୭୦୮୪୩୨୯ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେବାକୁ ଚାହିଁ ନାହାନ୍ତି। ଜିଲାପାଳଙ୍କ ଏହି ନୀରବତା ପ୍ରକାରାନ୍ତରେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଥିବା କୁହାଯାଉଛି।

ମମତାଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ୭ ମାସ ପରେ ଅର୍ଥାତ୍ ୧୫।୭।୧୬ ପରଠାରୁ ଆଉ ଚାଉଳ ଦିଆଯାଇ ନ ଥିଲା। ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ଯୋଜନାରୁ ବଞ୍ଚିତ କରାଯାଇଥିବା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଲା ପରେ ଗତ ସେପ୍ଟେମ୍ବର ୧୨ ତାରିଖରେ ଏକକାଳୀନ ୬.୧୪ କୁଇଣ୍ଟାଲ ଚାଉଳ ଦିଆଯାଇଥିଲା। ଏଥିରେ ରାଶନ କାର୍ଡ ଅନୁଯାୟୀ ମମତାଙ୍କ ପରିବାରର ୩ ଜଣ ସଦସ୍ୟଙ୍କ ପାଇଁ ମାସିକ ୧୫ କି.ଗ୍ରା. ହିସାବରେ ୩୭ ମାସର ୫.୫୫ କୁଇଣ୍ଟାଲ, ସେପ୍ଟେମ୍ବର ଓ ଅକ୍ଟୋବର ମାସର ଅନ୍ତ୍ୟୋଦୟ ଚାଉଳ ୩୫ କି.ଗ୍ରା. ହିସାବରେ ୭୦ କି.ଗ୍ରା ରହିଥିଲା। ଏଥିସହ ବାତ୍ୟା ଫନୀ ସମୟରେ ୧ ମାସର ୧୫ କି.ଗ୍ରା ଅଧିକ ଚାଉଳ ଦିଆଯାଇଥିବା କୁହାଯାଇଥିଲା। ତାଙ୍କ ସ୍ୱାମୀ ପ୍ରମୋଦ ଏକ ୪ ଚକିଆ ଗାଡି ଭଡା କରି ଏହି ଚାଉଳ ଓ ୩୦ ଲିଟର କିରୋସିନ ଘରକୁ ନେଇଥିଲେ। ଅବଶିଷ୍ଟ ୪୦ ଲିଟର କିରୋସିନ ଅକ୍ଟୋବର ମାସରେ ଦିଆଯିବ ବୋଲି କୁହାଯାଇଥିଲା। ଚଳିତମାସରେ ୪୦ ଲିଟର ମଧ୍ୟରୁ ୨୦ ଲିଟର କିରୋସିନ ଦିଆଯାଇଛି। ନଭେମ୍ବରରେ ଆଉ ୨୦ ଲିଟର ଦିଆଯିବ ବୋଲି କୁହାଯାଇଛି। କିନ୍ତୁ ବକେୟା ଚାଉଳ ଦେବା ନାଁ ଧରୁନାହାନ୍ତି ଡିଲର। କେବଳ ଅନ୍ତ୍ୟୋଦୟ ଯୋଜନା ମୁତାବକ ତାଙ୍କୁ ସେପ୍ଟେମ୍ବର ମାସରୁ ମାସିକ ୩୫ କିଲୋଗ୍ରାମ ହିସାବରେ ଚାଉଳ ଦିଆଯାଉଛି। ଚଳିତମାସରେ ନଭେମ୍ବର, ଡିସେମ୍ବର ଓ ଜାନୁୟାରୀ ମାସ ପାଇଁ ୧୦୫ କିଲୋଗ୍ରାମ ଚାଉଳ ଓ ୫.୧ ଲିଟର କିରୋସିନ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ମମତାଙ୍କ ନାଁ ଗତ ସେପ୍ଟେମ୍ବର ନୁହେଁ, ୨୦୧୬ ମସିହାରୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇଥିଲେ ସୁଦ୍ଧା ତାର ଟେର୍ କିପରି କେହି ପାଇ ନ ଥିଲେ। ବଡ କଥା ହେଲା ଏହି ୩୭ ମାସର ଚାଉଳ ଡିଲର ଓ ଏମ୍‌ଆଇ ଚଳୁ କରି ଚାଲିଥିଲେ। ୩ ବର୍ଷ ପରେ ମମତା ଜନ ସାଧନ କେନ୍ଦ୍ରରୁ ଏହା ଜାଣିପାରି ଅଭିଯୋଗ କଲାପରେ ସତ୍ୟାସତ୍ୟ ପଦାକୁ ଆସିଥିଲା। ଜିଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ତଦନ୍ତ ପାଇଁ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ କାର୍ଯ୍ୟ ଯୋଗୁ ତଦନ୍ତରେ ବିଳମ୍ବ ହୋଇଛି। ତଥାପି ଯଥାଶୀଘ୍ର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ, ସରକାରୀ ଭାବେ କୌଣସି ରାସନ କାର୍ଡ ହିତାଧିକାରୀ ଗୋଟିଏ ମାସର ଚାଉଳ କିମ୍ବା କିରୋସିନ ନ ନେଲେ ତା ପର ମାସରେ ସେ ପୂର୍ବ ମାସର ପାଇବା ପାଇଁ ଦାବିଦାର ହୋଇପାରିବେ ନାହିଁ। ତେଣୁ ୩ ବର୍ଷରୁ ଅଧିକ ସମୟର ଚାଉଳ, କିରୋସିନ ମମତାଙ୍କୁ ସରକାରୀ ଭାବରେ ଦିଆ ନ ଯାଇ ସନ୍ତୁଷ୍ଟ କରିବା ପାଇଁ ଡିଲର ଓ ଏମ୍‌ଆଇ ଏଭଳି ଯୋଜନା କରିଥାଇପାରନ୍ତି ବୋଲି କୁହାଯାଉଛି। ଏ ସମ୍ପର୍କରେ ଅଭିଯୋଗ ପରେ ଏରସମା ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଆକାଉଣ୍ଟସ୍ ଅଧିକାରୀ ତଦନ୍ତ କରି ମମତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ କରାଯାଇଥିବା ସ୍ପଷ୍ଟ ରିପୋର୍ଟ ଦାଖଲ କରିବା ସହ ଯିଏ ତ୍ରୁଟି କରିଛନ୍ତି ତାଙ୍କ ବିରୋଧରେ କାଯର୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। କିନ୍ତୁ ଅଭିଯୁକ୍ତମାନଙ୍କ ବିରୋଧରେ ଏଯାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

### କୃତୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିକୁଦା,୩୧।୧୦(ସ୍ୱ.ପ୍ର.)**

ମରିଚିପୁର ପଞ୍ଚାୟତସ୍ଥିତ ଗାଦିବ୍ରହ୍ମ ବିଦ୍ୟାପୀଠ ପରିସରରେ ଶିକ୍ଷକ ଶ୍ୱେତ କୁମାର ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମିଳିତ ସହଯୋଗରେ ଏହି ଉତ୍ସବ କରାଯାଇଥିଲା। ଏଥିରେ ଓଷ୍ଟା ଶିକ୍ଷକ ସଂଘ ବାଲିକୁଦା ଶାଖା ଉପଦେଷ୍ଟା କୈଳାସ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଓଷ୍ଟା ସଂଘ ସାଧାରଣ ସମ୍ପାଦକ ପ୍ରକାଶ ମହାନ୍ତି, ରାଜ୍ୟ ସମ୍ପାଦକ ରଞ୍ଜନ ଦାଶ, ଅଶୋକ ମହାପାତ୍ର, ସନ୍ତୋଷ ଭଞ୍ଜ, ସ୍ମୃତିରଞ୍ଜନ ପରିଡ଼ା, ଅତୁଲ ବିକ୍ରମ ପ୍ରଧାନ, ଜିଲା ସମ୍ପାଦକ ନାରାୟଣ ବାରିକ, ସଭାପତି ନିହାର ରଞ୍ଜନ ନାୟକ, ଯୁଗ୍ମ ସମ୍ପାଦକ ଅନିଲ ଜେନା, ଜଗତ୍‌ସିଂହପୁର ବ୍ଲକ ସଭାପତି ତ୍ରିଲୋଚନ ସାହୁ, ଜିଲା-ଉପସଭାପତି ନାରାୟଣ ସାହୁ, ଜିଲା କାର୍ଯ୍ୟକାରୀ ସଦସ୍ୟ ଅଭୟ ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ସ୍ୱାଇଁ, ପ୍ରତିଷ୍ଠାତା ସମ୍ପାଦକ ହାଡିବନ୍ଧୁ ଶତପଥି, ପ୍ରତିଷ୍ଠାତା ପ୍ରହ୍ଲାଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ



ନାଉଗାଁରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର ଏକତାର ଶପଥ ନେଉଛନ୍ତି।

**ବାଲିଆ,୩୧।୧୦**

ବିରିଡ଼ି ବ୍ଲକ ଅଡ଼ଙ୍ଗଶାସନସ୍ଥିତ ନଳିନୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତର ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ର ପ୍ରାର୍ଥନା ସଭାରେ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରିଥିଲେ। ପରେ ପିଲାମାନଙ୍କ ମଧ୍ୟରେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏହି ପରିପ୍ରେକ୍ଷିରେ ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସକିଲା ଖାତୁନ, ସୁଦାମ ଚରଣ ନାଏକ, ଅଜୟଲକ୍ଷ୍ମୀ ଆଚାର୍ଯ୍ୟ, ରିତା ମାଝି, ସୁଶ୍ରୀ ଭାରତୀ ମହାନ୍ତି, ଗୋଲେଖ ମଲିକ, ମହମ୍ମଦ ଅହେସାନ ଓ ଜ୍ୟୋସ୍ନାରାଣୀ ଦାସ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ପିଲାଙ୍କୁ ପଟେଲଙ୍କ ଜୀବନ ଆଦର୍ଶ ସମ୍ପର୍କରେ କହିଥିଲେ।

**ନାଉଗାଁ,(ସ୍ୱ.ପ୍ର.):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀରେ ଗୁରୁବାର ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏହି ଅବସରରେ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଧିକାରୀ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଏନଏସଏସର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରତାପ ମିଶ୍ର, ୱାଇଆରସି ସଂଯୋଜକ ଅଧ୍ୟାପକ ଧିରେନ ପତି, ଅଧ୍ୟାପିକା ଅନୁସୟା ଲେଙ୍କା, ଲିପ୍ସାରାଣୀ ଦାଶ, ଅଧ୍ୟାପକ ସନ୍ତୋଷ ଆଚାର୍ଯ୍ୟ, ହରିପ୍ରସାଦ ପତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହି ଦିବସର ମହନୀୟତା ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଏକତା ଶପଥ ପାଠ କରିଥିଲେ। ଦୁର୍ଯ୍ୟୋଧନ ଜେନା, ରିତେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୁଜଙ୍ଗ,୩୧।୧୦(ସ୍ୱ.ପ୍ର.)**

କୁଜଙ୍ଗ ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଧାୟକ ସମ୍ବିତ୍ ରାଉତରାୟ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅବଦୁଲ ୱାହାବ ଖାଁ, କୁଜଙ୍ଗ ବ୍ଲକ୍ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ବେହେରା, ଅତିରିକ୍ତ ବିଡିଓ ସନ୍ତୋଷ ଶତପଥୀ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରର ଲକ୍ଷ୍ୟ, ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବିରରେ ମୋଟ ୭୬୭ ଜଣ ଭିନ୍ନକ୍ଷମଙ୍କ ନାମ ପଞ୍ଜିକୃତ ହୋଇଥିଲା। ଏହି ଅବସରରେ ଅସ୍ଥିଶଲ୍ୟ ବିଭାଗରେ ୪୬୧, ଦୃଷ୍ଟିହୀନତାରେ ୯୫, ମସ୍ତିଷ୍କରେ୧୩୨, କାନ ବିଭାଗରେ ୭୭ ଜଣ ଭିନ୍ନକ୍ଷମଙ୍କୁ କଟକ ବଡ ଡାକ୍ତରଖାନାର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶିବିରରେ ବସପାସ୍ ନିମନ୍ତେ ୩୫ ଜଣ, ହ୍ୱିଲ ଚେୟାର୍ ୬ ଜଣ, ଟ୍ରାଇସାଇକେଲ ୫ ଜଣ, କରଚେର୍ସ ପାଇଁ ୩ ଜଣ ଆବେଦନ କରିଥିଲାବେଳେ ୨ ଜଣ ଥାଲାସେମିଆଙ୍କ ନାମ ପଞ୍ଜିକୃତ ହୋଇଥିଲା। କାର୍ଯ୍ୟକ୍ରମକୁ କୁଜଙ୍ଗ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରିତ୍ ଚୌଧୁରୀ ପରିଚାଳନା କରୁଥିଲାବେଳେ କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, କୁଜଙ୍ଗ ବ୍ଲକ ସହକାରୀ ଯନ୍ତ୍ରୀ ରମେଶ ସେଠୀ, ଅତିରିକ୍ତ ଯନ୍ତ୍ରୀ ବୈରାଗୀ ଜେନା ଓ ମହିଳା ଶିଶୁ ବିକାଶ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ



ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

**ପାରାଦୀପ,୩୧।୧୦(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏହି ଅବସରରେ ଗୋପବନ୍ଧୁ ଷ୍ଟାଡିୟମଠାରୁ ବନ୍ଦର ପ୍ରଶାସନିକ ଭବନ ପର୍ଯ୍ୟନ୍ତ ସଦ୍‌ଭାବନା ପଦଯାତ୍ରା କରାଯାଇଥିଲା। ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବନ୍ଦର କର୍ମଚାରୀ, ସିଆଇଏସଏଫ୍, ସାକ୍ଷରତା ସମିତି, ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ଛାତ୍ରୀଛାତ୍ର, ଏନ୍‌ସିସି ଓ କଲେଜ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

## ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**କୁଜଙ୍ଗ,୩୧।୧୦(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ ସୁରବାଳା ହାଇସ୍କୁଲରେ ଦୁର୍ନୀତି ନିବାରଣ ସପ୍ତାହ କୁଜଙ୍ଗସ୍ଥିତ ବଳରାମପୁର ଗ୍ରାମ୍ୟ ବ୍ୟାଙ୍କ ଶାଖା ପକ୍ଷରୁ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କେଶବଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବଳରାମପୁର ଶାଖା ପରିଚାଳକ ଅକ୍ଷୟ କୁମାର ସାମନ୍ତରାୟ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ର ଅବସ୍ଥାରୁ ଏହି ବିଷୟରେ ସଚେତନ ରହିବା ସହ ଦୁର୍ନୀତି ଦେଶର ବଡ ଶତ୍ରୁ ବୋଲି ଆଲୋକପାତ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ନାୟକ, ପରିଚାଳନା ସମିତିର ସଭାପତି ପ୍ରହ୍ଲାଦ ସ୍ୱାଇଁ, ପ୍ରଦୀପ୍ ସ୍ୱାଇଁ, ଗୌରାଙ୍ଗ ଚରଣ ରାଉତ, ନିରଞ୍ଜନ ଦାଶ, ପ୍ରମୋଦ ସାମନ୍ତରାୟ, ଅଭୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ଦାସ ସଂଯୋଜନା କରିଥିଲେ।

## ଏଆଇଟିୟୁସିର ୧୦୦ତମ ପ୍ରତିଷ୍ଠା ଦିବସ

**କୁଜଙ୍ଗ,୩୧।୧୦(ସ୍ୱ.ପ୍ର.)**


ଦେଶର ପ୍ରାଚୀନତମ ଶ୍ରମିକ ସଂଗଠନ ଏଆଟିୟୁସିର ୧୦୦ତମ ପ୍ରତିଷ୍ଠା ଦିବସ ଗୁରୁବାର କୁଜଙ୍ଗ ଲୋକନାଥ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ବରିଷ୍ଠ ସିପିଆଇ ନେତା ଅଭୟ ସାହୁ ପତାକା ଉତ୍ତୋଳନ କରିଥିବା ବେଳେ ରାଜ୍ୟ ସମ୍ପାଦକ ଜୀନ୍ମୟ ସାହଣୀ ଉଦ୍‌ଘାଟନୀ ବକ୍ତବ୍ୟ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ପରେ ଆତସବାଜୀ, ଦୀପ ପ୍ରଜ୍ୱଳନ ସହ ଗୁରୁଦାସଗୁପ୍ତାଙ୍କ ପାଇଁ ପତାକାକୁ ଅର୍ଦ୍ଧନମିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଆଟିୟୁସର ଜିଲା ସମ୍ପାଦକ ସୁବାସ ମହାପାତ୍ର, ସହ ସମ୍ପାଦକ ଅଜୟ ବେହେରା, ନିର୍ମାଣ ଶ୍ରମିକ ସଂଘର କୁଜଙ୍ଗ ବ୍ଲକ ସମ୍ପାଦକ ସଂଜୀବ୍ ସାମନ୍ତରାୟ, ପ୍ରତିମା ତରାଇ, ହୃଷିକେଶ ନାଥ, ଗୌତମ ଦାସ(ଶନା), ହାରାମଣୀ ସୂତାର, ଜାନକୀ ସ୍ୱାଇଁ, ପ୍ରଶାନ୍ତ ପ୍ରଧାନ ଓ ଜଗବନ୍ଧୁ ମାଝିଙ୍କ ସମେତ ବହୁ ଶ୍ରମିକ କାର୍ଯ୍ୟକ୍ରମରେ ଭାଗନେଇ ଶ୍ରମିକ ଏକତା ପାଇଁ ସଂଗ୍ରାମ କରିବାକୁ ଶପଥ ନେଇଥିଲେ।

## ବେଳାଭୂମିରେ ଜଳିଗଲା ଚିଙ୍ଗୁଡି ଚୋପା
## ତଳେ ଥିଲା ତେଲ ପାଇପ ଲାଇନ

**ପାରାଦୀପ,୩୧।୧୦(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ସଂଲଗ୍ନ ବେଳାଭୂମିରେ ଗତ କିଛି ବର୍ଷ ହେଲା ଚିଙ୍ଗୁଡ଼ି ଚୋପା ବ୍ୟବସାୟ ଚାଲିଥିଲା। ବୁଧବାର ବିଳମ୍ବିତ ରାତି ୨ଟାରେ ସେହି ଚିଙ୍ଗୁଡ଼ି ଚୋପା ଗଦାରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲେ। ଦୁର୍ଗନ୍ଧଯୁକ୍ତ ସେହି ନିଆଁ ଓ ଧୂଆଁ କିଛି ସମୟ ପାଇଁ ଭୟର ବାତାବରଣ ଖେଳାଇଦେଇଥିଲା। ପରେ ତୈଳ ବିଶୋଧନାଗାର ଓ ପାରାଦୀପ ବନ୍ଦର ଅଗ୍ନିଶମ ବିଭାଗର ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ଚିଙ୍ଗୁଡ଼ି ଚୋପା ଜଳିଯାଇଥିଲେ ହେଁ ସମ୍ପୃକ୍ତ ବ୍ୟବସାୟୀ ନିକଟସ୍ଥ ଜଟାଧାର ସାମୁଦ୍ରିକ ଥାନାରେ ଅଭିଯୋଗ କରିନାହାନ୍ତି। ତୈଳ ବିଶୋଧନାଗାର ଓ ପାରାଦୀପ ବନ୍ଦର ନିଆଁ ଲିଭାଇବାକୁ ତତ୍ପରତା ପ୍ରକାଶ କରିବାର ପ୍ରମୁଖ କାରଣ ଥିଲା ସେହି ଜାଗାରେ ମାଟି ତଳେ ତୈଳ ପାଇପ ଲାଇନ ଯାଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ଗୁରୁବାର ମେରାଇନ ଥାନା ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। ଏସମ୍ପର୍କରେ ସାମୁଦ୍ରିକ ଥାନା ଅଧିକାରୀ ଭରତ କୁମାର ବେହେରା କୁହନ୍ତି, ସେଠାରେ ଥିବା ଚିଙ୍ଗୁଡି ଚୋପାକୁ କେହି ପୋଡ଼ି ଦେଇଛନ୍ତି। ଆମେ ତଦନ୍ତ କରିଛୁ। କିନ୍ତୁ କେହି ବିଧିବଦ୍ଧ ଭାବେ ଅଭିଯୋଗ କରିନାହାନ୍ତି। ସୂଚନାଯୋଗ୍ୟ, ଚିଙ୍ଗୁଡ଼ି ପ୍ରକ୍ରୀୟାକରଣ କାରଖାନାରୁ ବାହାରୁଥିବା ଚିଙ୍ଗୁଡ଼ି ଚୋପା ଓ ମୁଣ୍ଡକୁ କେତେକ ବ୍ୟବସାୟୀ ଟ୍ରକ ଯୋଗେନେଇ ବେଳାଭୂମିରେ ଲୁଚାଇଥାନ୍ତି। ପରେ ତାକୁ ବିଭିନ୍ନ କୁକୁଡା ଫାର୍ମକୁ ବିକ୍ରି କରି ଫାଇଦା ପାଇଥାନ୍ତି। ଏହି ବେପାର ପ୍ରଥମେ ପିପିଏଲ୍ ଛକ ନିକଟସ୍ଥ ଶୁଖୁଆ ଖଳାରେ ଚାଲିଥିଲା। ସେଠାରେ ଦୁର୍ଗନ୍ଧ ଓ ପୋକ ହେବାରୁ ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ପୌରପାଳିକା ସେହି ବେପାର ବନ୍ଦ କରିଦେଇଥିଲା। ଗତ ୫ରୁ ୬ ବର୍ଷ ହେବ ବେଳାଭୂମିରେ ଏହି ବେପାର ଚାଲିଛି।

## ସରିଲା ବିଜେଡିର ଜନସମ୍ପର୍କ ପଦଯାତ୍ରା



ବାଲିକୁଦାରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ରଘୁନାଥପୁରରେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ କର୍ମୀମାନଙ୍କ ସହ ପଦଯାତ୍ରା କରୁଛନ୍ତି।

**ବାଲିକୁଦା,୩୧।୧୦(ସ୍ୱ.ପ୍ର)**

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳି ବିଜେଡି ପକ୍ଷରୁ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ଜନ ସମ୍ପର୍କ ପଦ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବାଲିକୁଦା ତହସିଲଠାରୁ ଏରସମା ବ୍ଲକ ଗଡ଼କୁଜଙ୍ଗ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲା ବିଜେଡି ସଭାପତି ଅମରେନ୍ଦ୍ର ଦାସ, ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଉପାଧ୍ୟକ୍ଷ ରାଖାଲ ଚରଣ ଦାସ, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ରବିନ୍ଦ୍ର ମହାପାତ୍ର, ଶୁଭେନ୍ଦୁ ଦାଶ, ରାମଚନ୍ଦ୍ର ସ୍ୱାଇଁ, ସରୋଜ ମହାପାତ୍ର, ବ୍ଲକ ବିଜେଡି ସଭାନେତ୍ରୀ ବିଦ୍ୟୁଲତା ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ। ଗଡ଼କୁଜଙ୍ଗଠାରେ ଅନୁଷ୍ଠିତ ସଭାରେ ଅତିଥିମାନେ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତା ସମ୍ପର୍କରେ କହିଥିଲେ।

**ରଘୁନାଥପୁର,(ଡି.ଏନ.ଏ.):** ରଘୁନାଥପୁର ବ୍ଲକ ବିଜେଡିର ଜନସମ୍ପର୍କ ପଦଯାତ୍ରା ଗୁରୁବାର ଶେଷ ହୋଇଛି। ପୂର୍ବାହ୍ନ ୧୧ଟାରେ ରେଡ୍ଡୁଆ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ପଦଯାତ୍ରା ଆରମ୍ଭ ହୋଇ ଶାଳିଜଙ୍ଗା ସାଇ ମନ୍ଦିରଠାରେ ଶେଷ ହୋଇଥିଲା। ପୂର୍ବତନ ବ୍ଲକ ବିଜେଡି ସଭାପତି ସରୋଜ କାନ୍ତ ସ୍ୱାଇଁ ଓ ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୋଭାଯାତ୍ରାରେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ କୁମାର ପାତ୍ର, ରାଜ୍ୟ ବିଜେଡି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ଯୁବ ସଙ୍ଗଠକ ସରୋଜ ରାୟ ଓ ଦିବାକର ଖଟୁଆ ପ୍ରମୁଖ ଯୋଗ ଦେଇ ପଦଯାତ୍ରାର ଉଦ୍ଦେଶ୍ୟ ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ରେଡ୍ଡୁଆ ସରପଞ୍ଚ ଜ୍ୟୋତିର୍ମୟୀ ଜେନା ବିଧାୟକ ଦାସଙ୍କୁ ସମର୍ଥନ କରି ପଦଯାତ୍ରାରେ ସାମିଲ ହୋଇଥିଲେ। ସରପଞ୍ଚ ପ୍ରମୋଦ ଜେନା, ସରୋଜ ଦାସ, ଶେଷଦେବ ସେଠୀ, ଅଭିମନ୍ୟୁ ସ୍ୱାଇଁ, କବିତା ନାୟକ, ସମିତିସଭ୍ୟ ମେହେବୁବ ବେଗ, ନିଲୁବାଳା ମହାନ୍ତି, ଛାତ୍ରନେତା ଯୋଶେଫ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ପ୍ରଭୁଦତ୍ତ ମହାନ୍ତି, ବାବାଜୀ ଜେନା, ଖୋକନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସନ୍ଥ ମସ୍ତରାମ ମହାପୁରୁଷଙ୍କ ଜୟନ୍ତୀ



ପାଟକୁରା, ୩୧।୧୦ (ଡି.ଏନ୍.ଏ.): ନାଗ ଚତୁର୍ଥୀ ଅବସରରେ ଗୁରୁବାର ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତର ସୋଲପାଟ ଗ୍ରାମରେ ସନ୍ଥ ମସ୍ତରାମ ମହାପୁରୁଷଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୋଲପାଟ ଗ୍ରାମସ୍ଥିତ ମସ୍ତରାମ ମହାପୁରୁଷଙ୍କ ପୀଠରେ ପ୍ରଧାନ ଆଚାର୍ଯ୍ୟ ବାବା ନିତ୍ୟାନନ୍ଦ ଦାସ ପ୍ରତ୍ୟୁଷରୁ ମହାପୁରୁଷଙ୍କ ଗାଦିକୁ ମହାସ୍ନାନ କରାଇ ନୂତନ ବସ୍ତ୍ର ପିନ୍ଧାଇବା ସହ ପ୍ରସାଦ ଲାଗି କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ଆଖପାଖ ଗ୍ରାମରୁ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ ପରିବେଷଣ କରାଯାଉଛି। ମାନସିକ ପୂରଣ ପାଇଁ ସ୍ଥାନୀୟ ହରିଦାସପୁର, ବିଚଣା, ମାଣ୍ଡିଆ, ରାଘବପୁର, ପାଟକୁରା, ଜଗଦଳପୁର, ଯମୁନାବାଦ, ଗୋବଣ୍ଡିଆ, ଦଳୁଆଣି ଓ ଗୋତ୍ରବିଲ ଆଦି ଗ୍ରାମର ବହୁ ଶ୍ରଦ୍ଧାଳୁ ପୀଠରେ ଭିଡ଼ ଜମାଇଥିବା ଦେଖାଯାଇଥିଲା।

### ମାର୍ଶାଘାଇ ବଜାର ପୋଖରୀ ପୋତିବା ପାଇଁ ଜବରଦଖଲ ଉଚ୍ଛେଦ

ମାର୍ଶାଘାଇ, ୩୧।୧୦ (ଡି.ଏନ୍.ଏ.): ମାର୍ଶାଘାଇ ବଜାରସ୍ଥିତ ପୋଷ୍ଟ ଅଫିସ ପଛପଟେ ଥିବା ବହୁ ପୁରୁଣା ପୋଖରୀକୁ ପୋତିବା ପାଇଁ ଜବରଦଖଲରେ ଥିବା ଦୁଇଟି ଦୋକାନକୁ ଗୁରୁବାର ମାର୍ଶାଘାଇ ତହସିଲ ପକ୍ଷରୁ ଭଙ୍ଗା ଯାଇଛି। ଉଚ୍ଛେଦ ବେଳେ ତହସିଲଦାର ନିରଞ୍ଜନ ସାହୁ, ଆରଏମ୍ସି ସେକ୍ରେଟେରୀ ଅଜୟ କୁମାର ରାଉତ, ସୁପରଭାଇଜର ଜଗନ୍ନାଥ ରାଉତ, ମାର୍ଶାଘାଇ ରାଜସ୍ୱ ସର୍କଲ ନିରୀକ୍ଷକ ଲକ୍ଷ୍ମଣ କୁମାର ନାଥଶର୍ମା ଓ ପୋଲିସ ଟିମ୍ ସହ ମାର୍ଶାଘାଇ ବଣିକ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଆର୍ଏମ୍ସି ପକ୍ଷରୁ ବଜାର ମଧ୍ୟରେ ଅଧିକ ଦୋକାନ ଗୃହ ନିର୍ମାଣ ପାଇଁ ବଣିକ ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ପୋଷ୍ଟ ଅଫିସ୍ ପଛ ପାର୍ଶ୍ୱରେ ଥିବା ପୁରୁଣା ପୋଖରୀକୁ ପୋତିବାକୁ ସ୍ଥିର ହୋଇଥିଲା। ହେଲେ ଉକ୍ତ ପୋଖରୀ ନିକଟକୁ ଗାଡ଼ି ଯିବାକୁ ରାସ୍ତା ନ ଥିବାରୁ ଜବରଦଖଲରେ ଥିବା ଦୋକାନ ଦ୍ୱୟ ଭାଙ୍ଗିବା ପାଇଁ ପ୍ରଶାସନ ପକ୍ଷରୁ ଗତ ମାର୍ଚ୍ଚରେ ନୋଟିସ୍ ହୋଇଥିଲା। ହେଲେ ଦୋକାନ ଭଙ୍ଗା ଯାଇ ନ ଥିବାରୁ ଗୁରୁବାର ପ୍ରଶାସନିକ ଅଧିକାରୀ ଜବରଦଖଲ ହଟାଇବା ପାଇଁ ବଜାରରେ ପହଞ୍ଚିଥିଲେ। ଉଭୟ ଦୋକାନୀ ନିଜ ଉଦ୍ୟମରେ ଦୋକାନ ଗୃହ ଭାଙ୍ଗିବା ପ୍ରତିଶ୍ରୁତି ଦେଇ ଦୋକାନ ଭାଙ୍ଗିବା ଆରମ୍ଭ କରିଥିଲେ। ହେଲେ ଅପରାହ୍ନ ସୁଦ୍ଧା ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗି ନ ଥିବାରୁ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଜେସିବି ମେଶିନ ସାହାଯ୍ୟରେ ଭଙ୍ଗାଯାଇଥିଲା। ଏହି ଜବରଦଖଲ ଉଚ୍ଛେଦ ଫଳରେ ବଜାରରେ ଆହୁରି ଅଧିକ ଦୋକାନ ଗୃହ ହୋଇପାରିବ ବୋଲି ଆରଏମ୍ସି ପକ୍ଷରୁ କୁହାଯାଇଛି।

# ପଟ୍ଟାମୁଣ୍ଡାଇରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ

- ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ପୌରାଞ୍ଚଳବାସୀ ହନ୍ତସନ୍ତ
- ୨ମାସ ମଧ୍ୟରେ ସେବା ଉନ୍ନତ ନ ହେଲେ ଆନ୍ଦୋଳନ ଚେତାବନୀ

ପଟ୍ଟାମୁଣ୍ଡାଇ, ୩୧।୧୦ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୋଟିଏ ଦିନରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ କରାଯାଉଥିବାରୁ ଲୋକମାନେ ବହୁ ଅସୁବିଧା ଭୋଗୁଛନ୍ତି। ଏ ନେଇ ବହୁବାର ଅଭିଯୋଗ ପରେ ବି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ପୌରାଞ୍ଚଳ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଗ୍ରାମାଞ୍ଚଳ ଟ୍ରାନ୍ସଫର୍ମରଠାରୁ ଅଲଗା କରିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଛି। କିନ୍ତୁ ଏ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇପାରି ନ ଥିବାରୁ ପୌରାଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି।

୨୦୧୬ରେ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ପୌରାଞ୍ଚଳବାସୀଙ୍କ ପାଇଁ ଅଲଗା ଟ୍ରାନ୍ସଫର୍ମର ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କ ଆଇପିଡିଏସ୍ ଯୋଜନାରେ ୨୯ କୋଟି ଟଙ୍କା ଅନୁଦାନ ଆସିଥିଲା। ନିର୍ମାଣ ଦାୟିତ୍ୱ କଲିକତାର ଷ୍ଟାଲିଂଙ୍ଗ୍ ଉଇଲିସନ୍ କମ୍ପାନୀକୁ ଠିକା ଦିଆଯାଇଛି। କେନ୍ଦ୍ରାପଡ଼ା ନିର୍ବାହୀ ଯନ୍ତ୍ରୀ, ପାରାଦୀପ ଅଧିକ୍ଷଣ ଯନ୍ତ୍ରୀ ଓ ପଟ୍ଟାମୁଣ୍ଡାଇ ସହକାରୀ ଯନ୍ତ୍ରୀଙ୍କ ଦାୟିତ୍ୱରେ ଏହି କାର୍ଯ୍ୟ ଚାଲିଥିଲେ ବି ୩ ବର୍ଷ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଗ୍ରାମାଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ହେଲେ କିମ୍ବା ମରାମତି ଆବଶ୍ୟକ ପଡିଲେ ପଟ୍ଟାମୁଣ୍ଡାଇ ଷ୍ଟକ୍ଚର୍ରୁ ସଟ୍ଡାଉନ୍ କରିଦିଆଯାଉଛି। ଫଳରେ ପୌରାଞ୍ଚଳବାସୀ ଅଯଥାରେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ପୌରାଞ୍ଚଳବାସୀଙ୍କୁ ଉନ୍ନତ ସେବା ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ଭୀମସେନ ପରିଡ଼ା, ଉପସଭାପତି ଅକ୍ଷୟ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଲଳିତ ଧଳ, ସମ୍ପାଦକ ତପନ ମିଶ୍ର, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ଦାଶଙ୍କ ସମେତ ନରହରି ଲେଙ୍କା, ମନମୋହନ ରାଉତ, ଆଡଭୋକେଟ ପ୍ରମୋଦ ସାହୁ ଓ ଭବାନୀ ଶଙ୍କର ପଣ୍ଡା, କୁମରେଶ ନାୟକ ପ୍ରମୁଖ ଦାବି କରିଛନ୍ତି। ଆଗାମୀ ୨ମାସ ଭିତରେ ଟ୍ରାନ୍ସଫର୍ମର ଅଲଗା କରାଯାଇ ବିଦ୍ୟୁତ୍ ସେବା ଉନ୍ନତ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ସହକାରୀ ଯନ୍ତ୍ରୀ ବିବେକାନନ୍ଦ ଯନ୍ତ୍ରୀ ବିବେକାନନ୍ଦ ପଣ୍ଡାଙ୍କୁ ପଚାରିବାରେ ଟ୍ରାନ୍ସଫର୍ମର ଅଲଗା କରାଯିବା କାର୍ଯ୍ୟ ଚାଲିଛି। ଖୁବ୍ ଶୀଘ୍ର କାମ ଶେଷ ହେବ ବୋଲି କହିଛନ୍ତି।

# ଜିଲା କଂଗ୍ରେସର ବଳିଦାନ ଦିବସ



ବଳିଦାନ ଦିବସ ପାଳନ ଅବସରରେ ଜିଲା କଂଗ୍ରେସର ନେତାମାନେ।

କେନ୍ଦ୍ରାପଡା ଅଫିସ, ୩୧।୧୦

ଜିଲା କଂଗ୍ରେସ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ଦିବସକୁ ବଳିଦାନ ଦିବସ ଭାବେ ଗୁରୁବାର ପାଳନ କରାଯାଇଛି। ସହରର କଜଳାସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଚିନ୍ମୟ ପ୍ରସାଦ ବେହୁରା ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କାର୍ଯ୍ୟକାରୀ ଜିଲା ସଭାପତି ପ୍ରଫୁଲ୍ଲ କୁମାର ଦାସ, ସନ୍ଧ୍ୟାରାଣୀ ରାଉତ, ଫକୀର ଚରଣ ଖଟୁଆ, ସଞ୍ଜୟ ରାଉତ, ମହେନ୍ଦ୍ର କୁମାର ପରିଡା, ସମ୍ରାଟ ଜେନା, କମଳାକାନ୍ତ ବେହେରା, ଆଶିଷ ମେକାପ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ ଏହି ଦିବଙ୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ରାଷ୍ଟ୍ର ପାଇଁ ସେମାନଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ମାହାଳିକ, ସତ୍ୟପ୍ରିୟ ସାମଲ, ସନ୍ତୋଷ କୁମାର ବେହେରା, ସୌମେନ୍ଦ୍ର ପୃଷ୍ଟି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଶିକ୍ଷକଙ୍କ ଆଶୀର୍ବାଦ ଲୋଡ଼ା

ଆଳି, ୩୧।୧୦ (ଡି.ଏନ୍.ଏ.)


ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଶିକ୍ଷକଙ୍କ ପ୍ରଚେଷ୍ଟା ଓ ଆଶୀର୍ବାଦ ଯୋଗୁ ପିଲାମାନେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି। ଗୁରୁବାର ଆଳି ମଣ୍ଡଳସ୍ତରୀୟ ସୁରଭି ମହୋତ୍ସବ ଅବସରରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ବ୍ଲକ ଅଧୀନ ଚଣ୍ଡିଆଗଡି ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ମହୋତ୍ସବରେ ବିଆରସିସି ପାବନୀ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ କାର୍ଯ୍ୟରେ ଛାତ୍ରୀଛାତ୍ରମାନେ ଗୁରୁକୁଳର ଉପଦେଶ, ସହଯୋଗ ଓ ନିର୍ଦ୍ଦେଶ ପାଳନ କଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଆଳି ଥାନାର ଭାରପ୍ରାପ୍ତ ଅଧିକାରୀ ସଲିଳ କୁମାର ପ୍ରଧାନ ମୁଖ୍ୟବକ୍ତା, ଅବସରପ୍ରାପ୍ତ ବିଆର୍ସିସି ପ୍ରଦୀପ୍ତ କୁମାର ରଥ, ସହକାରୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ମଲ୍ଲ, ଚଣ୍ଡିଆଗଡ଼ି ସରପଞ୍ଚ ସସ୍ମିତା ମିଶ୍ର, ସମିତିସଭ୍ୟା ପ୍ରମିଳା ବେହେରା, ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ଦାଶ ଏବଂ ପତ୍ରପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଦେବରାଜ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ନରେନ୍ଦ୍ର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦ୍ୟୁମ୍ନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ପ୍ରଦୀପ୍ତ କୁମାର ରଥ ମୁଖ୍ୟଅତିଥି ଓ ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଇଓ ଅଫିସ କର୍ମଚାରୀ ସୁଭାସ ଚନ୍ଦ୍ର ସାହୁ ଓ ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସିଆରସିସି ଅନିଲ ନନ୍ଦ, ହଳଧର ସାହୁ, ପ୍ରିୟରଞ୍ଜନ ରାଉତରାୟ, ସୁବ୍ରତ ପାତ୍ର, ମନୋରଞ୍ଜନ ଜେନା, ସଞ୍ଜୟ ମହାଳିକ, ଧୀରେଶ ବେହେରା, ଭାଗ୍ୟବତୀ ସାହୁ, ସଞ୍ଜୟ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସରକାରୀ ଜାଗା ପାଇଁ ୨ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ

୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ

କେନ୍ଦ୍ରାପଡ଼ା ଅଫିସ୍, ୩୧।୧୦

କେନ୍ଦ୍ରାପଡ଼ା ଟାଉନ ଥାନା ଅଧୀନ ଜଇପୁରା ପୋଖରୀ ନିକଟସ୍ଥ ଏକ ଜାଗା ପାଇଁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଗୁରୁବାର ବିଳମ୍ବିତ ରାତିରେ ଗଣ୍ଡଗୋଳ ହେବା ସହ ଉତ୍ତେଜନା ପ୍ରକାଶ ପାଇଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ଘଟଣାସ୍ଥଳରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନ ମୁତାବକ, ଉକ୍ତ ସରକାରୀ ଜାଗାରେ ଜଣେ ଭିନ୍ନ ସମ୍ପ୍ରଦାୟର ମହିଳା ଦୀର୍ଘବର୍ଷ ହେବ ବାଲି ଓ ଚିପ୍ସ ବିକ୍ରି କରୁଥିଲେ। ଏହି ସାମଗ୍ରୀ ଶେଷ ହୋଇଯିବା ପରେ ଗୁରୁବାର ସନ୍ଧ୍ୟାରେ ଅନ୍ୟ ସମ୍ପ୍ରଦାୟର କେତେଜଣ ଯୁବକ ସେଠାରେ ହନୁମାନ ମୂର୍ତ୍ତି ସ୍ଥାପନ ପାଇଁ ବାଡ଼ ଦେଇ ଘେରାଇଥିଲେ। ଏହାକୁ ନେଇ ଉଭୟ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରିସ୍ଥିତି ଉତ୍ତେଜନାମୂଳକ ହେବାରୁ କେନ୍ଦ୍ରାପଡ଼ା ଏସ୍ଡିପିଓ ରାଜୀବ ଲୋଚନ ପଣ୍ଡା ଓ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସମନ୍ତରାୟ ଘଟଣାସ୍ଥଳକୁ ଯାଇ ଉଭୟପକ୍ଷକୁ ବୁଝାଇବା ସହ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରିଛନ୍ତି।

### ମହିଳା କର୍ମଚାରୀଙ୍କୁ ଅସଦାଚରଣ ମାମଲା

## ଛାତ୍ର କଂଗ୍ରେସ, ମହିଳା ଭାଜପା ପକ୍ଷରୁ ସୋସାଇଟି ସଭାପତିଙ୍କ ଗିରଫ ଦାବି

କେନ୍ଦ୍ରାପଡା ଅଫିସ, ୩୧।୧୦

ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ପ୍ରତିବାଦରେ ଗୁରୁବାର ଛାତ୍ର କଂଗ୍ରେସ ଓ ଜିଲା ମହିଳା ଭାଜପା ପକ୍ଷରୁ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟି ସଭାପତିଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି। ଛାତ୍ର କଂଗ୍ରେସର ରାଜ୍ୟ ସଂଯୋଜକ ଉମେଶ ପାଢୀ ଓ ସଦସ୍ୟମାନେ ଏ ନେଇ ଟାଉନ ଥାନାରେ ଲିଖିତ ପତ୍ର ଦେଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ ହେବ ବୋଲି ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି। ସେହିପରି ଭାଜପା ନେତ୍ରୀ କାନନବାଳା ଦାସଙ୍କ ନେତୃତ୍ୱରେ ଏକ ଟିମ୍ କେନ୍ଦ୍ରାପଡା ଏସପିଙ୍କୁ ଭେଟି ସୋସାଇଟି ସଭାପତିଙ୍କ ଗିରଫ ଦାବି କରିଛି। ଏଥିସହିତ ମହିଳାଙ୍କ ପ୍ରତି ଅସଦାଚରଣ ମାମଲାର ତଦନ୍ତରେ ବିଳମ୍ବ ହେବା ନେଇ ପ୍ରଶ୍ନ ଉଠାଇଛନ୍ତି। ସୂଚନାଯୋଗ୍ୟ, ସଂପୃକ୍ତ ମହିଳା କର୍ମଚାରୀ ସୋସାଇଟି ସଭାପତି ପ୍ରମୋଦ ସାହୁ ତାଙ୍କୁ ଅଫିସ ଚାମ୍ବରକୁ ଡାକି ଅଶ୍ଲୀଳ ବ୍ୟବହାର କରିବା ଓ ସାନମଙ୍ଗଳାସ୍ଥିତ ଫାର୍ମ ହାଉସରେ ଅସଦାଚରଣ କରିବା ନେଇ ଟାଉନ ଥାନାରେ ଗତ ଏପ୍ରିଲ ୩୦ ତାରିଖରେ ଅଭିଯୋଗ ପତ୍ର ଦେଇଥିଲେ। ପୋଲିସ ଏନେଇ ମାମଲା ରୁଜୁ କରି ନ ଥିବାରୁ ଏସଡିଜେଏମ କୋର୍ଟରେ ୧ସିସି କେସ କରିଥିଲେ। ଅପରପକ୍ଷରେ ସୋସାଇଟିର ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ ମହିଳା କର୍ମଚାରୀ ଓ ଅନ୍ୟ କମଚାରୀଙ୍କ ନାମରେ ଏସଡିଜେଏମ କୋର୍ଟରେ ମାମଲା କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ସମେତ ୨୫ ଜଣଙ୍କୁ ଗତ ଏପ୍ରିଲ ୨୬ ତାରିଖରେ ବିଭିନ୍ନ ଶାଖାକୁ ବଦଳି କରାଯାଇଥିଲା। ଏହି ବଦଳିରେ ଉତକ୍ଷିପ୍ତ ହୋଇ ସେହିଦିନ ଅପରାହ୍ନରେ ମହିଳା କର୍ମଚାରୀ ଓ ଅନ୍ୟ ଜଣେ କର୍ମଚାରୀ ମିଶି ସଭାପତିଙ୍କ ଚାମ୍ବରରେ ପଶି ଧମକ ଦେଇଥିଲେ ବୋଲି କହିଛନ୍ତି। ଏଏସପି ଅମିତା ପଟ୍ଟନାୟକ ଏହି ମାମଲାର ତଦନ୍ତ ଅଧିକାରୀ ଅଛନ୍ତି।

# ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍ଯାପିତ


ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

କେନ୍ଦ୍ରାପଡା ଅଫିସ, ୩୧।୧୦

କେନ୍ଦ୍ରାପଡା ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଗୁରୁବାର ଉଦ୍ଯାପିତ ହୋଇଛି। ଗତ ୨ରୁ ସହରର ଗରାପୁରଠାରେ ଆରମ୍ଭ ହୋଇଥିବା ଏହି ପଦଯାତ୍ରା କେନ୍ଦ୍ରାପଡା ବ୍ଲକ ଭାଗବତପୁର ପଞ୍ଚାୟତରେ ସମାପନ କରାଯାଇଛି। ବିଧାୟକ ଶଶିଭୂଷଣ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଜନସମ୍ପର୍କ ପଦଯାତ୍ରା ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ଏହି ଉପଲକ୍ଷେ ଭାଗବତପୁର ପଞ୍ଚାୟତ ବିଜେଡି ସଭାପତି ବିଜୟ କେତନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ମୋ ସରକାର, ଓଡିଶା ମୋ ପରିବାର, ୫-ଟି ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ବରିଷ୍ଠ ନେତା ଭଜକୃଷ୍ଣ ରାଉତ, ପ୍ରଦୀପ୍ତ ମହାନ୍ତି, ଦେବଦାସ ମହାନ୍ତି, ଆଲୋକ ସାହୁ, ଦୁଷ୍ମନ୍ତ ମଲ୍ଲିକ, ଗୀତାଞ୍ଜଳୀ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ଯୁବ, ଛାତ୍ର ଓ ମହିଳା କର୍ମୀ ଯୋଗଦେଇ ଆଗାମୀ ଦିନରେ ବିଜେଡି ଦଳୀୟ ସ୍ଥିତିକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ।

### ୧୯୯୦ ବ୍ୟାଚର ବନ୍ଧୁ ମିଳନ, ଗୁରୁପୂଜନ ଉତ୍ସବ

ରାଜକନିକା, ୩୧।୧୦(ଡି.ଏନ୍.ଏ.)

ଗୁରୁ ଶିଷ୍ୟଙ୍କ ନିଆରା ସମ୍ପର୍କକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ରାଜକନିକା ବ୍ଲକ ଅନ୍ତର୍ଗତ ତରାସ ହାଇସ୍କୁଲର ୧୯୯୦ ବ୍ୟାଚରେ ଛାତ୍ରୀଛାତ୍ରମାନେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସ୍ଥାନୀୟ ନୟନା ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଜୟ ବେହୁରା ଆବାହକତ୍ୱ କରିଥିଲେ। ତତ୍କାଳୀନ ପ୍ରଧାନ ଆଚାର୍ଯ୍ୟ ବ୍ରଜକିଶୋର ରାଉଳ, ଶିକ୍ଷକ ଭାଗୀରଥି ସାମଲ, କାଳୀପ୍ରସାଦ ନାୟକ, ଚକ୍ରଧର ପାତ୍ର, ଅଜୟ ନାୟକ ଓ ଅନନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନିଜ ନିଜର ପୁରୁଣା ସ୍ମୃତିରୁ କିଛି ସାଉଣ୍ଟିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଏହି ଅବସରରେ ମତବ୍ୟକ୍ତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦାବନ ରାଉତ, ସରୋଜ ମହାନ୍ତି, କମଳାକାନ୍ତ ପଣ୍ଡା, ବୈଲୋଚନ ବଳ, ପ୍ରଶାନ୍ତ ପାଣି, ନିହାର ରଞ୍ଜନ ପାତ୍ର, ପ୍ରଶାନ୍ତ ନାୟକ ଓ ନୟନ କିଶୋର ବଳ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଉଦ୍ଯାପିତ

ପଟ୍ଟାମୁଣ୍ଡାଇ, ୩୧।୧୦ (ସ୍ୱ.ପ୍ର.)


ମହୋତ୍ସବରେ ଅତିଥିମାନେ।

ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କଜଳବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଅପରାହ୍ନରେ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଭ୍ରମରବର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବେହେରା ମୁଖ୍ୟବକ୍ତା ଓ ବିଆରସିସି ଗୋବିନ୍ଦ ଚନ୍ଦ୍ର ପରିଡା, ସହକାରୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାମନ୍ତରାୟ, ସହକାରୀ ଶିକ୍ଷା ଅଧିକାରୀ ଚନ୍ଦ୍ରଭାନୁ ମଲ୍ଲିକ, ସରପଞ୍ଚ ସୁବାସ ଖଟୁଆ, ସମିତି ସଭ୍ୟ ଶରତ ଚନ୍ଦ୍ର ସାମଲ, ଜିଲା ପରିଷଦ ପ୍ରତିନିଧି ସୁବାସ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରେମାନନ୍ଦ ଜୀବନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିଆରସିସି ଗୋଲକ ବିହାରୀ ମଲ୍ଲିକ, ବିଜୟ କୁମାର ସାହୁ, ଅନ୍ତର୍ଯ୍ୟାମୀ ବେଜ, ହରିହର ପତି, ମନୋରଞ୍ଜନ ଦାସ, ତ୍ରିଲୋଚନ ସ୍ୱାଇଁ, ବିଧୁଭୂଷଣ ମହାନ୍ତି, ବିଶ୍ୱରଞ୍ଜନ ଦାଶ, କଳାକାର ସାହୁ, ସଞ୍ଜୟ କୁମାର ପୃଷ୍ଟି, ନନ୍ଦକିଶୋର ରାଉତ, ରଞ୍ଜନ ସାହୁ, ଗୋଦାବରୀଶ ମିଶ୍ର ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବିଇଓ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ପ୍ରଧାନଶିକ୍ଷକ ଦିଲୀପ ମଲିକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉମାକାନ୍ତ ଖଟୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଗ୍ରାମ୍ୟ ସଂସ୍କୃତି, ସଭ୍ୟତା ସାହିତ୍ୟର ଅନ୍ତୁଡ଼ିଶାଳ

ପଟ୍ଟାମୁଣ୍ଡାଇ, ୩୧।୧୦ (ସ୍ୱ.ପ୍ର.)



ସଭାରେ ବିଶିଷ୍ଟ ଲେଖକ ଓ କବିମାନେ।

ଗ୍ରାମ୍ୟ ସଂସ୍କୃତି ଓ ସଭ୍ୟତା ସାହିତ୍ୟର ଅନ୍ତୁଡ଼ିଶାଳ। ଯୁଗେ ଯୁଗେ ମଣିଷ ଗାଁ ଚଳଣି, ଗ୍ରାମ୍ୟ ଜୀବନର ସରଳତା ଓ ସମ୍ପର୍କକୁ ଝୁରି ଆସିଛି। ସାହିତ୍ୟ ଏକାଡେମୀ ଓ ପଟ୍ଟାମୁଣ୍ଡାଇ ବେଲେଶ୍ୱର ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ମହାବୀର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ଏଥିରେ ବିଶିଷ୍ଟ ଲେଖକ ତଥା ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟା ନନ୍ଦ ସିଂହ ପୌରୋହିତ୍ୟ କରିଥିଲେ। କଥାକାର ଗିରିଶ ସାହୁ, କଥାକାର ଅତୁଲ ବଳ ଯୋଗଦେଇ ଗ୍ରାମ୍ୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟ ସଭାରେ କବି ଅଭିରାମ ସାହୁ, ନାରାୟଣ ପ୍ରସାଦ ରାଉଳ, କଥାକାର ପ୍ରଦୀପ ନାୟକ, କବି ନବଜ୍ୟୋତି ରାୟ, ଗାଳ୍ପିକ ପ୍ରକାଶ ବେହେରା ଗଳ୍ପ ଓ କବିତା ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବରେ କବି ସଚ୍ଚିତ୍ର ବେହୁରା, କବି ଚାରୁଲତା ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ଶରତ ଚନ୍ଦ୍ର ନାୟକ, ପ୍ରମୋଦ ମଲ୍ଲିକ, ରଞ୍ଜନ ବାୟୀ, ସଞ୍ଜୟ ମଲ୍ଲିକ, ଅଶୋକ ସାହୁ, ମନୋଜ ଶତପଥୀ, ଅଶୋକ ପରିଡ଼ା, ମାଧବାନନ୍ଦ ପାତ୍ର, ସୁଶାନ୍ତ ଦାଶ, କୁଳମଣି ସାହୁ, ଶଙ୍କର୍ଷଣ ଦାଶ, ଦେବାଶିଷ ପ୍ରଧାନ, ଫକୀର ଚରଣ ଓଝା, ରଞ୍ଜନ ରଣା, ସନ୍ତୋଷ ପତି, ସୀତାକାନ୍ତ ରାଉଳ, ନରହରି ଦାସ, ପ୍ରେମାନନ୍ଦ ଦାସ, ମହନ୍ତ ମଲିକ, ସୁରେଶ ବାୟୀ, ଇଂ. ତପନ ପାତ୍ର, ବ୍ରଜବନ୍ଧୁ ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଉତ୍ସବରେ ଶିକ୍ଷକ ନେତା ଗୋଲୋକ ବିହାରୀ ସାହୁ, ଶିବ ପ୍ରସାଦ ବେହେରା, ଅଧ୍ୟାପକ ଶୁଭକାନ୍ତ ନାୟକ, ଅତୁଲ ସାହୁ, ଶ୍ରୀକାନ୍ତ ତ୍ରିପାଠୀ, ଶିକ୍ଷକ ପ୍ରହ୍ଲାଦ ସାହୁଙ୍କ ସମେତ ଅନେକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସରୋଜ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସମସ୍ୟା ସମାଧାନ ପାଇଁ ଏକଜୁଟ ହେବାକୁ ଆହ୍ୱାନ

କେନ୍ଦ୍ରାପଡା ଅଫିସ,୩୧।୧୦



ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଶ୍ରମିକ ସଂଗଠନର ଶତବାର୍ଷିକୀ**

ଅଖିଳ ଭାରତ ଶ୍ରମିକ ସଂଗଠନ (ଏଆଇଟିୟୁସି)କୁ ଇତିମଧ୍ୟରେ ୧୦୦ ବର୍ଷ ପୂରଣ ହୋଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ସହର ଟାଉନ ହଲଠାରେ ଶତବାର୍ଷିକୀ ପୂର୍ତ୍ତି ଉତ୍ସବ ଗୁରୁବାର ପାଳନ କରାଯାଇଛି। ଜିଲା ସଭାପତି ବାବାଜୀ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଭାରତର ପ୍ରଥମ ସଂଗଠନ ଏଆଇଟିୟୁସିର ସଂଗ୍ରାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ସିପିଆଇ ନେତା ଅଭୟ ସାହୁ, ଜିଲା ଶ୍ରମ ଅଧିକାରୀ ରାମଚନ୍ଦ୍ର ନାୟକ, ଶିକ୍ଷାବିତ ଅଜୟ ସାମଲ, ଆଇନଜୀବୀ ଅଧିକାରୀ ପ୍ରଭାତ କୁମାର ଦାସ, ଶ୍ରମିକ ନେତା ଜଗତଜୀବନ ଦାସ, ବସନ୍ତ ସେଠୀ, ରମଣୀରଞ୍ଜନ ରାଉତରାୟ, ଫକୀର ଚରଣ ଖଟୁଆ, ମୁକ୍ତାର ଖାଁ, ଅଭୟ କୁମାର ଦାସ, ଶାନ୍ତିପ୍ରଭା ନାୟକ, ଦମୟନ୍ତୀ ସାମଲ ପ୍ରମୁଖ ଯୋଗଦେଇ ଶ୍ରମିକଙ୍କ ସମସ୍ୟା ଓ ସଂଗ୍ରାମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଦେଶ ସ୍ୱାଧୀନତାର ୨୭ ବର୍ଷ ପୂର୍ବରୁ ମାଲିକଙ୍କ ନାଲିଆଖିକୁ ନ ଡରି ବମ୍ବେଠାରେ ଏହି ସଂଗଠନ ଆରମ୍ଭ ହୋଇଥିଲା। ଏହି ୧୦ ବର୍ଷ ମଧ୍ୟରେ ବିଭିନ୍ନ ଶ୍ରମିକ ସଂଗଠନ ଆଗକୁ ଆସି ସେମାନଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିଛନ୍ତି। ଇତିମଧ୍ୟରେ ଦେଶ ସ୍ୱାଧୀନ ହୋଇଥିଲେ ମଧ୍ୟ ଶ୍ରମିକଙ୍କ ସମସ୍ୟାର ସମାଧାନ ହେଉନାହିଁ। ଏନେଇ ସମସ୍ତ ଶ୍ରମିକ ସଂଗଠନ ଏକଜୁଟ ହୋଇ ଦେଶର ଶ୍ରମ ଆଇନ ସଂଶୋଧନ ପାଇଁ ଆଗକୁ ବଢ଼ିବା ଆବଶ୍ୟକ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ। ଉତ୍ସବରେ ଜିଲା ସମ୍ପାଦକ ବିକାଶ ଚନ୍ଦ୍ର ବେହୁରା ସଂଗଠନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉତ୍ସବ ପୂର୍ବରୁ ସହରର ତିନିମୁହାଁଣି ଠାରୁ ୪୪ଟି ଶ୍ରମିକ ସଂଗଠନର ଏକ ରାଲି ଉତ୍ସବସ୍ଥଳ ପର୍ଯ୍ୟନ୍ତ ଯାଇଥିଲା।

## ବହୁ ଚର୍ଚ୍ଚିତ ସନ୍ଦୀପ ନନ୍ଦ ହତ୍ୟା ମାମଲା

# ୧୦ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

ବହୁ ଚର୍ଚ୍ଚିତ ସନ୍ଦୀପ ନନ୍ଦ ହତ୍ୟା ମାମଲାରେ ଶୁଣାଣି କରି ଭୁବନେଶ୍ୱର ଚତୁର୍ଥ ଅତିରିକ୍ତ ଜିଲା ଦୌରାଜଜ୍ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୧୦ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ସତ୍ୟ ରଞ୍ଜନ ପ୍ରଧାନ। ଜରିମାନା ଅନାଦାୟ ହେଲେ ଆହୁରି ୬ମାସ ଜେଲ୍ ଭୋଗିବାକୁ ପଡିବ। ୧୯ ଜଣଙ୍କ ସାକ୍ଷ୍ୟ ଓ ୨୪ଟି କାଗଜପତ୍ରକୁ ଆଧାର କରି ବିଚାରପତି ପ୍ରଧାନ ଏହି ରାୟ ଶୁଣାଇଛନ୍ତି। ଆଜୀବନ କାରାଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଆଶିଷ କୁମାର ବେହେରା (୨୬), ଶୈଳେନ୍ଦ୍ର ସାମନ୍ତରାୟ (୪୧), ସୁନୀଲ କୁମାର ସାମନ୍ତରାୟ (୩୬), ଘନଶ୍ୟାମ ବାଉତ (୩୮), ପ୍ରଭାତ ରଞ୍ଜନ ବେହେରା (୪୪), ତ୍ରିଲୋଚନ ବେହେରା (୩୪), ଛବୀନ୍ଦ୍ର ବେହେରା (୩୭), ପ୍ରକାଶଚନ୍ଦ୍ର ବେହେରା (୩୪), ଅଶୋକ କୁମାର ବାଉତ (୩୫) ଓ ବିଷ୍ଣୁପ୍ରସାଦ ବେହେରା (୪୨)। ସମସ୍ତ ଅଭିଯୁକ୍ତଙ୍କ ଘର ଘାଟିକିଆ ଅଞ୍ଚଳରେ। ସରକାରୀ ପିପି ଭାବେ ମାମଲା ପରିଚାଳନା କରୁଥିଲେ ଡା. ସୁରେଶ କୁମାର ବାରି। ସହଯୋଗ କରିଥିଲେ ରଞ୍ଜିତ ମହାପାତ୍ର ଓ ସୁଧାଂଶୁ ଶେଖର ପଣ୍ଡା। ୨୦୧୨ ଏପ୍ରିଲ ୧ରେ ଖଣ୍ଡଗିରି କଳିଙ୍ଗନଗର ଛକରେ ଘଟିଥିଲା ଏହି ହତ୍ୟାକାଣ୍ଡ। ଘାଟିକିଆ ଅଞ୍ଚଳର ସନ୍ଦୀପଙ୍କ ଗୋଷ୍ଠୀ ସହ ଅନ୍ୟ ଏକ ଗୋଷ୍ଠୀ ମଧ୍ୟରେ ବହୁଦିନ ହେବ ଶତ୍ରୁତା ଲାଗି ରହିଥିଲା। ଘଟଣାଦିନ ସନ୍ଦୀପ ତା'ର ଦୁଇ ବନ୍ଧୁ ଦେବାଶିଷ କର ଓ ଲୋକନାଥ ମହାପାତ୍ରଙ୍କ ସହ ଘାଟିକିଆ ଛକସ୍ଥିତ ଏକ ଦୋକାନରୁ ଚା' ପିଇ ବାଇକଯୋଗେ କଳିଙ୍ଗ ନଗର ଛକରେ ପହଞ୍ଚିଥିଲେ। ପୂର୍ବରୁ ସେଠାରେ ଯୋଜନାବଦ୍ଧଭାବେ ଜଗି ରହିଥିବା ୧୦ଜଣ ଅଭିଯୁକ୍ତ ଲୁହାରଡ୍, ହକି ଷ୍ଟିକ ଓ ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ପୋଲିସ ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଉଦ୍ଧାର କରି ଖଣ୍ଡଗିରି ଥାନାଞ୍ଚଳରେ ଥିବା ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସନ୍ଦୀପଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଦୀପଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ଏନେଇ ଖଣ୍ଡଗିରି ଥାନା ପୋଲିସ ଆଇପିସି ଦଫା ୨୯୪, ୩୪୧, ୩୦୨ ଓ ୩୪ରେ ମାମଲା ନଂ.୧୨୬/୧୨ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।


ସନ୍ଦୀପ ନନ୍ଦ।

## ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନୀତି ପ୍ରସଙ୍ଗ

# ଦୁର୍ନୀତି କଲେ ଅଭିଶାପ ପଡ଼ିବ: ଧର୍ମେନ୍ଦ୍ର

**ପୁରୀ ଅଫିସ, ୩୧।୧୦**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ନେଇ ବିଭିନ୍ନ ସମୟରେ ଅଭିଯୋଗ ଉଠୁଛି। ଫଳରେ ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ସମାଲୋଚନାର ଶିକାର ହେବାକୁ ପଡୁଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଦୁର୍ନୀତି କଲେ ଅଭିଶାପ ପଡ଼ିବ। ଗୁରୁବାର ପୁରୀ ଗସ୍ତ ଅବସରରେ ଗଣମାଧ୍ୟମକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉଛି ମୋଦି ସରକାରଙ୍କର ଏକ ମହତ୍ୱାକାଂକ୍ଷୀ ଯୋଜନା। ଏଥିରେ ରାଜ୍ୟ ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି। ଛୋଟ ମନ କଲେ କାମ ହେବ ନାହିଁ। ଏହି ଯୋଜନା ପାଇଁ କେନ୍ଦ୍ର ସରକାର ୬୦ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ଦେଉଛନ୍ତି। ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ଦରକାର। ଯେଉଁମାନେ ପ୍ରକୃତରେ ଘର ପାଇବାକୁ ଯୋଗ୍ୟ ତାହାର ଠିକ୍ ତାଲିକା କରାଯାଇ ସେହିମାନଙ୍କୁ ଏଥିରେ ସାମିଲ କରାଯାଉ। ସେହିପରି ଫନୀ ଘରଭଙ୍ଗା ସହାୟତା ପ୍ରଦାନରେ ଅନିୟମିତତା ହୋଇଥିବା ଶୁଣିଲି। ବହୁ ଥିଲାବାଲା ଲୋକ ଅର୍ଥାତ ଯେଉଁମାନଙ୍କର କୋଠାଘର ଅଛି, ବାତ୍ୟାରେ ଆଂଶିକ କିମ୍ବା ଆଦୌ ଘର କ୍ଷତି ହୋଇନି ସେମାନଙ୍କୁ ଘରଭଙ୍ଗା ସହାୟତା ଦିଆଯାଇଛି। ଏଥିରେ ଭୁଲ୍‌ଭଟକା ହୋଇଥାଇପାରେ, କିନ୍ତୁ ଏହାକୁ ସୁଧାରିବା ଆବଶ୍ୟକ। ଜଣେ ଯୋଗ୍ୟ ବ୍ୟକ୍ତି ଆବାସ ସହାୟତାରୁ ବଞ୍ଚିତ ନ ହେବା ପ୍ରତି ପ୍ରଶାସନ ଧ୍ୟାନ ଦେବା ଉଚିତ।

# ବେଆଇନ ଟିକେଟ ବୁକିଂ କରି ଯୁବକ ଗିରଫ

**ଖଇରା, ୩୧।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୋଟିଆକୋଇଲି ଗ୍ରାମର ରାଜେଶ ବାରିକ ସରକାରୀ ଆଇଡି ହ୍ୟାକ୍ କରି ରେଲୱେ ଟିକେଟ କାଟିବା ଅଭିଯୋଗରେ ଖଡଗପୁର ରେଲୱେ ପୋଲିସ ଗୁରୁବାର ପୂର୍ବାହ୍ନରେ ତାଙ୍କୁ ଗିରଫ କରିଛନ୍ତି। ରାଜେଶ 'ବାରିକ କମ୍ୟୁନିକେଶନ' ନାମରେ ଏକ ଦୋକାନ ଖୋଲି ରେଲୱେ ଟିକେଟ ବୁକିଂ କରୁଥିଲେ। ଖଡ୍‌ଗପୁର ରେଲୱେ ପୋଲିସ ଖବରପାଇ ବାଲେଶ୍ୱର ରେଲୱେ ପୋଲିସ ସହାୟତାରେ କୋଟିଆକୋଇଲି ଗ୍ରାମକୁ ଯାଇ ଉକ୍ତ ଦୋକାନ ଉପରେ ଚଢାଉ କରିଥିଲେ। ତାଙ୍କୁ ଗିରଫ କରାଯିବା ସହ ଏକ କମ୍ପ୍ୟୁଟର, ପ୍ରିଣ୍ଟର ମେସିନ, ମୋବାଇଲ ଫୋନ, ନଗଦ ୧ହଜାର ୫୦ଟଙ୍କା ଓ ତତ୍କାଳ ଟିକେଟ ଜବତ କରିଥିଲେ। ତାଙ୍କ ନାମରେ ମାମଲା (ନଂ.୮୮୪/୧୯) ରୁଜୁ ହୋଇଛି।

# 'ନବଜାଗରଣ ଆଣିବାରେ ରାମକୃଷ୍ଣ ମଠ କେନ୍ଦ୍ରବିନ୍ଦୁ ହେଉ'

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଓଡିଶାକୁ ନବଜାଗରଣ କରିବାରେ ରାମକୃଷ୍ଣ ମଠ ଓ ମିଶନ କେନ୍ଦ୍ରବିନ୍ଦୁ ହେଉ ବୋଲି ଗୁରୁବାର ଏହାର ଶତବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସମାଜକୁ ସ୍ୱାଭିମାନୀ କରିବା ଏବଂ ଦୈନନ୍ଦିନ ଜୀବନର ଜଞ୍ଜାଳରୁ ମୁକ୍ତ କରି ସମାଧାନର ରାସ୍ତା ବାହାର କରିବା, ସମାଜକୁ ଜାଗରଣ କରିବା ଭଳି ସ୍ୱାମୀ ବିବେକାନନ୍ଦଙ୍କ ବିଚାରକୁ ଓଡିଶାର ନୂଆପିଢି ପାଖରେ ଆଧୁନିକ ଢଙ୍ଗରେ ପହଞ୍ଚାଇପାରିଲେ ହିଁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ଏହା ଠିକ୍ ଶ୍ରଦ୍ଧାଞ୍ଜଳି ହେବ। ଓଡିଶା ଶାଖାର ଏହି ମଠକୁ ପୂଜ୍ୟ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବ୍ରହ୍ମାନନ୍ଦଜୀ ମହାରାଜ ୧୯୧୯ ଅକ୍ଟୋବରରେ ସ୍ଥାପନା କରିଥିଲେ। ରାଜଧାନୀ ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମଠ ସ୍ଥାପନା ଦିନଠାରୁ ତା'ର ଧ୍ୟେୟ ଓ ଉଦ୍ଦେଶ୍ୟ ପାଇଁ କାମ କରି ଆସୁଛି। ଓଡିଶାର ରାମକୃଷ୍ଣ ମିଶନ ଓ ମଠର ସ୍ଥାପନାକୁ ଶହେବର୍ଷ ପୂରଣ ହୋଇଥିବାରୁ ଏହା ସହ ଜଡିତ ସମସ୍ତ ସାଧୁସନ୍ଥ ଓ ପଦାଧିକାରୀମାନଙ୍କୁ ଧର୍ମେନ୍ଦ୍ର ଅଭିନନ୍ଦନ ଜଣାଇଛନ୍ତି। ବଲାଙ୍ଗୀର ରାଜ ପରିବାରର ପ୍ରତ୍ୟକ୍ଷ ସହଯୋଗୀ ଫଳରେ ଏଠାରେ ଭବ୍ୟ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇପାରିଛି। ସେହିପରି ମନୁଷ୍ୟ ମନରେ କ୍ଷଣକ୍ଷଣରେ ଉତ୍ସାହ ଓ ନିରୁତ୍ସାହ ଆସେ। ଏହି ଉତ୍ସାହକୁ ନିରନ୍ତର ବନାଇ ରଖିବା ନିରୁତ୍ସାହକୁ କାଟି ତାକୁ ଉତ୍ସାହରେ ପରିଣତ କରିବା ଭଳି ସ୍ୱାମିଜୀଙ୍କ ଦୁଇଶବ୍ଦ ବାରମ୍ବାର ପଢିଲେ ହିଁ ସମାଧାନର ରାସ୍ତା ବାହାରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଏଚ୍‌ଆଇଭି ସଂକ୍ରମିତ ଉପକରଣରେ ଅସ୍ତ୍ରୋପଚାର ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ):** ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚ (ଭିମ୍‌ସାର) ଦନ୍ତ ବିଭାଗରେ ଏଚ୍‌ଆଇଭି ସଂକ୍ରମିତ ଉପରକରଣରେ ୧୨ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର କରିବା ଘଟଣା ଏବେ ଜାତୀୟ ମାନବାଧିକା କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ଉକ୍ତ ରୋଗୀଙ୍କୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ପାଇଁ କମିଶନଙ୍କ ନିକଟର ପିଟିଶନ ହୋଇଛି। ମାନବିକ ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି, ଡାକ୍ତର ଜାଣିଶୁଣି ରୋଗୀଙ୍କ ଜୀବନ ସହ ଖେଳ ଖେଳିଛନ୍ତି। ତେଣୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ଅସ୍ତ୍ରୋପଚାର କରାଯାଇଥିବା ବ୍ୟକ୍ତିଙ୍କୁ ୪ ସପ୍ତାହ ମଧ୍ୟରେ କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ହିମାଂଶୁ ତାଙ୍କ ପିଟିଶନ ମାଧମରେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଅନୁଗୋଳ ଜିଲା ଆଠମଲ୍ଲିକର ଜଣେ ଏଚ୍‌ଆଇଭି ସଂକ୍ରମିତ ରୋଗୀ ଦୁର୍ଘଟଣାର ଶିକାର ହୋଇ ବୁର୍ଲା ମେଡିକାଲର ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଥିଲେ। ୨୮ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ବ୍ୟବହୃତ ଉପକରଣକୁ ଆବଶ୍ୟକ ବିଶୋଧନ କରା ନ ଯାଇ ଅନ୍ୟ ୧୨ଜଣଙ୍କୁ ଅସ୍ତ୍ରୋପଚାର କରାଯାଇଥିଲା।


## ସରକାରୀ ପଲିଟେକ୍ନିକ୍, ଢେଙ୍କାନାଳ
### (C.D.T.P., ଦୂରଭାଷ ନମ୍ବର: ୨୨୬୫୪୧)

No.: KK-78: ଏତଦ୍ୱାରା ଢେଙ୍କାନାଳ ଜିଲ୍ଲାର ଅଣକୁଶଳୀ ଯୁବକ ଯୁବତୀମାନଙ୍କୁ ଜଣାଇ ଦିଆଯାଉଛି ଯେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ସି.ଡି.ଟି.ପି. (CDTP) ମାଧ୍ୟମରେ କର୍ମକୁଶଳତା ବୃଦ୍ଧି କରି ଆତ୍ମ ନିର୍ଭରଶୀଳ କରାଇବା ନିମନ୍ତେ ଏହି ଜିଲ୍ଲାରେ ନିମ୍ନଲିଖିତ ଟ୍ରେଡଗୁଡ଼ିକରେ ତାଲିମ କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାକେନ୍ଦ୍ର ତଥା ଅନୁମୋଦିତ ଶାଖା ଶିକ୍ଷାକେନ୍ଦ୍ର ମାନଙ୍କରେ ଚାଲୁହେବ। ଇଚ୍ଛୁକଥିବା ଅଣକୁଶଳୀ ଶିକ୍ଷିତ ଯୁବକ ଯୁବତୀ ସରକାରୀ ପଲିଟେକ୍ନିକ୍, ଢେଙ୍କାନାଳରୁ ବିନାମୂଲ୍ୟରେ ଆବେଦନ ଫର୍ମ ନେଇ ଏବଂ ଉପଯୁକ୍ତ ଭାବେ ପୂରଣ କରି ଆସନ୍ତା ୧୩।୧୧।୨୦୧୯ ତାରିଖ ସୁଦ୍ଧା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ଆବଶ୍ୟକ। ନିମ୍ନଲିଖିତ ଟ୍ରେନିଂ ଗୁଡ଼ିକରେ ତାଲିମ ନିମନ୍ତେ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଦେୟ ଦେବାକୁ ହେବ ନାହିଁ କିମ୍ବା ଷ୍ଟାଇପେଣ୍ଡ (Stipend) ପାଇବା ବ୍ୟବସ୍ଥା ନାହିଁ।

| କ୍ର.ନଂ. | ତାଲିମ ବିଭାଗ | ତାଲିମ ଅବଧି (ଘଣ୍ଟାରେ) | ତାଲିମ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା | ଶିକ୍ଷାକେନ୍ଦ୍ର ଅଞ୍ଚଳର ନାମ |
|---|---|---|---|---|
| ୦୧ | କମ୍ପ୍ୟୁଟର ଫଣ୍ଡାମେଣ୍ଟାଲ ଏମ୍.ଏସ୍. ଅଫିସ୍ ଓ ଇଣ୍ଟରନେଟ | ୧୨୦ଘ. | ଅଷ୍ଟମ | ସଦର ବ୍ଲକ |
| ୦୨ | ରିପେୟାର ଏଣ୍ଡ ମେଣ୍ଟେନାନ୍ସ ଅଫ୍ ସେଲ୍ୟୁଲାର ଫୋନ | ୨୧୦ଘ. | ଅଷ୍ଟମ | ସଦର ମହକୁମା |
| ୦୩ | ବେସିକ ସିଉଇଂ ଅପରେଟର | ୨୭୦ଘ. | ଅଷ୍ଟମ | ଓଡ଼ାପଡ଼ା ବ୍ଲକ ଓ ସଦର ବ୍ଲକ |
| ୦୪ | ମେସିନ ଏମ୍ବ୍ରିଓଡେରି ଅପରେଟର | ୨୧୦ଘ. | ପଞ୍ଚମ | ଓଡ଼ାପଡ଼ା ବ୍ଲକ |

ବି.ଦ୍ର.: କୌଣସି ଟ୍ରେଡ଼ରେ ଆବଶ୍ୟକ ସଂଖ୍ୟକ ଆବେଦନକାରୀ ନ ମିଳିଲେ ସେହି ଟ୍ରେଡ଼ରେ ତାଲିମ ହେବ ନାହିଁ।

14024/11/0006/1920 — ଅଧ୍ୟକ୍ଷ, ସରକାରୀ ପଲିଟେକ୍ନିକ୍, ମହିଷାପାଟ, ଢେଙ୍କାନାଳ



## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର-୭୫୧୦୧୩

### ବିଜ୍ଞପ୍ତି

No.N-61 :-

ସଂଖ୍ୟା-ପରୀକ୍ଷା ସାଧାରଣ ପ୍ରଭାଗ-୧-/୮୦୬/୧୯/୬୬୨୫/ ଉମାଶିପ/୨୪।୧୦।୨୦୨୦/ ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଆସନ୍ତା ୨୦୨୦ମାର୍ଚ୍ଚ ମାସରେ ହେବାକୁଥିବା ଉଚ୍ଚ ମାଧ୍ୟମିକ (+୨) ବାର୍ଷିକ ପରୀକ୍ଷା ନିମନ୍ତେ ନିୟମିତ (Regular) ପରୀକ୍ଷାର୍ଥୀମାନେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ଫର୍ମ ପୂରଣ ନିମନ୍ତେ ନିମ୍ନ ତାରିଖଗୁଡ଼ିକ ଧାର୍ଯ୍ୟ କରାଯାଇଛି।

୧. ବିନା ଜୋରିମାନା – ତା.୦୧।୧୧।୨୦୧୯ ରୁ ତା.୦୯।୧୧।୨୦୧୯ ପର୍ଯ୍ୟନ୍ତ।

୨. ୫୦ଟଙ୍କା ଜୋରିମାନା – ତା.୧୧।୧୧।୨୦୧୯ ରୁ ତା.୧୬।୧୧।୨୦୧୯ ପର୍ଯ୍ୟନ୍ତ।

୩. ୩୫୦ଟଙ୍କା ଜୋରିମାନା – ତା.୧୮।୧୧।୨୦୧୯ ରୁ ତା.୨୦।୧୧।୨୦୧୯ ପର୍ଯ୍ୟନ୍ତ।

ଏହାର ସବିଶେଷ ବିବରଣୀ www.chseodisha.nic.in ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସ୍ୱା./- ବିଜୟ କୁମାର ସାହୁ
ପରୀକ୍ଷା ନିୟନ୍ତ୍ରକ

11003/11/0010/1920



## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନାରାୟଣ ନାୟକ, ହରିହର ନାୟକ ଏବଂ ଅର୍ଜୁନ ନାୟକ ସର୍ବପିତା ସ୍ୱର୍ଗତ୰ ପ୍ରହଲ୍ଲାଦ ନାୟକ, ସାକିନ ଖଜାପଟି ରାସ୍ତା, ମଣିକର୍ଣ୍ଣିକାସାହି, ପୁରୀ, ଥାନା-ପୁରୀ ସଦର, ପୁରୀ ନିମ୍ନ ପ୍ରଦତ୍ତ ବୃତ୍ତି ଜମି ଓଡ଼ିଶା ସରକାରଙ୍କୁ "ଶ୍ରୀ ମନ୍ଦିର ଜଗନ୍ନାଥ ସୁରକ୍ଷା ବଳୟରେ ଉନ୍ନତୀକରଣ" ପ୍ରକଳ୍ପ ନିମନ୍ତେ ପ୍ରତ୍ୟକ୍ଷ ବିକ୍ରୟ ପାଇଁ ଆଗ୍ରହ ପ୍ରକାଶ କରିଅଛନ୍ତି, ଯଦି ଏ ସମ୍ବନ୍ଧରେ କୌଣସି ବ୍ୟକ୍ତି ବା ଅନୁଷ୍ଠାନମାନଙ୍କର ଆପତ୍ତି ଅଭିଯୋଗ ଥାଏ, ତାହା ଆସନ୍ତା ୭(ସାତ ଦିନ) ମଧ୍ୟରେ ଲିଖିତ ଆକାରରେ ଭୂ-ଅର୍ଜନ ଅଧିକାରୀ, ଶ୍ରୀ ମନ୍ଦିର ଜଗନ୍ନାଥ ସୁରକ୍ଷା ବଳୟଙ୍କ, ପୂର୍ବତନ ପୂର୍ତ୍ତ ଡାକବଙ୍ଗଳା ଭି.ଆଇ.ପି. ରୋଡ ପୁରୀ ସ୍ଥିତ କାର୍ଯ୍ୟାଳୟରେ ଦିବା ୧୦.୦୦ଘଟିକାରୁ ସନ୍ଧ୍ୟା ୫.୩୦ଘଟିକା ମଧ୍ୟରେ ଦାଖଲ କରିପାରିବେ, ଧାର୍ଯ୍ୟ ସମୟ ମିଆଦି ଗତେ ଏସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

### ଜମି ତଫସିଲର ବିବରଣୀ :-

ମୌଜା:ପୁରୀ, ମଣିକର୍ଣ୍ଣିକାସାହି, ପୁରୀ, ତହସିଲ, ପୁରୀ, ଜିଲ୍ଲା-ପୁରୀ।
ପ୍ରଜା ନାମ:- ପ୍ରହଲ୍ଲାଦ ନାୟକ, ପିତା-ଗୋବିନ୍ଦ ନାୟକ, ଜାତି-ଗୋଲା, ବା-ନିଜଗାଁ, ଖତିଆନ ନମ୍ବର-୭୦୦, ପ୍ଲଟ ନମ୍ବର-୧୦୦୪, କିସମ-ଘରବାରି, ଏକ ରକବା-୦.୦୧୮।

ଜିଲ୍ଲାପାଳଙ୍କ ଆଦେଶକ୍ରମେ
ସ୍ୱା./- ଭୂ-ଅର୍ଜନ ଅଧିକାରୀ
ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ, ପୁରୀ



## OFFICE OF THE DEAN & PRINCIPAL, BHIMA BHOI MEDICAL COLLEGE & HOSPITAL, BALANGIR

At/Po/Dist.- Balangir, Pin-767001 (Odisha)
E-mail : gmchospitalbalangir@gmail.com

No. 2162 — Date: 24.10.2019

**CORRIGENDUM TO THE TENDER CALL NOTICE 2064, DATED: 16.10.2019**

No.E-452 :- The following decisions were taken in the Pre-bid meeting for the Tender No. 2064 dated 16.10.2019 held in the Bhima Bhoi Medical College & Hospital, Balangir on 24.10.2019 that:

1. The Manufacturers, if providing authorization to one bidder for the tender [especially for close ended, proprietory items], has to give Authorization Certificate clearly mentioning that, [i] This is a close-ended system and this is the proprictory item, [ii] The Company will certify that, the price quoted by the authorized bidder is the lowest price and [iii] The Company does not provide Authorization Certificate to more than one distributor for a particular bid.
2. The time period for delivery of the items in the purchase order has been increased to 30 days instead of 20 days as mentioned in the Clause 27 of the bid document.

Sd./-
Administrative Officer-cum-Member Convenor
Bhima Bhoi Medical College Hospital, Balangir

10141/11/0009/1920



## ODISHA TOURISM DEVELOPMENT CORPORATION LIMITED

(A Government of Odisha Undertaking)
Panthanivas[Old Block], Lewis Road, Bhubaneswar-751014

**Tender Call Notice No – BP-I/14/2019-20 Dtd. 30.10.2019 for Organization of different festivals - 2019-20**

No.6449 — Date : 30.10.2019

No.: CAD-519: Odisha Tourism Development Corporation Limited on behalf of Department of Tourism, Govt. of Odisha going to organize **Konark Festival – 2019 & International Sand Art Festival - 2019.** Offers are invited from reputed firms/ agencies and Event Managers for different arrangements having past experience and expertise in relevant field. The tenderer shall submit the bid in the prescribed format separately for both the events. Details can be downloaded from our website **www.panthanivas.com.** The bid should reach the office of the undersigned up to **11.00 A.M of 11.11.2019** & will be opened on the same day at 12.00 Noon.

Sd./- Superintending Engineer
OTDC Ltd.

37002/11/0012/1920



## GOVERNMENT OF ODISHA
No.: A-341

## OFFICE OF THE EXECUTIVE ENGINEER MINOR IRRIGATION DIVISION, DHENKANAL

(E-mail ID: eemidkl@yahoo.co.in), Ph. No.: 06762-224461

**Quotation Call Notice No. - DMID/03/2019-20**

(As per E-5 document of World Bank for Procurement of goods under National Shopping).

| | | | |
|---|---|---|---|
| 1 | Number of work | : | 01 (One No.) |
| 2 | Type of work | : | Dam Instrumentation work. |
| 3 | Type of Procurement | : | National Shopping Procedure as per E-5 Document of World Bank. |
| 4 | Estimated Cost | : | Rs. 16.51 Lakh. (Excluding GST) |
| 5 | Cost of Quotation Paper | : | 6000 (Through draft only) |
| 6 | Class of Contractor | : | "C" and above having requisite qualifying Criteria as per DTCN. |
| 7 | Period of Completion | : | 3 (Three) Calendar Months. |
| 8 | Date/Time for Supply Bid Documents | : | From dt. 07.11.2019 at 10.00 A.M. to Dt.18.11.2019 at 3.00 P.M. |
| 9 | Date / Time for receipt of Bid documents. | : | From dt. 07.11.2019 at 10.00 A.M. to Dt.18.11.2019 at 4.00 P.M. |
| 10 | Date and Time of Opening of Bid documents. | : | On dt. 19.11.2019 at 11.00 A.M. In the Office of Executive Engineer, M.I. Division, Dhenkanal. |
| 11 | Place of receive & Supply of Bid Documents. | : | 1. Executive Engineer, M.I. Division, Dhenkanal. |

Executive Engineer
M.I. Division, Dhenkanal

32027/11/0003/1920



No. I-31

## ଓଡ଼ିଶା ସରକାର
## କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. LA-5/19-CTC-2993/RRCS Dtd. 13.08.2019 ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲା ରେ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପର ଦର୍ପଣୀ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର (appropriate Government) ସରକାରୀ ବ୍ୟୟରେ ମୌଜା - **ମାଛପଙ୍କି (ଅତିରିକ୍ତ)** , **ଥାନା- ଚୌଦ୍ୱାର-୭, ତହସିଲ ନଂ- ୧୫**, ଜିଲ୍ଲା- **କଟକ**ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. **୯.୬୪୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାଯ୍ୟଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ -୨୦୧୩ (RFCTLAR & R Act. 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (appropriate Government) ଏତଦ୍ୱାରା ନିମ୍ନ ଅନୁସୂଚି ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାଯ୍ୟଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ -୨୦୧୩ (RFCTLAR &r Act. 2013) ୧୧(୧) ଧାରା ଅନୁଯା ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଠି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗୀତା , ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ ବିଷୟରେ କୌଣସି ଆପତ୍ତି ଥାଏ , ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ :-**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ରେଙ୍ଗାଲି କେନାଲ, ଡିଭିଜନ ନଂ -VII , ଜଗତପୁର ,**କଟକ**
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଅବଶ୍ୟକତାର କାରଣ -ସର୍ବ ଜାଣିନ ଉଦେଶ୍ୟରେ କାର୍ଯ୍ୟକାରୀ କରିବା
୪. ସାମାଜିକ ପ୍ରଭାବ ମୂଲ୍ୟାୟାନର ସାରାଂଶ ...............................ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ
୫.ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ- ଉପଜିଲ୍ଲାପାଳ, କଟକ
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| **କଟକ** | **ଚୌଦ୍ୱାର** | **ମାଛପଙ୍କି (ଅତିରିକ୍ତ)** | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .1.220...ଶରଙ୍କିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ -ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ , ହସ୍ତାନ୍ତର ( ଦେଣ ନେଣ ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ମୌଜା- ମାଛପଙ୍କି (ଅତିରିକ୍ତ)**
**ତହସିଲ- ଟାଙ୍ଗି, ଚୌଦ୍ୱାର, ଥାନା- ଚୌଦ୍ୱାର-୭, ତହସିଲ ନଂ- ୧୫, କଟକ**
**ଦର୍ପଣୀ ଶାଖା କେନାଲ, ଦୂରତା- ୫୬.୯୨୪ କିମି ଠାରୁ ୫୯.୮୮୦**

**Additional Proposal**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ପୂର୍ବ ଅଧିଗ୍ରହଣ ରକବା | ଅତିରିକ୍ତ ଅଧିଗ୍ରହଣ ରକବା | ପ୍ରଜାର ନାମ ପିତା ର ନାମ ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୮ |
| ୧ | ୨୦ | ୧୩୭ | ୦.୧୯୦ | ୦.୧୦୦ | ୦.୦୯୦ | କହ୍ନେଇ ଦେହୁରୀ, ପି- ଗଦେଇ ଦେହୁରୀ ଓଗେର, ଜା- ସଅର, ବା- ନିଜଗା |
| ୨ | ୨୮ | ୧୩୮ | ୦.୪୯୦ | ୦.୨୦୦ | ୦.୨୯୦ | କହ୍ନେଇ ଦେହୁରୀ, ପି- ଗଦେଇ ଦେହୁରୀ ଓଗେର, ଜା- ସଅର, ବା- ନିଜଗା |
| ୩ | ୧୦୦ | ୧୦୪/ ୫୨ | ୦.୧୮୦ | - | ୦.୧୮୦ | ଗୋପୀନାଥ ନାୟକ, ପି- ଘନ ନାୟକ , ଜା- ଗୋପାଳ,ବା- ବ୍ରହ୍ମପୁର |
| ୪ | ୧୦୨ | ୧୫୨ | ୧.୫୦୦ | - | ୧.୫୦୦ | ଶ୍ରୀ ଗୋପାଳ ଜିଉ ଠାକୁର, ଶ୍ରୀ ଦଧିବାମାନ ଜିଉ ବିଜେ କହ୍ନେଇ ପୁର, ମାର୍ଫତ, ଗୋବିନ୍ଦ ଚନ୍ଦ୍ର ମଣ୍ଡଳ, ଗିରିନ୍ଦ୍ରନାଥ ମଣ୍ଡଳ, ପିତା- ଉମେଶ ଚନ୍ଦ୍ର ମଣ୍ଡଳ, ଧିରେନ୍ଦ୍ର ନାଥ ମଣ୍ଡଳ, ହିରେନ୍ଦ୍ର ନାଥ ମଣ୍ଡଳ, ମନିନ୍ଦ୍ରନାଥ ମଣ୍ଡଳ, କର୍ତିକ ଚନ୍ଦ୍ର ମଣ୍ଡଳ, ପି- ସୁରେନ୍ଦ୍ର ନାଥ , ଶଚିନ୍ଦ୍ର ନାଥମଣ୍ଡଳ, ଶୈଳେନ୍ଦ୍ର ନାଥମଣ୍ଡଳ, ପି- ଜତିନ୍ଦ୍ର ନାଥମଣ୍ଡଳ, ଜା- ସ୍ୱର୍ଣ୍ଣ ବଣିକ, ବା- କହ୍ନେଇ ପୁର |
| ୫ | ୧୩୨ | ୧୪୮ | ୧.୮୨୦ | ୦.୧୦୦ | ୦.୮୫୦ | ଗଣେଶ ଚନ୍ଦ୍ର ପ୍ରଧାନ , ପି-ହରେକୃଷ୍ଣ ପ୍ରଧାନ ଜା- ମହ୍ଲା, ବା- ମଙ୍ଗଳାବାଗ ମହ୍ଲା ସାହି , କଟକ |
| ୬ | ୧୩୯ | ୧୪୧ | ୧.୨୨୦ | ୦.୦୩୦ | ୦.୨୦୦ | ଦିଜ ଦେହୁରୀ, ପି- ବୈଷ୍ଣବ ଦେହୁରୀ ଓଗେର , ଜା- ସଅର, ବା- ନିଜଗା |
| ୭ | ୧୪୧ | ୧୫୮ | ୦.୧୨୦ | - | ୦.୧୨୦ | ଦୁର୍ଯ୍ୟୋଧନ ନାୟକ, ପି- ଦିନବଂଧୁ ନାୟକ ଓଗେର ,ଜା-ଖଣ୍ଡାୟତ, ବା- ଚୌଦ୍ୱାର |
| ୮ | ୧୪୩ | ୧୫୯ | ୦.୧୨୦ | - | ୦.୧୨୦ | ଦୁର୍ଯ୍ୟୋଧନ ମଳିକ, ପି- ସତ୍ୟପୀର ମଳିକ ଓଗେର ,ଜା-ଖଣ୍ଡାୟତ, ବା- ବ୍ରହ୍ମପୁର |
| ୯ | ୧୨୦ | ୧୪୩ | ୦.୫୨୦ | - | ୦.୫୨୦ | ନନ୍ଦ ସେଠୀ, ପି- ଭଗି ସେଠୀ, ଜା- ଧୋବା, ସୁନା ବେହେରା, ଗୁନା ବେହେରା, ପି- ହରି ବେହେରା, ଗନ୍ଧର୍ବ ବେହେରା, ଚକ୍ରଧର ବେହେରା, ପି- ଅର୍ଜୁନ ବେହେରା, ଭୀମ ବେହେରା, ପି- ବିଶ୍ୱନି ବେହେରା, କୃଷ୍ଣ ଚନ୍ଦ୍ର ବେହେରା, ପି-କେଲୁ ବେହେରା, ଦଧି ବେହେରା, ପି- ଦିନେଇ ବେହେରା, ହୃଦାନନ୍ଦ ଦେହୁରୀ, କାଳନ୍ଦୀ ଦେହୁରୀ, ପି- ବିଶ୍ୱନ ଦେହୁରୀ, , ବା- କେମାଦେଇପୁର |
| ୧୦ | ୧୨୨ | ୧୩୧ | ୦.୩୨୦ | ୦.୦୨୦ | ୦.୨୦୦ | ନନ୍ଦ ସେଠୀ, ପି- ଭଗି ସେଠୀ, ଜା- ଧୋବା, ସୁନା ବେହେରା, ଗୁନା ବେହେରା, ପି- ହରି ବେହେରା, ଜା-ଗୋପାଳ ହୃଦାନନ୍ଦ ଦେହୁରୀ, କାଳନ୍ଦୀ ଦେହୁରୀ, ପି- ବିଶ୍ୱନ ଦେହୁରୀ, ଦଧି ବେହେରା, ପି- ଦିନେଇ ବେହେରା, ବାଇଧର ବେହେରା, ପି- ଘନ ବେହେରା, କୃଷ୍ଣ ବେହେରା, ପି- କେଲୁ ବେହେରା, ଜା- ସଅର, ବା- କେମାଦେଇପୁର |
| ୧୧ | ୧୮୦ | ୧୪୨ | ୧.୦୨୦ | - | ୦.୧୮୦ | ପାଲୁଣୀ ଦେଇ, ସ୍ୱ-ରାମ ଚନ୍ଦ୍ର ପଲେଇ, ଜା- ଗୋପାଳ ବା- ଗୋଡିପାଟଣା |
| ୧୨ | ୨୦୮ | ୧୫୪ | ୦.୨୪୦ | - | ୦.୧୪୦ | ବିକଳ ନାୟକ, ପି- ଧୋବେଇ ନାୟକ ଓଗେର ଜା-ଖଣ୍ଡାୟତ, ବା- ବ୍ରହ୍ମପୁର |
| ୧୩ | ୨୩୨ | ୧୨୦ | ୦.୨୮୦ | - | ୦.୨୦୦ | ମାନୁ ଦେହୁରୀ, ପି- ଭୀମ ଦେହୁରୀ, ଓଗେର ଜା- ସଅର, ବା- ନିଜଗା |
| ୧୪ | ୨୩୨ | ୧୪୫ | ୦.୦୨୦ | - | ୦.୦୨୦ | ମାଗୁଣି ଦେହୁରୀ, ପି- ସିଧିଆ ଦେହୁରୀ, ଜା- ସଅର, ବା- ନିଜଗା |
| ୧୫ | ୨୪୨ | ୧୪୨ | ୧.୨୮୦ | - | ୦.୨୨୦ | ଅଶୋକ କୁମାର ରାୟ ମହାପାତ୍ର, ପିତା- ଉମେଶ ଚନ୍ଦ୍ର ମହାପାତ୍ର, କ୍ଷତ୍ରୀୟ, ବା- ଅପର୍ଣ୍ଣା ନଗର, ଥା- ଚାଉଳିଆଗଞ୍ଜ, କଟକ |
| ୧୬ | ୨୫୧ | ୧୩୦/୮୨୯ | ୦.୩୦୦ | ୦.୨୮୦ | ୦.୦୨୦ | ବାବାଜୀ ପ୍ରଧାନ ପି- ହରି ପ୍ରଧାନ , ଜା- ଓଡ ପ୍ରଧାନ , ବା- ମହିଷାଲଣ୍ଡା , କଟକ |
| ୧୭ | ୨୫୮ | ୧୪୨ | ୨.୧୩୦ | | ୦.୩୨୦ | କୃଷ୍ଣ ଚନ୍ଦ୍ର ହାଇବୁରୁ , ପି- ମାର୍କଣ୍ଡ ହାଇବୁରୁ , ଜା- ମୁଣ୍ଡା, ବା- ଗୋବରଘାଟି |
| ୧୮ | ୨୨୧ | ୧୩୨ | ୦.୫୪୦ | ୦.୧୨୦ | ୦.୨୩୦ | ଶଙ୍କର ଦେହୁରୀ, ପି-ଘନ ଦେହୁରୀ ଓଗେର, ଜା- ସଅର, ବା- ନିଜଗା |
| ୧୯ | ୨୮୮ | ୧୫୮/୮୪୧ | ୦.୨୯୦ | - | ୦.୨୯୦ | ଶୁକ ଦେଇ , ସ୍ୱ- ଧୋବେଇ ରାଉତ , ଜା- ଖଣ୍ଡାୟତ, ବା- ଚଷାପଡା |
| ୨୦ | ୩୦୮/୨୧ | ୧୨୧<br>୧୫୮/୯୫୨ | ୦.୨୨୦<br>୧.୨୨୦ | - | ୦.୧୦୦<br>୦.୨୫୦ | କୁଳମଣି ବାରିକ, ପି- ଭ୍ରମର ବାରିକ, ,ଜା-ଖଣ୍ଡାୟତ , ବା-ଡ଼ାଲି ଜୋଡ, ବ୍ରହ୍ମପୁର |
| ୨୧ | ୩୦୮/୧୯୨ | ୧୫୨/୮୩୮ | ୦.୨୪୦ | - | ୦.୨୪୦ | ଅଶୋକ କୁମାର ରାୟ ମହାପାତ୍ର, ପିତା- ଉମେଶ ଚନ୍ଦ୍ର ମହାପାତ୍ର, କ୍ଷତ୍ରୀୟ, ବା- ଅପର୍ଣ୍ଣା ନଗର, ଥା- ଚାଉଳିଆଗଞ୍ଜ, କଟକ |
| ୨୨ | ୩୦୮/୩୨୧ | ୫୩୫ | ୧.୫୦୦ | ୦.୪୦୦ | ୧.୧୦୦ | ଅଶୋକ କୁମାର ରାୟ ମହାପାତ୍ର, ପିତା- ଉମେଶ ଚନ୍ଦ୍ର ମହାପାତ୍ର, କ୍ଷତ୍ରୀୟ, ବା- ଅପର୍ଣ୍ଣା ନଗର, ଥା- ଚାଉଳିଆଗଞ୍ଜ, କଟକ |
| | ମୋଟ | ୨୩ | ୧୨.୩୧୦ | ୧.୩୪ | ୮.୪୨ | |

ଗୋଚର ବଦଳି

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ପୂର୍ବ ଅଧିଗ୍ରହଣ ରକବା | ଅତିରିକ୍ତ ଅଧିଗ୍ରହଣ ରକବା | ପ୍ରଜାର ନାମ ପିତା ର ନାମ ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨୫୮ | ୧୪୨ | ୨.୧୩୦ | - | ୧.୨୨୦ | କୃଷ୍ଣ ଚନ୍ଦ୍ର ହାଇବୁରୁ , ପି- ମାର୍କଣ୍ଡ ହାଇବୁରୁ , ଜା- ମୁଣ୍ଡା, ବା- ଗୋବରଘାଟି |

24178/14/0018/1920 ମୌଜାର ମୋଟ ରୟତି - ୨୩ ପ୍ଲଟ କୁ ଅତିରିକ୍ତ ଅଧିଗ୍ରହଣ ରକବା - ଏ ୯.୬୪୦ ଡି

ଧରିତ୍ରୀ DHARITRI
ଶୁକ୍ରବାର, ୧ ନଭେମ୍ବର, ୨୦୧୯



କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଏଫ୍ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଆସନ୍ତା ୧ ଓ ୨ ତାରିଖରେ ଖେଳାଯିବ। ଏଥିରେ ଭାରତୀୟ ପୁରୁଷ ଦଳ ରୁଷିଆ ଓ ମହିଳା ଦଳ ଆମେରିକା ବିପକ୍ଷରେ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତୀୟ ପୁରୁଷ ଓ ମହିଳା ଦଳ ଭଲ ପ୍ରଦର୍ଶନ କରିବା ଆଶା କରାଯାଉଛି...

# କଳିଙ୍ଗରେ ହକି ଉତ୍ସାହ

ହକି ପାଇଁ କଳିଙ୍ଗ ଷ୍ଟାଡିୟମ୍ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେଥିପାଇଁ ରାଜ୍ୟ ସରକାର ଓ କ୍ରୀଡ଼ା ବିଭାଗର ଆନ୍ତରିକତା ମୁଖ୍ୟତଃ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ୍ ପାଇଁ ଯାହାକିଛି ସୁବିଧା ସୁଯୋଗ ରହିଛି ତାହା ଏଠାରେ ଉପଲବ୍ଧ। ପୁଣି କଳିଙ୍ଗ ଷ୍ଟାଡିୟମ୍ ଚଳଚଞ୍ଚଳ ହେବାକୁ ଯାଉଛି। ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡା ମହୋତ୍ସବ ଅଲିମ୍ପିକ୍ସ ୨୦୨୦ ଟୋକିଓଠାରେ ଅନୁଷ୍ଠିତ ପ୍ରଦର୍ଶନ ମାଧ୍ୟମରେ ଭାରତୀୟ ମହିଳା ଏବଂ ପୁରୁଷ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛନ୍ତି। ଏଫ୍ଆଇଏଚ୍ ହକି ର୍ୟାଙ୍କିଙ୍ଗରେ ଭାରତୀୟ ପୁରୁଷ ଦଳ ବର୍ତ୍ତମାନ ୫ମ ସ୍ଥାନରେ ରହିଥିବା ବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୧ମ ସ୍ଥାନରେ ରହିଛି। ସେହିପରି ଭାରତୀୟ ମହିଳା ଦଳ ୯ମ ସ୍ଥାନରେ ରହିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଆମେରିକା ୧୩ତମ ସ୍ଥାନରେ ରହିଛି। ମହିଳା ହକିରେ




ହେବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ଅଲିମ୍ପିକ୍ସ କ୍ୱାଲିଫାୟର୍ସ ହକି ମ୍ୟାଚ୍ ଖେଳାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଉଭୟ ପୁରୁଷ ଏବଂ ମହିଳା ହକିରେ ଯୋଗ୍ୟତା ପର୍ଯ୍ୟାୟରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ମୁଖ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ଲକ୍ଷ୍ୟରେ ରହିଛି। ଏଫଆଇଏଚ୍ ହକି ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପାଇଁ ପୁନର୍ବାର କଳିଙ୍ଗ ଷ୍ଟାଡିୟମ୍‌କୁ ମନୋନୀତ କରାଯାଇଛି। ଫଳରେ ରାଜ୍ୟରେ ହକି ନେଇ ଉତ୍ସାହ ପରିଲକ୍ଷିତ ହୋଇଛି।

ଏହି ମେଗା ପ୍ରତିଯୋଗିତା ନଭେମ୍ବର ୧ ଏବଂ ୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ମହିଳା ବିଭାଗରେ ଭାରତ ଏବଂ ଆମେରିକା ଏବଂ ପୁରୁଷ ବିଭାଗରେ ଭାରତ ଏବଂ ରୁଷିଆ ମଧ୍ୟରେ ମୁକାବିଲା ହେବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଦୁଇଟିରେ ଘରୋଇ ପରିବେଶରେ ଭଲ ନେଦରଲାଣ୍ଡ ୧ମ ସ୍ଥାନରେ ରହିଛି। ଭାରତ ମହିଳା ଏବଂ ପୁରୁଷ ହକି ଦଳ ଖେଳିବାକୁ ଥିବା ୨ଟି ମ୍ୟାଚର ଗୋଲ ସ୍କୋର ଭିତ୍ତିରେ ବିଜେତା ନିର୍ଣ୍ଣୟ କରାଯିବା ସହିତ ସେହିଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ଆମେରିକା ମହିଳା ଦଳ ମ୍ୟାଚର ବହୁ ପୂର୍ବରୁ ଆସି ରାଜ୍ୟ କ୍ରୀଡା ବିଭାଗର ଭୂୟସୀ ପ୍ରଶଂସା କରିଛି। ଆୟୋଜନକୁ ନେଇ ବେଶ୍ ସନ୍ତୋଷ ପ୍ରକାଶ କରିବା ସହ ଆମ ଉତ୍ସାହ ବଢାଇବାରେ ସହାୟକ ହୋଇଛି। ଏପରିକି ୨୦୨୨ ହକି ବିଶ୍ୱକପ ପାଇଁ ବେଲଜିୟମ୍, ମାଲେସିଆ ସହିତ ଭାରତ ଦୃଢ଼ ଦାବିଦାର ରହିଛି। ଆୟୋଜକ ଲିଷ୍ଟରୁ ଜର୍ମାନୀ ଏବଂ ସ୍ପେନ ହଟିଯିବା ପରେ ଭାରତର ନାମ ଏହି ମେଗା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି। ଯଦି ଭାରତ ମ୍ୟାଚ୍ ଆୟୋଜକ ହୁଏ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ମୁଖ୍ୟ ଭେନ୍ୟୁ ହେବା ଏକପ୍ରକାର ନିଶ୍ଚିତ ମନେ ହେଉଛି।

ଭାରତ ଗସ୍ତରେ ବାଂଲାଦେଶ ୩ ଟି୨୦ ଓ ୨ ଟେଷ୍ଟ ମ୍ୟାଚ୍ ଖେଳିବ। ରବିବାର ପ୍ରଥମ ଟି୨୦ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯିବ। ସେହିପରି ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ଭାରତ ଐତିହାସିକ ଇଡେନଗାର୍ଡେନରେ ବାଂଲାଦେଶ ବିପକ୍ଷରେ ତା'ର ପ୍ରଥମ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ...

# ବାଂଲାଦେଶର ଭାରତ ଗସ୍ତ



ନିର୍ମଳ କୁମାର ମିଶ୍ର

ବାଂଲାଦେଶ କ୍ରିକେଟ ଦଳ ଭାରତ ଗସ୍ତରେ ଆସି ପହଞ୍ଚିଛି। ୩ଟି ଟି୨୦ ଏବଂ ୨ଟି ଟେଷ୍ଟ ମ୍ୟାଚ ଖେଳିବା ପାଇଁ ବାଂଲାଦେଶ ଏକ ୨୪ଦିନିଆ ଟୁରରେ ଭାରତ ଆସିଛି। ଟେଷ୍ଟ ସିରିଜ ନୂତନ ରୂପେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ଘୋଷିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୧ କାର୍ଯ୍ୟସୂଚୀ ଅନ୍ତର୍ଗତ ହୋଇଛି। ଫଳରେ ଏହି ଗସ୍ତର ଗୁରୁତ୍ୱ ବଢିଯାଇଛି। ସେହିପରି ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଏହି ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଭାରତର ପ୍ରସ୍ତୁତିରେ ବେଶ୍ ସହାୟ ହେବ। ଦ୍ୱିତୀୟଥର ପାଇଁ ବାଂଲାଦେଶ ଟିମ୍ ଟେଷ୍ଟ ସିରିଜ ଖେଳିବାକୁ ଭାରତ ଗସ୍ତରେ ଆସିଛି। ପ୍ରଥମ ଟ୨୦ ମ୍ୟାଚ ନଭେମ୍ବର ୩ ତାରିଖରେ ଦିଲ୍ଲୀର ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ସେହିପରି ୨ୟ ଟି୨୦ ମ୍ୟାଚ ନଭେମ୍ବର ୭ ତାରିଖରେ ରାଜକୋଟରେ ଏବଂ ୩ୟ ଟି୨୦ ମ୍ୟାଚ ୧୦ତାରିଖରେ ନାଗପୁରର ବିଦର୍ଭ ଷ୍ଟାଡିୟମରେ ଖେଳାଯିବ। ଅନ୍ୟପଟେ ୧ମ ଟେଷ୍ଟ ମ୍ୟାଚ ନଭେମ୍ବର ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ଇନ୍ଦୋରରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ମ୍ୟାଚ ୨୨ ରୁ ୨୬ ତାରିଖ ପର୍ଯ୍ୟନ୍ତ କୋଲକାତାର ଐତିହାସିକ ଇଡେନଗାର୍ଡେନ ଷ୍ଟାଡିୟମରେ ଖେଳାଯିବ। ଏହି ଟେଷ୍ଟ ଦିବାରାତ୍ରଭିତ୍ତିକ ହେବ। ପ୍ରଥମଥର ପାଇଁ ଭାରତ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ଭେଟିବ।

ତାରକା ଅଲରାଉଣ୍ଡର ଶକିବ ଅଲ ହାସନଙ୍କୁ ଆଇସିସି ବାସନ୍ଦ କରିବା ଦ୍ୱାରା ବାଂଲାଦେଶକୁ ଜବରଦସ୍ତ ଝଟ୍‌କା ଲାଗିଛି। ତାଙ୍କୁ ବିଭିନ୍ନ ସମୟରେ ଦୁର୍ନୀତି କରିବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସେ ଏହାକୁ ଆଇସିସିକୁ ଜଣାଇ ନାହାନ୍ତି। ଯାହା ଫଳରେ ତାଙ୍କୁ ୨ ବର୍ଷ ବାସନ୍ଦ କରାଯାଇଛି। ସେହିପରି ଟି୨୦ ସିରିଜରୁ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ବାଂଲାଦେଶ ଉଭୟ ଫର୍ମାଟରେ ଭାରତ ଠାରୁ ଢେର ପଛରେ ରହିଛି। ସମସ୍ତ ଫର୍ମାଟରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ବିରାଟ କୋହଲିଙ୍କ ନେତୃତ୍ୱରେ ବେଶ୍ ଉଚ୍ଚକୋଟୀର ରହିଛି। ଘରୋଇ ପରିବେଶରେ ଏହି ସିରିଜ ଖେଳାଯିବାକୁ ଥିବା ବେଳେ ବାଂଲାଦେଶ ପାଇଁ ବେଶ୍ କଠିନ ହେବ। ଟିମ୍ ଇଣ୍ଡିଆ ବ୍ୟାଟିଂ ଓ ବୋଲିଂରେ ବେଶ୍ ଭଲ ପ୍ରଦର୍ଶନ କରିଆସୁଛି। ଅଭିଜ୍ଞ ଏବଂ ଯୁବ ଖେଳାଳିମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଥିବାରୁ ସମସ୍ତ ବିଦେଶ




| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୩ ନଭେମ୍ବର | ୧ମ ଟି୨୦ | ନୂଆଦିଲ୍ଲୀ |
| ୭ ନଭେମ୍ବର | ୨ୟ ଟି୨୦ | ରାଜକୋଟ |
| ୧୦ ନଭେମ୍ବର | ୩ୟ ଟି୨୦ | ନାଗପୁର |
| ୧୪–୧୮ ନଭେମ୍ବର | ପ୍ରଥମ ଟେଷ୍ଟ | ଇନ୍ଦୋର |
| ୨୨– ୨୬ ନଭେମ୍ବର | ଦ୍ୱିତୀୟ ଟେଷ୍ଟ | କୋଲକାତା |

ଟୁରଗୁଡିକରେ ବେଶ୍ ସଫଳତା ପାଇଛି ଟିମ୍ ଇଣ୍ଡିଆ। ଏହି ଗସ୍ତ ଟି୨୦ ସିରିଜରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦିଆଯିବା ସମ୍ଭାବନା ରହିଛି। ଘରୋଇ ସିରିଜରେ ଦକ୍ଷିଣ ଆଫ୍ରିକାକୁ ଟିମ୍ ଇଣ୍ଡିଆ ଚକ୍‌ମା ଦେଇଛି। ଉଭୟ ସ୍ପିନ୍ ଏବଂ ପେସ୍ ବୋଲରମାନଙ୍କ ସଫଳ ପ୍ରଦର୍ଶନ ସହିତ ବ୍ୟାଟିଂରେ ଓପନର ହିସାବରେ ରୋହିତ ଶର୍ମା ବେଶ୍ ସଫଳତା ପାଇଛନ୍ତି। ହାରଜିତ୍‌ରେ ସମାପ୍ତ ହୋଇଛି। ବାଂଲାଦେଶ ସହିତ ଟେଷ୍ଟ ସିରିଜରେ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୬୮୭/୬ ରହିଛି। ଭାରତ ହାଇଦ୍ରାବାଦରେ ଏହି ସ୍କୋର ହାସଲ କରିଥିଲା। ସେହିପରି ବାଂଲାଦେଶ ଢାକାଠାରେ ସର୍ବାଧିକ ୪୦୦ ରନ୍ ହାସଲ କରି ଟେଷ୍ଟ ମ୍ୟାଚରେ ଟିମ୍ ଇଣ୍ଡିଆ ସର୍ବାଧିକ ୫ଥର ଫଳରେ ଟେଷ୍ଟ ସିରିଜର ଫଳାଫଳ ଭାରତ ସପକ୍ଷରେ ଯାଇଛି।

ଉଭୟ ଦେଶ ମଧ୍ୟରେ ୨୦୦୦ ମସିହାରୁ ଟେଷ୍ଟ ସିରିଜ ଆରମ୍ଭ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମୋଟ ୬ଟି ସିରିଜରେ ୯ଟି ଟେଷ୍ଟ ମ୍ୟାଚ ଖେଳାଯାଇଛି। ଏଥି ମଧ୍ୟରୁ ବାଂଲାଦେଶରେ ୮ଟି ଟେଷ୍ଟ ମ୍ୟାଚ ଖେଳାଯାଇଥିବା ବେଳେ ଭାରତରେ ଗୋଟିଏ ସିରିଜ ୨୦୧୬–୧୭ରେ ଖେଳାଯାଇଛି। ୭ଟି ଟେଷ୍ଟ ମ୍ୟାଚ ଭାରତ ଜିତିଥିବା ବେଳେ ୨ଟି ଟେଷ୍ଟ ମ୍ୟାଚ ବିନା ୫ଶହ ରନ୍‌ରୁ ଊର୍ଦ୍ଧ୍ୱ ସଂଗ୍ରହ କରିଛି। ବାଂଲାଦେଶର ସର୍ବନିମ୍ନ ସ୍କୋର ୯୧ ରନ୍ ୨୦୦୦ ମସିହାରେ ଢାକାଠାରେ ରହିଥିବା ବେଳେ ଟିମ୍ ଇଣ୍ଡିଆର ୨୪୩ ରନ୍ ରହିଛି। ଅଧିନାୟକ ବିରାଟ କୋହଲି ଏବଂ ଉଇକେଟକିପର ଋଦ୍ଧିମାନ ଶାହା ୨ଟି ଲେଖାଏଁ ଟେଷ୍ଟ ମ୍ୟାଚ ଖେଳିଛନ୍ତି। କୋହଲି ୨୫୬ ରନ୍ କରିଛନ୍ତି। ଅନ୍ୟପଟେ ବାଂଲାଦେଶ ପକ୍ଷରୁ ମୁଶଫିକର ରହେମନ୍ ଏବଂ ତମିମ ଇକ୍‌ବଲ ଉଭୟ ଖେଳାଳି ସର୍ବାଧିକ ୪ଟି ଲେଖାଏଁ ଟେଷ୍ଟ ମ୍ୟାଚ ଖେଳି ଯଥାକ୍ରମେ ସର୍ବାଧିକ ୩୩୭ ଏବଂ ୨୯୬ ରନ୍ କରିଛନ୍ତି। ବୋଲିଂ ରେକର୍ଡ ଦୃଷ୍ଟିରୁ ଭାରତ ପକ୍ଷରୁ ବର୍ତ୍ତମାନର ଟିମ୍‌ରେ ଥିବା ସଫଳ ବୋଲରମାନେ ହେଲେ ଇଶାନ୍ତ ଶର୍ମା (୫ଟି ଟେଷ୍ଟ ୧୩ଟି ଉଇକେଟ), ରବିଚନ୍ଦ୍ରନ ଅଶ୍ୱିନୀ (୨ଟି ଟେଷ୍ଟ ୧୧ଟି ଉଇକେଟ୍), ରବୀନ୍ଦ୍ର ଜାଡ଼େଜା (୧ଟି ଟେଷ୍ଟ ୬ ଉଇକେଟ୍) ଏବଂ ଉମେଶ ଯାଦବ (୨ଟି ଟେଷ୍ଟ ୩ଟି ଉଇକେଟ)।

ସେହିପରି ଟି୨୦ ଫର୍ମାଟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଟିମ୍ ଇଣ୍ଡିଆ ଅପେକ୍ଷାକୃତ ଶକ୍ତିଶାଳୀ ମନେହେଉଛି। ଉଭୟ ଦେଶ ମଧ୍ୟରେ ମୁକାବିଲା ଦକ୍ଷିଣ ଆଫ୍ରିକା ଠାରେ ୨୦୦୭–୦୮ ୱାର୍ଲ୍ଡ ଆଇସିସି ଟି୨୦ ମ୍ୟାଚରୁ ଆରମ୍ଭ ହୋଇଥିଲା। ସମସ୍ତ ୮ଟି ମ୍ୟାଚ ଆଇସିସି ବିଶ୍ୱକପ୍, ୱାର୍ଲ୍ଡଟି୨୦, ଏସିଆ କପ୍ ଏବଂ ଶ୍ରୀଲଙ୍କାରେ ଖେଳାଯାଇଥିବା ନିଦହାସ ଟ୍ରାଇ ସିରିଜରେ ଖେଳାଯାଇଥିଲା ଓ ସମସ୍ତ ମ୍ୟାଚରେ ଭାରତ ବିଜୟୀ ହୋଇଛି। ପ୍ରଥମ ଥର ପାଇଁ ଉଭୟ ଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦ୍ୱିପାକ୍ଷିକ ଟି୨୦ ସିରିଜ ଖେଳାଯାଉଛି। ଘରୋଇ ମାଟିରେ ଖେଳାଯାଉଥିବାରୁ ଟିମ୍ ଇଣ୍ଡିଆ ବେଶ୍ ଶକ୍ତିଶାଳୀ ମନେ ହେଉଛି। ମାତ୍ର ଟି୨୦ରେ ବାଂଲାଦେଶ ବିଶ୍ୱର ଯେ କୌଣସି ଦଳକୁ ହରାଇବାର କ୍ଷମତା ରଖୁଛି। ଯେହେତୁ ଟି୨୦ ସିରିଜରୁ ବାଂଲାଦେଶର ଏହି ଟୁର ଆରମ୍ଭ ହେଉଛି ଟିମ୍ ଇଣ୍ଡିଆ ଏହାକୁ ବେଶ୍ ଗୁରୁତ୍ୱ ଦେଇ ସିରିଜ ବିଜୟୀ ହେବାକୁ ଚାହିଁବ।

ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୮ଟି ଟି୨୦ ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୧୮୦/୫ ରହିଛି। ଭାରତ ଏହା ଇଂଲଣ୍ଡର ନଟିଂହାମଠାରେ ସ୍କୋର କରିଥିଲା। କଲମ୍ବୋରେ ବାଂଲାଦେଶର ସର୍ବାଧିକ ସ୍କୋର ୧୬୬/୬ ଉଇକେଟ୍ ରହିଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିବାକୁ ଗଲେ ଯଦିଓ ଟିମ୍ ଇଣ୍ଡିଆ ସମସ୍ତ ମ୍ୟାଚ ଜିତିଛି ତଥାପି ତେବେ କେତେଗୁଡିକ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷର ସମ୍ମୁଖୀନ ହୋଇଛି।

# ଅଲ୍‌ବିଦା ଲି

ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ତଥା ଚାଇନା ମହିଳା ବ୍ୟାଡ୍‌ମିଣ୍ଟନ ତାରକା ଲି ଜୁଇରୁଇ ମାତ୍ର ୨୮ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି। ସଫଳତାର ଶୀର୍ଷକୁ ଛୁଇଁଥିବା ଲି ଇଞ୍ଜୁରି କାରଣରୁ ଏହି ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ପ୍ରାୟ ସବୁ ଟପ୍ ଟାୟାର ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିବା ଲିଙ୍କ ପାଇଁ ଅବସର ନିଷ୍ପତ୍ତି ବେଶ୍ କଷ୍ଟକର ଥିଲା...




ଆଉ ଜଣେ ମହିଳା ବ୍ୟାଡମିଣ୍ଟନ ଖେଳାଳି ଅବସର ନେଇଛନ୍ତି। ସେ ହେଉଛନ୍ତି ଚାଇନାର ପୂର୍ବତନ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ଲି ଜୁଇରୁଇ। ମାତ୍ର ୨୮ ବର୍ଷ ବୟସରେ ଏହି ମହାନ୍ ଆକ୍ରମଣାତ୍ମକ ଖେଳାଳି ଜଣକ ବ୍ୟାଡ୍‌ମିଣ୍ଟନକୁ ଅଲବିଦା କରିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଏହି ମହିଳା ତାରକା ତାଙ୍କ ପେସାଦାର କ୍ୟାରିୟରରେ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ନିଜ ସମୟରେ ସେ ଆଧିପତ୍ୟ ବିସ୍ତାର କରି ବେଶ୍ ସଫଳତା ହାସଲ କରିଛନ୍ତି। ରିଓ ଅଲିମ୍ପିକ୍ସରେ ଆହତ ହେବା ପରେ ଅବଶ୍ୟ ତାଙ୍କ କ୍ୟାରିୟର ଭିନ୍ନ ମୋଡ଼ ନେଇଥିଲା। ୨୦୧୦ ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ମାତ୍ର ୧୯ ବର୍ଷରେ ନିଜର ଉପସ୍ଥିତି ଜାହିର କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ସାଇନା ନେହ୍ୱାଲ ଓ ନିଜ ଦେଶର ଲିଓ ଜିନ୍‌ଙ୍କୁ ହରାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶ୍ୱ ଶ୍ରେଷ୍ଠ ଇଭେଣ୍ଟଗୁଡିକରେ ଲିଙ୍କର ଆଧିପତ୍ୟ ଦେଖିବାକୁ ମିଳିଥିଲା। ତାଙ୍କୁ ହରାଇବା ନିହାତି କଷ୍ଟକର ଥିଲା। ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପୂର୍ବରୁ ସେ ୨୦୧୨ ଅଲ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ମଧ୍ୟ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ଏହାପରେ ସେ ୨୦୧୩ ଓ ୨୦୧୪ରେ ବିଶ୍ୱଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ରିଓ ଅଲିମ୍ପିକ୍ସରେ ସେ ଫେଭରାଇଟ ବିବେଚିତ ହେଉଥିଲେ। ତେବେ ଇଞ୍ଜୁରି କାରଣରୁ ସେ ସେମିରେ ସ୍ପେନର କାରୋଲିନା ମାରିନ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ସେ ଗୋଟିଏ ବର୍ଷ ବ୍ୟାଡମିଣ୍ଟନରୁ ଦୂରେଇ ରହିଥିଲେ। ଏହାପରେ ଅବଶ୍ୟ ସେ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ବ୍ୟାଡମିଣ୍ଟନକୁ ଫେରିବା ପରେ ଲିଙ୍ଗ୍‌ସୁଇ ଚାଇନା ମାଷ୍ଟର୍ସ, ୟୁଏସ୍ ଓପନ୍ ଓ କାନାଡ଼ା ଓପନ ଟାଇଟଲ ହାସଲ କରିଥିଲେ। ତେବେ ସେ ତାଙ୍କ ପୂର୍ବ ଚମକ ହରାଇଥିଲେ। ଟପ୍ ଟାୟାର ଇଭେଣ୍ଟରେ ତାଙ୍କର ଚମକ ଦେଖିବାକୁ ମିଳି ନ ଥିଲା। ଗତମାସରେ ସେ କୋରିଆ ଓପନ ଖେଳିଥିଲେ। ତେବେ ପ୍ରଥମ ରାଉଣ୍ଡରେ ହିଁ ତାଙ୍କୁ ରିଟାୟାର୍ଡ ହେବାକୁ ପଡିଥିଲା। ସ୍ୱଳ୍ପ ସମୟର ଜାଜ୍ୱଲ୍ୟମାନ କ୍ୟାରିୟରରେ ସେ ୧୪ଟି ସୁପର ସିରିଜ ଟାଇଟଲ ଜିତିଥିଲେ। ୨୦୧୩ରେ ସେ ବିଡବ୍ଲ୍ୟୁଏଫ୍ ଫିମେଲ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିଲେ।

ମାତ୍ର ୭ ବର୍ଷ ବୟସରୁ ସେ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲେ। ନିଜ ହୋମଟାଉନ ଚୋନଗିଙ୍ଗ୍‌ରେ ସେ ସ୍ଥାନୀୟ କ୍ଲବ୍‌ରେ ଟ୍ରେନିଂ ଓ ଖେଳ ଆରମ୍ଭ କରିଥିଲେ। ସେ ମୋଟ ଉପରେ ମହିଳା ସିଙ୍ଗଲ୍ସରେ ୨୭ଟି ଟାଇଟଲ ଜିତିଛନ୍ତି। ୨୦୧୨ ଡିସେମ୍ବରରେ ସେ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। କ୍ୟାରିୟରରେ ସେ ୩୩୦ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୭୯ଟି ପରାଜୟ ବରଣ କରିଛନ୍ତି। ତାଙ୍କ ସଫଳତା ଆଗାମୀ ପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି କୁହାଯାଇପାରେ।

## ପ୍ରମୋଟେଡ୍

କରପଶନ ପାଇଁ ପ୍ରଲୋଭିତ ପରେ
ନ ଜଣାଇବା ହିଁ ଦୋଷ
ବାଂଲାଦେଶ ଅଧିନାୟକ ଶକିବ
ସସ୍‌ପେଣ୍ଡ ଦୁଇ ବର୍ଷ
ଆଇସିସିର ନିର୍ଦ୍ଦେଶ
ପି.ସି. କାରବାର ଦୁର୍ନୀତି ବଢ଼ଇ
ଚାଲେ ଫାଇଭ୍‌ଟି ଚାଷ ।।୧

ଇଟାଲୀର ହୋଣ୍ଡା ରାଇଡର ବୋର୍ତ୍ତା
ମୋଟୋ ତିନି ଚାମ୍ପିୟନ
ଦୁର୍ଘଟଣା ପାଇଁ ହାରିଲା ଆରୋନ
ଲରୋଞ୍ଜି ନମ୍ବର ୱାନ
ବିଶ୍ୱ ଟାଇଟଲ ମାନ
ଯୋଗ ଥିଲେ ଭୋଗ ପୋର୍ତ୍ତାପରି ଲୋକ
କୀର୍ତ୍ତି ସହ ପାଏ ଧନ ।।୨



ରାଇଜର ଆଥଲେଟ ଜଉନାଙ୍କୁ
ମିଳୁ ପ୍ରୋତ୍ସାହନ ରାଶି
ସହାୟତା ଲୋଡି ଅନୁରୋଧ କଲେ
ଜିଲାପାଳ ପାଖେ ଆସି
ମଦ ବିକ୍ରି ପାଇଁ ବିଶି
ପ୍ରୋତ୍ସାହନ ଦିଏ ସରକାର ଏଠି
ଆତ୍ମହତ୍ୟା ପରେ ଚାଷୀ ।।୩

–ସୁବାସ ଚନ୍ଦ୍ର ପ୍ରଧାନ

## ସଂକ୍ଷେପରେ

### ପ୍ରମୁଖ ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ୫.୨% ହ୍ରାସ


ନୂଆଦିଲ୍ଲୀ,୩୧-୧୦: ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବରରେ ପ୍ରମୁଖ ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ହାର ୫.୨% ହ୍ରାସ ଘଟିଛି। ଗତ ବର୍ଷ ସମାନ ସମୟରେ ଶିଳ୍ପ କ୍ଷେତ୍ରରେ ୪.୩% ଅଭିବୃଦ୍ଧି ଘଟିଥିଲା। କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ସିମେଣ୍ଟ, ଷ୍ଟିଲ ଏବଂ ବିଦ୍ୟୁତ ଭଳି କ୍ଷେତ୍ରଗୁଡ଼ିକର ଉତ୍ପାଦନ ନକାରାତ୍ମକ ସ୍ଥିତିରେ ରହିଛି। ଏହି ସମୟରେ ସାର ଉତ୍ପାଦନ ଉନ୍ନତ ରହିଛି। ଗତ ସମାନ ମାସ ତୁଳନାରେ ଚଳିତ ବର୍ଷ ଏଥିରେ ୫.୪% ଅଭିବୃଦ୍ଧି ରହିଛି। ଚଳିତ ବର୍ଷ ଏପ୍ରିଲ-ସେପ୍ଟେମ୍ବର ସମୟରେ ପ୍ରମୁଖ ଶିଳ୍ପ କ୍ଷେତ୍ରଗୁଡ଼ିକର ଅଭିବୃଦ୍ଧି ୧.୩%କୁ ଖସିଛି। ଏହା ଗତ ସମାନ ସମୟରେ ୫.୫% ରହିଥିବା ସରକାରଙ୍କ ତଥ୍ୟରୁ ସାମ୍ନାକୁ ଆସିଛି।

### ଗୋଲ୍ଡ ଆମ୍‌ନେଷ୍ଟି ସ୍କିମ୍ ନେଇ ସରକାରଙ୍କ ପ୍ରସ୍ତାବ ନାହିଁ

ନୂଆଦିଲ୍ଲୀ,୩୧-୧୦: ଚୋରା ସୁନା ଉପରେ କାର୍ଯ୍ୟାନୁଷ୍ଠାନ ଅନ୍ତର୍ଗତ ଗୋଲ୍ଡ ଆମ୍‌ନେଷ୍ଟି ସ୍କିମ୍ ଆଣିବା ଲାଗି ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ। ଏଭଳି ଏକ ସ୍କିମଖ ଆସିବ ବୋଲି ବୁଧବାର ଗଣମାଧ୍ୟମରେ ଏକ ରିପୋର୍ଟ ଆସିବା ପରେ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଏନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଲୋକମାନେ ସେମାନଙ୍କ ଚୋରା ସୁନାକୁ ଏହି ସ୍କିମରେ ଘୋଷଣା କରିବା ସହ କିଛି ଟିକସ ଦେଇ ଏହାକୁ ଧଳା କରିପାରିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଆୟକର ବିଭାଗ ପକ୍ଷରୁ ଏଭଳି କୌଣସି ସ୍କିମ ଆଣିବାକୁ ପ୍ରସ୍ତାବ ନ ଥିବା କୁହାଯାଇଛି।

### ରେକର୍ଡ ଉଚ୍ଚ ସ୍ତରରେ ସେନ୍‌ସେକ୍ସ

ମୁମ୍ବାଇ,୩୧-୧୦: ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ଗୁରୁବାର କାରବାର ବେଳେ ୨୯୩ ପଏଣ୍ଟ ବୃଦ୍ଧି ଘଟିବା ସହ ନୂଆ ରେକର୍ଡ ସ୍ତର ୪୦,୩୪୪.୯୯ ପଏଣ୍ଟ ଛୁଇଁବାକୁ ସକ୍ଷମ ହୋଇଥିଲା। ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ କାରବାର ଆରମ୍ଭ ସମୟରୁ ବେଶ୍ ଦୃଢ଼ ସ୍ଥିତିରେ ରହିଥିଲା। ପୂର୍ବାହ୍ନରେ ଏହା ୨୬୩.୬୯ ବା ୦.୬୬% ଉଚ୍ଚରେ ରହି ୪୦,୩୧୫.୫୬ ସ୍ତର ଛୁଇଁଥିଲା। ଏହାବାଦ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି୭୧.୮୫ ବା ୦.୬୧% ଉଚ୍ଚରେ ରହି ୧୧,୯୧୫.୯୫ ସ୍ତରରେ ରହିଥିଲା।



ସଚ୍ଚୋଟ ଧର୍ମ ଗୁରୁଙ୍କ ସହଯୋଗରେ ଗଢ଼ି ଉଠୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ ନେଇ କୌଣସି ଅସୁବିଧା ନ ରଖିବା ଉଚିତ।
– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଭାବେ ମୋଟ କାର୍ଯ୍ୟକାଳର ଦୁଇ ତୃତୀୟାଂଶ ଏନ୍‌ଡିଏ ସରକାର ଏବଂ ୟୁପିଏ ସମୟରେ ୮ ମାସ ସାମିଲ ରହିଛି।
– ରଘୁରାମ ରାଜନ, ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର

# ୧୨ ହଜାର କର୍ମଚାରୀ ଛଟେଇ କରିବ କଗ୍‌ନିଜାଣ୍ଟ

ନୂଆଦିଲ୍ଲୀ,୩୧-୧୦





- ଖର୍ଚ୍ଚକାଟ ଯୋଜନା ହାତକୁ ନେଇଛି
- ବେଶି ପ୍ରଭାବିତ ହେବେ ଭାରତୀୟ କର୍ମଚାରୀ

ପ୍ରମୁଖ ଆଇଟି କମ୍ପାନୀ କଗ୍‌ନିଜାଣ୍ଟ ଆଗାମୀ ତ୍ରୈମାସଗୁଡ଼ିକରେ ଏହାର ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ। ଖର୍ଚ୍ଚ କାଟ ଯୋଜନାରେ କମ୍ପାନୀ ଏଭଳି ପଦକ୍ଷେପ ନେବ ବୋଲି ଗୁରୁବାର ସୂଚନା ଦେଇଛି। ଆମେରିକା ଭିତ୍ତିକ ଏହି ଟେକ୍ନୋଲୋଜି କମ୍ପାନୀ ଏହାର ମୋଟ ଶ୍ରମଶକ୍ତି ମଧ୍ୟରୁ ଅଧିକାଂଶ ଅଂଶ ଭାରତରେ କାର୍ଯ୍ୟ କରୁଛି। ଗତ କିଛି ମାସ ଧରି ବିଭିନ୍ନ କୌଶଳରେ ପରିବର୍ତ୍ତନ କରାଯାଉଥିବା କମ୍ପାନୀର ସିଇଓ ବ୍ରାଏନ ହମ୍ଫ୍ରିଏସ୍ କହିଛନ୍ତି। ପ୍ରତିଦ୍ୱନ୍ଦ୍ୱିତାତ୍ମକ ଉପସ୍ଥିତିକୁ ଆହୁରି ଉନ୍ନତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। କମ୍ପାନୀର ପରିଚାଳନା ମଡେଲକୁ ସରଳୀକରଣ, ଖର୍ଚ୍ଚକାଟ କାର୍ଯ୍ୟକ୍ରମ ଏବଂ ଅଭିବୃଦ୍ଧିକୁ ଧ୍ୟାନରେ ରଖି ପୁଞ୍ଜି ଖର୍ଚ୍ଚ ଯୋଜନା ରହିଛି। ଏହି ଆଧାରରେ ସାରା ବିଶ୍ୱରେ କମ୍ପାନୀର ୧୦ରୁ ୧୨ ହଜାର ମଧ୍ୟମରୁ ବରିଷ୍ଠ ସ୍ତରର ଆସୋସିଏଟଙ୍କୁ ଛଟେଇ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କମ୍ପାନୀ ଏହାର ମୋଟ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୨% ବା ୫ରୁ ୭ ହଜାର କର୍ମଚାରୀଙ୍କୁ ତୁରନ୍ତ ଭିତ୍ତିରେ ଛଟେଇ କରିବ। ସେହିଭଳି ପୁନଃ କୁଶଳୀ ଏବଂ ନିଯୁକ୍ତି ବର୍ଗରେ ଆଉ ୫ ହଜାର କର୍ମଚାରୀ ପ୍ରଭାବିତ ହେବେ ବୋଲି ଜଣାପଡ଼ିଛି। କେଉଁ ଦେଶରୁ କେତେ କର୍ମଚାରୀ ଛଟେଇ ହେବେ ସେ ନେଇ କଗ୍‌ନିଜାଣ୍ଟ ପକ୍ଷରୁ କୌଣସି ବିସ୍ତୃତ ସୂଚନା ଦିଆଯାଇ ନାହିଁ। ମାତ୍ର ଭାରତରେ କମ୍ପାନୀର ମୋଟ ଶ୍ରମଶକ୍ତିର ଏକ ଆଖିଦୃଶିଆ ଅଂଶ କାର୍ଯ୍ୟ କରୁଥିବାରୁ ଏଠାରେ ଛଟେଇର ପ୍ରଭାବ କର୍ମଚାରୀଙ୍କ ଉପରେ ଅଧିକ ମାତ୍ରାରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ସେପ୍ଟେମ୍ବର ୨୦୧୯ ସୁଦ୍ଧା କଗ୍‌ନିଜାଣ୍ଟରେ ମୋଟ ୨.୮୯ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କେବଳ ଭାରତରେ କମ୍ପାନୀର ୨ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ରହିଛନ୍ତି। ଏଭଳି ସ୍ଥିତିରେ କମ୍ପାନୀର ସିଇଓ କହିଛନ୍ତି ଯେ, ଅନୁଷ୍ଠାନର ପୂର୍ଣ୍ଣ ଅଭିବୃଦ୍ଧି କ୍ଷମତା ହାସଲ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଆଇଟି ସେବା କ୍ଷେତ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିବା ବେଳେ ଏହାକୁ ଧ୍ୟାନରେ ରଖି କଗନିଜାଣ୍ଟକୁ ଏକ ଉନ୍ନତସ୍ଥାନରେ ପହଞ୍ଚାଇବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ସେ ମତ ଦେଇଛନ୍ତି।

# ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୭୧.୮%

ଭୁବନେଶ୍ୱର,୩୧-୧୦(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଅଗଷ୍ଟରେ ୩୨୦ ପଏଣ୍ଟ ଥିଲା। ଏହା ସେପ୍ଟେମ୍ବରରେ ୨ ପଏଣ୍ଟ ବଢ଼ି ୩୨୨ ପଏଣ୍ଟ ହୋଇଛି। ତାଳଚେର ଅନୁଗୋଳରେ ଏହା ୩୩୬ ପଏଣ୍ଟ ଥିଲା ଯାହା ୨ ପଏଣ୍ଟ ବଢ଼ି ୩୩୮ ପଏଣ୍ଟ ଛୁଇଁଛି। ରାଉରକେଲାର ଏହା ୩୧୯ ପଏଣ୍ଟରୁ ବଢ଼ି ୩୨୦ ପଏଣ୍ଟ ହୋଇଛି।

ସେପ୍ଟେମ୍ବର ୨୬ ଏବଂ ୨୭ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ ଡାକରା ଦେଇଥିଲେ ସେମାନେ ଏବେ ୬୮.୧% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୩.୭% ବୃଦ୍ଧି ଘଟି ୭୧.୮% ହୋଇଛି। ନଭେମ୍ବର ପହିଲାରୁ ଏହା ଲାଗୁ ହେବ। ଏହି କର୍ମଚାରୀଙ୍କ ମଧ୍ୟରୁ ୩ ଲକ୍ଷ କର୍ମଚାରୀ ଅକ୍ଟୋବର ୨୨ରେ ଧର୍ମଘଟ କରିଥିଲେ। ଗୁରୁବାର ଅନେକ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ନେଇଛନ୍ତି। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ବୀମା କର୍ମଚାରୀମାନେ ବର୍ତ୍ତମାନ ୬୧.୪ % ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩.୭% ବୃଦ୍ଧି ଘଟି ୬୫.୧% ହୋଇଛି। ଏହି ବର୍ଦ୍ଧିତ ଡିଏ ନଭେମ୍ବର ପହିଲାରୁ ସେମାନେ ପାଇବେ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୫୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବଢ଼ି ୧୫୫% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜାନୁୟାରୀ ପହିଲାରୁ ପାଇବେ। ଓଡ଼ିଶା ବ୍ୟତୀତ ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୨୦% ହୋଇଛି। ଏହା ୨୦୨୦ ଜାନୁୟାରୀ ପହିଲାରୁ ଲାଗୁ ହେବ। କେବଳ ଓଡ଼ିଶାର ଅବସରପ୍ରାପ୍ତ ଏବଂ କାର୍ଯ୍ୟରତ ୮ ଲକ୍ଷ କର୍ମଚାରୀ ବର୍ତ୍ତମାନ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଡିଏରେ ୮% ବୃଦ୍ଧି ହୋଇଛି। ଯାହାର ୫% ପିଛିଲା ଭାବେ ଚଳିତ ବର୍ଷ ଜୁଲାଇ ଏବଂ ଅବଶିଷ୍ଟ ୩% ଜାନୁୟାରୀ ପହିଲାରୁ ଲାଗୁ ହେବ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ଡେପୁଟି ଗଭର୍ଣ୍ଣର, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୨୦% ମହଙ୍ଗା ଭତ୍ତା ପାଇବେ। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ଗତ ବର୍ଷ ସେପ୍ଟେମ୍ବର ୪ ଏବଂ ୫ ଦୁଇଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନ ଏବଂ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନ୍‌ସନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନକୁ ଅପେକ୍ଷା କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ।

# ଧାର୍ଯ୍ୟ ଲକ୍ଷ୍ୟର ୯୩% ଛୁଇଁଲା ବିତ୍ତୀୟ ନିଅଣ୍ଟ

ନୂଆଦିଲ୍ଲୀ,୩୧-୧୦

ଦେଶର ବିତ୍ତୀୟ ନିଅଣ୍ଟ ବଜେଟ ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟର ୯୩% ଛୁଇଁଛି। ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏହା ୬.୫୨ ଲକ୍ଷ କୋଟି ଟଙ୍କା ଛୁଇଁଥିବା ସରକାର ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ସାଧାରଣତଃ ସରକାରଙ୍କ ଖର୍ଚ୍ଚ ଏବଂ ରାଜସ୍ୱ ମଧ୍ୟରେ ରହିଥିବା ଅନ୍ତରକୁ ବିତ୍ତୀୟ ନିଅଣ୍ଟ କୁହାଯାଉଥିବା ବେଳେ ଏହା ସେପ୍ଟେମ୍ବର ୩୦ ସୁଦ୍ଧା ୬,୫୧,୫୫୪ କୋଟି ଟଙ୍କା ରହିଥିବା କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟ (ସିଜିଏ) ଦେଇଥିବା ସୂଚନାରୁ ଜଣାପଡ଼ିଛି। ଗତ ବର୍ଷ ସମାନ ସମୟରେ ଏହା ୯୫.୩% ରହିଥିଲା। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟକୁ ୭.୦୩ ଲକ୍ଷ କୋଟି ଟଙ୍କାରେ ସୀମିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ବିତ୍ତୀୟ ନିଅଣ୍ଟକୁ ମୋଟ ଜିଡିପିର ୩.୩%ରେ ସୀମିତ ରଖିବାକୁ ଯୋଜନା ରହିଛି। ମାନ୍ଦାବସ୍ଥା ଯୋଗୁ ସରକାର କର୍ପୋରେଟ ଟିକସ ହ୍ରାସ କରିଛନ୍ତି। ଏହା ଦ୍ୱାରା ରାଜକୋଷକୁ ୧.୪୫ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିବ। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବରରେ ବଜେଟରେ ଧାର୍ଯ୍ୟ ହୋଇଥିବା ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ତୁଳନାରେ ୪୧.୬% ବଢ଼ିଛି। ଏହା ଗତ ବର୍ଷ ସମାନ ସମୟରେ ୪୦.୧% ରହିଥିଲା। ସେପ୍ଟେମ୍ବର ଶେଷ ସୁଦ୍ଧା ସରକାର ୮.୧୬ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଟିକସ ସଂଗ୍ରହ ଲକ୍ଷ୍ୟ ୧୯.୬୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ସିଜିଏ ତଥ୍ୟ ମୁତାବକ ବର୍ତ୍ତମାନ ସମୟ ସୁଦ୍ଧା ବଜେଟ ଲକ୍ଷ୍ୟର ୫୫.୫% ପୁଞ୍ଜି ସରକାର ଖର୍ଚ୍ଚ କରିଛନ୍ତି।

# ଡିଡିଟି, କ୍ୟାପିଟାଲ ଗେନ୍ସ ଟାକ୍ସ କମିବନି

ନୂଆଦିଲ୍ଲୀ,୩୧-୧୦

ସରକାର ପୁଞ୍ଜିବଜାର ନିବେଶକଙ୍କୁ ଖୁସି କରାଇବା ଲାଗି ଲଙ୍ଗଟର୍ମ କ୍ୟାପିଟାଲ ଗେନ୍ସ ଏବଂ ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ ଟାକ୍ସ(ଡିଡ଼ିଟି)ରେ କିଛିଟା କୋହଳ ବ୍ୟବସ୍ଥା କରିବା ନେଇ ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ମାତ୍ର ଏଭଳି କିଛି ବ୍ୟବସ୍ଥା ସରକାର ଆଣିବେ ନାହିଁ। ଏଭଳି ଘୋଷଣା ଦ୍ୱାରା ରାଜକୋଷକୁ ହେଉଥିବା କ୍ଷତିର ଭରଣା ତଥା ସରକାରଙ୍କ ବିତ୍ତୀୟ ସ୍ଥିତି ଏବେ ଏତେଟା ଉନ୍ନତ ନାହିଁ। ନୂଆ ପଦକ୍ଷେପ ଦ୍ୱାରା ସରକାର ରାଜକୋଷ ତଥା ବିତ୍ତୀୟ ଶୃଙ୍ଖଳାକୁ ପ୍ରଭାବିତ କରିବାକୁ ଚାହୁଁ ନ ଥିବା ଜଣେ ଅଧିକାରୀ ଯୁକ୍ତି ବାଢ଼ିଛନ୍ତି।


PARADIP PORT TRUST

e-TENDER CALL NOTICE NO : EM/PED-54/2019

No. EM/PED/TECH-13/2019/983, dt. : 30.10.2019. Name of the work : "Revamping of 11KV HT electrical distribution systems at different locations of Paradip Port." Estimated Cost : Rs. 4,03,08,400/-. Last Date & Time of submission of bid : 09.12.2019 up to 17.15 hrs. Refer our website for details https://eprocure.gov.in/eprocure/app

Executive Engineer (PED-II)
PPT/PR/426/19-20 Dt : 31.10.19



OFFICE OF THE PURI MUNICIPALITY, PURI

No.8618 Dt.31.10.19

TENDER CALL NOTICE

Sealed tenders are invited in plain paper from the intending manufactures / Firms / Suppliers having valid Licence / Registration / TIN / PAN number for supply of materials (Cotton Saree and Fabrics) to be submitted to the office of the Executive Officer, Puri Municipality, Puri on or before 07.11.2019 at 2 P.M. through Speed Post / Regd. Post only which will be opened on 08.11.2019 at 4 P.M. The authority reserves the right either to reject or accept the tender without assigning any reason thereof. The tender paper alongwith terms and conditions will be available in the website www.purimunicipality.nic.in.

Sd./-
Executive Officer,
Puri Municipality, Puri



OCAC ODISHA COMPUTER APPLICATION CENTRE
REQUEST FOR PROPOSAL
Enq. No. : OCAC-SEGP-RES-0001-2019-19042

OCAC invites Request for Proposal (RFP) for selection of System Integrator for Deployment of UIDAI Certified Operators for Aadhaar Enrollment and other Aadhaar services at different parts of the State.

The interested firms may download the RFP document from www.ocac.in & www.odisha.gov.in. Last date for submission of proposal is 25.11.2019, 12:00 Noon.

General Manager (Admin), OCAC, Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295



OFFICE OF THE COLLECTOR AND DISTRICT MAGISTRATE, KALAHANDI

(Sports Section)

No.430 /Sports Dated: 30.10.2019

TENDER CALL NOTICE

Sealed tenders are invited from registered firms / Co-operative Agencies / authorized suppliers of Sports equipments for Sports Hostel, Bhawanipatna.

The details of tender document alongwith terms and condition can be obtained from the District web portal http://www.kalahandi.nic.in. The last day of receipt of tender paper is dt.13.11.2019 upto 5.30 P.M. Tender will be opened on dt.14.11.2019.

Sd./-
Additional District Magistrate
Kalahandi



ତହସିଲ କାର୍ଯ୍ୟାଳୟ, ସୋନପୁର

ପତ୍ର ସଂଖ୍ୟା.4693 ତା-31.10.19

ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଫ୍ଲୋରିଶ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ଆଦର୍ଶ ଷ୍ଟଲଫେଡ ଫାର୍ମ୍ସ ପ୍ରାଇଭେଟ ଲିମିଟେଡ ଏବଂ ଆଦର୍ଶ ୱେଲ୍‌ଥ ଭେନଚୁରେ ପ୍ରାଇଭେଟ ସଂସ୍ଥାରେ ସଞ୍ଚୟ କରିଥିବା କ୍ଷୁଦ୍ର ଜମାକାରୀଙ୍କର (୧୦୦୦୦ ଟଙ୍କା ପର୍ଯ୍ୟନ୍ତ) ଟଙ୍କାର ତଦନ୍ତ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆପଣମାନେ ନିମ୍ନରେ ଦିଆଯାଇଥିବା କାଗଜପତ୍ର ଯାଞ୍ଚ ନିମନ୍ତେ ଉପସ୍ଥିତ ହେବେ, ନଚେତ ଆପଣମାନଙ୍କର ସଞ୍ଚୟ କରିଥିବା ଟଙ୍କାକୁ ଖାରଜ କରାଯିବ। ନିର୍ଦ୍ଧାରିତ ସମୟ ପରେ ଆପଣମାନଙ୍କର କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

୧. ବ୍ୟାଙ୍କ ପାସ୍ ବହି
୨. ଆଧାର କାର୍ଡ
୩. ସଞ୍ଚୟ କରିଥିବା ଟଙ୍କାର କାଗଜପତ୍ର ଏବଂ ରସିଦ

କାର୍ଯ୍ୟସୂଚୀ

୧. ରାଜସ୍ୱ ନିରୀକ୍ଷକ, ସୋନପୁର – ତା: ୦୫।୧୧।୨୦୧୯
୨. ରାଜସ୍ୱ ନିରୀକ୍ଷକ, ବିଶିମୁଣ୍ଡା – ତା: ୦୬।୧୧।୨୦୧୯
୩. ରାଜସ୍ୱ ନିରୀକ୍ଷକ, ଲଛିପୁର – ତା: ୦୬।୧୧।୨୦୧୯
୪. ରାଜସ୍ୱ ନିରୀକ୍ଷକ, ଖଲିଆପାଲି – ତା: ୦୬।୧୧।୨୦୧୯
୫. ରାଜସ୍ୱ ନିରୀକ୍ଷକ, ଖାରୀ – ତା: ୦୫।୧୧।୨୦୧୯

ସ୍ୱା./- ତହସିଲଦାର, ସୋନପୁର



CUTTACK DEVELOPMENT AUTHORITY
C.D.A. Arunodaya Bhawan, Link Road, Cuttack - 12

TENDER CALL NOTICE

The detail sealed tenders in prescribed format are invited for providing service of data entry operators, tally accountant, computer programmer by Manpower Service Provider in the office of the Cuttack Development Authority, Cuttack. The details are available in the website of CDA i.e. cdacuttack.nic.in. The last date of the submission of tender documents is dt.14.11.2019 upto 5.30 P.M.

The opening of tender is dt.15.11.2019 at 11.30 A.M in the Conference Hall of CDA, Cuttack.

Secretary
Cuttack Development Authority



ତହସିଲ କାର୍ଯ୍ୟାଳୟ, ସୋନପୁର

ପତ୍ର ସଂଖ୍ୟା.4692 ତା-31.10.19

ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ତହସିଲ କାର୍ଯ୍ୟାଳୟରେ ଯେଉଁ କ୍ଷୁଦ୍ର ଜମାକାରୀମାନଙ୍କର ରୋଜଭେଲି ଓ ଫ୍ଲୋରିଶ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ ସଂସ୍ଥାରେ ସଞ୍ଚୟ କରିଥିବା (୧୦୦୦୦ ଟଙ୍କା ପର୍ଯ୍ୟନ୍ତ) ଟଙ୍କାର ତଦନ୍ତ କରାଯାଇନାହିଁ ସେମାନଙ୍କ ଟଙ୍କାର ଆହରଣ ପାଇଁ ୭ଦିନ (ତା-୦୨।୧୧।୨୦୧୯ ରୁ ୦୮।୧୧।୨୦୧୯ ପର୍ଯ୍ୟନ୍ତ) ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସଗୁଡ଼ିକରେ ନିମ୍ନରେ ଦିଆଯାଇଥିବା କାଗଜପତ୍ର ଯାଞ୍ଚ ନିମନ୍ତେ ଉପସ୍ଥିତ ହେବେ, ନଚେତ ଆପଣମାନଙ୍କର ସଞ୍ଚୟ କରିଥିବା ଟଙ୍କାକୁ ଖାରଜ କରାଯିବ। ନିର୍ଦ୍ଧାରିତ ସମୟ ପରେ ଆପଣମାନଙ୍କର କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

୧. ଜମାକାରୀଙ୍କ ନାମରେ ଥିବା ବ୍ୟାଙ୍କ ପାସ୍ ବହିର ଜେରକ୍ସ
୨. ଜମା କରାଯାଇଥିବା ଟଙ୍କାର ରସିଦ

ସ୍ୱା./-
ତହସିଲଦାର, ସୋନପୁର



ଗୋ ପ୍ରଜନନ ଅନୁସନ୍ଧାନ ଓ ବୃଷଭଜନନୀ ଫାର୍ମ, ଚିପିଲିମା

ମାର୍ଫତ-ରାଜ୍ୟ ପ୍ରାଣୀ ପ୍ରଜନନ ଫାର୍ମ, ଗୋଶାଳା
ପୋ:ଅ: କଳାମାଟି, ଜିଲ୍ଲା-ସମ୍ବଲପୁର

ଗୋ ବିକ୍ରୟ ନିମନ୍ତେ ନିଲାମ ବିଜ୍ଞପ୍ତି

ଗୋଶାଳାସ୍ଥିତ ଗୋ ପ୍ରଜନନ ଅନୁସନ୍ଧାନ ଓ ବୃଷଭଜନନୀ ଫାର୍ମ, ଚିପିଲିମାରୁ ଆସନ୍ତା ତା୨୬।୧୧।୨୦୧୯ରିଖ ଦିନ ଗାଈଗୋରୁ ନିଲାମରେ ବିକ୍ରୟ ହେବ। ଇଚ୍ଛୁକ ବ୍ୟକ୍ତିଙ୍କଠାରୁ ଜଉମୁଦ ଦିଆ ଲଫାପାରେ ଟେଣ୍ଡର ରେଜେଷ୍ଟ୍ରି/ସ୍ପିଡ୍ ପୋଷ୍ଟ କିମ୍ବା କାର୍ଯ୍ୟାଳୟସ୍ଥିତ ଟେଣ୍ଡର ବକ୍ସ ମାଧ୍ୟମରେ ତା୨୫।୧୧।୨୦୧୯ରିଖ ସୁଦ୍ଧା ଗ୍ରହଣ କରାଯିବ।

ଅଧିକ ବିବରଣୀ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ସ୍ୱା./- ପରିଚାଳକ
ଗୋ-ପ୍ରଜନନ ଅନୁସନ୍ଧାନ ଓ ବୃଷଭଜନନୀ ଫାର୍ମ
ଚିପିଲିମା, ସମ୍ବଲପୁର


See Career Appointment on every Wednesday & Saturday


OFFICE OF THE MUNICIPAL COUNCIL, RAIRANGPUR

No. 35/ Dt. 30.10.19

2nd CORRIGENDUM TO TENDER CALL NOTICE

Tender Call Notice 26/Dt.17.10.2019

The tender call notice 26/Dt.17.10.2019 Executive Officer, Rairangpur Municipality, Rairangpur has been modified as per table below.

| The Bid documents will be available from | | |
|---|---|---|
| i. | Period of availability of tenders online | From 11.00 Hrs of 18.10.2019 to 17.00 Hrs of 02.11.2019 |
| ii. | Last date & time of seeking clarification as per Schedule-J | 17.00 Hrs of 26.10.2019 |
| iii. | Last date & time of bidding online | 17.00 Hrs of 02.11.2019 |
| iv. | End Date for Submission of Bid documents, EMD, Tender Paper Cost etc. as per DTCN dropping on the Office Tender Box otherwise tender will be rejected | 17.00 Hrs of 04.11.2019 |
| v. | Date & time of opening of Technical Bid | 11.00 Hrs of 05.11.2019 |

| Modification in 2nd Corrigendum the Bid documents will be available in the website www.tendersorissa.gov.in | | |
|---|---|---|
| i. | Period of availability of tenders online | From 11.00 Hrs of 18.10.2019 to 17.00 Hrs of 14.11.2019 |
| ii. | Last date & time of seeking clarification as per Schedule-J | 17.00 Hrs of 12.11.2019 |
| iii. | Last date & time of bidding online | 17.00 Hrs of 14.11.2019 |
| iv. | End Date for Submission of Bid documents, EMD, Tender Paper Cost etc. as per DTCN dropping on the Office Tender Box otherwise tender will be rejected | 17.00 Hrs upto 16.11.2019 |
| v. | Date & time of opening of Technical Bid | 11.00 Hrs of 18.11.2019 |

2. If the tender work will be not completed within fixed period mention in the tender schedule the work agreement and work order automatically cancelled.
3. The authority reserves the right to reject any or all tender without assigning any reason thereof.
4. Further the details can be seen from the procurement portal: www.tendersorissa.gov.in

Sd./- Executive Officer, Rairangpur Municipality



OFFICE OF THE MUNICIPAL COUNCIL, BHAWANIPATNA

Letter No. 2891/ BPM Date: 28.10.2019

QUOTATION CALL NOTICE

SELECTION OF AGENCY FOR OPERATION AND MANAGEMENT OF SHELTER FOR URBAN HOMELESS UNDER BHAWANIPATNA MUNICIPALITY

The Executive Officer, Bhawanipatna Municipality on behalf of Municipal Council invites Quotation from reputed and experience agencies / NGO or CSO with appropriate legal entity / Federation of WSSGs/ Public and private Sector companies / Resident Welfare Association for Operation and management of Shelter for Urban Homeless in Bhawanipatna Town. The Quotationer should quote in India Rupees only. The Quotation paper can be available in the office of the undersigned on working day between 11 AM to 3 PM on payment of Rs. 20000.00 + VAT Rs. 100.00 (5%) (non-refundable) in shape of Demand Draft in favour of "Executive Officer, Bhawanipatna Municipality" payable at Bhawanipatna from 28.10.2019 to 11.11.2019. The quotation should reach this office on or before 11.11.2019 at 5.30 PM along with Earnest Money Deposit (EMD) of Rs. 10,000.00/- (Ten Thousand Rupees only) in shape of Demand Draft in favour of "Executive Officer, Bhawanipatna Municipality" payable at Bhawanipatna, by Speed Post / Registered Post and the same will be opened on 13.11.2019 at 11.30 PM. in the presence of quotationers or their authorised representatives. The quotationers representative who is present shall sign an attendance register evidencing their attendance at the time of opening of both the bids i.e. Technical Bid and Financial Bid. In the event of the specified date of Bid opening being declared holiday for the tendering Authority, the Quotation shall be opened at the appointed time and location on the next working day. The Municipality will not be held any responsible for postal delay. Quotation submitted beyond the aforesaid date & time shall not be entertained. The authority reserves to right to accept or cancel any or all the quotations without assigning any reason thereof.

**Details available on www.kalahandi.nic.in**

Further details terms & condition can be available from the Bhawanipatna Municipality Office on the working days.

| Sl. No. | Description | Cost of Tender Paper | Cost of 5% VAT | EMD Rs. | Eligible of Quotationer |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Operation and Management of Shelter for Urban Homeless under Bhawanipatna Municipality | Rs. 2000.00 | Rs. 100.00 | Rs. 10,000.00 | Registered Organization |

N.B.: Kindly submit the information as per the Annexure and page no. otherwise it will be rejected.

Sd./- Executive Officer, Bhawanipatna Municipality



OFFICE OF THE MUNICIPAL COUNCIL, SONEPUR

"e" Procurement Notice

BID Identification No: SNP-MUN-05/2019-20
TENDER ID: 2019_ORULB_57004

TENDER CALL NOTICE

No.2495 Date: 30.10.19

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | As per DTCN |
| 2. | No. of works | : | 7 Nos. |
| 3. | Amount put to Tender | : | As per DTCN |
| 4. | Period of Completion | : | As per DTCN |
| 5. | Starting Date &Time of Bidding: | | From Dt. 31.10.2019 from 11.00 A.M. |
| 6. | Last Date & Time for Receipt of tenders through online | : | Up to Dt. 11.11.2019 up to 05.00 PM |
| 7. | Bids received online shall be opened on | : | On Dt. 13.11.2019 at 11.00 AM |
| 8. | Name and address of the Officer inviting Bid | : | Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in

Sd./-
Executive Officer
Sonepur Municipality

## ସଂକ୍ଷେପରେ

### ଏଫ୍‌ଆଇଏଚ୍ ହକି ଇଣ୍ଡିଆ କୋଚିଂ କୋର୍ସ

ଭୁବନେଶ୍ୱର, ୩୧।୧୦(ସ୍ପୋର୍ଟ୍ସ ବ୍ୟୁରୋ)- ଚଳିତ ବର୍ଷ କେତୋଟି ହକି ଇଣ୍ଡିଆ କୋଚିଂ ଏଜୁକେଶନ ପାଥ୍‌ୱେ କୋର୍ସ ସଫଳତାର ସହ ଆୟୋଜନ ହେବାପରେ ଏଠାରେ ଆଉ ଏକ ବିଶ୍ୱସ୍ତରୀୟ କୋଚିଂ କୋର୍ସ ଆୟୋଜନ ହେବାକୁ ଯାଉଛି। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ଏକାଡେମୀ ହକି ଇଣ୍ଡିଆନ କୋଚିଂ ଏଜୁକେଶନ ପାଥ୍‌ୱେ ଲେଭଲ ୧ ଓ ଲେଭଲ ୨ କୋଚିଂ କୋର୍ସ ଆୟୋଜନ କରାଯିବ। ଏହି କୋର୍ସ ପାଇଁ ଏଫ୍‌ଆଇଏଚ୍ ଏକାଡେମୀ ଏଜୁକେଟର ହିସାବରେ ନେଦରଲାଣ୍ଡ୍ସର ଏସ୍‌ଭେନ ଭାନଡର ମୋଷ୍ଟ, ବ୍ରିଟେନ୍‌ର ଏଫ୍‌ଆଇଏଚ୍ ଏକାଡେମୀ ଏଜୁକେଟର୍ସ ମାଇକ ଇରଭିଙ୍ଗ୍ ଓ ଏଫ୍‌ଆଇଏଚ୍ ଏକାଡେମୀ ଏଜୁକେଟର୍ସ ଦକ୍ଷିଣ ଆଫ୍ରିକାର ସୋଆନେଲୋ ଫୋଲୋଙ୍କୁ ସାମିଲ କରାଯାଇଛି। ଲେଭଲ-୧ କୋଚିଂ କୋର୍ସରେ ଯୋଗଦେବା ପାଇଁ ପାଖାପାଖି ୩୦ ଜଣ ପ୍ରାର୍ଥୀଙ୍କୁ ସାମିଲ କରାଯାଇଛି। ଏହି କୋର୍ସ ଆସନ୍ତା ୩ ତାରିଖରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଲେଭଲ-୨ କୋର୍ସ ପାଇଁ ୫୦ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ମନୋନୀତ ହୋଇଛନ୍ତି। ଏହା ବୁଧବାରଠାରୁ ଆରମ୍ଭ ହୋଇଛି ଏବଂ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କୋର୍ସ ଦ୍ୱାରା ପ୍ରାର୍ଥୀମାନଙ୍କର କୋଚିଂ ସମ୍ପର୍କରେ ଜ୍ଞାନ ଓ ଦକ୍ଷତା ବୃଦ୍ଧି ହେବ ବୋଲି କୁହାଯାଉଛି। ହକିରେ ଅମ୍ପାୟର ଓ କୋଚ୍‌ମାନଙ୍କ ବ୍ୟବହାରିକ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି ଉପରେ ହକି ଇଣ୍ଡିଆ ବହୁ ପୂର୍ବରୁ ଗୁରୁତ୍ୱ ଦେଇଆସୁଛି। ଆଧୁନିକ ହକି ସହିତ ତାଳ ଦେଇ କିପରି ଚାଲିବାକୁ ହେବ, ତା'ଉପରେ ହକି ଇଣ୍ଡିଆ ଗୁରୁତ୍ୱ ଦେଇଆସୁଛି। ଏଫ୍‌ଆଇଏଚ୍ ଏକାଡେମୀ ହକି ଇଣ୍ଡିଆ ସହ ମିଳିତ ଭାବେ କାର୍ଯ୍ୟ କରି ବେଶ୍ ସନ୍ତୋଷ ଲାଭ କରିଛି ଓ କୋଚିଂ ଏବଂ ଅମ୍ପାୟରିଂରେ ଉନ୍ନତି ଆଣିବାକୁ ପ୍ରୟାସ ଜାରି ରଖିବ ବୋଲି ହକି ଇଣ୍ଡିଆ ଫାଉଣ୍ଡେଶନ ଓ ଏଫ୍‌ଆଇଏଚ୍ ଡେଭଲପମେଣ୍ଟ ଡାଇରେକ୍ଟର ମାଇକ୍ ଜୋଏସ କହିଛନ୍ତି।

### ପ୍ରି-କ୍ୱାର୍ଟରରେ ଜୋକୋଭିଚ୍, ନାଡାଲ

ପ୍ୟାରିସ, ୩୧।୧୦ (ଏଏଫ୍‌ପି)- ଦୁଇ କିମ୍ବଦନ୍ତୀ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଓ ରାଫାଲ ନାଡାଲ ଏଠାରେ ଚାଲିଥିବା ପ୍ୟାରିସ ମାଷ୍ଟର୍ସର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୩୨ର ଏକ ମ୍ୟାଚ୍‌ରେ ଟପ୍‌ସିଡ୍ ସର୍ବିୟାର ଜୋକୋଭିଚ୍ ୭-୬ (୭/୨), ୬-୪ ସେଟ୍‌ରେ ଫ୍ରାନ୍ସର କୋରେଣ୍ଟିନ ମାଉଟେଙ୍କୁ ପରାସ୍ତ କରିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ବ୍ରିଟେନର କାଏଲ୍ ଏଡ୍‌ମଣ୍ଡଙ୍କ ସହ ହେବ। ଯଦି ଏଠାରେ ଜୋକୋଭିଚ୍ ଚାମ୍ପିୟନ ହୁଅନ୍ତି ତେବେ ରେକର୍ଡ ୫ମ ଥର ପାଇଁ ଏଠାରେ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିବେ। ଅପରପକ୍ଷରେ ରାଉଣ୍ଡ-୩୨'ର ଅନ୍ୟ ଏକ ମ୍ୟାଚ୍‌ରେ ସ୍ପାନିଶ ଟେନିସ ତାରକା ନାଡାଲ ୭-୫, ୬-୪ ସେଟ୍‌ରେ ଘରୋଇ ଖେଳାଳି ଆଡ୍ରିଆନ ମାନାରିନୋଙ୍କୁ ହରାଇଛନ୍ତି।

> ଜଣେ ବୁକି ତାଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିଥିବା ବିଷୟ ସ୍ୱୀକାର କରି ଶକିବ ଅଲ ହସନ ଯେପରି ଦଣ୍ଡିତ ହେଲେ ଦୁଃଖର ବିଷୟ।
> —ମହମ୍ମଦ ଅଶ୍ରଫୁଲ, ପୂର୍ବତନ ବାଂଲାଦେଶ ଅଧିନାୟକ



> ଯଦି କାକର ସମସ୍ୟା ସୃଷ୍ଟି ନ କରେ ତେବେ ଇଡେନଗାର୍ଡେନଠାରେ ଦିବାରାତ୍ର ଟେଷ୍ଟ ଆୟୋଜନ ଯୋଜନା ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ।
> —ସଚିନ ତେନ୍ଦୁଲକର, ବ୍ୟାଟିଂ ଆଇକନ୍








କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଆମେରିକା ମହିଳା ଓ ଭାରତୀୟ ପୁରୁଷ ହକି ଦଳର ଅଭ୍ୟାସ।

# ରୁଷିଆ ବିପକ୍ଷରେ ଭାରତ ଫେଭରାଇଟ

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମ ପୁଣି ଚଳଚଞ୍ଚଳ। ଏଠାରେ ହେବାକୁ ଯାଉଛି ଅନ୍ତର୍ଜାତୀୟ ହକିର ଆଉ ଏକ ମେଗା ଇଭେଣ୍ଟ। ଶୁକ୍ରବାର ଓ ଶନିବାର ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସର ମହିଳା ବିଭାଗରେ ଭାରତ-ଆମେରିକା ଏବଂ ପୁରୁଷ ବିଭାଗରେ ଭାରତ-ରୁଷିଆ ମହା ମୁକାବିଲା ହେବ। ୨ ମ୍ୟାଚରେ ବିଜୟ କିମ୍ବା ଆବଶ୍ୟକସ୍ଥଳେ ଗୋଲ ବ୍ୟବଧାନ ଭିତ୍ତିରେ କେଉଁ ଦଳ ୨୦୨୦ ଅଲିମ୍ପିକ୍ସ ପାଇଁ ଟିକେଟ ପାଇବ ତାହା ସ୍ଥିର ହେବ। ଯଦି ବିଜୟ ଏବଂ ଗୋଲ ବ୍ୟବଧାନ ସମାନ ରହେ ତେବେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ବିଜେତା ନିର୍ଣ୍ଣୟ ହେବ। ଏଥିପାଇଁ ୨ ସପ୍ତାହରୁ ଉର୍ଦ୍ଧ୍ୱ ଭାରତୀୟ ମହିଳା ଓ ପୁରୁଷ ଦଳର କ୍ୟାମ୍ପ ଏଠାରେ ଚାଲିଥିବାବେଳେ ଆମେରକା ଓ ରୁଷିଆ ଦଳ ପାଖାପାଖି ଏକ ସପ୍ତାହ ଧରି ଏଠାରେ ନିଜର ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଇଛନ୍ତି। ୪ଟି ଯାକ ଦଳ ନିଜ ନିଜ କୋଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଶେଷଥରପାଇଁ କଳିଙ୍ଗ ଷ୍ଟାଡିୟମର ଅଭ୍ୟାସ ଗ୍ରାଉଣ୍ଡରେ ଝାଳ ବୁହାଇଛନ୍ତି। ବିଭିନ୍ନ ରଣନୀତି ଅନୁସାରେ ପ୍ରାକ୍ଟିସ କରିବା ସହ ଆଗାମୀ ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି। ଅଲିମ୍ପିକ୍ସ ଟିକେଟ ପାଇଁ ପ୍ରତି ଦଳ ସମ୍ମୁଖରେ ମାତ୍ର ୨ଟି ମ୍ୟାଚର ବ୍ୟବଧାନ। ଏହି ଦୁଇ ମ୍ୟାଚରେ ଯିଏ ଶ୍ରେଷ୍ଠ ପ୍ରଦର୍ଶନ କରିବ ସିଏ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ।

ପୁରୁଷ ବିଭାଗରେ ରୁଷିଆ ବିପକ୍ଷରେ ଭାରତ ଫେଭରାଇଟ ବିବେଚିତ ହେଉଛି। ପୂର୍ବରୁ ଗତ ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତ ୧୦-୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ର୍‍ୟାଙ୍କିଙ୍ଗ୍ ଏବଂ ପ୍ରଦର୍ଶନ ଦୃଷ୍ଟିରୁ ଭାରତ ଆଗରେ ରହିଛି। ତେଣୁ ଏଥର ମଧ୍ୟ ଘରୋଇ ଦଳପାଇଁ ସହଜ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗତ ଜୁନ୍‌ରେ ଭୀଷଣ ଗରମ ଅନୁଭବ ହେଉଥିବାରୁ ପରିବେଶ ସହିତ ଦଳ ଠିକ୍‌ଭାବେ ଖାପଖୁଆଇବାରେ ଅସୁବିଧା ହୋଇଥିଲା। ମାତ୍ର ଏଥର ପରିବେଶ ଅପେକ୍ଷାକୃତ ଥଣ୍ଡା ରହିବ ଏବଂ ଭିନ୍ନ ଖେଳ ଦେଖିବାକୁ ମିଳିବ ବୋଲି ରୁଷିଆ ଅଧିନାୟକ ଡେନିସ ସ୍କିପାଚେଭ ଆଶାପ୍ରକାଶ କରିଛନ୍ତି। ମ୍ୟାଚ ଖେଳିବା ପାଇଁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବାରୁ ସେ ଖୁସି ପ୍ରକଟ କରିବା ସହ ଷ୍ଟାଡିୟମ ଭରପୂର ହକିଦର୍ଶକଙ୍କ ଗହଣରେ ମ୍ୟାଚକୁ ପୂରା ଉପଭୋଗ କରବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳଠାରୁ ଏଥର ମଧ୍ୟ ଉନ୍ନତ ପ୍ରଦର୍ଶନ ମିଳିବ ବୋଲି ହକିପ୍ରେମୀ ଆଶା ରଖିଛନ୍ତି। କୌଣସି ପରିସ୍ଥିତିରେ ରୁଷିଆକୁ ହାଲ୍‌କାଭାବେ ନ ନେବାପାଇଁ କୋଚ୍ ଗ୍ରାହାମ୍ ରିଡ୍ ଖେଳାଳିମାନଙ୍କୁ ସତର୍କ କରାଇ ଦେଇଛନ୍ତି। ଗୋଟିଏ ଖରାପ ଦିନ ଭାରତର ଅଲିମ୍ପିକ୍ସ ସ୍ୱପ୍ନକୁ ଧୂଳିସାତ କରିଦେଇପାରେ। ତେଣୁ ଆଗାମୀ ୨ଟି ଯାକ ମ୍ୟାଚକୁ ଗୁରୁତ୍ୱର ସହ ନେବାକୁ ସେ ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି। ରିଡ୍ ଦାୟିତ୍ୱ ନେବାପରେ ଭାରତୀୟ ରକ୍ଷଣଭାଗରେ ଉନ୍ନତି ପରିଲକ୍ଷିତ ହୋଇଛି। ସୁରେନ୍ଦର କୁମାର ଓ ଜୁନିୟର ବିଶ୍ୱକପ ବିଜୟୀ ଦଳ ସଦସ୍ୟ ହରମନପ୍ରୀତ ସିଂଙ୍କ ଉପସ୍ଥିତିରେ ଦଳର ଡିଫେନ୍ସ ବିଭାଗ ବେଶ୍ ଦୃଢ଼ ହୋଇଛି। ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କ ପ୍ରଦର୍ଶନ ଭଲ ରହିଥିବାବେଳେ ବୀରେନ୍ଦ୍ର ଲାକ୍ରା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଦୁଇ ଖେଳାଳି ଘରୋଇ ଦର୍ଶକଙ୍କଠାରୁ ଅଧିକ ସମର୍ଥନ ପାଇବା ସ୍ୱାଭାବିକ। ବୀରେନ୍ଦ୍ର ଏବଂ ରୂପିନ୍ଦର ପାଲ୍‌ସିଂଙ୍କ ଉପସ୍ଥିତିରେ ଦଳର ବ୍ୟାକ୍ ଲାଇନ୍ ଶକ୍ତିଶାଳୀ ହୋଇଛି। ୨୦୧୮ ଏସିଆନ ଗେମ୍ସରେ ଭାରତୀୟ ଦଳର ଖରାପ ପ୍ରଦର୍ଶନ ପାଇଁ ରୂପିନ୍ଦରଙ୍କୁ ବାଦ୍ ଦିଆ ଯାଇଥିଲା। ମାତ୍ର ପରେ ସେ ପ୍ରଭାବୀ ପ୍ରଦର୍ଶନ କରି ପୁଣି ଦଳରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି। ସେହିପରି କ୍ୱାଲିଫାୟର୍ସ ପାଇଁ ଘୋଷିତ ୧୮ ଜଣିଆ ଦଳରେ ବୀରେନ୍ଦ୍ର ନ ଥିଲେ ହେଁ ବରୁଣ କୁମାର ଆହତ ହେବାରୁ ସେ ନିଜ ଦକ୍ଷତା ଦେଖାଇବାର ଆଉ ଏକ ସୁଯୋଗ ପାଇଛନ୍ତି। ଅଧିନାୟକ ମନପ୍ରୀତଙ୍କ ସମେତ ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା ଓ ବିବେକ ସାଗର ପ୍ରସାଦଙ୍କ ଉପରେ ଦଳର ମିଡ୍‌ଫିଲ୍ଡ ଭାରତ ରହିବ। ଅଗ୍ରଭାଗରେ ରହିବେ ମନଦୀପ ସିଂ, ଆକାଶଦୀପ ସିଂ, ଏସଭି ସୁନୀଲ, ରମଣଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସିମରନଜିତ ସିଂ।

### ମହିଳା ବିଭାଗରେ ଭାରତ-ଆମେରିକା କଡ଼ା ଟକ୍କର




ରାଣୀ ରାମପାଲଙ୍କ ସହ କରମର୍ଦ୍ଦନ କରୁଛନ୍ତି ଆମେରିକା ଅଧିନାୟିକା କାଥଲିନ୍ ଶାର୍କି।

### କଳିଙ୍ଗରେ ଆଜିଠାରୁ ଅଲିମ୍ପିକ୍ କ୍ୱାଲିଫାୟର୍ସ

### ଅଲିମ୍ପିକ୍ସ ଯୋଗ୍ୟତା ଏକମାତ୍ର ଲକ୍ଷ୍ୟ: ରାଣୀ

ଭାରତୀୟ ପୁରୁଷ ଦଳ ଅପେକ୍ଷା ମହିଳା ଦଳକୁ କଷ୍ଟକର ପରିସ୍ଥିତି ଦେଇ ଗତିକରିବାକୁ ପଡ଼ିବ। ଆମେରିକା ର୍‍ୟାଙ୍କିଙ୍ଗ୍‌ରେ ନିମ୍ନରେ ରହିଥିଲେ ହେଁ ନିକଟ ଅତୀତରେ ବହୁତ ଭଲ ପ୍ରଦର୍ଶନ କରିଛି। ଗତ ମହିଳା ହକି ବିଶ୍ୱକପରେ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଆମେରିକା। ଏହି ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ଭାରତ ବିପକ୍ଷ ହେଡ୍ ଟୁ ହେଡ୍ ରେକର୍ଡରେ ମଧ୍ୟ ଆମେରିକା ବହୁ ଉପରେ ରହିଛି। ରାଣୀ ରାମପାଲଙ୍କ ନେତୃତ୍ୱରେ ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରିଛି। ତେଣୁ ଆମେରିକାକୁ ଏଠାରେ କଡ଼ା ଟକ୍କର ଦେବା ଆଶା ରହିଛି। ରାଣୀଙ୍କ ବ୍ୟତୀତ ଡ୍ରାଗ୍‌ଫ୍ଲିକର ଗୁରଜିତ କୌର, ଯୁବ ଫରୱାର୍ଡ ଲାଲରେମସିଆମି ଏବଂ ଗୋଲକପର ସବିତାଙ୍କ ଉପରେ ଦଳର ଭାଗ୍ୟ ଅନେକ ପରିମାଣରେ ନିର୍ଭର କରିବ। ଦଳରେ ସ୍ଥାନ ପାଇଥିବା ୩ ଓଡ଼ିଆ ଖେଳାଳି ଲିଲିମା ମିଞ୍ଜ, ଦୀପ୍ ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋଙ୍କ ଉପରେ ମଧ୍ୟ ଦଳ ଅନେକ ନିର୍ଭର କରିବ। କଳିଙ୍ଗ ଷ୍ଟାଡିୟମର ୧୬,୦୦୦ ଦର୍ଶକଙ୍କ ସମ୍ମୁଖରେ ଭାରତୀୟ ମହିଳା ଦଳ ପ୍ରଥମଥରପାଇଁ ମ୍ୟାଚ ଖେଳିବ। ତେବେ ଘରୋଇ ପରିବେଶରୁ ଦଳକୁ ଫାଇଦା ମିଳିବ ଏବଂ ନିଜ ଦକ୍ଷତା ଉପରେ ନିର୍ଭର କରି ଭାରତ ଅଲିମ୍ପିକ୍ସ ଯୋଗ୍ୟତା ପାଇବାକୁ ଚେଷ୍ଟା କରିବ ବୋଲି ରାଣୀ ଆଶାପ୍ରକାଶ କରିଛନ୍ତି। "ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଆମେ ଏସିଆନ ଗେମ୍ସକୁ ଟାର୍ଗେଟ କରିଥିଲୁ। ମାତ୍ର ଦୁର୍ଭାଗ୍ୟବଶତଃ ତାହା ହୋଇ ନ ପାରିବାରୁ ଆମେ ଏହି ଦୁଇ ମ୍ୟାଚ ଉପରେ ଏକାଗ୍ର ରହିଛୁ। କ୍ୱାଲିଫାୟର୍ସ ପାଇଁ ଆମେ ଭଲଭାବେ ନିଜକୁ ପ୍ରସ୍ତୁତ କରିଛୁ। ଷ୍ଟାଡିୟମଭରା ଘରୋଇ ଦର୍ଶକଙ୍କ ଗହଣରେ ଖେଳିବାକୁ ଯାଉଥିଲେ ହେଁ ଆମ ଉପରେ ଚାପ ନାହିଁ। ମ୍ୟାଚ ଆରମ୍ଭ ହ୍ୱିସିଲ ବାଜିବାକ୍ଷଣି ଆମେ ଆମ ରଣନୀତିକୁ ସଫଳ ରୂପ ଦେବାକୁ ଚାହିଁବୁ। କଳିଙ୍ଗ ଷ୍ଟାଡିୟମରେ ଖେଳିବାପାଇଁ ଆମେ ବ୍ୟଗ୍ର" ବୋଲି ରାଣୀ ପ୍ରକାଶ କରିଛନ୍ତି। ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ମଧ୍ୟ ସମାନ ମତ ଦେଇଛନ୍ତି। "ଏହି ୨ଟି ମ୍ୟାଚକୁ ଆମେ ପୂରା ବର୍ଷ ଅପେକ୍ଷା କରି ରହିଛୁ। ଆମେ ଏହି ମ୍ୟାଚ ଖେଳିବୁ ବୋଲି ନିଶ୍ଚିତ ଥିଲେ ହେଁ କେଉଁ ଦଳ ବିପକ୍ଷରେ ଏବଂ କେଉଁ ଗ୍ରାଉଣ୍ଡରେ ଖେଳିବୁ ପ୍ରଥମେ ଜାଣି ନ ଥିଲୁ। କେବଳ ନିଜକୁ ଭଲଭାବେ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଥିଲୁ। ଏବେ ସେ କ୍ଷଣ ଆସିଯାଇଛି ଏବଂ ଆମେ ପ୍ରସ୍ତୁତ" ବୋଲି ମାରିଜନେ କହିଛନ୍ତି।

ଅନ୍ୟପକ୍ଷରେ ଆମେରିକା ମହିଳା ହକି ଦଳର ଅଧିନାୟିକା କାଥଲିନ୍ ଶାର୍କି କହିଛନ୍ତି ଯେ ଭାରତୀୟ ଦଳର ପ୍ରଦର୍ଶନରେ ନିକଟ ଅତୀତରେ ବହୁତ ଉନ୍ନତି ପରିଲକ୍ଷିତ ହୋଇଛି। ଆମେ ଏହି ଦଳକୁ ଯେତେଥର ଭେଟିଛୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଛି। ତେଣୁ ଆଗାମୀ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ଆଶା। ଗତ କିଛିଦିନ ଧରି ଆମେ ଏଠାରେ ପରିବେଶ ସହିତ ନିଜକୁ ଖାପ୍ ଖୁଆଇବାକୁ ଚେଷ୍ଟା କରୁଛୁ।

# ପ୍ରଥମଥର ପାଇଁ ଆନ୍ତଃସ୍କୁଲ ଗେଟ୍‌ବଲ



ଆନ୍ତଃସ୍କୁଲ ଗେଟ୍‌ବଲ ଚାମ୍ପିୟନଶିପ୍ ସମ୍ପର୍କରେ ସୂଚନା ଦେବା ଅବସରରେ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ଗେଟ୍‌ବଲ୍ ୟୁନିୟନ(ଆଇଜିୟୁ) ଆନୁକୂଲ୍ୟରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆନ୍ତଃ ସ୍କୁଲ ଗେଟ୍‌ବଲ ଚାମ୍ପିୟନଶିପ୍ ଚଳିତ ମାସ ୩ ତାରିଖରେ ଅନୁଷ୍ଠିତ ହେବ। ୟୁନିଟ୍-୯ ବାଳିକା ବିଦ୍ୟାଳୟ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୪ଟି ଦଳ ଅଂଶଗ୍ରହଣ କରିବେ ବୋଲି ଗୁରୁବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ପ୍ରକାଶ କରିଛନ୍ତି। ଅଂଶଗ୍ରହଣ କରିବାକୁ ଯାଉଥିବା ଦଳଗୁଡ଼ିକ ହେଲା ୟୁନିଟ୍-୧ ବାଳକ, ୟୁନିଟ୍-୧ ବାଳିକା, ୟୁନିଟ୍-୨ ବାଳିକା, କ୍ୟାପିଟାଲ ହାଇସ୍କୁଲ, ବନବାସୀ କଲ୍ୟାଣ ଆଶ୍ରମ, ସତ୍ୟସାଇ ବାଳିକା ବିଦ୍ୟାଳୟ, ୟୁନିଟ୍-୪ ବାଳିକା ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ବିଦ୍ୟାପୀଠ ବାଳିକା ଓ ବାଳକ, ଆଇଆର୍‌ସି ଭିଲେଜ, କିସ୍ ସ୍କୁଲ ବାଳିକା ଓ ବାଳକ, ଓଡିଏମ୍ ସ୍କୁଲ ବାଳକ ଏ', ବାଳକ ବି' ଏବଂ ବାଳିକା, ପଳାଶୁଣୀ ହାଇସ୍କୁଲ, ୟୁବିଏସ୍‌ଏସ୍ ଟିମ୍, ଜାଭିୟର କେଦାରଗୌରୀ, ଡିଏଭି ପୋଖରୀପୁଟ, ୟୁନିଟ୍-୯ ବାଳିକା ବିଦ୍ୟାଳୟ, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଡିଏମ୍ ସ୍କୁଲ, ଭିଇଏମ୍ ସ୍କୁଲ ଚନ୍ଦ୍ରଶେଖରପୁର ଓ ରସୁଲଗଡ଼।

ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଲିଗ୍ ମ୍ୟାଚ୍ ପରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଏବଂ ସର୍ବାଧିକ ସ୍କୋର କରିଥିବା ପରବର୍ତ୍ତୀ ୨ଟି ଲେଖାଏ ଦଳକୁ ନେଇ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଅତିକ୍ରମ୍‌ରେ ସେମିଫାଇନାଲରେ ପ୍ରବେଶ କରିଥିବା ଦଳଗୁଡ଼ିକୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ତେବେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ପ୍ରକାଶ କରାଯାଇଛି। ୩ ତାରିଖ ସକାଳ ୮ଟାରେ ଉଦ୍‌ଘାଟନୀ ସମାରୋହ ପରେ ଲିଗ୍ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଅପରାହ୍ନରେ କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହୋଇ ୫ଟା ୩୦ରେ ଉଦ୍‌ଯାପନୀ ସମାରୋହ ଆୟୋଜନ ହେବ। ସ୍କୁଲ ପିଲାଙ୍କୁ ନେଇ ପ୍ରଥମଥର ପାଇଁ ଏପରି ଏକ ପ୍ରତିଯୋଗିତା କରିବାକୁ ଯାଉଥିବା ଆସୋସିଏଶନର ସଦସ୍ୟମାନେ ଏହାକୁ ସଫଳ କରାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଗେଟ୍‌ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ବିଦେଶର ବହୁ ଦଳ ଅଂଶଗ୍ରହଣ କରିବେ ବୋଲି କୁହା ଯାଇଛି। ଖବରଦାତା ସମ୍ମିଳନୀରେ ଟ୍ରଷ୍ଟି ସଞ୍ଜୟ ପଟ୍ଟନାୟକ, ଇଣ୍ଡିଆନ ଗେଟ୍‌ବଲ୍ ୟୁନିୟନ ସଭାପତି ଦ୍ୱୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ ଦାସ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର, ୟୁନିଟ୍-୯ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଶ୍ ଚନ୍ଦ୍ର ମହାପାତ୍ର, ଖେଳ ଶିକ୍ଷୟିତ୍ରୀ ଊର୍ମିଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମତୃପ୍ତିର ସ୍ଥାନ ନାହିଁ: ରିଡ୍

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

ପେସାଦାର ଖେଳରେ ଆତ୍ମତୃପ୍ତିର ସ୍ଥାନ ନାହିଁ। ର୍‍ୟାଙ୍କିଙ୍ଗ୍‌ରେ ଉଚ୍ଚ ହୋଇଥାଉ ବା ନୀଚ, ପ୍ରତି ଦଳକୁ ସମ୍ମାନ ଦେଇ ଖେଳିବାକୁ ରୁଷିଆ ବିପକ୍ଷ ଅଲିମ୍ପିକ୍ କ୍ୱାଲିଫାୟର୍ସ ମ୍ୟାଚ୍ ପୂର୍ବରୁ ଭାରତୀୟ ପୁରୁଷ ହକି ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟ କୋଚ୍ ଗ୍ରାହମ ରିଡ୍। ଗତ ସପ୍ତାହରେ ହୋଇଯାଇଥିବା ଅଲିମ୍ପିକ୍ କ୍ୱାଲିଫାୟର୍ସ ମ୍ୟାଚ୍‌ରୁ ଆମକୁ ଶିଖିବାକୁ ପଡ଼ିବ। ପ୍ରତିପକ୍ଷକୁ ସମ୍ମାନ ଦେଇ ସବୁବେଳେ ନିଜେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ଆମେ ଭଲଭାବେ ପ୍ରସ୍ତୁତି କରିଥିବାରୁ ଆଗାମୀ ଚ୍ୟାଲେଞ୍ଜ ପାଇ ପ୍ରସ୍ତୁତ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରିଡ୍ ପ୍ରକାଶ କରିଛନ୍ତି। ୨ଟି ମ୍ୟାଚ୍ ପରେ ଯଦି ଉଭୟ ଦଳର ବିଜୟ ଏବଂ ଗୋଲ ସଂଖ୍ୟା ସମାନ ହୁଏ ତେବେ ପେନାଲ୍ଟି ଶୁଟ୍‌ଆଉଟରେ ବିଜେତା ନିର୍ଣ୍ଣୟ ହେବ। ଏହା ଉପରେ ପ୍ରସ୍ତୁତି ସମ୍ପର୍କରେ ରିଡ୍ କହିଲେ ଯେ, ଆମେ ଟ୍ରେନିଂ ସେସନରେ ଶୁଟ୍‌ଆଉଟ ଉପରେ ମଧ୍ୟ ଗୁରୁତ୍ୱ ଦେଇଛୁ। ଆମେ ମୋଟ୍ ୬ ସେସନ ଅଭ୍ୟାସ କରିଛୁ। ଏହା ମଧ୍ୟରୁ ୫ ଟ୍ରେନିଂ ସେସନରେ ଶୁଟ୍‌ଆଉଟକୁ ଗୁରୁତ୍ୱ ଦେଇଛୁ। ସବୁ ପିଲା ଏଥିପାଇଁ ପ୍ରସ୍ତୁତ ଅଛନ୍ତି। ପରିସ୍ଥିତି ଆସିଲେ କେଉଁ ଖେଳାଳି ଶୁଟ୍ କରିବାକୁ ଯିବେ ତାହା ସ୍ଥିର କରାଯିବ।




ଅଧିନାୟକ ମନପ୍ରୀତ ସିଂଙ୍କ ସହ କୋଚ୍ ଗ୍ରାହାମ୍ ରିଡ୍।

### ସିନିୟରଙ୍କୁ ଦାୟିତ୍ୱ ନେବାକୁ ହେବ: ମନପ୍ରୀତ

ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ ମଧ୍ୟ କୋଚ୍‌ଙ୍କ ସହ ଏକମତ ହୋଇଛନ୍ତି। ସିନିୟର ଖେଳାଳିମାନେ ଦାୟିତ୍ୱ ନେଇ ଖେଳିଲେ ଜୁନିୟର ଖେଳାଳିମାନେ ଆତ୍ମତୃପ୍ତିରୁ ଦୂରେଇ ରହିପାରିବେ। ଆମେ ଏଠାକୁ ଆସିବା ପରଠାରୁ କେବେହେଲେ ପ୍ରତିପକ୍ଷ ଦଳକୁ ହେୟ ମନେ କରିନାହୁଁ। କ୍ୱାଲିଫାୟର୍ସ ଜିତିବା ଆମର ଏକମାତ୍ର ଲକ୍ଷ୍ୟ। ରୂପିନ୍ଦରପାଲ ସିଂ ଏବଂ ପିଆର ଶ୍ରୀଜେଶଙ୍କ ପରି ସିନିୟର ଖେଳାଳିମାନେ ଜୁନିୟର ଖେଳାଳିଙ୍କ ସହିତ ଆଲୋଚନା ବେଳେ ଆଗାମୀ ମୁକାବିଲା କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଅବଗତ କରାଇଛନ୍ତି। ରୁଷିଆ ଲୋ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ହୋଇଥିଲେ ହେଁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ଭାରତୀୟ ଦଳ ବେଶ୍ ସନ୍ତୁଳିତ ବୋଲି ଅନୁଭବ କରୁଛନ୍ତି ମନପ୍ରୀତ। ଏସ୍‌ଭି ସୁନୀଲ, ଲଳିତ ଉପାଧ୍ୟାୟ, ରୂପିନ୍ଦରପାଲ ସିଂ, ବୀରେନ୍ଦ୍ର ଲାକ୍ରାଙ୍କ ଅଭିଜ୍ଞତା ମ୍ୟାଚ୍‌ରେ ଫରକ ଆଣିବ। ଯୁବ ଖେଳାଳିଙ୍କ ମଧ୍ୟରେ ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା ଓ ହାର୍ଦ୍ଦିକ ସିଂ ଭଲ ଫର୍ମରେ ଅଛନ୍ତି। ଆମେ ବେଲ୍‌ଜିୟମ ଟୁର୍‌ରୁ ଅନେକ କିଛି ଶିଖିଛୁ। ଖେଳାଳିଙ୍କ ଫିଟ୍‌ନେସ୍ ସ୍ତର ମଧ୍ୟ ବେଶ୍ ଭଲ ଅଛି। ତେଣୁ ଆମେ ପ୍ରତିପକ୍ଷ ଦଳର ଶକ୍ତି କିମ୍ବା ଦୁର୍ବଳତାକୁ ନ ଦେଖି ନିଜର ଶ୍ରେଷ୍ଠ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେଉଛୁ। କ୍ୟାମ୍ପ୍‌ରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ଭଲ ଖେଳୁଥିବାରୁ କୋଚ୍‌ଙ୍କୁ ଚୂଡ଼ାନ୍ତ ୧୮ ଜଣିଆ ଦଳ ବାଛିବା କଷ୍ଟକର ହୋଇପଡ଼ିଛି ବୋଲି ମନପ୍ରୀତ ସ୍ୱୀକାର କରିଛନ୍ତି।

# ଭାରତ ବି'ର ବୃହତ୍ ବିଜୟ

**ରାଞ୍ଚି, ୩୧।୧୦ (ପି.ଟି.)**

ଓପନର ରୁତୁରାଜ ଗାଏକ୍ୱାଡ ଓ ବାବା ଅପରାଜିତଙ୍କ ଦମ୍‌ଦାର ଶତକ ସହାୟତାରେ ଭାରତ ବି' ଏଠାରେ ଖେଳାଯାଇଥିବା ଦେଓଧର ଟ୍ରଫିର ପ୍ରାରମ୍ଭିକ ଦିନିକିଆ ମ୍ୟାଚ୍‌ରେ ଭାରତ ଏ'କୁ ବୃହତ୍ ୧୦୮ ରନ୍‌ରେ ପରାସ୍ତ କରିଛି। ସ୍ଥାନୀୟ ଝାଡ଼ଖଣ୍ଡ ଷ୍ଟେଟ୍ କ୍ରିକେଟ ଆସୋସିଏଶନ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଗୁରୁବାର ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ବି' ୫୦ ଓଭରରେ ୬ ଉଇକେଟ ହରାଇ ୩୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ଏ' ୪୭.୨ ଓଭରରେ ୧୯୪ ରନ୍ କରି ଅଲ୍‌ଆଉଟ ହେବା ସହ ପରାସ୍ତ ହୋଇଛି। ଏହି ବିଜୟ ସହ ଭାରତ ବି' ୪ ପଏଣ୍ଟ ହାସଲ କରିଛି।

୩୦୩ ରନ୍‌ ଟାର୍ଗେଟ୍‌ର ପିଛା କରି ଭାରତ ଏ' ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ଭାବେ ଉଇକେଟ ହରାଇଥିଲା। ଅଧିନାୟକ ହନୁମା ବିହାରୀ ସର୍ବାଧିକ ୫୯ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଦଳ ତରଫରୁ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ୨୬, ଅମନଦୀପ ଖାରେ ୨୫, ଓପନର ଅଭିମନ୍ୟୁ ଈଶ୍ୱରନ ୨୦, ଶାହବାଜ ଅହମ୍ମଦ ୧୮, ବିଷ୍ଣୁ ବିନୋଦ ୧୧, ଦେବଦତ୍ତ ପଡିକାଲ ୧୦ ରନ୍ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ବି' ତରଫରୁ ରୁଷ୍ କାଲାରିଆ ୩, ମହମ୍ମଦ ସିରାଜ ୨, କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲ ଅବସରରେ ରୁତୁରାଜ ଗାଏକ୍ୱାଡ।

## ଦେଓଧର ଟ୍ରଫି

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବି' ତରଫରୁ ରୁତୁରାଜ ଗାଏକ୍ୱାଡ ୮ ଚୌକା ଓ ୪ ଛକା ସହ ୧୨୨ ବଲରୁ ୧୧୩ ରନ୍‌ର ଶତକୀୟ ପାଳି ଖେଳିଥିଲେ। ସେହିପରି ବାବା ଅପରାଜିତ ୬ ଚୌକା ଓ ୨ ଛକା ସହ ୧୦୧ ବଲ୍‌ର ସମ୍ମୁଖୀନ ହୋଇ ୧୦୧ ରନ୍ କରି ରନ୍‌ଆଉଟ ହୋଇଥିଲେ। ବିଜୟ ଶଙ୍କର ୨୬ ରନ୍ କରି ଆଉଟ ହୋଇଥିବା ବେଳେ ଗୋଥାମ ୧୯ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ଏ' ପକ୍ଷରୁ ଜୟଦେବ ଉନାଡକଟ ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏ, ସିଦ୍ଧାର୍ଥ କାଉଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଭାରତ ବି' – ୫୦ ଓଭରରେ ୩୦୨/୬ (ଗାଏକ୍ୱାଡ– ୧୧୩, ଅପରାଜିତ– ୧୦୧, ଅଶ୍ୱିନ– ୨/୪୦, ଉନାଡକଟ– ୨/୪୭)।

ଭାରତ ଏ' – ୪୭.୨ ଓଭରରେ ୧୯୪ ଅଲ୍‌ଆଉଟ (ବିହାରୀ– ୫୯, କାଲାରିଆ– ୩/୨୦, ସିରାଜ– ୨/୩୦)।

## ସଂକ୍ଷେପରେ

### ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଶିବ ଥାପ୍ପା, ପୂଜାଙ୍କୁ ସ୍ୱର୍ଣ୍ଣ

ଟୋକିଓ, ୩୧।୧୦ (ପି.ଟି.)- ଦୁଇ ଭାରତୀୟ ବକ୍ସର ଶିବ ଥାପ୍ପା ଓ ପୂଜାରାଣୀ ଏଠାରେ ଚାଲିଥିବା ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟତମ ବକ୍ସର ଆଶିଷଙ୍କୁ କିନ୍ତୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପୁରୁଷ ୬୩ କିଗ୍ରା ଫାଇନାଲରେ ଚାରିଥର ଏସିଆନ ପଦକ ବିଜେତା ଶିବ ୫-୦ରେ କାଜାଖସ୍ତାନର ଜାତୀୟ ଚାମ୍ପିୟନ ସନତାଲି ତୋଲତାୟେଭଙ୍କୁ ପରାସ୍ତ କରିଛନ୍ତି। ଥାପ୍ପା ମଧ ବର୍ତ୍ତମାନ ଜାତୀୟ ଚାମ୍ପିୟନ ରହିଥିବାବେଳେ ପୂର୍ବରୁ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ମଧ ଜିତି ସାରିଛନ୍ତି। ସେହିଭଳି ମହିଳା ୬୩ କିଗ୍ରା ବିଭାଗରେ ପୂଜା ଅଷ୍ଟ୍ରେଲିଆର କାଟଲିନ ପାର୍କରଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ୬୯ କିଗ୍ରାରେ କିନ୍ତୁ ଆଶିଷ ନିରାଶ କରିଥିଲେ। ଫାଇନାଲରେ ସେ ଜାପାନର ସିଓ୍ୱନ ଓକାଭାଓ୍ୱାଙ୍କ ନିକଟରୁ ହାରି ରୌପ୍ୟ ପଦକ ପାଇଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାରେ ନିଖାତ୍ ଜରିନ (୫୧ କିଗ୍ରା), ସିମରନଜିତ୍ କୌର (୬୦ କିଗ୍ରା), ସୁମିତ୍ ସାଙ୍ଗଓ୍ୱାନ (୯୧ କିଗ୍ରା) ଓ ଭାଲିମ୍ପୁଇ (୭୫ କିଗ୍ରା) ସେମିଫାଇନାଲରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲେ।

### ବକ୍ସିଂ ଆଥ୍‌ଲେଟ୍ ଆମ୍ବାସାଡର ଗ୍ରୁପ୍‌ରେ ମେରୀକମ୍



ନୂଆଦିଲ୍ଲୀ, ୩୧।୧୦ (ପି.ଟି.)- ଆସନ୍ତା ବର୍ଷ ଟୋକିଓରେ ହେବାକୁ ଥିବା ଅଲିମ୍ପିକ୍ସରେ ବକ୍ସିଂରୁ ପ୍ରତିନିଧିତ୍ୱ ପାଇଁ ଆଇଓସି ପକ୍ଷରୁ ଗଠିତ ୧୦ ଜଣିଆ ଆଥ୍‌ଲେଟ୍ ଆମ୍ବାସାଡର ଗ୍ରୁପ୍‌ରେ ଛ'ଥର ବିଶ୍ୱ ବିଜୟିନୀ ଷ୍ଟାର୍ ଭାରତୀୟ ବକ୍ସର ଏମ୍.ସି. ମେରୀକମ୍‌ଙ୍କୁ ସାମିଲ କରାଯାଇଛି। ଏହି ଗ୍ରୁପ୍‌ରେ ମେରୀକମ୍ ଏସିଆରୁ ପ୍ରତିନିଧିତ୍ୱ କରିବେ, ଯେଉଁଥିରେ ଦୁଇଥର ଅଲିମ୍ପିକ ଓ ବିଶ୍ୱ ସ୍ୱର୍ଣ୍ଣ ପଦକ ବିଜେତା ୟୁକ୍ରେନର କିମ୍ବଦନ୍ତୀ ଭାସେଲ ଲାମାଚେଙ୍କୋ (ୟୁରୋପ୍) ଏବଂ ପାଞ୍ଚଥର ବିଶ୍ୱ ବିଜେତା କ୍ୟୁବାର ଜୁଲିଓ କେସାର ଲା କ୍ରୁଜ (ଆମେରିକା) ପ୍ରମୁଖ ରହିଛନ୍ତି। ୩୬ ବର୍ଷୀୟା ମେରୀକମ୍ ରୁଷିଆରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଚାମ୍ପିୟନଶିପ୍‌ର ସଦ୍ୟତମ ସଂସ୍କରଣରେ ୫୧ କିଗ୍ରା ବିଭାଗରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ତାଙ୍କର ଏହା ୮ମ ପଦକ ଥିଲା। ଏଥିସହ ଏହି ମଣିପୁର ଷ୍ଟାର୍ ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ସବୁଠାରୁ ସଫଳତମ ବକ୍ସର ହେବାର କୃତିତ୍ୱ ଅର୍ଜନ କରିଥିଲେ। ମେରୀକମ୍ ଏହା ବ୍ୟତୀତ ୫ଥର ଏସିଆ ଚାମ୍ପିୟନ ହୋଇଥିବାବେଳେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ମଧସ୍ୱର୍ଣ୍ଣ ପଦକ ଜିତିଛନ୍ତି।

**ପ୍ରଥମ ବର୍ଷ ଜନ୍ମଦିନ ଶୁଭେଚ୍ଛା**



**ସାଇ (ଦିବ୍ୟାଂଶ)**
ଏ/ଏଲ–୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ଆଜି ତୋର ପ୍ରଥମ ଜନ୍ମଦିନରେ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ କୃପାରୁ ତୋ'ର ଜୀବନ ସୁଖମୟ ହେଉ। ଏହାହିଁ ଆମର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
**ଶୁଭେଚ୍ଛା ସହ:**
ଜେଜେ, ଜେଜେମା', ଅଜା, ଆଈ, ପିଉସା, ପିଉସୀମା', ମାମୁ, ଦିଦି, ମଉସା, ମାଉସୀ, ବାପା, ମା', ଓ ବନ୍ଧୁବର୍ଗ।
ଧ–୧୪୯୨୬

**ଜନ୍ମଦିନ ଶୁଭେଚ୍ଛା**



ଓଁ ମା' ଶାରଳା ସହାୟ
**ଶାଶ୍ୱତ ଚନ୍ଦ୍ର ନାଥ (ବାପୁନି)**
ଅଁଲୋ, କଟକ
ଆଜି ତୋର ୧୩ତମ ଜନ୍ମବାର୍ଷିକ ଉପଲକ୍ଷେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
**ଶୁଭେଚ୍ଛା ସହ:**
ଜେଜେମା', ଜେଜେବାପା, ଆଈ, ପିଉସୀ, ପିଉସା, ବାବା, ମାମା, ମାମୁ, ମାଇଁ, ଝୁଇଁଦିଦି, ଗୁଡୁଭାଇ ଏବଂ ସମସ୍ତ ନାଥ ପରିବାରବର୍ଗ।
ଧ–୧୫୦୦୫

# ୨ରେ ଉନ୍ମୋଚିତ ହେବ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପ୍ରତୀକ

**ମୁମ୍ବାଇ,୩୧।୧୦(ପି.ଟି.)**

ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ପ୍ରତୀକ ଆସନ୍ତା ଶନିବାର ତଥା ନଭେମ୍ବର ୨ ତାରିଖରେ ଏଠାରେ ଏକ ଉତ୍ସବରେ ଉନ୍ମୋଚିତ ହେବ। ଇଭେଣ୍ଟ ଆୟୋଜନ ହେବାର ଠିକ୍ ଏକ ବର୍ଷ ପୂର୍ବରୁ ଏହି ଉନ୍ମୋଚନ କାର୍ଯ୍ୟକ୍ରମ କରାଯିବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ, ଫିଫାର ମହିଳା ଫୁଟ୍‌ବଲ ମୁଖ୍ୟ ଅଫିସର ସରାଇ ବରେମାନ, ଏଲ୍‌ଓସି ଚେୟାରମ୍ୟାନ ପ୍ରଫୁଲ୍ଲ ପଟେଲଙ୍କ ସମେତ ଦୁଇଥର ବିଶ୍ୱକପ୍ ଚାମ୍ପିୟନ କ୍ରିଷ୍ଟିନ ଲିଲି ଏହି ଅବସରରେ ଉପସ୍ଥିତ ରହିବେ ବୋଲି ଏକ ବିବୃତିରେ କୁହାଯାଇଛି। ଏହା ଭାରତରେ ହେବାକୁ ଥିବା ଦ୍ୱିତୀୟ ଫିଫା ଇଭେଣ୍ଟ। ସୂଚନାଯୋଗ୍ୟ, ୨୦୧୭ରେ ଭାରତ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍‌ର ସଫଳ ଆୟୋଜନ କରିଥିଲା। ଉକ୍ତ ଇଭେଣ୍ଟରେ ଇଂଲଣ୍ଡ ଚାମ୍ପିୟନ ହୋଇଥିଲା।

# ଛତିଶଗଡ଼ଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୩୧।୧୦**

ଡେରାଡୁନସ୍ଥିତ ଅଭିମନ୍ୟୁ କ୍ରିକେଟ ଏକାଡେମୀରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୬ଉଇକେଟରେ ଛତିଶଗଡ଼ଠାରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ଉଇକେଟ ବିନିମୟରେ ୨୦୯ରନ କରିଥିଲା। ୪ ଉଇକେଟ ହରାଇ ଛତିଶଗଡ଼ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପ୍ରତିଯୋଗିତାରେ ଓଡ଼ିଶା ଏଲିଟ୍ ଗ୍ରୁପ–ସି'ରେ ସ୍ଥାନ ପାଇଛି।

ଛତିଶଗଡ଼ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ପ୍ରଥମ ଓଭରର ଶେଷ ବଲରେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ପୂର୍ବରୁ ସିଦ୍ଧାର୍ଥ ଶିବ ଅଗ୍ରୱାଲଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପରେ ସ୍ୱସ୍ତିକ ସାମଲ ଓ ଦେବାଶିଷ ସାମନ୍ତରାୟ ୨ୟ ଉଇକେଟ ଯୋଡ଼ିରେ ୪୩ରନ ସଂଗ୍ରହ କରିଥିଲେ। ସ୍ୱସ୍ତିକ ୧୫ରନରେ ଆଉଟ ହେବା ପରେ ଓଡ଼ିଶାର ମଧ୍ୟକ୍ରମ ବିଫଳ ହୋଇଥିଲା। ସୌଭାଗ୍ୟ ରଞ୍ଜନ ମିଶ୍ର ୮, କ୍ଷମାସାଗର ବଳ ୩, ସୋମେନ ଚାନ୍ଦ ୧୧ରନରେ ଆଉଟ ହୋଇଥିଲେ। ସ୍ପିନର ରାଜକିଶନ ପଟେଲ ୨୫ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ୧୪୦ବଲରୁ ୮୬ରନ ସଂଗ୍ରହ କରି ଦେବାଶିଷ ଅନ୍ତିମ ପର୍ଯ୍ୟନ୍ତ ଅପରାଜିତ ଥିଲେ। ଜାମେଲା ଭଞ୍ଜନ ମହାପାତ୍ର ୦, ତାରିଣୀ ଶ' ୧୩ ରନ, ରାହୁଲ ଚୌଧୁରୀ ୨ରନ ଓ ପ୍ରୀତ କନୱର ସିଂ ଚୌହ୍ୱାନ ୧ରନରେ ଆଉଟ ହୋଇଥିଲେ। ଛତିଶଗଡ଼ ପକ୍ଷରୁ ଆକାଶ ସାକ୍ସେନା, ଏମ୍. ସାମୁଏଲ ଓ ଆଶିଷ ପାଣ୍ଡେ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ୨୧୦ ରନର ବିଜୟଲକ୍ଷ୍ୟକୁ ସହଜରେ ସଂଗ୍ରହ କରିଥିଲା ଛତିଶଗଡ଼। ଓପନର ସାନିଧ୍ୟ ହୁରକତ ଓ ଆଶିଷ ପାଣ୍ଡେ ଓପନିଂ ଯୋଡ଼ିରେ ୧୧୦ରନ ଯୋଗ କରିଥିଲେ। ଆଶିଷ ୫୧ରନର ଧୂଆଁଧାର ଇନିଂସ ଖେଳିଛନ୍ତି। ସାନିଧ୍ୟ ୩୬ରନ, ପ୍ରତୀକ ଯାଦବ ୮ରନ, ସଞ୍ଜିତ ଜିତେନ୍ଦ୍ର ୩୯ରନରେ ଆଉଟ ହୋଇଥିଲେ। ସଞ୍ଜିତ ଦେଶାଇ ୩୫ରନ ଓ ଅଧିନାୟକ ମହମ୍ମଦ ହୁସେନ ୭ରନରେ ଅପରାଜିତ ଥିଲେ। ଓଡ଼ିଶା ପକ୍ଷରୁ ଜାମେଲା ଭଞ୍ଜନ ୩ଟି ଉଇକେଟ ଅକ୍ତିଆର କରିଥିଲେ।



ଇଣ୍ଡିଆନ୍ ସୁପରଲିଗ୍‌ରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଦୃଢ଼ ସ୍ଥିତିରେ ଓଡ଼ିଶା

**କଟକ ଅଫିସ,୩୧।୧୦**

ଗୁଆହାଟୀର ଏସିଏ ଷ୍ଟାଡିୟମରେ ବୁଧବାରଠାରୁ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା–ଆସାମ ବିପକ୍ଷ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୯୩ ରନରେ ଅଲଆଉଟ ହୋଇଥିବା ବେଳେ ଓଡ଼ିଶା ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ଉଇକେଟ ବିନିମୟରେ ୧୦୧ରନ କରିବା ସହ ୮ରନର ଅଗ୍ରଣୀ ହାସଲ କରିଛି। ଚଳିତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଏଯାବତ ଉଚ୍ଚକୋଟୀର ରହିଛି। ୩ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ଏପର୍ଯ୍ୟନ୍ତ ପରାସ୍ତ ହୋଇନାହିଁ। ପ୍ରଥମ ଦୁଇ ମ୍ୟାଚରେ ଯଥାକ୍ରମେ ତ୍ରିପୁରାକୁ ୭୯ରନରେ ଓ ବିହାରକୁ ୪୫ରନରେ ପରାସ୍ତ କରିଥିବା ବେଳେ ଝାଡ଼ଖଣ୍ଡ ବିପକ୍ଷ ୩ୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଉଭୟ ଦଳ ପଏଣ୍ଟ ବାଣ୍ଟି ନେଇଥିଲେ। ଆସାମ ବିପକ୍ଷ ମ୍ୟାଚ୍‌ରେ ମଧ ଓଡ଼ିଶା ବିଜୟୀ ହେବ ବୋଲି ଆଶା ରହିଛି।

ଆସାମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶାର ତାରିଣୀ ପ୍ରସାଦ ନାୟକ ୫ଟି ଓ ଓମ୍‌ପ୍ରକାଶ ସାହୁ ୪ଟି ଉଇକେଟ ଦଖଲ କରି ଆସାମର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଆସାମ ଉଇକେଟ କିପର ଇର୍ଫାନ ଅନସାରୀ ସର୍ବାଧିକ ୨୬ରନ କରିଥିଲେ। ଓଡ଼ିଶାର ଦୁଇ ଓପନର ତନୟ କୁମାର ବିଶ୍ୱାଳ ୧୯ରନରେ ଓ ଆଶୀର୍ବାଦ ସ୍ୱାଇଁ ୩୪ରନରେ, ବ୍ୟାଟିଂ କ୍ରମ ୪ ନମ୍ବରରେ ଆସିଥିବା ସୁଦର୍ଶନ ସ୍ୱାଇଁ ୯ରନରେ ଆଉଟ ହୋଇଛନ୍ତି। ସାଇଦୀପ ମହାପାତ୍ର ୨୩ ଓ ଶୁଭମ ନାୟକ ୨ରନ କରି ଅପରାଜିତ ଅଛନ୍ତି। ଆସାମର ଅଙ୍କୁର ଗୋଗେଇ ୨ଟି ଉଇକେଟ ଦଖଲ କରିଥିଲେ। ଓଡ଼ିଶା ଅବଶିଷ୍ଟ ୭ ଉଇକେଟରେ ବିଶାଳ ଅଗ୍ରଣୀ ହାସଲର ସୁଯୋଗ ସୃଷ୍ଟି କରିଛି।

# 'କୋଟ୍‌ଲା ଟି୨୦ ବାତିଲ ହେବନାହିଁ'

**କୋଲକାତା, ୩୧।୧୦ (ପି.ଟି.)**

ରାଜଧାନୀ ଦିଲ୍ଲୀ ବାୟୁମଣ୍ଡଳର ମାନ ଖରାପ ଆଡକୁ ଗତି କରୁଥିଲେହେଁ ବାଂଲାଦେଶ ବିପକ୍ଷ ଓପନିଂ ଟି୨୦ ମ୍ୟାଚ ଶେଷ ମୁହୂର୍ତ୍ତରେ ବାତିଲ ହେବ ନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଭବିଷ୍ୟତରେ ଦୀପାବଳି ପରେ ପରେ ଉତ୍ତର ଭାରତର କୌଣସି ଭେନ୍ୟୁରେ ମ୍ୟାଚ ଖେଳା ନ ଯାଇ ପାରେ ବୋଲି ସେ କହିଛନ୍ତି। ହରିୟାଣା ଓ ପଞ୍ଜାବର ଶସ୍ୟକ୍ଷେତ୍ରରେ ନିଆଁ ଲଗାଯିବା ସହ ଦୀପାବଳି ପାଳନ ବେଳେ ବାଣ ଫୁଟା ଦ୍ୱାରା ଜାତୀୟ ରାଜଧାନୀ ଅଞ୍ଚଳ (ଏନସିଆର୍)ରେ ପ୍ରତ୍ୟେକ ବର୍ଷ ବାୟୁମଣ୍ଡଳର ମାନ ହ୍ରାସ ପାଇଥାଏ। ଏ ନେଇ ହୁଏତ ପୂର୍ବରୁ ନିଷ୍ପତ୍ତି ନିଆଯାଇ ପାରିଥାନ୍ତା। ବର୍ତ୍ତମାନ ସମ୍ଭବ ନୁହେଁ। ମ୍ୟାଚ ଦେଖିବା ଲାଗି ଲୋକେ ଆଗ୍ରହର ସହିତ ଟିକେଟ କ୍ରୟ କରି ସାରିଲେଣି ବୋଲି ଗାଙ୍ଗୁଲି କହିଛନ୍ତି। ରବିବାର ବାଂଲାଦେଶ ବ୍ୟାଟ୍ସମ୍ୟାନ ଲିଟନ ଦାସ ସେମାନଙ୍କ ଦଳର ପ୍ରଥମ ଅଭ୍ୟାସ ସେସନ ବେଳେ ମୁହଁରେ ମାସ୍କ ଲଗାଇଥିବା ଦେଖିବାକୁ ମିଳିଥିଲା। ମାତ୍ର ପରେ ଜଣାପଡ଼ିଥିଲା ଯେ, ସେ ବାୟୁ ପ୍ରଦୂଷଣ ପାଇଁ ମାସ୍କ ବ୍ୟବହାର କରି ନ ଥିଲେ। ପୂର୍ବରୁ ୨୦୧୭ ଡିସେମ୍ବରରେ ଏକ ଟେଷ୍ଟ ମ୍ୟାଚ ଖେଳାଯାଉଥିବାବେଳେ ଶ୍ରୀଲଙ୍କା ଖେଳାଳିମାନେ ଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିଥିଲେ। ଦଳର ଅଧିକାଂଶ ଖେଳାଳି ସୁରକ୍ଷା ମାସ୍କ ପରିଧାନ କରିଥିଲେ। କିନ୍ତୁ ଏଣିକି ଆମକୁ ବାସ୍ତବିକତା ଉପରେ ଧ୍ୟାନ ଦେବାକୁ ପଡ଼ିବ ବୋଲି ବିସିସିଆଇର ନବ ନିର୍ବାଚିତ ମୁଖ୍ୟ କହିଛନ୍ତି। ସେ କହିଛନ୍ତି, ବିସିସିଆଇର ନୂଆ କର୍ମକର୍ତ୍ତାମାନେ ଗତ ଅକ୍ଟୋବର ୨୩ରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ମ୍ୟାଚ ସମ୍ପର୍କରେ ଯଥେଷ୍ଟ ପୂର୍ବରୁ ନିଷ୍ପତ୍ତି ନିଆଯାଇ ସାରିଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ କୌଣସି ନିଷ୍ପତ୍ତି ନେଇ ହେବନାହିଁ। କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ବାୟୁମଣ୍ଡଳ ଅବସ୍ଥାରେ ଯାହାକିଛି ସୁଧାର ଅଣାଯାଇ ପାରିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ପାଇଁ ଦିଲ୍ଲୀ ସରକାରଙ୍କୁ ଅନୁରୋଧ କରାଯାଇଥିବା ଗାଙ୍ଗୁଲି ସୂଚନା ଦେଇଛନ୍ତି।

# ରବି ଶାସ୍ତ୍ରୀ ଏନ୍‌ସିଏ ସହିତ ସମ୍ପୃକ୍ତ ରହିବେ

**କୋଲକାତା, ୩୧।୧୦ (ପି.ଟି.)**

ରବି ଶାସ୍ତ୍ରୀଙ୍କୁ ସିନିୟର ଦଳର କୋଚ ଦାୟିତ୍ୱ ତୁଲାଇବା ବ୍ୟତୀତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ) ସହିତ ସମ୍ପୃକ୍ତ ହେବାକୁ ପଡ଼ିବ ବୋଲି ଜାତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଶାସ୍ତ୍ରୀଙ୍କ ଦ୍ୱୈତ ଭୂମିକା ଦ୍ୱାରା ସିନିୟର ଦଳ ଏବଂ ଏନସିଏ ମଧ୍ୟରେ ସମନ୍ୱୟ ରହିବ। ବେତନ ବାବଦରେ ବାର୍ଷିକ ୧୦ କୋଟି ଟଙ୍କା ପାଉଥିବା ଶାସ୍ତ୍ରୀଙ୍କ ସହିତ ହୋଇଥିବା ନୂଆ ଚୁକ୍ତି ଅନୁସାରେ ସେ ଟି୨୦ ବିଶ୍ୱକପ୍ ୨୦୨୧ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ। ଗାଙ୍ଗୁଲି କହିଛନ୍ତି ଏନ୍‌ସିଏକୁ ଏକ ଉନ୍ନତ 'ସେଣ୍ଟର ଅଫ୍ ଏକ୍ସଲେନ୍ସ'ରେ ପରିଣତ କରାଯିବ। ଏଭଳି ଏକ ବ୍ୟବସ୍ଥା କରାଯିବ, ଯଦ୍ୱାରା ଏନ୍‌ସିଏରେ ଶାସ୍ତ୍ରୀଙ୍କ ଅଧିକ ସମ୍ପୃକ୍ତି ରହିବ। ଜାତୀୟ କ୍ରିକେଟ ଏକାଡେମୀଠାରେ ରାହୁଲ ଦ୍ରାବିଡଙ୍କ ବ୍ୟତୀତ ପାରସ ମାହାମ୍ବ୍ରେ ରହିଛନ୍ତି। ଭରତ ଅରୁଣ ମଧ ସେଠାକୁ ଯିବେ। ସୂଚନାଯୋଗ୍ୟ, ଏନସିଏକୁ ଏକଦା ଭାରତୀୟ କ୍ରିକେଟର ଏକ ଫିନିସିଂ ସ୍କୁଲ ରୂପେ ବିବେଚନା କରାଯାଉଥିଲା। ମାତ୍ର ଗତ ଦଶନ୍ଧି ହେଲା ଏହା ଏକ ରିହାବିଲିଟେଶନ ସେଣ୍ଟର ଭଳି କାର୍ଯ୍ୟ କରୁଛି। ନିକଟରେ ଗାଙ୍ଗୁଲି ରାହୁଲ ଦ୍ରାବିଡ ଏବଂ ସିଓଓ ତୁଫାନ ଘୋଷଙ୍କ ସମେତ ଏନ୍‌ସିଏର ଅନ୍ୟ ଷ୍ଟାଫ୍‌ଙ୍କ ସହିତ ଏକ ବୈଠକ କରିଥିଲେ।

# ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳ ଘୋଷିତ

**ଭୁବନେଶ୍ୱର,୩୧।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ୨୦୧୯–୨୦ ସିଜନରେ ହେବାକୁ ଥିବା ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ୩ ଲିଗ୍ ମ୍ୟାଚ୍ ପାଇଁ ଗୁରୁବାର ୧୪ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଯାଇଛି। ଗତ ସିଜନ ଚାମ୍ପିୟନ ଓଡ଼ିଶା ସମେତ ଏହି ଟୁର୍ନାମେଣ୍ଟରେ ମୋଟ ୨୪ଟି ରାଜ୍ୟର ଦଳ ଅଂଶଗ୍ରହଣ କରିବେ। ସମସ୍ତ ଦଳକୁ ଏ, ବି, ସି, ଡି ଆଦି ୪ ଗ୍ରୁପ୍‌ରେ ଭାଗ କରାଯାଇଛି। ଏ ଓ ବି ଗ୍ରୁପ୍‌ରୁ ୩ ଲେଖାଏ ଏବଂ ସି ଓ ଡିରୁ କେବଳ ଗୋଟିଏ ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ଓଡ଼ିଶା ଦଳ ଏଲିଟ୍ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ, ହରିୟାଣା ଓ ଗୋଆ ଭଳି ଦଳଗୁଡ଼ିକୁ ସ୍ଥାନିତ କରାଯାଇଛି। ପ୍ରତ୍ୟେକ ଦଳ ୫ଟି ଲିଗ୍ ମ୍ୟାଚ୍ ଖେଳିବେ। ଓଡ଼ିଶା ଦଳ ତା'ର ପ୍ରଥମ ଦୁଇ ମ୍ୟାଚ୍ ନଭେମ୍ବର ୯ ଓ ୧୦ ତାରିଖରେ ଲକ୍ଷ୍ନୌଠାରେ ଖେଳିବ। ସେହିଭଳି ହରିୟାଣାର ଫରିଦାବାଦଠାରେ ଡିସେମ୍ବର ୧ ଓ ୩ ତାରିଖରେ ଅନ୍ତିମ ଦୁଇ ମ୍ୟାଚ୍ ଖେଳାଯିବାର ଅଛି। ଓଡ଼ିଶା ଦଳ ପାରାମାଉଣ୍ଟ କ୍ରିକେଟ କ୍ଲବର ଟର୍ଫ ଗ୍ରାଉଣ୍ଡରେ ଅଭ୍ୟାସ କରିବ। ମାଗଣାରେ ଅଭ୍ୟାସ ଗ୍ରାଉଣ୍ଡ ଯୋଗାଇଥିବାରୁ କ୍ଲବର ଚେୟାରମ୍ୟାନ ପ୍ରତାପ କୁମାର ଜେନାଙ୍କୁ ଦୃଷ୍ଟିହୀନଙ୍କ ଲାଗି ଉଦ୍ଦିଷ୍ଟ କ୍ରିକେଟ ଆସୋସିଏଶନ (କାଭି) ପକ୍ଷରୁ ଧନ୍ୟବାଦ୍ ଦିଆଯାଇଛି।

**ଦୃଷ୍ଟିହୀନ ଓଡ଼ିଶା ଦଳ:** ମହମ୍ମଦ ଜାଫର ଇକ୍‌ବାଲ (ଅଧିନାୟକ), କାଳିଆ ପ୍ରଧାନ, ତପନ କୁମାର ଗୌଡ଼, ଦେବରାଜ ବେହେରା, ଅନିଲ ମଲ୍ଲିକ, ନକୁଳ ବଡ଼ନାୟକ, ପଙ୍କଜ ଭୁଇ, ଲିଙ୍ଗରାଜ ରାଉତ୍ରା, ସୁଖରାମ ମାଝି, ସିଙ୍ଗରାଇ ମାଝି, ଧନପତି ଗୌଡ଼, ଜୁଝାର ବାରି, ଶୁକଦେବ ସୋରେନ ଓ ଲାଲ୍‌ପ୍ରସାଦ ସୋରେନ। କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ମ୍ୟାନେଜର: ବିରଞ୍ଚି ନାରାୟଣ।



ନାଗେଶ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳ।

# ରବୀନ୍ଦରଙ୍କୁ ରୌପ୍ୟ ପଦକ

**ବୁଦାପେଷ୍ଟ, ୩୧।୧୦ (ପି.ଟି.)**

ଭାରତୀୟ କୁସ୍ତିଯୋଦ୍ଧା ରବୀନ୍ଦର ଏଠାରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ୬୩ କିଗ୍ରା ବିଭାଗ ଫାଇନାଲରେ ରବୀନ୍ଦର ୩–୫ରେ ଏସିଆନ ଚାମ୍ପିୟନ କିର୍ଗିଜସ୍ତାନର ଉଲୁକବେକ ଝୋଲଡୋଶବେକୋଭଙ୍କ ନିକଟରୁ ହାରିଯାଇଛନ୍ତି। ୨୨ ବର୍ଷୀୟ ରବୀନ୍ଦର ଏଥିପୂର୍ବରୁ ୨୦୧୬ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୪ କ୍ୟାଡେଟ୍ ଏସିଆନ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ଜିତିଥିଲେ। ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ର ଚଳିତ ସଂସ୍କରଣରେ ଭାରତର ଏହା ପ୍ରଥମ ପଦକ ଥିଲା। ବିଶ୍ୱ ରେସଲିଂ ପ୍ରତିଯୋଗିତାରେ କିନ୍ତୁ ଭାରତର ଏହା ମୋଟ୍ ଉପରେ ୫ମ ରୌପ୍ୟ ପଦକ। ପୂର୍ବରୁ ବଜରଙ୍ଗ ପୁନିଆ (୬୫ କିଗ୍ରା), ବିନୋଦ କୁମାର (୭୦ କିଗ୍ରା) ଓ ରିତୁ ଫୋଗଟ୍ (୪୮ କିଗ୍ରା) ଏହି ସମ୍ମାନଜନକ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ରୌପ୍ୟ ପଦକ ହାସଲ କରିଥିଲେ। ଗତ ବର୍ଷ ରବି ଦାହିୟା (୫୭ କିଗ୍ରା) ଏକମାତ୍ର ଭାରତୀୟ ରେସଲର୍ ଭାବେ ପଦକ (ରୌପ୍ୟ) ଜିତିଥିଲେ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବଟକୃଷ୍ଣ ଲେଙ୍କା**
କରଡ଼ାବଣୀ, ନିହଲପ୍ରସାଦ, ଗଁଦିଆ, ଢେଙ୍କାନାଳ
ଆବିର୍ଭାବ: ୦୯।୧୨।୧୯୪୫ (ମାର୍ଗଶିର ଶୁକ୍ଳ ପଞ୍ଚମୀ)
ତିରୋଧାନ: ୨୨।୧୦।୨୦୧୯ (କାର୍ତ୍ତିକ କୃଷ୍ଣ ନବମୀ)
ଦୂର ଆକାଶର ତାରା ହୋଇ ତୁମେ ଏମିତି ଝଟକୁଥାଅ, ଶ୍ରୀଜଗନ୍ନାଥଙ୍କ ଆଶ୍ରିତ ହୋଇ କଲ୍ୟାଣ ଢାଳୁଥାଅ। ଅମରାତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ବିନମ୍ର ନିବେଦନ କରୁଛୁ। ହତଭାଗ୍ୟ ସନ୍ତାନସନ୍ତତି, ଆତ୍ମୀୟସ୍ୱଜନ ଓ ଲେଙ୍କା ପରିବାର।
ଧ–୬୬୮୨୯

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କୁମାରେଶ ସାମଲ**
୧୩୨– ବାପୁଜୀ ନଗର, ଭୁବନେଶ୍ୱର
ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ–୧୫୦୦୩

# ପୋସ୍କୋଠାରୁ ଭୟଙ୍କର ଜେଏସ୍‌ଡବ୍ଲ୍ୟୁ

■ଜାଣିଶୁଣି ପ୍ରକାଶ କରାଯାଉନି କାରଖାନା ରୂପରେଖ
■କମ୍ପାନୀ ହାବଭାବ ଦେଖି ବଢ଼ୁଛି ଅବିଶ୍ୱାସ

କୁଜଙ୍ଗ, ୩୧।୧୦(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାର ପାରାଦୀପ ସଂଲଗ୍ନ ଢ଼ିଙ୍କିଆ ଚାରିଦେଶ (ନୂଆଗାଁ, ଗଡ଼କୁଜଙ୍ଗ ଓ ଢ଼ିଙ୍କିଆ ପଞ୍ଚାୟତ)ରେ ଦକ୍ଷିଣ କୋରିଆର ପୋହାଙ୍ଗ ଷ୍ଟିଲ କମ୍ପାନୀ ଇସ୍ପାତ କାରଖାନା କରିବ ବୋଲି ଦୀର୍ଘ ୧୨ ବର୍ଷ ଧରି ଉଦ୍ୟମ କରି ଶେଷରେ ଡେରା ଉଠାଇ ଚାଲିଗଲା। ପୋସ୍କୋ କମ୍ପାନୀ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର କୌଣସି ମଞ୍ଜୁରୀ ଦେଇ ନ ଥିବାବେଳେ ରାଜ୍ୟ ସରକାରଙ୍କ କେତେଜଣ ଅନଭିଜ୍ଞ ଅଧିକାରୀ ବଳପୂର୍ବକ କାରଖାନା କରି ଧୂଆଁ ଉଡେଇବାକୁ ଚାହୁଁଥିଲେ। ହେଲେ ସ୍ଥାନୀୟ ଅଞ୍ଚଳର ୧୦ଟି ଗ୍ରାମର ଲୋକଙ୍କ ତୀବ୍ର ବିରୋଧ ଯୋଗୁ ପୋସ୍କୋ ହଟିଥିଲା। ପୋସ୍କୋ, ପୋଲିସ ଓ ସରକାରୀ ଅଫିସର ବନାମ ଗ୍ରାମବାସୀଙ୍କ ସେହି ଖୋଲାଖୋଲି ଲଢ଼େଇରେ ଗ୍ରାମବାସୀ ଜିତିଯାଇଥିଲେ ସିନା ହେଲେ ସେମାନଙ୍କର ନାହିଁ ନ ଥିବା କ୍ଷତି ଘଟିଥିଲା।

ଏହି ଲଢ଼େଇରେ ବହୁ ଲୋକଙ୍କ ଘର, ପରିବାର ଉଜୁଡ଼ିଯାଇଛି। ୫ଜଣ ଗ୍ରାମବାସୀଙ୍କ ଜୀବନ ଯାଇଛି। ଶତାଧିକ ମହିଳା ପୁରୁଷ ଭିନ୍ନକ୍ଷମ ହୋଇଯାଇଛନ୍ତି। ସରକାରୀ କଳର ଚକ୍ରାନ୍ତରେ ଗ୍ରାମବାସୀ ନିଜ ନିଜ ମଧ୍ୟରେ ସଂଘର୍ଷ କରି ସର୍ବସ୍ୱାନ୍ତ ହୋଇଛନ୍ତି। ଗ୍ରାମବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ସରକାର ନିର୍ଦ୍ଧାରିତ ୪୦୦୪ ଏକର ଜଙ୍ଗଲ ଜମି ମଧ୍ୟରୁ ୨୭୦୦ ଏକର ବନ୍ଧୁକ ମୁନରେ ଦଖଲ କରିନେଇଛନ୍ତି। କିନ୍ତୁ ପୋସ୍କୋ ଫେରିଯିବା ପରେ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ଫେରିଛି। ଢ଼ିଙ୍କିଆ ଚାରିଦେଶରୁ ଉଚ୍ଛେଦ ହୋଇ ଗାଁ ଛାଡ଼ିଥିବା ୫୨ ପରିବାର ଫେରିଆସି ସୁଖରେ ସଂସାର କରୁଛନ୍ତି। ତେବେ ପୋସ୍କୋ ପରେ ସେହି ସ୍ଥାନରେ ପୁଣି ଲୁହା ଉତ୍ପାଦନ କରିବାକୁ ଦୁଆର ବାଡ଼େଇଲାଣି ଜେଏସ୍‌ଡବ୍ଲ୍ୟୁ। ୨୦୧୨ରେ ସରକାର ଗ୍ରାମବାସୀଙ୍କୁ ମାଡ଼ମାରି ଲହୁଲୁହାଣ କରି ଛଡ଼େଇ ନେଇଥିବା ୨୭୦୦ ଏକର ଜମିକୁ ପରବର୍ତ୍ତୀ ଅବସ୍ଥାରେ ଅକ୍ତିଆର କରିଥିଲେ ମଧ୍ୟ ଏବେ କାଗଜପତ୍ରରେ ଉକ୍ତ ଜମି ସରକାରୀ ସଂସ୍ଥା ଇଡ୍‌କୋ ଦଖଲରେ ଅଛି। ଇଡ୍‌କୋ ପ୍ରଥମ ପର୍ଯ୍ୟାୟରେ ଜେଏସଡବ୍ଲ୍ୟୁକୁ ସେହି ୨୭୦୦ ଏକର ଜମି ହସ୍ତାନ୍ତର କରିବ ବୋଲି ନୀଳ ନକ୍ସା ପ୍ରସ୍ତୁତ କରିଛି ଓ ଏଥିପାଇଁ ୨ ବର୍ଷ ହେଲା ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ତେବେ ପୋସ୍କୋ ଭଳି ଜେଏସ୍‌ଡବ୍ଲ୍ୟୁକୁ ମଧ୍ୟ ଆପଣେଇବାକୁ ଅଧିକାଂଶ ଗ୍ରାମବାସୀ ନାରାଜ। ଜେଏସଡବ୍ଲ୍ୟୁର କେତେକ କ୍ଷେତ୍ର ଅଧିକାରୀ ଇତିମଧ୍ୟରେ ଗାଁକୁ ଗାଁ ବୁଲି କମ୍ପାନୀ ସପକ୍ଷରେ ଜନମତ ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛନ୍ତି, ଯାହାକୁ ଦେଖି ଗ୍ରାମବାସୀ ଏବେ ଚିହିଁକି ଉଠିଛନ୍ତି। ସରକାରୀ କଳ ଓ ରାଜନୈତିକ ଚାପ ସୃଷ୍ଟି କରାଯାଇ ମୋ ରାଣ ମୋତେ ଭଲ ପାଅ ନ୍ୟାୟରେ ଲୋକଙ୍କ ବିଶ୍ୱାସ ଜିତିବାକୁ ଉଦ୍ୟମ ଚାଲିଥିଲେ ମଧ୍ୟ ବାସ୍ତବରେ କିନ୍ତୁ ଲୋକଙ୍କ ଅବିଶ୍ୱାସ ବଢ଼ି ବଢ଼ି ଚାଲିଛି।

ସୂଚନାଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁ କାରଖାନା ପ୍ରତିଷ୍ଠା ପାଇଁ ୨୭୦୦ ଏକର ନୁହେଁ, ବାସ୍ତବରେ ୫ ହଜାର ଏକର ଜମି ଆବଶ୍ୟକ କରୁଛି। ତେଣୁ ଯେଉଁ ଗ୍ରାମବାସୀ ମୋହଗ୍ରସ୍ତ ହୋଇ ସବୁଜବନାନୀ ଧ୍ୱଂସ କରି ଜେଏସ୍‌ଡବ୍ଲ୍ୟୁ ହାତ ଧରିବାକୁ ମନସ୍ଥ କରିଥିଲେ, ସେମାନେ ସତ ଜାଣିବା ପରେ ପଛଘୁଞ୍ଚା ଦେଲେଣି। ପୋସ୍କୋ ଅପେକ୍ଷା ଜେଏସ୍‌ଡବ୍ଲ୍ୟୁ ଅଧିକ ଭୟଙ୍କର ବୋଲି ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଜେଏସଡବ୍ଲ୍ୟୁର ବାସ୍ତବ ରୂପରେଖ କ'ଣ ସେ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ସରକାର ଶ୍ୱେତପତ୍ର ପ୍ରକାଶ କରିନାହାନ୍ତି। ପୋସ୍କୋ ୨୦୦୫ରେ ଡେରା ପକାଇବା ପୂର୍ବରୁ ନିଜର ରୂପରେଖ ସ୍ପଷ୍ଟ କରିଥିଲା ଓ ବିରୋଧର ସମ୍ମୁଖୀନ ହୋଇଥିଲା। ତେଣୁ ପୋସ୍କୋ ଘଟଣାରୁ ଅଭିଜ୍ଞତା ପାଇଥିବା ଅଧିକାରୀମାନେ ଏବେ ଜେଏସ୍‌ଡବ୍ଲ୍ୟୁର ଭୟାବହତାକୁ ଲୋକଲୋଚନକୁ ଆଣୁନାହାନ୍ତି। ସେମାନେ କେବଳ ଗାଁକୁ ଗାଁ ବୁଲି ହାତିଘୋଡ଼ା ପାଇବ ବୋଲି କହି ସମର୍ଥନ ଯୋଗାଡ଼ କରୁଛନ୍ତି। ୩ ପଞ୍ଚାୟତର ଯୁବକଙ୍କୁ ଭେଟି ସେମାନେ ବିଭିନ୍ନ ଲୋଭ ଦେଖାଇ ଜେଏସ୍‌ଡବ୍ଲ୍ୟୁ ଅଫିସକୁ ନିମନ୍ତ୍ରଣ କରୁଛନ୍ତି। ଫଳରେ ସଚେତନ ଗ୍ରାମବାସୀଙ୍କ ମଧ୍ୟରେ ଅବିଶ୍ୱାସ ଦାନା ବାନ୍ଧୁଛି। ଆସନ୍ତା ନଭେମ୍ବର ୨୨ରେ ଜେଏସଡବ୍ଲ୍ୟୁ କାରଖାନା ସ୍ଥାପନ ନିମନ୍ତେ ଜନଶୁଣାଣି ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଲାଣି। କାରଖାନା ବିରୋଧୀ ନାରୀନେତ୍ରୀ ମନୋରମା ଖଟୁଆ ପୂର୍ବପରି ବିରୋଧ କରାଯିବ ବୋଲି କହିଛନ୍ତି। ନିର୍ଭୟ ସାମନ୍ତରାୟ ଗାଁ ସଭା ନିଷ୍ପତ୍ତି ପରେ ସ୍ଥିତି ଜଣାପଡ଼ିବ ବୋଲି କହିଛନ୍ତି। ୩ ପଞ୍ଚାୟତର ଆନ୍ଦୋଳନର ଅନ୍ତୁଡ଼ିଶାଳ ବାଲାଡ଼ିପଠାରେ ସପ୍ତାହେ ହେଲା ବହୁ ମହିଳା ପୁରୁଷ ମେଳି ବାନ୍ଧୁଥିବାରୁ ଜେଏସ୍‌ଡବ୍ଲ୍ୟୁ ମଧ୍ୟ ହଡବଡ଼େଇ ଗଲାଣି ବୋଲି ଶୁଣାଯାଉଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ଏରସମା,୩୧।୧୦(ସ୍ୱ.ପ୍ର.):** ଏରସମା ଥାନା ପଲିକଣ୍ଡା ପଞ୍ଚାୟତ ସୁନ୍ଦରକଣି ଗ୍ରାମରେ ଗୁରୁବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବସନ୍ତ ସ୍ୱାଇଁ(୩୬)। ବସନ୍ତ ଏକ ପାଣି ପମ୍ପ ଦ୍ୱାରା ପାଣି ବୋହୁଥିଲେ। ତେବେ ପମ୍ପ ମରାମତି ବେଳେ ଏହାର ପ୍ଲଗ୍ ନ କାଢ଼ି ଖସିଯାଇଥିବା ଏକ ତାରକୁ ଦାନ୍ତରେ କାମୁଡ଼ି ଛିଡ଼ାଇବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅଚେତ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ଚୋରା ମଦ ବେପାରୀ ଗିରଫ

**ପାରାଦୀପ,୩୧।୧୦(ଡି.ଏନ୍.ଏ.):** ସ୍ଥାନୀୟ ଅଭୟଚାନ୍ଦପୁର ପୋଲିସ ଗୁରୁବାର ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ମାମଲା (ନଂ.୮୩/୧୯) ରୁଜ ହୋଇଛି। ଅଭିଯୁକ୍ତ ଜଣକ ହେଲେ ଗୋବିନ୍ଦପୁର ଗ୍ରାମର ପ୍ରମୋଦ ନାୟକ (୩୮)। ତାଙ୍କ ଠାରୁ ୫ ଲିଟର ମଦ ଜବତ ହୋଇଛି। ସେ ଏକ ପାନ ଦୋକାନରେ ମଦ ବେପାର କରୁଥିଲେ ବୋଲି ପୋଲିସ କହିଛି।

### ସମୁଦ୍ରରେ ବୁଡ଼ିଲା ଡଙ୍ଗା, ତଲାସି ଜାରି

**ପାରାଦୀପ,୩୧।୧୦(ସ୍ୱ.ପ୍ର.):** ପାରଦୀପର ଷଣ୍ଢକୁଦ ବସ୍ତି ସିଧା ସମୁଦ୍ରରେ ଗୁରୁବାର ଅପରାହ୍ନରେ ଏକ ମାଛଧରା ଡଙ୍ଗା ବୁଡ଼ିଯାଇଥିବା ଖବର ମିଳିଛି। ସାମୁଦ୍ରିକ ଥାନା, କୋଷ୍ଟଗାର୍ଡ ଓ ମତ୍ସ୍ୟ ବିଭାଗ ପାଖରୁ ଏହି ସୂଚନା ମିଳିଛି। ଏପରିକି କୋଷ୍ଟଗାର୍ଡ ଓ ସାମୁଦ୍ରିକ ଥାନା ପକ୍ଷରୁ ସେହି ଅଞ୍ଚଳରେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜା ଚାଲିଥିଲା। ମାତ୍ର ବୁଡ଼ିଥିବା ଡଙ୍ଗା ଓ ମତ୍ସ୍ୟଜୀବୀଙ୍କ କୌଣସି ସନ୍ଧାନ ମିଳିନାହିଁ କି ପରିଚୟ ମଧ୍ୟ ମିଳିନାହିଁ। ମତ୍ସ୍ୟ ବିଭାଗର (ସାମୁଦ୍ରିକ ) ଅଧିକାରୀ ମଧୁମୟ ସାମଲ କୁହନ୍ତି, ଏସମ୍ପର୍କିତ ଖବର କୋଷ୍ଟଗାର୍ଡରେ ମିଳିବା ପରେ ଆମେ ମାଛ ଧରା ବନ୍ଦରରେ ସମସ୍ତଙ୍କୁ ପଚାରି ସାରିଲୁଣି। କିନ୍ତୁ କେହି ଠିକ୍ ଉତ୍ତର ଦେଇନାହାନ୍ତି। ସାମୁଦ୍ରିକ ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ବେହେରା କୁହନ୍ତି, ଡଙ୍ଗା ବୁଡ଼ିବା ଖବର ପାଇବା ପରେ ପାଟ୍ରୋଲିଂ ଟିମ୍ ଯାଇ ବୁଲି ବୁଲି ତଲାସି କରିଛି। ରାତି ଓ କୁହୁଡ଼ି ଯୋଗୁ କିଛି ଜଣାପଡ଼ିନାହିଁ। ଶୁକ୍ରବାର ପ୍ରକୃତ ଘଟଣା କଣ ଜଣାପଡିବ।

### ନାବାଳିକାଙ୍କୁ ଅପହରଣ: ଥାନାରେ ଅଭିଯୋଗ

**ପାରାଦୀପ,୩୧।୧୦(ସ୍ୱ.ପ୍ର.):** ପାରାଦୀପ ମଡ଼େଲ ଥାନା ଅନ୍ତର୍ଗତ ଭିତରଗଡ଼ ଅଞ୍ଚଳରେ ଗୁରୁବାର ଅପହରଣ ଅଭିଯୋଗ ହୋଇଛି। ଜଣେ ୧୭ ବର୍ଷୀୟ ନାବାଳକ ୧୫ ବର୍ଷୀୟା ନାବାଳିକାଙ୍କୁ ନେଇ କୁଆଡ଼େ ଫେରାର ହୋଇଯାଇଛନ୍ତି। ଏନେଇ ସନ୍ଧ୍ୟାରେ ନାବାଳିକାଙ୍କ ପିତା ଥାନାରେ ଅଭିଯୋଗ କରିଛନ୍ତି।

### ଡିଜିଟାଲ ସାକ୍ଷରତା ସଚେତନତା

**କୁଜଙ୍ଗ,୩୧।୧୦(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ସମବାୟ ସମିତି ପରିସରରେ ଗୁରୁବାର ଡିଜିଟାଲ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ପିସିଆଇ ମୁଖ୍ୟ ଅଂଶୁମାନ ମିଶ୍ର, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନୋଡାଲ ଅଧିକାରୀ ଶୀତିକଣ୍ଠ ମହାରଣା, ଜଗତ୍‌ସିଂହପୁର ନୋଡାଲ୍ ଅଧିକାରୀ ରାକେଶ ରୋଶନ ଜେନା, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କୁଜଙ୍ଗ ଶାଖା ଅଧିକାରୀ ସୁଜିତ କୁମାର ଦାସ ପ୍ରମୁଖ ବିଶେଷଜ୍ଞ ଭାବେ ଚାଷୀ ଏବଂ ଜମାକରୀଙ୍କୁ ସଚେତନ କରିଥିଲେ। ଭୂତମୁଣ୍ଡାଇ ସମବାୟ ସମିତି ସଭାପତି ବିଜୟ ରାଉତ, ସମ୍ପାଦକ କେଶବ ଚରଣ ସ୍ୱାଇଁ, ପିପଲ ସମ୍ପାଦକ ପ୍ରକାଶ ଦାସ, ପାରାଦୀପଗଡ଼ ସମବାୟ ସମିତି ସଭାପତି ଆଇନଜୀବୀ ସଞ୍ଜୟ ବେହେରା, ସମ୍ପାଦକ କୁଳମଣୀ ମହାପାତ୍ର, ସହ ସମ୍ପାଦକ ପ୍ରଦୀପ ରାଉତ, କାର୍ଯ୍ୟାଳୟ ସହକାରୀ ତନ୍ମୟ ମଲ୍ଲିକ ପ୍ରମୁଖ ଉଭୟ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ମସ୍‌ଜିଦ୍‌ରେ ପଶିଲେ ୧୭ ବିଦେଶୀ ନାଗରିକ

କୁଜଙ୍ଗ,୩୧।୧୦(ସ୍ୱ.ପ୍ର.)



ମସ୍‌ଜିଦ୍ ପରିଦର୍ଶନରେ ଆସିଥିବା ଇଣ୍ଡୋନେସିଆ ଓ ମାଲେସିଆର ପର୍ଯ୍ୟଟକ।

■ଆତଙ୍କବାଦୀ ଚର୍ଚ୍ଚା, ତଦନ୍ତ କଲା ପୋଲିସ
■୧୭ ବିଦେଶୀ ନାଗରିକ ଇଣ୍ଡୋନେସିଆ ଓ ମାଲେସିଆ ପର୍ଯ୍ୟଟକ

ସାରା ଦେଶରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଥିବାବେଳେ କୁଜଙ୍ଗର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନରେ ଏହି ଦିବସ ପାଳନ କରାଯାଇଛି। ତେବେ ଏହି ଅବସରରେ ସନ୍ଧ୍ୟା ସାଢେ ୭ଟାରେ କୁଜଙ୍ଗ ବଜାରର ଏକ ମସ୍‌ଜିଦ୍‌ରେ ୧୭ଜଣ ବିଦେଶୀ ନାଗରିକ ପ୍ରବେଶ କରିଥିବା ପ୍ରଚାର ହୋଇଥିଲା। ଯେହେତୁ କୁଜଙ୍ଗ-ପାରାଦୀପ ଭଳି ଉପକୂଳ ଅଞ୍ଚଳ ପ୍ରତି ଆତଙ୍କବାଦୀ ପ୍ରବେଶ ଭୟ ରହିଥିବା ପୂର୍ବରୁ ଗୁଇନ୍ଦା ବିଭାଗ ସତର୍କତା ଜାରି କରିଥିଲା, ତେଣୁ ଏହି ପ୍ରସଙ୍ଗକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଖବରପାଇ କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁ ସଦଳବଳ ଉକ୍ତ ମସ୍‌ଜିଦ୍‌କୁ ଯାଇ ତଦନ୍ତ କରିବା ପରେ ଏହି ୧୭ ଜଣ ବିଦେଶୀ ନାଗରିକ ଇଣ୍ଡୋନେସିଆ ଓ ମାଲେସିଆ ପର୍ଯ୍ୟଟକ ବୋଲି ଜାଣିବାକୁ ପାଇଥିଲେ। ସେମାନେ ହେଲେ ଇଣ୍ଡୋନେସିଆର ମହମଦ୍ ଫରିଦ୍, ମୁସ୍‌କାର, ଅରାଫ୍, କାଡେମୀ, ସାଣ୍ଡି ରୋହନୀ, ଅବଦୁଲ ରହିମ, ଜଫାରଦ୍ଦିନ, ଏସ୍.ଏମତ୍ କାର୍ସୋ ଆଟ୍‌ମୀ, ସ୍ୟାମସୁରଜାଲ, ଲା ଓଡେ ତାଜ୍‌ଲନ୍, ଜଭେଦ୍ ଫର୍ଣ୍ଣାଡୋ, ନଦଜୀବ୍, କଡୋରିନ୍, ସୁୟାନୋ ଓ ଅନ୍ୟ ୩ ଜଣ ହେଲେ ମାଲେସିଆର କମଲ ସୁଆଜିଦ୍ ବିନ୍ ମହମଦ୍ କମଲ, ମହାଦୁଜିମ୍ ମିନ୍ ମାଟ୍ ଦାଉଦ୍, ଅବଦୁଲ ରହିମ ବିନ୍ ବକର। ଏହି ପର୍ଯ୍ୟଟକମାନେ ୨୩ରୁ ୨୭ ତାରିଖ ଜଗତ୍‌ସିଂହପୁର ଥାନାର ୫ ମସ୍‌ଜିଦ୍, ତିର୍ତ୍ତୋଲର ୨, ରଘୁନାଥପୁରର ୧, ବିରିଡ଼ିର ୧, କୁଜଙ୍ଗର ୧ ଓ ପାରାଦୀପର ୨ ମସଜିଦ୍ ଭ୍ରମଣ କରିବାର ଯୋଜନା ରହିଛି। ସେମାନେ ଗସ୍ତ ସମ୍ପର୍କରେ ପୂର୍ବରୁ ଜଗତ୍‌ସିଂହପୁର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ସୂଚନା ଦେଇଥିବା ବେଳେ ଗୁରୁବାର କୁଜଙ୍ଗରେ ପହଞ୍ଚିଥିଲେ। ଏହି ଅବସରରେ କୁଜଙ୍ଗ ଥାନା ପକ୍ଷରୁ ବିଦେଶୀ ନାଗରିକମାନେ ଆଣିଥିବା ବ୍ୟାଗ୍ ଓ ଅନ୍ୟାନ୍ୟ ସରଞ୍ଜାମ ଯାଞ୍ଚ କରାଯାଇଥିଲା। ସେମାନଙ୍କ ପାଖରେ ଥିବା ଭିସା ସହ ଅନ୍ୟାନ୍ୟ କାଗଜ ପତ୍ର ମଧ୍ୟ ଯାଞ୍ଚ କରାଯାଇଥିଲା।

# ବିଦ୍ୟାଳୟ ବାଟରେ ଛାତ୍ରଙ୍କୁ ଆକ୍ରମଣ

ବାଲିକୁଦା,୩୧।୧୦(ସ୍ୱ.ପ୍ର.)

■ଆକ୍ରମଣକାରୀଙ୍କୁ ଛାଡ଼ି ଛାତ୍ରଙ୍କୁ ସ୍କୁଲ ନ ଆସିବାକୁ ଧମକ ଦେଲେ ପ୍ରଧାନ ଶିକ୍ଷକ
■ଆକ୍ରମଣ ପଛରେ ପୂର୍ବ ଶତ୍ରୁତା
■ବିଦ୍ୟାଳୟରେ ତାଲା ପକାଇବେ ଅଭିଭାବକ

ବାଲିକୁଦା ଥାନା ଅଳାଭର ପଞ୍ଚାୟତର ଜଣେ ଦୁର୍ଦ୍ଦାନ୍ତ ଅପରାଧି ୬ ମାସ ତଳେ କଣିଆ ଗ୍ରାମର କୁଳମଣି ଦାସଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଏହି ଘଟଣାରେ କୁଳମଣିଙ୍କ ସହ କଣିଆ ଗ୍ରାମବାସୀ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗ୍ରାମରେ ପଶି ତାଙ୍କୁ ମାଡ଼ ମାରିବା ସହ ପୋଲିସ ଜିମା ଦେଇଥିଲେ। ଅଭିଯୁକ୍ତ ଜଣଙ୍କ ଗତ କିଛିଦିନ ହେଲା ଜାମିନରେ ଜେଲରୁ ଆସିବା ପରେ କଣିଆ ଗ୍ରାମର କେତେଜଣ ଛାତ୍ରଙ୍କୁ ଅଳାଭର ଉଚ୍ଚ ବିଦ୍ୟାଳୟ ଯିବା ବାଟରେ ବନ୍ଧୁକ ଦେଖାଇ ଧମକ ଦେବା ସହ ମାଡ଼ ମାରି ସ୍କୁଲ ଭିତରକୁ ନେଇଥିଲେ। ଏଥିସହ ଆଉ ସ୍କୁଲ ନ ଆସିବାକୁ ତାଗିଦ୍ କରିଥିଲେ। ତେବେ ପ୍ରଧାନ ଶିକ୍ଷକ ଏ ସମ୍ପର୍କରେ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ ନ କରି ଏହି ଛାତ୍ରମାନଙ୍କୁ ସ୍କୁଲ ନ ଆସିବାକୁ ଧମକ ଦେଇଛନ୍ତି। ଏହାକୁ ସେମାନଙ୍କ ଅଭିଭାବକମାନେ ବିରୋଧ କରିଛନ୍ତି। ଶୁକ୍ରବାର ସେମାନେ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, କଣିଆ ଗ୍ରାମର କେତେଜଣ ଛାତ୍ର ଅଳାଭର ଉଚ୍ଚ ବିଦ୍ୟାଳୟରେ ପଢନ୍ତି। ଅଳାଭରର କେତେଜଣ ଅସାମାଜିକ ଯୁବକ ଲୋକଙ୍କୁ ହଇରାଣ କରନ୍ତି। ଦିନ ଦିପ୍ରହରେ ଦାଦାବଟି ଆଦାୟ କରନ୍ତି। ସେମାନଙ୍କ ନାମରେ ବାଲିକୁଦା ସମେତ ବିଭିନ୍ନ ଥାନାରେ ମାମଲା ରହିଛି। ୬ ମାସ ତଳେ କେତେଜଣ ଯୁବକ କଣିଆ-ସନ୍ତୋ ରାସ୍ତାରେ କଣିଆର କୁଳମଣି ଦାସଙ୍କୁ ମାଡ଼ ମାରି ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ତେବେ ଗୁଳି ତାଙ୍କ ଦେହରେ ବାଜି ନ ଥିଲା। ପରେ କଣିଆ ଗ୍ରାମର ଯୁବକମାନେ ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମାରି ଥାନାରେ ଦେଇଥିଲେ। ସେମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ସାଗର ମଲ୍ଲିକ ଏବେ ଜେଲରେ ଅଛନ୍ତି। ପୂର୍ବର ସେହି ଶତ୍ରୁତାକୁ ନେଇ କଣିଆ ଗ୍ରାମର ଛାତ୍ରମାନଙ୍କୁ ଏହି ଅସାମାଜିକ ଯୁବକମାନେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ରାତି ୯ଟାରେ କଣିଆ ଗ୍ରାମର କିଛି ଲୋକ ଏହି ମାରପିଟ ଘଟଣାକୁ ନେଇ ସମ୍ପୃକ୍ତ ଯୁବକମାନଙ୍କ ପାଖକୁ ଯାଇଥିବା ବେଳେ ତାଙ୍କ ଉପରକୁ ଅତର୍କିତ ଆକ୍ରମଣ ହୋଇଛି। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଯୁବକମାନେ ଫେରାର ହୋଇଯାଇଥିବା ପୋଲିସ କହିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଗଗନ ଶତପଥୀ କହିଛନ୍ତି ଯେ, ଗଣ୍ଡଗୋଳ ସମ୍ପର୍କରେ ସେ ସୂଚନା ପାଇଥିଲେ। ସମ୍ପୃକ୍ତ ଛାତ୍ରମାନେ ମଧ୍ୟ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ତେଣୁ ପରିସ୍ଥିତି ଶାନ୍ତ କରିବା ପାଇଁ ସେମାନଙ୍କୁ ସାମୟିକ ସମୟ ପାଇଁ ବିଦ୍ୟାଳୟ ନ ଆସିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

# ଜଙ୍ଗଲକୁ ନେଇ ଯୁବତୀଙ୍କୁ ଗଣବଳାତ୍କାର

କୁଆଁରମୁଣ୍ଡା,୩୧।୧୦(ଡି.ଏନ୍.ଏ.)

**୩ ଅଭିଯୁକ୍ତ ଗିରଫ**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଖୁଖୁଣ୍ଡୁବାହାଲ ଗ୍ରାମ ନିକଟ ଜଙ୍ଗଲରେ ଗତ ମଙ୍ଗଳବାର ରାତିରେ ଜଣେ ଯୁବତୀ(୧୮)ଙ୍କୁ ୩ଜଣ ଯୁବକ ଗଣବଳାତ୍କାର କରିଥିଲେ। ବୁଧବାର ଏ ସଂକ୍ରାନ୍ତରେ କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଏହି ଘଟଣାରେ ବୀରମିତ୍ରପୁର ଥାନା ପୋଲିସ କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଡୁମେରଯୋର ପଞ୍ଚାୟତ କର୍ଲାବୁଡ଼ ଗ୍ରାମରେ ଚଢାଉ କରି ୩ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜୟ ଓରାମ(୨୫), ରଞ୍ଜିତ ଟପ୍ପୋ(୨୬) ସଞ୍ଜିତ୍ ଟପ୍ପୋ(୨୭)। ଏ ନେଇ ବୀରମିତ୍ରପୁର ଥାନାରେ ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୭୬(୨)(ଏନ୍)/୩୭୬ଡି,୩୬୬ରେ ଏକ ମାମଲା(ନଂ.୧୩୪/୧୯) ହୋଇଛି । ସଂପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗୁରୁବାର ଡାକ୍ତରୀମାଇନା କରାଇଛି। ରାଉରକେଲା ସରକାରୀ ହସ୍‌ପିଟାଲରେ ପୀଡିତାଙ୍କର ମଧ୍ୟ ଡାକ୍ତରୀମାଇନା କରାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ୩ ଯୁବକ ମଙ୍ଗଳବାର ସମ୍ପୃକ୍ତା ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କୁଆଁରମୁଣ୍ଡାକୁ ଡାକି ଆଣିଥିଲେ। ରାତି ହେବାପରେ ଯୁବକମାନେ ତାଙ୍କୁ ଖୁଖୁଣ୍ଡୁବାହାଲ ଗ୍ରାମ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ଜଣେ ପରେ ଜଣେ ତାଙ୍କୁ ବଳାତ୍କାର କରିଥିଲେ। ଫଳରେ ଯୁବତୀ ଜଣକ ଚେତାଶୂନ୍ୟ ହୋଇ ପଡିଥିଲେ। ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ଯୁବକମାନେ ତାଙ୍କୁ ଜଙ୍ଗଲରେ ଛାଡି ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ପୀଡ଼ିତାଙ୍କ ଚେତା ଫେରିବା ପରେ ବହୁ କଷ୍ଟରେ ସେ ଘରେ ପହଞ୍ଚି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ବୁଧବାର ରାତି ପ୍ରାୟ ୯ଟାରେ ପୀଡିତାଙ୍କ ସହ ପରିବାର ଲୋକେ କୁଆଁରମୁଣ୍ଡା ଫାଣ୍ଡିରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ଚୋର ଧରିବାକୁ ଆସି ଫସିଗଲେ ଗୁଣିଆ

ରାଜକନିକା, ୩୧।୧୦ (ଡି.ଏନ୍.ଏ.)

ଚୋର ଧରିବା କି ଡାହାଣୀ ଛଡ଼ାଇବାକୁ ହେଲେ ଗାଁଗହଳିରେ ଖୋଜା ପଡ଼ନ୍ତି ଗୁଣିଆ। ବାଉଁଶ କାଠିରେ ତିଆରି ପାତିଆ ବ୍ୟବହାର କରି ଗୁଣିଆ ଚୋର ଧରନ୍ତି। ଲୋକମାନେ ବି ଗୁଣିଆ କଥାକୁ ଅନ୍ଧ ଭଳି ବିଶ୍ୱାସ କରି ସେ ଧରିଥିବା ଲୋକକୁ ଚୋର ବିବେଚିତ କରିବା ସହ ନାନା ନିର୍ଯାତନା ଦେବା ଘଟଣା ବହୁ ସମୟରେ ନଜରକୁ ଆସେ। ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରେ ଗୁଣିଆକୁ ପରୀକ୍ଷା କରିବା ପାଇଁ ଯୁବକମାନେ କରିଥିବା ପ୍ରୟାସକୁ ଚାରିଆଡେ ପ୍ରଶଂସା କରାଯାଉଛି। ଥାନା ଅଧୀନ ଲୁହାରମୁହିଁ ଗ୍ରାମକୁ ଚୋର ଧରିବାକୁ ଆସିଥିବା ଜଣେ ଗୁଣିଆଙ୍କ ମିଛ ଧରା ପଡ଼ିଯିବା ପରେ ସେ ଅଗ୍ରିମ ନେଇଥିବା ଟଙ୍କା ଫେରାଇବା ସହ ଗ୍ରାମବାସୀଙ୍କୁ ଭୁଲ୍ ମାଗିଥିବା ଜଣାପଡ଼ିଛି।

ଘଟଣା ମୁତାବକ, ଉକ୍ତ ଗ୍ରାମର କାସିମୁଦ୍ଦିନ ଖାଁଙ୍କ ଘରୁ ଗତ ୨୬ ତରିଖ ରାତିରେ ଏକ ସୁନା କାନଫୁଲ ଚୋରି ହୋଇଥିଲା। ଚୋର ଧରିବା ପାଇଁ ଗାଁ କମିଟି ସୁପାରିସ କ୍ରମେ କାସିମୁଦ୍ଦିନ ଭଦ୍ରକ ତିହିଡ଼ି ଅଞ୍ଚଳର ଜନୈକ ଗୁଣିଆଙ୍କୁ ଡାକିଥିଲେ। ହେଲେ ଗ୍ରାମର କେତେଜଣ ଯୁବକ ଗୁଣିଆକୁ ପରୀକ୍ଷା କରିବାକୁ ସ୍ଥିର କରି ମୋବାଇଲ ଚୋରି ହୋଇଥିବା ନାଟକ କରିବା ସହ ଚୋରକୁ ଧରିବାକୁ କହିଥିଲେ। ଗୁଣିଆ ଜଣକ ଗ୍ରାମର ଜଣେ ବୃଦ୍ଧଙ୍କ ଦେହରେ ପାତିଆ ଲଗାଇ ସେ ଚୋରି କରିଥିବା କହିଥିଲେ। ଏହାପରେ ଗୁଣିଆଙ୍କ ମିଛ ପଦାରେ ପଡ଼ିଯାଇଥିଲା। ତେବେ ଚୋର ଧରିବା ପାଇଁ କାସିମୁଦ୍ଦିନଙ୍କଠାରୁ ସେ ନେଇଥିବା ୫ହଜାର ଟଙ୍କା ଫେରାଇବା ସହ ଗ୍ରାମବାସୀଙ୍କୁ ଭୁଲମାଗି ପଳାଇଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

## ରଶ୍ମିରଞ୍ଜନ ହତ୍ୟାକାଣ୍ଡ : ପରିବାରକୁ ଭେଟିଲା ଭାଜପା ଟିମ୍

# ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି


ତିର୍ତ୍ତୋଲ,୩୧।୧୦(ଡି.ଏନ.ଏ.)



ରଶ୍ମିରଞ୍ଜନଙ୍କ ପରିବାର ସହ ଆଲୋଚନା କରୁଛନ୍ତି ଭାଜପା ପ୍ରତିନିଧି ମଣ୍ଡଳୀ ।

ତିର୍ତ୍ତୋଲ ଥାନା କନକପୁର ଫାଣ୍ଡି ଅଧୀନ ଜଜାଙ୍ଗ ଗ୍ରାମର ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ହତ୍ୟା କରାଯିବାର ଇତିମଧ୍ୟରେ ୧୦ଦିନ ବିତିଲାଣି। କିନ୍ତୁ ଅଦ୍ୟାବଧି ପୋଲିସ ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ଏହାକୁ ନେଇ ଗ୍ରାମରେ ଜନଅସନ୍ତୋଷ କୁହୁଳିବାରେ ଲାଗିଛି। ଏଭଳି ସ୍ଥିତିରେ ଗୁରୁବାର ଭାଜପାର ଏକ ଟିମ୍ ପୂର୍ବତନ ଏମ୍‌ପି ବିଷ୍ଣୁପ୍ରସାଦ ତରାଇଙ୍କ ନେତୃତ୍ୱରେ ଜଜାଙ୍ଗ ଗ୍ରାମକୁ ଯାଇ ରଶ୍ମିରଞ୍ଜନଙ୍କ ପରିବାର ଲୋକଙ୍କୁ ଭେଟିଛି। ଏହି ଅବସରରେ ରଶ୍ମିରଞ୍ଜନଙ୍କ ପରିବାର ପୋଲିସ ତଦନ୍ତରେ ନିଷ୍କ୍ରିୟତାକୁ ନେଇ ସେମାନଙ୍କ ଆଗରେ ଅଭିଯୋଗ କରିଥିଲେ। ଘଟଣାର ୧୦ ଦିନ ପରେ ବି ପୋଲିସ ହତ୍ୟାକାରୀଙ୍କୁ ଧରିବାରେ ବିଫଳ ହୋଇଛି। ପରିବାର ପକ୍ଷରୁ ନିର୍ଦ୍ଦିଷ୍ଟ କେତେଜଣ ଲୋକଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ଅଭିଯୁକ୍ତମାନେ ନିର୍ଭୟରେ ସ୍ଥାନୀୟ ଅଞ୍ଚଳରେ ବୁଲୁଛନ୍ତି ବୋଲି ରଶ୍ମିରଞ୍ଜନଙ୍କ ବାପା ବନମାଳି ସ୍ୱାଇଁ କହିଛନ୍ତି। ଏଥିସହିତ କଟରା ମଦଦୋକାନ ଯୋଗୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ଓ ଗଣ୍ଡଗୋଳ ବଢ଼ିଚାଲିଛି। ପୋଲିସ ଏଥିପ୍ରତି ନଜର ଦେଉ ନ ଥିବା ଯୋଗୁ ଏଭଳି ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ଟିମରେ ଭାଜପା ନେତା ହରିହର ବେହେରା, ମହିଳା ମୋର୍ଚ୍ଚା ନେତ୍ରୀ ଜୟଲକ୍ଷ୍ମୀ ମହାନ୍ତି, ଜିଲା କୋଷାଧ୍ୟକ୍ଷ ସୁଧୀର ପଣ୍ଡା, ସାଧାରଣ ସମ୍ପାଦକ ବିଜୟ ଦାଶ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ବିଜୟ କୁମାର ସୂତାର, ମଣ୍ଡଳ ସଭାପତି ପ୍ରମୋଦ ବାରିକ, ଜିଲା ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଦାଶ, ରୂପକ ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇଥିଲେ। ପୂର୍ବତନ ଏମ୍‌ପି ତରାଇ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ପୋଲିସ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ କନକପୁର ଫାଣ୍ଡିକୁ ଯାଇ ତିର୍ତ୍ତୋଲ ଥାନା ଅଧିକରୀ କୃଷ୍ଣପ୍ରସାଦ ମିଶ୍ରଙ୍କ ସହିତ ଆଲୋଚନା କରିବା ସହ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ମିଶ୍ର କହିଛନ୍ତି ଯେ, ଘଟଣାର ତଦନ୍ତ ଚାଲିଛି ଓ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
- ଆରିଷ୍ଟଟଲ୍



## ସଂକ୍ଷେପରେ

### ଘରକୁ ଫେରିବାବେଳେ ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ଯାଜପୁର ରୋଡ,୩୧।୧୦(ନି.ପ୍ର): ଘରକୁ ଫେରୁଥିବାବେଳେ ଯାଜପୁର ରୋଡ ଷ୍ଟେଶନ ବଜାରରେ ଅଚାନକ ପଡ଼ିଯାଇଥିଲେ ଜଣେ ଯୁବକ। ତେବେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ମୃତ ଯୁବକ ଜଣକ ହେଲେ କୁଆଖିଆ ଥାନାର ଖୋସାଲପୁରର ଲଛମନ୍ ରାଉଳଙ୍କ ପୁତ୍ର ଶେଷଦେବ ରାଉଳ (୨୭)। ସେ ସୁକିନ୍ଦା ଖଣି ଉପତ୍ୟାକା କାଳିଆପାଣିଠାରେ ଏକ ପରିବା ଦୋକାନ କରିଥିଲେ। ଗୁରୁବାର କାଳିଆପାଣିରୁ ଘରକୁ ଯିବା ପାଇଁ ଆସୁଥିବା ସମୟରେ ଯାଜପୁର ରୋଡ ଷ୍ଟେଶନ୍ ବଜାରଠାରେ ହଠାତ୍ ଟଳିପଡ଼ିଥିଲେ। ମୃତ ଯୁବକଙ୍କୁ ଦମକଳ ଗାଡି ସାହାଯ୍ୟରେ କ୍ଲବ୍ ଦି' ୟୁଥ୍ ମାସ୍‌ର ସମ୍ପାଦକ ରାଜେଶ କୁମାର ରାଉତ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା।

### ଓଡ଼ିଆ ଭାଷା, ସାହିତ୍ୟ ସମ୍ମାନ ପକ୍ଷରୁ ସମ୍ବର୍ଦ୍ଧନା

ସିଂହପୁର,୩୧।୧୦(ଡିଏନଏ): ବିଞ୍ଝାରପୁର ବ୍ଲକ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ବୁଧବାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ କ୍ଷୀରୋଦ ବେହେରା ଓ ଅଧାପକ ହରିଶ୍ଚନ୍ଦ୍ର ପଣ୍ଡା ଅବସର ନେଉଥିବାରୁ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଓଡିଆ ବିଭାଗର ମୁଖ୍ୟ ଅଧାପକ ଗଗନ ବିହାରୀ ବେହେରା ସଭାପତିତ୍ୱ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ସୁବୋଧ ନାୟକ, ସତ୍ୟବ୍ରତ ପାଢ଼ୀ, ଶ୍ରୀକାନ୍ତ ନାୟକ, ଆଶିଷ ପୁହାଣ, ଅଧାପିକା ନିଳାବତୀ ପଣ୍ଡା, ମଞ୍ଚାସୀନ ହୋଇଥିଲେ। ବିଦାୟୀ ଅଧକ୍ଷ ଓ ଅଧାପକ ଦୁଇଜଣ ମହାବିଦ୍ୟାଳୟର ଗୌରବ ଅଧକ୍ଷଙ୍କ ସମୟରେ ମହାବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି ବୋଲି ବକ୍ତବ୍ୟରେ କହିଥିଲେ। ଅଧାପକ ଉପେନ୍ଦ୍ର ସାମଲ, ମୀନକେତନ ତ୍ରିପାଠୀ, ଅଧାପିକା ଅର୍ପିତା ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ବିଜୟ ପତି, ସୁବାସ ସାହୁ, ସୁରେନ୍ଦ୍ର ସାମଲ, ଅଧାପିକା ଗାୟତ୍ରୀ ଧଳ, ସୁଚିସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଛାତ୍ରୀଛାତ୍ର ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଅଧାପକ ପୂର୍ଣ୍ଣଚନ୍ଦ୍ର ସାମଲ ବେଦପାଠ ଓ ଅଧାପିକା ରୋଜାଲିନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

### ସିଂହପୁରରେ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ

ସିଂହପୁର,୩୧।୧୦(ଡିଏନଏ)- ବିଞ୍ଝାରପୁର ବ୍ଲକ ସିଂହପୁର ଜରୀ ମଧସ୍ଥ ଇନ୍ଦିରାଗାନ୍ଧୀ ଛକ ନାଉବାଙ୍କଠାରେ ଇନ୍ଦିରା ଗାନ୍ଧୀ ସ୍ମୃତି କମିଟି ଦ୍ୱାରା ୩୬ତମ ବଳିଦାନ ଦିବସକୁ ସଂହତି ଦିବସ ଭାବେ ଗୁରୁବାର ପାଳନ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ସୁଦାମ ଚରଣ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ ଯୋଗଦେଇ ଭାରତର ଅର୍ଥନୀତି, ରାଜନୈତିକ ସ୍ଥିତି ଇନ୍ଦିରାଙ୍କ ଆଦର୍ଶରେ ଗଢାଯାଇଥିଲା ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ତଥା କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦାସ, ସ୍ମୃତି କମିଟି ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ପ୍ରାକ୍ତନ ଯୁବ ସଭାପତି ମନୋଜ ସାମଲ, ସମିତି ସଭ୍ୟ ଭୁବନାନନ୍ଦ ସାମଲ ବକ୍ତବ୍ୟରେ ଇନ୍ଦିରାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏଥିରେ କମିଟିର ପ୍ରସନ୍ନ ନାୟକ, ହରେକୃଷ୍ଣ ଜେନା, ଶ୍ରୀଧର ମଲିକ, ସୁବାସ ଜେନା, ଦୁଷ୍ମନ୍ତ ମଲିକ, ନିମାଇଁ ଚରଣ ସାମଲ, ବିଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନଗଡ଼ାର ସ୍ଥିତି ପରଖିଲେ ଆର୍‌ଟିଆଇ ଆବାହକ

# ଲୋକାୟୁକ୍ତଙ୍କ ନିକଟରେ ପୁଣି ହେବ ଅଭିଯୋଗ

କାଳିଆପାଣି/ସୁକିନ୍ଦା, ୩୧।୧୦(ଡି.ଏନ୍.ଏ.)



ନଗଡ଼ାବାସୀଙ୍କ ସହ ଆର୍‌ଟିଆଇ ଟିମ୍।

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡାର ବିକାଶ ପାଇଁ ସରକାର ବହୁ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ନଗଡ଼ାର ସ୍ଥିତି ପୂର୍ବପରି ରହିଥିବା ଅଭିଯୋଗ ହୋଇଛି। ନଗଡାବାସୀ ଆଜିବି ଚିରାଚରିତ ଢଙ୍ଗରେ ଜୀବନ ବିତାଉଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଗୁରୁବାର ଖାଦ୍ୟ ସୁରକ୍ଷା ଅଭିଯାନ ତଥାସୂଚନା ଅଧିକାର ଆଇନ ଅଭିଯାନ (ଆର୍‌ଟିଆଇ)ର ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡ, କାଳନ୍ଦୀ ମଲ୍ଲିକଙ୍କ ସହ ଏକ ୭ ଜଣିଆ ଟିମ୍ ନଗଡା ଗସ୍ତ କରିଥିଲେ। ଏହି ଟିମ୍ ନଗଡ଼ାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଥିଲେ। ବିଷେଶକରି ବିପର୍ଯ୍ୟସ୍ତ ରାସ୍ତା, ପାନୀୟ ଜଳ ଯୋଗାଣ, ଅଙ୍ଗନୱାଡି ସେଣ୍ଟର ହୋଇ ନ ଥିବା, ବିଦ୍ୟୁତ୍ ବିଭାଗର ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ଲୋକାୟୁକ୍ତଙ୍କ ନିକଟରେ ପୁନର୍ବାର ଅଭିଯୋଗ କରାଯିବା ସହ ଅନିୟମିତତା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ପ୍ରଦୀପ ପ୍ରଧାନ କହିଛନ୍ତି। ଏହି ଗସ୍ତବେଳେ ବିଦ୍ୟୁତ୍ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଆସିଡିଏସ୍ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଅପପୁଷ୍ଟି ଜନିତ ଶିଶୁ ମଡ଼କ ନେଇ ୨୦୧୬ରେ ନଗଡା ଚର୍ଚ୍ଚାକୁ ଆସିଥିଲା। ଏହାପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନଗଡାର ବିକାଶ ପାଇଁ ବହୁ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ବିକାଶ ନାମରେ ଉକ୍ତ ଅର୍ଥର ଆତ୍ମସାତ ହେଉଥିବା କିଛିଦିନତଳେ ମାନବାଧିକାର କର୍ମୀ ଅଖଣ୍ଡ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ଖାଦ୍ୟ ସୁରକ୍ଷା ଅଭିଯାନ ତଥା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲୋକାୟୁକ୍ତଙ୍କ ନିକଟରେ (୪୫୫/୧୯)ରେ ଅଭିଯୋଗ ପଞ୍ଜୀକୃତ ହୋଇଛି। ଏହି ଆଧାରରେ ଲୋକାୟୁକ୍ତ ଜିଲାର ଆର୍‌ଡି ବିଭାଗ ସହ ଡିଆରଡିଏ, ଡିଏସ୍‌ଡବ୍ଲ୍ୟୁଓ ଏବଂ ସୁକିନ୍ଦା ବିଡିଓ ବିଶ୍ୱଜିତ୍ ଦାସଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୧୨ ତାରିଖରେ ହେବା ନେଇ ତାରିଖ ଧାର୍ଯ୍ୟ ହୋଇଥିବା ଜଣାପଡିଛି।

## ଲଘୁଚାପଜନିତ ବର୍ଷାରେ ୧୫ଶହ ହେକ୍ଟର ଫସଲ ନଷ୍ଟ

ଧର୍ମଶାଳା,୩୧।୧୦(ଡି.ଏନ୍.ଏ.)

**ଧର୍ମଶାଳା ବ୍ଲକ**

ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ତିନିଦିନ ଧରି ୨୯୦ ମିଲିମିଟର ଲଘୁଚାପ ଜନିତ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହି ବର୍ଷାଯୋଗୁ ଧର୍ମଶାଳା ବ୍ଲକର ୨୨ ପଞ୍ଚାୟତ ଅଧୀନସ୍ଥ ୧୧୦ ମୌଜାର ୧୨ଶହ ହେକ୍ଟର ଜମିରେ ବିରି, ମୁଗ, କୋଳଥ,ପନିପରିବା ଓ ୩ ଶହ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା କୃଷି ବିଭାଗ ପକ୍ଷରୁ ପ୍ରାଥମିକ ଆକଳନରୁ ଜଣାପଡିଛି। ଲଘୁଚାପ ଜନିତ ବର୍ଷାର କ୍ଷୟକ୍ଷତି ଆକଳନ କରି ଆସନ୍ତା ୪ ତାରିଖ ସୁଦ୍ଧା ରିପୋର୍ଟ ଦେବା ପାଇଁ ଏସ୍‌ଆର୍‌ସି ଓ ଜିଲାପାଳ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ଧର୍ମଶାଳା ବ୍ଲକ ଅତିରିକ୍ତ କୃଷି ଅଧିକାରୀ ପଲ୍ଲବୀ ନାୟକ ସମସ୍ତ ଗ୍ରାମ ସେବକଙ୍କୁ କ୍ଷୟକ୍ଷତି ଆକଳନ କରିବା ପାଇଁ ଗ୍ରାମାଞ୍ଚଳକୁ ପଠାଇଥିବା ଜଣାପଡିଛି। ତେବେ ଫନୀ ବାତ୍ୟାକୁ ୫ମାସ ବିତିଯାଇଥିଲେ ମଧ କ୍ଷତିଗ୍ରସ୍ତ ଚାଷୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀ ସହାୟତା ମିଳିନାହିଁ। ଏଭଳି ସ୍ଥିତିରେ ପୁନଶ୍ଚ ଲଘୁଚାପ ଜନିତ ବର୍ଷାରେ ଧର୍ମଶାଳା ବ୍ଲକରେ ୧୫ଶହ ହେକ୍ଟର ଚାଷଜମିରେ ବ୍ୟାପକ ଫସଲ କ୍ଷତି ହୋଇଥିବା ବେଳେ ସରକାର ତଦନ୍ତ ପାଇଁ ନିର୍ଦ୍ଦେଶ କେତେଦୂର ସଫଳ ହେବା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଫନୀ ବାତ୍ୟାରେ ବ୍ଲକର ୨୯ ପଞ୍ଚାୟତର ୧୦୧ ମୌଜାରେ ୪୨୨ହେକ୍ଟର ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ଏଥିପାଇଁ ୫୬ଲକ୍ଷ ୧୬ହଜାର ୭୨୫ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଯାଜପୁର ଜିଲାପାଳଙ୍କୁ ସୁପାରିସ କରାଯାଇଥିଲା। ଫନୀ ଓ ଲଘୁଚାପ ଜନିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ କୃଷକ ନେତା ବସନ୍ତ ପରିଡା, ନେତ୍ରାନନ୍ଦ ଦାସ, ବିଦ୍ୟାଧର ପରିଡା, କେଶବ ପାଳ, ନିତ୍ୟାନନ୍ଦ ଦାସ, ବିଦ୍ୟାଧର ରାଉତ ପ୍ରମୁଖ ଦାବି କରିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସରେ ଶପଥପାଠ



ଅଧିକାରୀମାନେ ଶପଥ ଗ୍ରହଣ କରୁଛନ୍ତି।

ଯାଜପୁର ଟାଉନ,୩୧।୧୦(ଡିଏନଏ)

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ କରାଯାଇଥିଲା। ଦେଶର ଏକତା ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ଯଥାସାଧ ଉଦ୍ୟମ କରିବାକୁ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୂରଦର୍ଶିତାପୂର୍ଣ୍ଣ କାର୍ଯ୍ୟକୁ ପୁନଶ୍ଚ ସମ୍ଭବ କରିବାକୁ ତାଙ୍କ ଜନ୍ମତିଥିରେ ଏହି ଶପଥ ପାଠ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତ ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ସହକାରୀ ଜିଲାପାଳ ଅନୁପ କୁମାର ବେହେରା, ସୁଭଦର୍ଶନ ମିଶ୍ର, ତିଳୋତ୍ତମା ପୃଷ୍ଟି, କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ମୁଖ୍ୟ କିରାଣୀ ରଜନୀକାନ୍ତ ସାହୁ, ଲକ୍ଷ୍ମୀଧର ସଏ, ସୁଧାକର ପ୍ରଧାନ, କର୍ମଚାରୀ ପ୍ରଭାତ କୁମାର ପଣ୍ଡା, ନିତ୍ୟାନନ୍ଦ ନାୟକ, ସତ୍ୟଜିତ୍ ନାୟକ ପ୍ରମୁଖ ଯୋଗଦେଇ ଶପଥ ପାଠ କରିଥିଲେ।

## କାଳିଆ ଯୋଜନାରେ ସ୍ୱଚ୍ଛତା ଆଣିବାକୁ ଦାବି

ସିଂହପୁର,୩୧।୧୦(ଡିଏନଏ)




ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ଓଡିଶାର ଚାଷୀଙ୍କୁ ପ୍ରତାରଣା କରାଯାଉଛି। କାଳିଆ ଯୋଜନାରେ ପ୍ରକୃତ ଚାଷୀଙ୍କୁ ସହାୟତା ଦେବା ପରିବର୍ତ୍ତେ ରାଜ୍ୟ ସରକାର ଦଳୀୟ ଆଧାରରେ ପ୍ରଥମ କିସ୍ତି କାଳିଆ ଟଙ୍କା ପ୍ରଦାନ କରିଥିଲେ। ଏବେ ପୁଣି ନବ ନିର୍ମାଣର ଆନ୍ଦୋଳନକୁ ଆଖି ଆଗରେ ରଖି ତରବରିଆ ଭାବେ କାଳିଆ ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରିବାକୁ ବସିଛନ୍ତି। ତେବେ ରାଜ୍ୟରେ ୭୫ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଥିବା ମୁଖ୍ୟମନ୍ତ୍ରୀ କହୁଥିଲାବେଳେ ସମସ୍ତ ଚାଷୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇ ନାହିଁ। ଏବେ ଦ୍ୱିତୀୟ କିସ୍ତି ଦେଇ ରାଜ୍ୟ ସରକାର ପୁଣି ଚାଷୀଙ୍କୁ ପ୍ରତାରଣା କରିବାକୁ ବସିଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଏଭଳି ପ୍ରତାରଣାକୁ ନବ ନିର୍ମାଣ କୃଷକ ସଂଗଠନ କେବେବି ବରଦାସ୍ତ କରିବ ନାହିଁ। ସରକାର କାଳିଆ ଯୋଜନାରେ ସ୍ୱଚ୍ଛତା ନ ଆଣିଲେ ଏହା ବିରୋଧରେ ଆଗାମି ଦିନରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଗୁରୁବାର ବିଞ୍ଝାରପୁର ବ୍ଲକ ବାଛୋଳଠାରେ ବ୍ଲକ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ବ୍ଲକ ସଂଗଠନ ସଭାପତି ସନାତନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଜିଲା ଉପଦେଷ୍ଟା ଭୁବନାନନ୍ଦ ସାମଲ, ଜ୍ଞାନେନ୍ଦ୍ର ବେଉରିଆ, ବଳରାମ ବଳ, ଧନେଶ୍ୱର ସାମଲ, ପ୍ରଫୁଲ୍ଲ ରାଉତ, ନଟବର ଯେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦାବି ଉପରେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଯଦି କାଳିଆ ଯୋଜନାରେ ୭୫ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି ତେବେ ରାଜ୍ୟ ସରକାର କେନ୍ଦ୍ରକୁ ଏହାର ଚିଠା ପ୍ରଦାନ କରିବାକୁ ସଂଘ ଦାବି କରିଛି। ସେହିପରି ବିଞ୍ଝାରପୁର ବ୍ଲକରେ ଗତ ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏ ସମ୍ପର୍କରେ ଏସଆରସି ତଥ୍ୟ ମାଗିଥିଲେ ମଧ ବିଞ୍ଝାରପୁର ବ୍ଲକର କୃଷି ବିଭାଗ ଏହି ରିପୋର୍ଟ ପ୍ରଦାନ କରୁ ନାହିଁ। ଆସନ୍ତା ୩ ତାରିଖ ମଧରେ ଯଦି ବିଭାଗ ଗ୍ରାଉଣ୍ଡ ଜିରୋରୁ ତଥ୍ୟ ସଂଗ୍ରହ ନ କରି ରିପୋର୍ଟ ପ୍ରଦାନ କରନ୍ତି ତେବେ ବିଞ୍ଝାରପୁର ବ୍ଲକର ହଜାର ହଜାର ଚାଷୀଙ୍କୁ ନେଇ ନବ ନିର୍ମାଣ କୃଷକ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି କୃଷକ ନେତା ଭୁବନାନନ୍ଦ ସାମଲ ଚେତାବନୀ ଦେଇଛନ୍ତି। ଆସନ୍ତା ୬ତାରିଖରେ ଆନ୍ନା ହଜାରେଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟକ୍ରମରେ ବିଞ୍ଝାରପୁର ବ୍ଲକରୁ ୨ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେବେ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ସଭ୍ୟ ସଂଗ୍ରହ ସମୀକ୍ଷା ବୈଠକ



ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ଧର୍ମଶାଳା,୩୧।୧୦(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ବିଜେଡି କାର୍ଯ୍ୟାଳୟରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫ଟି ପଞ୍ଚାୟତର ପର୍ଯ୍ୟବେକ୍ଷକ ଓ ସଂଯୋଜକ ଯୋଗଦେଇଥିଲେ। ଏହି ଅବସରରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଧର୍ମଶାଳା ନିର୍ବାଚନମଣ୍ଡଳୀ ସମଗ୍ର ରାଜ୍ୟରେ ସଭ୍ୟ ସଂଗ୍ରହରେ ତୃତୀୟ ସ୍ଥାନ ଅଧିକାର କରିଥିବା ସୂଚନା ଦେବା ସହ ସମୀକ୍ଷା କରିଥିଲେ। ବୈଠକରେ ପଞ୍ଚାୟତର ପଞ୍ଚ ବାର୍ଷିକ ଯୋଜନାର ରୂପରେଖ ଉପରେ ଆଲୋଚନା ହୋଇଥିଲା। ଏଥିସହ ଜୋନ୍‌ସ୍ତରୀୟ ବରିଷ୍ଠ ନାଗରିକଙ୍କୁ ସପ୍ତାହରେ ଥରେ ପୁରୀ ଓ ବିରଜା କ୍ଷେତ୍ରକୁ ବୁଲାଇ ନେବା ପାଇଁ ସ୍ଥିର କରାଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ ବଳବନ୍ତରାୟ, ଜିଲା ବିଜେଡି ସମ୍ପାଦକ ପ୍ରିୟନାଥ ମହାପାତ୍ର, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ପୂର୍ବତନ ଅଧକ୍ଷ ଦୁଃଶାସନ ସାହୁ, ପୂର୍ବତନ ଉପାଧକ୍ଷ ଜଳଧର ମହାନ୍ତି, ଏମ୍‌ପିପ୍ରତିନିଧି ଉତ୍କଳ ଦାସ, ନିରଞ୍ଜନ ବଳ, ମିଡ଼ିଆ ସେଲ ଅଧକ୍ଷ ସଂଗ୍ରାମ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ୩୫ତମ ଶ୍ରାଦ୍ଧୋତ୍ସବ

ବାଲିଚନ୍ଦ୍ରପୁର,୩୧।୧୦(ସ୍ୱ.ପ୍ର)

ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୩୫ତମ ବଳିଦାନ ଦିବସ ବାଲିଚନ୍ଦ୍ରପୁରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବଡଚଣା ବ୍ଲକ କଂଗ୍ରେସ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡଚଣା କଂଗ୍ରେସ ନେତା ଅଜୟ ସାମଲ ଯୋଗଦେଇ ସ୍ୱର୍ଗତ ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ବ୍ଲକ ଯୁବକଂଗ୍ରେସ ସଭାପତି ସଞ୍ଜୟ କୁମାର କର, ମାନଭଞ୍ଜନ ରାଉତରାୟ, ସଂଖ୍ୟା ଲଘୁ ନେତା ସେକ୍ ରିଆସତ୍ ଅଲ୍ଲି, ସୁଲତାନା ସୈଫୁଲା ଖାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବାଲିଚନ୍ଦ୍ରପୁର ବଜାର ରହିଥିବା ଇନ୍ଦିରାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ନେତା ଓ କର୍ମୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## କୋରେଇ ବିଜେଡିର ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

କୋରେଇ,୩୧।୧୦(ସ୍ୱ.ପ୍ର)



ପଦଯାତ୍ରାରେ ସାମିଲ ହୋଇଥିବା ବିଧାୟକ ଓ ବିଜେଡି କର୍ମୀ।

ବିଜେଡି ପକ୍ଷରୁ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ର ଗୁରୁବାର ପାଣିକୋଇଲିଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଳତିରି ଗଡାଣୀରୁ ପଦଯାତ୍ରା ଆରମ୍ଭ ହୋଇ ପାଣିକୋଇଲି କଲ୍ୟାଣ ମଣ୍ଡପଠାରେ ଉଦ୍‌ଯାପିତ କରାଯାଇଥିଲା। ସେଠାରେ କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ଦ୍ୱାରା କଲ୍ୟାଣ ମଣ୍ଡପର ଉଦ୍‌ଘାଟନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଦଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ବିଧାୟକ ବଳ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧକ୍ଷା ଅମୂଲ୍ୟବାଳା ପାତ୍ର, ଜିଲା ପରିଷଦ ସଭ୍ୟ ମାତାଜୀ ଆଏଚ, ଧରଣୀଧର ଘଡାଇ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ଜିଲା ବିଜେଡି ଉପସଭାପତି ପ୍ରହ୍ଲାଦ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ସୁବାସ ଧଳ, ଅଥୟ ମହାନ୍ତି, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଧନେଶ୍ୱର ବାରିକ, ବ୍ଲକ ଉପାଧକ୍ଷ ଅନୀଲ ମହାପାତ୍ର, ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କ ସମେତ ଶତାଧିକ ନେତା, କର୍ମୀ, ମହିଳା, ଯୁବ ଛାତ୍ର, କୃଷକ ପଦଯାତ୍ରାରେ ସାମିଲ ହୋଇଥିଲେ।

### ଆଦର୍ଶ ଥାନାରେ ରକ୍ତଦାନ ଶିବିର

ଯାଜପୁର ରୋଡ,୩୧।୧୦(ନି.ପ୍ର): ରାଷ୍ଟ୍ରୀୟ ଏକତା ଦିବସରେ ଯାଜପୁର ପୋଲିସ ପକ୍ଷରୁ ଗୁରୁବାର ଆଦର୍ଶ ଥାନା, ଯାଜପୁର ରୋଡ ସଭାଗୃହରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଯାଜପୁର ଏସ୍‌ପି ଚରଣ ସିଂ ମୀନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଥାନାଧିକାରୀ ଅନୀଲ କୁମାର ମହାନ୍ତି ଉପସ୍ଥିତ ଥିଲେ। ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶହୀଦ୍ ଯୁବକ ସଂଘ ସମେତ ସହରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଗଦେଇ ରକ୍ତଦାନ କରିଥିଲେ। ପୂର୍ବତନ ଉପନଗରପାଳ ସୁବାସ ବଳଙ୍କ ସମେତ ବହୁ ବରିଷ୍ଠ ନାଗରିକ, ବିଭିନ୍ନ କ୍ଲବର ସଦସ୍ୟ ଯୋଗ ଦେଇଥିଲେ।

## ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ

ଯାଜପୁର ଟାଉନ,୩୧।୧୦(ଡିଏନଏ)

**ଯାଜପୁର କାଳୀପୂଜା ୪ର୍ଥ ଦିବସ**



କାଳୀ ପୂଜା ଅବସରରେ ଆୟୋଜିତ ମେଲୋଡି କାର୍ଯ୍ୟକ୍ରମ।

ଯାଜପୁରର ଗଣପର୍ବ କାଳୀପୂଜା ଚଳିତ ବର୍ଷ ୧୨ଦିନ ଧରି ହେବାକୁ ଥିବାବେଳେ ପ୍ରତ୍ୟେକ ମେଢ଼ରେ ପ୍ରତିଦିନ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ କରାଯାଇ ଲୋକଙ୍କ ମନୋରଞ୍ଜନ କରାଯାଉଛି। ୪ର୍ଥ ଦିନରେ ସନ୍ଧ୍ୟା ପରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ସହରର ୫୬ଟି କାଳୀ ଓ ଲକ୍ଷ୍ମୀ ନାରାୟଣ ପୂଜା ପାଉଥିବାବେଳେ ପ୍ରାୟ ସବୁ ମଣ୍ଡପ ସୁନ୍ଦର ଭାବେ ସାଜସଜା କରି ଲୋକଙ୍କ ମନ ମୋହୁଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ନାରାୟଣ ଛକ ପୂଜା ମଣ୍ଡପ। ଏଠାରେ ସୁଦୂର ପଶ୍ଚିମବଙ୍ଗରୁ ଶିଳ୍ପୀମାନେ ଆସି ମଣ୍ଡପର ସାଜସଜା କରିଛନ୍ତି। ଚଳିତ ବର୍ଷ ସଦାବ୍ରତ ମଠ, ନାରାୟଣ ଛକ, ଗରିଆପୁର, ଯୋଡିକୁଅ, ଭବାନୀଗଞ୍ଜ, କିଆନାଳିକୁଳ , ମାନସାପୋଲ ଆଦି ମଣ୍ଡପରେ ମେଲୋଡି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ହଜାର ହଜାର ଦର୍ଶକ ଉପଭୋଗ କରିଥିବାବେଳେ ପ୍ରତ୍ୟେକ ଦିନ ପ୍ରତ୍ୟେକ ମଣ୍ଡପରେ ପ୍ରସାଦ କରାଯାଇ ସ୍ଥାନୀୟ ଲୋକଙ୍କୁ ପରିବେଷଣ କରାଯାଉଛି।

## ଖେଳ ପଡ଼ିଆରେ କମ୍ୟୁନିଟି ସେଣ୍ଟର ନିର୍ମାଣକୁ ବିରୋଧ

ଦଶରଥପୁର,୩୧।୧୦(ଡି.ଏନ୍.ଏ.)

**କମାରସାହି ପ୍ରାଥମିକ ବିଦ୍ୟାଳୟ**

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ କମାରସାହି ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ୧୦୭୦ ଏବଂ ୧୦୭୧ ନଂ ଖାତାରେ ରକ୍ଷିତ ସର୍ବସାଧାରଣ ଜାଗା ଗ୍ରାମବାସୀଙ୍କ ଅନୁମତି କ୍ରମେ ବିଦ୍ୟାଳୟ ଖେଳପଡିଆ ଭାବେ ବ୍ୟବହୃତ ହେଉଥିଲା। ଏହି ବିଦ୍ୟାଳୟର ଖେଳପଡିଆ ନ ଥିବାରୁ ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ଉକ୍ତ ସରକାରୀ ଜାଗାକୁ ବିଦ୍ୟାଳୟର ଖେଳପଡ଼ିଆଭାବେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା। ହେଲେ କିଛି ମାସ ତଳେ ଏହି ପଞ୍ଚାୟତକୁ ଆମ ଗାଁ ଆମ ବିକାଶ ଯୋଜନାରେ କମ୍ୟୁନିଟି ସେଣ୍ଟର ନିର୍ମାଣ ବାବଦେ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏ ନେଇ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ଜେଇ ଅମିୟ କୁମାର ରାଉତ କମ୍ୟୁନିଟି ସେଣ୍ଟର ଗୃହ ନିର୍ମାଣ ଆରମ୍ଭ କରିଛନ୍ତି। ଗୃହ ନିର୍ମଣ ପାଇଁ ଉକ୍ତ ପଡ଼ିଆ ରାସ୍ତାରୁ ବେଆଇନ୍‌ଭାବେ ମାଟି ଉଠାଯିବା ଏବଂ ସରକାରୀ ଜାଗାରେ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା ନେଇ ଗ୍ରାମବାସୀ ଜିଲାପାଳ, ତହସିଲଦାର, ବିଡିଓ ଏବଂ ସ୍ଥାନୀୟ ଆରଆଇଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଉକ୍ତ ଜାଗା ଉପରେ ୧୪୪ ଧାରା ଜାରି କରାଯାଇଥିଲେ ମଧ ବର୍ତ୍ତମାନ କମ୍ୟୁନିଟି ଗୃହ ନିର୍ମାଣ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ସମ୍ପୃକ୍ତ ସ୍ଥାନରେ ୧୪୪ଧାରା ଜାରିକରାଯାଇଥିଲେ ମଧ ପୋଲିସ ଘଟଣାସ୍ଥଳକୁ ଥରୁଟିଏ ନ ଆସିବା ନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧିପାଇଛି। ଅପରପକ୍ଷେ କମ୍ୟୁନିଟି ସେଣ୍ଟର ନିର୍ମାଣଲାଗି ଗ୍ରାମର ବାସୁଦେବ ବେହେରା ନାମକ ଜଣେ ବ୍ୟକ୍ତି ହନୁମାନ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ପ୍ଲଟ ନମ୍ବର ୨୮୮୫ରେ ଏକ ଡିସିମିଲ ଜାଗା ସରକାରଙ୍କୁ ଦାନ କରିଛନ୍ତି। ମାତ୍ର ସେଠାରେ କମ୍ୟୁନିଟି ସେଣ୍ଟର କରା ନ ଯାଇ ଉଦ୍ଦେଶ୍ୟମୂଳକଭାବେ ବିଦ୍ୟାଳୟର ପିଲାମାନେ ଖେଳକୁଦ କରୁଥିବା ସରକାରୀ ଜାଗା ଉପରେ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଉଥିବା ଗ୍ରାମବାସୀ କହିଛି। ଏ ନେଇ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ, ଘଟଣା ବାବଦରେ ଅଭିଯୋଗ ଆସିଛି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛି। ମଙ୍ଗଳପୁର ଥାନା ଅଧିକାରୀ ଅସିତ୍ ରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ, ପୋଲିସ ଟିମ୍ ପଠାଇ ତଦନ୍ତ କରିବେ ବୋଲି କହିଛନ୍ତି। କମ୍ୟୁନିଟି ସେଣ୍ଟର ନିର୍ମାଣ କାମ ବନ୍ଦ ନ ହେଲେ ଆଗାମୀ ଦିନରେ ପରିସ୍ଥିତି ଭୟଙ୍କର ହେବ ବୋଲି ପାଲଟପୁର କମାରସାହି ଗ୍ରାମର ହୃଷୀକେଶ ବେହେରା, ଦେବେନ୍ଦ୍ର ବେହେରା ଏବଂ ଭଗତଚନ୍ଦ୍ର ବେହେରା କହିଛନ୍ତି।

# ଏସ୍‌ପିଙ୍କ ଚଢ଼ାଉ: ଆରଟିଓ କାର୍ଯ୍ୟାଳୟ ନିକଟରୁ ଦଲାଲ ଗିରଫ

ନୟାଗଡ଼ ଅଫିସ,୩୧।୧୦

ନୟାଗଡ଼ ଜିଲା ଆରଟିଓ କାର୍ଯ୍ୟାଳୟ ନିକଟରୁ ଗୁରୁବାର ଟାଉନ ପୋଲିସ ଜଣେ ଦଲାଲଙ୍କୁ ଗିରଫ କରିଛି। ଏସ୍‌ପି ଶଶିଭୂଷଣ ଶତପଥୀ ଘଟଣାସ୍ଥଳରେ ଚଢ଼ାଉ କରି ସମ୍ପୃକ୍ତ ଦଲାଲ୍‌ଙ୍କୁ ଧରିଥିଲେ। ଗିରଫ ଦଲାଲ୍ ଜଣଙ୍କ ହେଲେ ନୟାଗଡ଼ ସଦର ଥାନା ଜାମୁସାହି ଗ୍ରାମର ମୁରଲୀଧର ରାଉତ।

ପ୍ରକାଶ ଯେ, ମୁରଲୀ ବିଭିନ୍ନ ସମୟରେ ଲୋକମାନଙ୍କଠାରୁ ଗାଡ଼ିର ଡ୍ରାଇଭିଂ ଲାଇସେନ୍ସ କରାଇଦେବା ଓ ଗାଡ଼ିର ଅନ୍ୟାନ୍ୟ କାମ ଆରଟିଓ କାର୍ଯ୍ୟାଳୟରେ ତୁରନ୍ତ କରାଇ ଦେବା ପାଇଁ କହି ଧାର୍ଯ୍ୟ ମୂଲ୍ୟଠାରୁ ଅଧିକା ଟଙ୍କା ନିଅନ୍ତି। ଆରଟିଓ କାର୍ଯ୍ୟାଳୟରେ ରହିଲେ କାଳେ କେହି ସନ୍ଦେହ କରିବେ ସେଥିପାଇଁ ସେ ନିକଟସ୍ଥ ଏକ ଦୋକାନରେ ବସି ଥାଆନ୍ତି। ସେଠାରେ ଲୋକମାନଙ୍କ ସହିତ ଗାଡ଼ିର କାଗଜପତ୍ର କରାଇ ଦେବା ପାଇଁ ମୂଲଚାଲ କରନ୍ତି। ଯାହାର ଯାହା ଦରକାର ତାହାକୁ ଏକ ଖାତାରେ ରଖି ପରେ ଆରଟିଓ କାର୍ଯ୍ୟାଳୟକୁ ଯାଇ



ଏସ୍‌ପି ମୁରଲୀଙ୍କୁ ପଚରାଉଚରା କରୁଛନ୍ତି।

## ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ତୁରନ୍ତ ସମସ୍ତଙ୍କ କାଗଜପତ୍ର କରାଇ ଦିଅନ୍ତି। ଏ ନେଇ ଜଣେ ବ୍ୟକ୍ତି ଏସ୍‌ପିଙ୍କୁ ସୂଚନା ଦେଇଥିଲେ। ଏସ୍‌ପି ଶଶିଭୂଷଣ ଶତପଥୀ ଗୁରୁବାର ଅପରାହ୍ନରେ ସାଦା ପୋଷାକ ପିନ୍ଧି ଘଟଣାସ୍ଥଳକୁ ଯାଇ ତାଙ୍କର ଗାଡ଼ି କାଗଜପତ୍ର କରାଇ ଦେବା ପାଇଁ ମୁରଲୀଙ୍କୁ କହିଥିଲେ। ଏଥିନେଇ ମୁରଲୀ ଅତ୍ୟଧିକ ଟଙ୍କା ଦାବି କରିଥିଲେ। ଏହା ପରେ ଟାଉନ ପୋଲିସ ମୁରଲୀଙ୍କୁ ଗିରଫ କରିଥିଲା। ପୋଲିସ ମୁରଲୀଙ୍କଠାରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା , ବିଭିନ୍ନ କାଗଜପତ୍ର ଏବଂ ଏକ ବାଇକ୍‌କୁ ଜବତ କରିଥିଲା। ଏ ନେଇ ନୟାଗଡ଼ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ମୁରଲୀଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି। ଆରଟିଓ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ସହିତ ମୁରଲୀ ସମ୍ପର୍କ ରଖି ଏହିଭଳି କାରବାର କରୁଥିବା ନେଇ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ପୂର୍ବରୁ ଆରଟିଓ କାର୍ଯ୍ୟାଳୟରୁ ଜଣେ ଦଲାଲ, ଜିଲାପାଳଙ୍କ କାର୍ଯ୍ୟାଳୟରୁ ଜଣେ ମହିଳା ଦଲାଲ୍ ଓ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଦଲାଲ୍‌ଙ୍କୁ ପୋଲିସ ଗିରଫ କରିଥିଲା। ଆଗାମୀ ଦିନରେ ଏହିଭଳି ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରାଯାଇ ସରକାରୀ କାର୍ଯ୍ୟାଳୟକୁ ଦଲାଲ୍ ମୁକ୍ତ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ବରିଷ୍ଠ ନାଗରିକଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ

ନୟାଗଡ଼ ଅଫିସ,୩୧।୧୦

ମୋ ସରକାର ଉପରେ ଗୁରୁତ୍ୱ ଦେଇ ଡାକ୍ତରମାନେ ଯେପରି ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ସେ ନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଚିକିତ୍ସାଳୟରେ ଡାକ୍ତରଙ୍କୁ ରୋଗୀମାନଙ୍କୁ ଭଲ ବ୍ୟବହାର କରିବା ପାଇଁ କୁହାଯାଉଛି। ହେଲେ ଏହାର ବ୍ୟତିକ୍ରମ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ଜଣେ ବରିଷ୍ଠ ନାଗରିକଙ୍କୁ ଦୁଇ ଜଣ ଡାକ୍ତର ଦୁର୍ବ୍ୟବହାର କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହେଉଛି। ନୟାଗଡ଼ ଦେବୋତ୍ତର କଲୋନୀରେ ରହୁଥିବା କାହ୍ନୁ କରଙ୍କ ଅଭିଯୋଗ ଅନୁସାରେ ସେ ବୁଧବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଥିବା ଜଣେ ଡାକ୍ତରାଣୀଙ୍କୁ ତାଙ୍କ ଦେହ ଖରାପ ଥିବା ବିଷୟରେ କହିଥିଲେ। ପୁରୁଣା ପ୍ରେସକ୍ରିପସନ ନେଇ ନ ଥିବାରୁ ଡାକ୍ତରାଣୀ ଜଣଙ୍କ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଆଉ ଜଣେ ଡାକ୍ତର ମଧ୍ୟ ଡାକ୍ତରାଣୀଙ୍କ ସପକ୍ଷରେ ଯାଇ କାହ୍ନୁ କରଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏ ନେଇ କାହ୍ନୁ ମୋ ସରକାରଙ୍କ ନମ୍ବରକୁ ଫୋନ୍ କରି ଅଭିଯୋଗ କରିଥିଲେ। ଶେଷରେ ଥାନାରେ ଅଭିଯୋଗ ହେଲା ପରେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଏହାର ତଦନ୍ତ କରିଥିବା ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି। ଡାକ୍ତରଙ୍କ ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

## ସଂକ୍ଷେପରେ

### ୬ ସ୍ଥାନରେ ହେବ ଉପନିର୍ବାଚନ

#### ପ୍ରଥମ ଦିନରେ ଜଣେ ଦାଖଲ କଲେ ନାମାଙ୍କନ ପତ୍ର

**ନୟାଗଡ଼ ଅଫିସ,୩୧।୧୦**-ନୟାଗଡ଼ ଜିଲାର ୬ଟି ସ୍ଥାନରେ ହେବ ଉପନିର୍ବାଚନ । ଆସନ୍ତା ୨୭ ତାରିଖରେ ଜିଲାର ଗୋଟିଏ ସମିତି ସଭ୍ୟ ଓ ୫ଟି ୱାର୍ଡ଼ମେମ୍ବର ପଦବୀ ନିମନ୍ତେ ଉପନିର୍ବାଚନ ହେବ। ଗତ ୨୯ ତାରିଖରେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗୁରୁବାର ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିନରେ ମାତ୍ର ଜଣେ ସମିତି ସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରକାଶ ଯେ, ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତର ସମିତି ସଭ୍ୟ, ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର ୬ ନମ୍ବର ୱାର୍ଡ଼, ଧାନଚାଙ୍ଗଡ଼ା ପଞ୍ଚାୟତର ୭ ନମ୍ବର ୱାର୍ଡ଼, ଭଗବାନପୁରର ୨ ନମ୍ବର ୱାର୍ଡ଼ , ନୟାଗଡ଼ ବ୍ଲକ ଇଟାମାଟିର ୧୭ ନମ୍ବର ୱାର୍ଡ଼ ଓ ଓଡ଼ଗାଁ ବ୍ଲକ ଆରଡ଼ା ପଞ୍ଚାୟତର ୧୨ ନମ୍ବର ୱାର୍ଡ଼ର ୱାର୍ଡ଼ମେମ୍ବର ପଦବି ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଗୁରୁବାର ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିନ ହୋଇଥିବାବେଳେ ୨ ତାରଖ ଶେଷ ଦିନ ରହିଛି। ୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇ ୫ ତାରିଖରେ ପ୍ରାର୍ଥୀମାନଙ୍କ ନାମ ପ୍ରକାଶ ପାଇବ। ଏହା ପରେ ୭ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ ଏବଂ ଉକ୍ତ ଦିନ ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥିପତ୍ର ତାଲିକା ପ୍ରକାଶ ପାଇବ। ୨୭ ତାରିଖରେ ଭୋଟଗ୍ରହଣ କରାଯାଇ ୨୮ ତାରିଖରେ ଭୋଟ ଗଣତି କରାଯିବ। ୨୯ ତାରିଖରେ ବିଧିବଦ୍ଧଭାବେ ନିର୍ବାଚିତ ଜନପ୍ରତିନିଧିମାନଙ୍କ ନାମ ଘୋଷଣା କରାଯିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

### ଭାଗବତ ସପ୍ତାହ ମହାଯଜ୍ଞ

**ନୟାଗଡ଼ ଅଫିସ,୩୧।୧୦**-ଗତ ମଙ୍ଗଳବାର ଠାରୁ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବଡ଼ଗୋରଡ଼ା ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଅଷ୍ଟାଦଶ ବାର୍ଷିକ ଭାଗବତ ସପ୍ତାହ ଜ୍ଞାନ ମହାଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ବଡଗୋରଡ଼ା ଗ୍ରାମବାସୀଙ୍କ ପକ୍ଷରୁ ହୋଇଥିବା ଏହି ଭାଗବତ ସପ୍ତାହ ମହାଯଜ୍ଞ କାର୍ଯ୍ୟକ୍ରମରେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ପ୍ରବଚକମାନେ ଆସି ସନ୍ଧ୍ୟାରେ ପ୍ରବଚନ ଦେଉଛନ୍ତି । ସ୍ଥାନୀୟ ଅଞ୍ଚଳରୁ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି।

### ଦୁର୍ଘଟଣାରେ ୨ ଗୁରୁତର

**ପୁରୀ ଅଫିସ, ୩୧।୧୦**-ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ଼୍‌ରେ ବୁଧବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୋଣାର୍କ ଅଞ୍ଚଳର ଶିବ ବେହେରା(୨୫) ଓ ଜଗା ବେହେରା(୨୪)। ଉଭୟ ସମ୍ପର୍କୀୟ ଭାଇ ବୋଲି ଜଣାପଡ଼ିଛି। ଦୁହେଁ ଏକ ବାଇକରେ ପୁରୀ ଆସି କୋଣାର୍କ ଫେରୁଥିଲେ। ବାଲି କପିଳେଶ୍ୱରପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ବାଇକ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଯୁବକ ଦ୍ୱୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁହିଁଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ଚିକିତ୍ସାରେ ଅବହେଳାରୁ ଯକ୍ଷ୍ମାରୋଗୀଙ୍କ ମୃତ୍ୟୁ

ରଣପୁର,୩୧।୧୦(ସ୍ୱ.ପ୍ର.)

ଚିକିତ୍ସା ଅବହେଳାରୁ ନୟାଗଡ଼ ଜିଲା ଚାନ୍ଦପୁରସ୍ଥିତ ବସନ୍ତମଞ୍ଜରୀ ସ୍ୱାସ୍ଥ୍ୟ ନିବାସରେ ଜଣେ ଯକ୍ଷ୍ମାରେ ଆକ୍ରାନ୍ତ ରୋଗୀ ବୁଧବାର ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ନିକଟସ୍ଥ ଷଣ୍ଢପୁର ଗାଁର ଭୀମ ସ୍ୱାଇଁ (୫୩) । ଅନ୍ୟପକ୍ଷେ ମୃତ୍ୟୁ ପରେବି ଏଠାରେ ମହାପ୍ରୟାଣ ଗାଡି ଦିଆଯାଇ ନ ଥିଲା । ପ୍ରାୟ ୪ ଘଣ୍ଟା ପରେ ଗଞ୍ଜାମ ଜିଲାରୁ ଅଟୋ ଆସି ମୃତଦେହକୁ ନେଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣା ପରେ ସରକାରଙ୍କର ୫-ଟି ସେବା କେଉଁଥିପାଇଁ ବୋଲି ପ୍ରଶ୍ନ ଉଠିଛି । ଏ ଘଟଣା ଜଣା ପଡିବା ପରେ ଚାପି ଦେବା ପାଇଁ ପ୍ରୟାସ ଚାଲିଛି। ଘଟଣା ପ୍ରଚାରିତ ହେଲେ ସ୍ୱାସ୍ଥ୍ୟ ନିବାସର ଅନେକ ଗୁମର କଥା ପଦାରେ ପଡ଼ିବ ବୋଲି ଚର୍ଚ୍ଚା ହେଉଛି ।

ଅଭିଯୋଗ ଅନୁସାରେ, ଷଣ୍ଢପୁର ଗାଁର ଭୀମ ସ୍ୱାଇଁ ଜଣେ ଗରିବ ଲୋକ। ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେବାରୁ ପରିବାର ଲୋକେ ଏସିଆ ମହାଦେଶର ୨ୟ ସର୍ବ ବୃହତ୍ତମ ହସ୍ପିଟାଲ ନୟାଗଡ଼ ଜିଲାର ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସରେ ବୁଧବାର ପୂର୍ବାହ୍ନ ୧୦ଟାରେ ଭର୍ତ୍ତି କରିଥିଲେ । ପାଖରେ ରହିଥିଲେ ପତ୍ନୀ ବିଜୁଳି । ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ଦେଖିବାକୁ ମିଳି ନ ଥିଲା । ବିଜୁଳି ଡାକ୍ତର କେତେବେଳେ ଆସିବେ ବିଭିନ୍ନ ଲୋକଙ୍କୁ ପଚାରି ବୁଝୁଥିଲେ। ଦୀର୍ଘ ଦୁଇ ଘଣ୍ଟା ପରେ ଶ୍ୱାସକ୍ରିୟାରେ ଯନ୍ତ୍ରଣା ହେବାରୁ ଜଣେ ନର୍ସ ଆସି ଦେଖିଥିଲେ । କିଛି ସମୟ ପରେ ନର୍ସ ଆସି ଅକ୍ସିଜେନ ଲଗାଇଥିଲେ । ଗୋଟିଏ ଇଞ୍ଜେକଶନ ଦେଲେ । କହିଲେ ଅପେକ୍ଷା କର, ଅପରାହ୍ନରେ ଡାକ୍ତର ଆସିବେ । ହେଲେ ଡାକ୍ତର ଆସିଲେନି । ଡାକ୍ତର କାର୍ଯ୍ୟ ଦିବସରେ ହସ୍‌ପିଟାଲରେ ଡ୍ୟୁଟି ନ କରି ସରକାରୀ ବାସଭବନରେ ଦେଖୁଥିଲେ ରୋଗୀ । ସମୟ ପରେ ସମୟ ଗଡି ଚାଲିଲା । ନର୍ସଙ୍କ ଇଞ୍ଜେକଶନରେ ଅଟକି ଗଲା ରୋଗୀଙ୍କ ଚିକିତ୍ସା। ଶେଷରେ ଚିକିତ୍ସା ଅବହେଳାରୁ ଅପରାହ୍ନ ୧ଟାରେ ଭୀମ ସ୍ୱାଇଁ ପ୍ରାଣ ହରାଇଲେ । ଭୀମଙ୍କ ମୃତ୍ୟୁ ପରେ ବି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସହଯୋଗ ମିଳିନଥିଲା ବୋଲି ଅଭିଯୋଗ ହୋଇଛି। ମହାପ୍ରୟାଣ ଗାଡି ବି ଦିଆଗଲା ନାହିଁ । ଗ୍ରାମରୁ ଅଟୋ ଆସି ଭୀମଙ୍କ ମୃତଦେହ ନେଲା। ଏନେଇ ବିଜୁଳି ସ୍ୱାଇଁ କୁହନ୍ତି ଡାକ୍ତରଖାନାରେ ଆଡମିଶନ ଠାରୁ ମୃତ୍ୟୁ ପରେବି ମୋ ସ୍ୱାମୀଙ୍କୁ ଅବହେଳା କରାଗଲା। ଡାକ୍ତର ମୋ ସ୍ୱାମୀଙ୍କୁ ଦେଖିଲେନି । ଯଦି ନର୍ସ ଚିକିତ୍ସା କରିବେ ତେବେ ଡାକ୍ତର ରହି ଲାଭ କ'ଣ । ସରକାର ଏହାର ବିଚାର କରନ୍ତୁ ବୋଲି କାନ୍ଦି କାନ୍ଦି କହିଥିଲେ ବିଜୁଳି। ଏ ସମ୍ପର୍କରେ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସର ଡାକ୍ତର ପ୍ରଭାତ କୁମାର ସ୍ୱାଇଁ କୁହନ୍ତି ଗଞ୍ଜାମର ଭୀମ ସ୍ୱାଇଁ ଗୁରୁତର ଭାବେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଡାକ୍ତର ତାଙ୍କର ଠିକ୍ ସେବା କରିଛନ୍ତି। ଚିକିତ୍ସାରେ ଅବହେଳା କରାଯିବାର ପ୍ରଶ୍ନ ଉଠୁନି । ନୟାଗଡ଼ ସିଡିଏମଓ ଶ୍ୱେତ ମହାପାତ୍ର କୁହନ୍ତି ଜଣେ ଯକ୍ଷ୍ମାରୋଗୀଙ୍କ ମୃତ୍ୟୁ ସମ୍ପର୍କରେ ମୁଁ ଅବଗତ ଅଛି। ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା ପରେ ପଦକ୍ଷେପ ନେବି ବୋଲି କହିଛନ୍ତି।



ଅଟୋରେ ମୃତଦେହ ନିଆଯାଉଛି।

- ମୃତ୍ୟୁ ପରେ ବି ମିଳିଲାନି ମହାପ୍ରୟାଣ ଗାଡ଼ି
- ଚାନ୍ଦପୁର ହସ୍ପିଟାଲରେ ୫-ଟି ବାଟବଣା

# ଆଖିର ସୁରକ୍ଷା ପାଇଁ ନାଗ ଚତୁର୍ଥୀ ବ୍ରତ

ଖଣ୍ଡପଡ଼ା,୩୧।୧୦(ସ୍ୱ.ପ୍ର)

ସର୍ପପୂଜା ପରମ୍ପରା ବହୁ ପ୍ରାଚୀନ । ସର୍ପଙ୍କ ମଧ୍ୟରେ ନାଗ ହେଉଛନ୍ତି ଶିବଙ୍କ ଅଙ୍ଗ ଭୂଷଣ । ପୃଥିବୀକୁ ନାଗରାଜା ବାସୁକୀ ଧାରଣ କରିଛନ୍ତି ବୋଲି ପୁରାଣରେ ବର୍ଣ୍ଣିତ ଅଛି । ଉତ୍କଳୀୟ ପରମ୍ପରାରେ ମୁଖ୍ୟତଃ ଆଖିର ସୁରକ୍ଷା ପାଇଁ ନାଗ ପୂଜା ବା ନାଗ ଚତୁର୍ଥୀ ବ୍ରତ ପାଳନ କରାଯାଏ । ଓଡ଼ିଶାର ପୁରପଲ୍ଲୀରେ ଏହି ପୂଜା ପାରମ୍ପରିକ ରୀତିରେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ଗୁରୁବାର ଖଣ୍ଡପଡା, କଣ୍ଟିଲୋ, ଖଳିସାହି, କୋସକା, ମର୍ଦ୍ଦରାଜପୁର ଓ ଏହାର ଆଖପାଖ ପଥରଚକଡା, ବାଣପୁର, ଧାନଚେଙ୍ଗଡା, ବେଣାଗାଡିଆ, ସିଧାମୂଳା ଆଦି ଅଞ୍ଚଳରେ ପାରମ୍ପରିକ ରୀତିରେ ଏହି ବ୍ରତ ପାଳନ ହୋଇଯାଇଛି । ଏସବୁ ଅଞ୍ଚଳର ପ୍ରତ୍ୟେକ ଗୃହିଣୀମାନେ ଘରେ ଥିବା ତମ୍ବା, ପିତ୍ତଳ, ରୁପା ନିର୍ମିତ ବିଭିନ୍ନ ଧାତୁର ନାଗ, ନାଗୁଣୀଙ୍କୁ ସ୍ଥାପନ କରି ଗନ୍ଧପୁଷ୍ପ ଦେବା ସହ ହଳଦିଆ ବସ୍ତ୍ର ପରିଧାନ କରାଇଥିଲେ । ନାଗ ମୂର୍ତ୍ତିଙ୍କୁ ସିନ୍ଦୂର, କଜ୍ଜଳ ଲଗାଯାଇଥିଲା । ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ସମସ୍ତ ମହିଳା ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ନାଗ ନାଗୁଣୀଙ୍କୁ ସ୍ଥାପନ କରିଥିଲେ । ପରେ କଞ୍ଚା କ୍ଷୀର, ହଳଦୀ ଓ ପଇଡ ପାଣିରେ ଅର୍ଘ୍ୟ ପ୍ରଦାନ କରାଯାଇଥିଲା । ପୂଜା ନୀତି ସୂର୍ଯ୍ୟାସ୍ତ ପୂର୍ବରୁ ସମାପନ କରା ଯାଇଥିଲା । ପୂଜା ଶେଷରେ ହଳଦୀ ମିଶ୍ରିତ କଞ୍ଚା କ୍ଷୀରରେ ଏକ ଗେଣ୍ଡୁ ଫୁଲକୁ ଭିଜାଯାଇ ବ୍ରତ କରୁଥିବା ମହିଳା ଓ ସମସ୍ତ ପରିବାର ଲୋକେ ଆଖିରେ ଲେପ ମାରିଥିଲେ। ଏହାକୁ ଲେପଦେଲେ ଆଖିରେ କୌଣସି ରୋଗ ହୁଏ ନାହିଁ ଏବଂ ନାଗ ନାଗୁଣୀଙ୍କ ଆଖି ପରି ସୁସ୍ଥ ରହେ ବୋଲି ବ୍ରତଧାରିଣୀମାନେ ପ୍ରକାଶ କରିଥିଲେ।

ଏହି ବ୍ରତ ପଛରେ ଥିବା ଲୋକ କଥା ଅନୁଯାୟୀ ଜଣେ ସାଧବାଣୀଙ୍କ ସାନ ବୋହୂ ନାଗ ନାଗୁଣୀଙ୍କ ପୂଜା ପାଇଁ ଉଦ୍ଦିଷ୍ଟ ଥିବା ଭୋଗକୁ ଅଇଁଠା କରି ଦେବାରୁ ସେ ଅନ୍ଧ ହୋଇଯାଇଥିଲେ । ଏହାପରେ ପରିବାର ଲୋକେ ନାଗ ନାଗୁଣୀଙ୍କୁ ପ୍ରାର୍ଥନା କରିବା ପରେ ସେ ଦୃଷ୍ଟି ଶକ୍ତି ଫେରି ପାଇଥିଲେ । ନିଷ୍ଠାର ସହ ଏହି ବ୍ରତ କରିବାକୁ ନାଗ ନାଗୁଣୀ ନିର୍ଦ୍ଦେଶ ଦେଇ ଥିବାରୁ ସେବେଠାରୁ ମହିଳାମାନେ ପ୍ରତି ବର୍ଷ କାର୍ତ୍ତିକ ଶୁକ୍ଳ ପକ୍ଷ ଚତୁର୍ଥୀରେ ଏହି ବ୍ରତ ପାଳନ କରି ଆସୁଛନ୍ତି।



କଣ୍ଟିଲୋ ଅଞ୍ଚଳରେ ନାଗ ଚତୁର୍ଥୀ ପୂଜା କରାଯାଉଛି।

# ଟି-୨୦ କପ କ୍ରିକେଟ ଟୁର୍ନାମେଣ୍ଟ, ଖଳିସାହି ବିଜୟୀ

ଖଣ୍ଡପଡା,୩୧।୧୦(ସ୍ୱ.ପ୍ର.)

ମା' ବାହାଡାଗୁଣୀ ସ୍ପୋର୍ଟିସ କ୍ଲବ ଆନୁକୂଲ୍ୟରେ ଗୁରୁବାର ଟି-୨୦କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚରେ ମହାବୀର ସ୍ପୋର୍ଟିସ କ୍ରିକେଟ କ୍ଲବ ଖଳିସାହି ୫ଉଇକେଟରେ ଇଲେଭେନ ଷ୍ଟାର ଶାଳଝରିଆକୁ ହରାଇ କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ଇଲେଭେନ ଷ୍ଟାର ଶାଳଝରିଆ କ୍ଲବ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୮୮ ରନ ସଂଗ୍ରହ କରିଥିଲା । ଜବାବରେ ମହାବୀର ସ୍ପୋର୍ଟିସ କ୍ଲବ ୯ ଓଭରରେ ୫ ଉଇକେଟ ହରାଇ ନିର୍ଦ୍ଧାରିତ ୮୯ ରନରେ ବିଜୟୀ ହୋଇଥିଲା । ବିଜୟୀ ଦଳ ପକ୍ଷରୁ ସୁଶୀଲ ସାହୁ ଶ୍ରେଷ୍ଠ ଖେଳାଳୀ ଭାବେ ବିବେଚିତ ହୋଇଥିଲେ।

# ପାଣ୍ଡେରିପଡ଼ା ଅଙ୍ଗନୱାଡି କେନ୍ଦ୍ର ୧ରେ ଅନିୟମିତତା ଅଭିଯୋଗ

**ଓଡ଼ଗାଁ,୩୧।୧୦(ସ୍ୱ.ପ୍ର.)**– ଓଡ଼ଗାଁ ବ୍ଲକ ଓ ପାଣ୍ଡେରିପଡା ପଞ୍ଚାୟତ ଅଧୀନ ପାଣ୍ଡେରିପଡା ଗ୍ରାମରେ ଚାଲୁଥିବା ଦୁଇଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧ ନମ୍ବର କେନ୍ଦ୍ରରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଭାବକ ତଥା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଙ୍ଗନୱାଡି କର୍ମୀ ନିୟମିତ ଭାବେ କେନ୍ଦ୍ରକୁ ଆସୁ ନ ଥିବା ବେଳେ ମନଇଚ୍ଛା ଛୁଟିକରି ଘରେ ରହିଯାଉଛନ୍ତି। ଏସବୁ କାରଣରୁ ପିଲାମାନେ ନିୟମିତ ଅଙ୍ଗନୱାଡି କେନ୍ଦ୍ର ଆସୁ ନ ଥିବାବେଳେ ସେମାନଙ୍କ ଉପସ୍ଥାନ ୫ ଜାଗାରେ ପୂର୍ଣ୍ଣ ଉପସ୍ଥାନ ପକାଉଛନ୍ତି । ଏନେଇ ଗ୍ରାମବାସୀ ଓଡ଼ଗାଁ ବ୍ଲକ ସିଡିପିଓଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଜଣାଇଛନ୍ତି । ଏପରିସ୍ଥଳେ ୨୫ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ତଥା ଅଭିଭାବକ ଏ ସମ୍ପର୍କରେ ଜିଲାପାଳ, ୫-ଟି ସଚିବ ତଥା ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ଜଣାଯାଇଛି । ସିଡିପିଓଙ୍କ ଏଠାରୁ ବଦଳି ହୋଇଯାଇଥିବା ବେଳେ ଅଭିଯୋଗ ସମ୍ପର୍କରେ ଅଙ୍ଗନୱାଡି ସୁପରଭାଇଜରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ସଂପୃକ୍ତ କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ଅଭିଭାବକଙ୍କ ଅଭିଯୋଗରେ କେତେକ ସତ୍ୟତା ଥିବା ସେ ଅନୁଭବ କରିଥିବା ପ୍ରକାଶ କରିଛନ୍ତି । ସେ ଏନେଇ ସମ୍ପୃକ୍ତ କର୍ମୀଙ୍କୁ ତାଗିଦ୍ କରିବା ସହିତ ସମସ୍ତ ତଥ୍ୟ ଜିଲା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଜିଲା ସମାଜ ମଙ୍ଗଳ ଅଧିକାରୀ ଭୋଳେଶ୍ୱର କହଁରଙ୍କୁ ପଚରିବାରୁ ସୁପରଭାଇଜରଙ୍କଠାରୁ ରିପୋର୍ଟ ପାଇବାପରେ ସେ ନିଜେ ସଂପୃକ୍ତ କେନ୍ଦ୍ର ପରିଦର୍ଶନ କରିବା ସହିତ ଅଭିଭାବକଙ୍କ ମତାମତ ସଂଗ୍ରହ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

- ବିଚାରପତିଙ୍କ ଘର ସମ୍ମୁଖରୁ ଚୋରି

# ଚୋରି ସମୟରେ ଅଭିଯୋଗ ଶୁଣି ଆସିଲାନି ପୋଲିସ

ରଣପୁର,୩୧।୧୦(ସ୍ୱ.ପ୍ର.)

## ଘରେ ପଶି ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟ୍

ନୟାଗଡ଼ ଜିଲା ରଣପୁର ବ୍ଲକ କାର୍ଯ୍ୟାଳୟ ରାସ୍ତାର ବିଚାରପତିଙ୍କ ସରକାରୀ ବାସଭବନ ସମ୍ମୁଖସ୍ଥ ରାଜ କିଶୋର ଦାଶଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ୨୫୦ ଗ୍ରାମ ସୁନା ଅଳଙ୍କାର ଓ ୪୫ ହଜାର ଟଙ୍କା ଚୋରି କରି ନେଇଛନ୍ତି। ପ୍ରାୟ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଚୋରମାନେ ବୁଧବାର ରାତିରେ ରାଜକିଶୋରଙ୍କ ବାରିପଟ ଝରକାର ଗ୍ରିଲ ଭାଙ୍ଗି ଘରେ ପଶିଥିଲେ। ରାଜକିଶୋର ଓ ତାଙ୍କ ସ୍ତ୍ରୀ ଗାଁକୁ ଯାଇଥିବାବେଳେ ଘରେ ବଡପୁଅ ତଥା ଶିକ୍ଷକ ଚିତ୍ତରଞ୍ଜନ, ବୋହୂ ଓ ନାତୁଣୀ ଥିଲେ । ଚୋରମାନେ ରାଜକିଶୋରଙ୍କ ଶୋଇବା ଘରେ ପଶି ଗଡରେଜ ଆଲମିରା ଭାଙ୍ଗି ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ। ପରେ ଅନ୍ୟ ଏକ ବଖରାରେ ପଶି ଚୋରି କରିଥିଲେ। ସେମାନେ ଚୋରି କରୁଥିବାବେଳେ ପୁଅ ବୋହୂ ଉଠି ଏହା ଜାଣି ପାରିଥିଲେ। ତେବେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ସବୁ ଜାଣି ଚୁପ ରହି ବାହାରକୁ ଆସି ନଥିଲେ। କିନ୍ତୁ ରଣପୁର ଥାନାକୁ ଫୋନ କରି ଚୋରି ବିଷୟରେ ଜଣାଇଥିଲେ । ଘରଠାରୁ ଥାନା ପ୍ରାୟ ଦେଢ଼ କିମି ଦୂର ହୋଇଥିଲେ ମଧ୍ୟ ପୋଲିସ ଆସି ନ ଥିଲା । ପୋଲିସ ଠାରୁ ନିରାଶ ହେବା ପରେ ୬କିମି ଦୂର କଙ୍କିଆରେ ରହୁଥିବା ସାନ ଭାଇ ମନୋରଞ୍ଜନଙ୍କୁ ଜଣାଇଥିଲେ । ଖବର ପାଇ ମନୋରଞ୍ଜନ ତୁରନ୍ତ ପହଞ୍ଚିଥିଲେ । ହେଲେ ସେତେବେଳକୁ ଚୋରମାନେ ଚାଲି ଯାଇଥିଲେ । ସାନ ଭାଇ ଆସି ରାତିରେ ରଣପୁର ଥାନାରେ ପହଞ୍ଚି କବାଟ ବାଡେଇ ଥିଲେ । ହେଲେ କେହି ଥାନାର କବାଟ ଖୋଲି ନ ଥିଲେ। ସକାଳେ ଆସି ସେ ଅଭିଯୋଗ କରିଥିଲେ । ହେଲେ ପୋଲିସ ତଦନ୍ତ ପାଇଁ ବି ଗଲା ନାହିଁ । ଶେଷରେ ଜଣେ ବିଜେଡି ନେତାଙ୍କ ଚାପରେ ପୋଲିସ ତଦନ୍ତ କଲା । ନଂ.୧୩୨/୧୯ରେ ମାମଲା ରୁଜୁ କଲା । ଅପରାହ୍ନ ୫ଟାରେ ସାଇଁଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ଆସି ଅନୁସନ୍ଧାନ କରି ଫେରିଯାଇଛି ।



ଚୋରି ପରେ ଏଣେ ତେଣେ ପଡ଼ିଥିବା ଜିନିଷପତ୍ର।

### ଆଇଆଇସିଙ୍କ ବଦଳି ଦାବି

ଏହି ଚୋରି ଘଟଣା ପୋଲିସର ଅସଲ ମୁଖା ଖୋଲି ଦେଇଛି । ଚୋରି ସମୟରେ ଫୋନ କଲେ ଯାଉଛୁ କହି ପୋଲିସ ନଆସିବା, ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରି ତଦନ୍ତ ନ କରିବା ଘଟଣା ପୋଲିସକୁ ବଦନାମ କରିଛି । ପୁଣି ନେତାଙ୍କ ଚାପରେ ମାମଲା ରୁଜୁ ହେବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳିସ୍ଥଳେ ରଣପୁରରେ ଥାନା ରହିବାର ଆବଶ୍ୟକତା ନ ଥିବା ସାଧାରଣରେ କୁହାଯାଉଛି। ରଣପୁର ଅଞ୍ଚଳର ଲୋକମାନେ ଥାନା ଆଇଆଇସିଙ୍କ ସମେତ କର୍ମଚାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ଆଇଆଇସିଙ୍କ ବଦଳି ଦାବି କରିଛନ୍ତି।

### ୧ମାସରେ ୫ଟି ଚୋରି

ରଣପୁର ଥାନାରେ ଗତ ୧ମାସ ମଧ୍ୟରେ ୫ଟି ଚୋରି ହୋଇଛି । ଆରଡାର ମଦନମୋହନ ମହାପାତ୍ରଙ୍କ ଘରୁ ଓ ନରସିଂହପୁରର ସନାତନ ନାୟକଙ୍କ ଘରୁ ଚୋରି ହୋଇଥିବାବେଳେ ପୋଲିସ ଏ ଯାଏଁ ଟେର ପାଇନି । ସେହିଭଳି ଥାନା ଠାରୁ ୨୦୦ ମିଟର ଦୂର ବିଜୟ ବେହେରା ଘରୁ ଓ ଅନ୍ୟ ୨ଟି ଚୋରି ଘଟଣା ଶୀତଳଭଣ୍ଡାରରେ ପଡିରହିଛି । ରଣପୁର ସହରରେ ପୋଲିସର ପାଟ୍ରୋଲିଂ ହେଉ ନ ଥିବା ଅଭିଯୋଗ ହେଉଛି।

# ଚନ୍ଦନପୁର ବଜାରରେ ଜୁଆ ଆଡ୍ଡାର ଭିଡିଓ ଭାଇରାଲ

## 'ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ'

ପୁରୀ ଅଫିସ, ୩୧।୧୦

ଚନ୍ଦନପୁର ବଜାରରେ ଚାଲିଛି ଜୁଆ ଆଡ୍ଡା। ଥାନାଠାରୁ ମାତ୍ର ୫୦ମିଟର ଦୂରରେ ଜୁଆଆଡ୍ଡା ଚାଲିଥିଲେ ବି ପୋଲିସ ଚୁପ୍ ବସିଛି। ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭିଡିଓରେ ଏକାଧିକ ବ୍ୟକ୍ତି ନଗଦ ଲକ୍ଷ ଲକ୍ଷ ଟଙ୍କା ଧରି ଜୁଆ ଖେଳୁଥିବା ଦେଖିବାକୁ ମିଳିଛି। ମାସିକ ମୋଟା ଅଙ୍କର ବଟି ନେଇ ଚନ୍ଦନପୁର ପୋଲିସ ଜାଣିଶୁଣି ନୀରବ ରହୁଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ତେବେ ଜୁଆଆଡ୍ଡା ଚାଲିଥିବା ଅଭିଯୋଗକୁ ଥାନାଧିକାରୀ ବାମଦେବ ନନ୍ଦ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷେ ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା କହିଛନ୍ତି, ଉକ୍ତ ଭିଡିଓ ଭାଇରାଲ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ଏହି ଘଟଣାର ତଦନ୍ତ କରାଯିବ। ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ବଙ୍ଗଡଦୁଆ ଘାଟିରେ ଦୁର୍ଘଟଣା, ଜଣେ ମୃତ

**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୩୧।୧୦(ଡି.ଏନ୍.ଏ.):** ବଙ୍ଗଡଦୁଆ ଘାଟିରେ ସୋମବାର ଅପରାହ୍ଣରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିଲା। ବୁଧବାର ସନ୍ଧ୍ୟାରେ ସେମାନଙ୍କ ମଧ୍ୟରୁ ଧର୍ମେନ୍ଦ୍ର ମଲ୍ଲିକ ଓ ରାମଚନ୍ଦ୍ର ଉଠାଣସିଂଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ପୂର୍ତ୍ତବିଭାଗର ଅବହେଳେ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଲଟାବୁଦା ରାସ୍ତା ଉପରକୁ ମାଡି ଆସିଛି। ଫଳରେ ବୁଲାଣିରେ ରାସ୍ତା ଦେଖାଯାଉନାହିଁ। ଏନେଇ ବ୍ରାହ୍ମଣୀଗାଁ ପୂର୍ତ୍ତବିଭାଗ ଯନ୍ତ୍ରୀ ଜୟନ୍ତ କୁମାର ପତିଙ୍କୁ ପଚାରିବାରୁ, ବର୍ତ୍ତମାନ ବୁଦା ସଫା କରିବା ଓ ବ୍ରାହ୍ମଣୀଗାଁରୁ ଦାରିଙ୍ଗବାଡି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ମାସେ ମଧ୍ୟରେ କାମ ଆରମ୍ଭ ହେବ।

### ମହୁଲି ମଦ ଜବତ, ମହିଳା ଗିରଫ

**ଜି.ଉଦୟଗିରି,୩୧।୧୦(ଡି.ଏନ.ଏ.):** ଜି.ଉଦୟଗିରି ପୋଲିସ ବୁଧବାର ଜଡ଼ାଙ୍ଗବାଲିରେ ଥିବା ଏକ ଜଙ୍ଗଲ ଘର ପଛପଟୁ ୧୦ ଲିଟର ମହୁଲି ମଦ ଜବତ କରିଛି। ମଦ ରଖିଥିବା ଯୋଗୁ ଜଣେ ମହିଳାଙ୍କୁ ଗିରଫ କରିଛି। ପୋଲିସ ନଂ ୧୧୮/୧୯ରେ ମକଦ୍ଦମା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଜି.ଉଦୟଗିରି ପୋଲିସ ଏସ୍ଆଇ କୌଶଲ୍ୟା ବେହେରା କହିଛନ୍ତି।

### ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୟନ୍ତୀ

**ଦଶପଲ୍ଲା,୩୧।୧୦(ଡି.ଏନ୍.ଏ.)-** ନିଖିଳ ଉତ୍କଳ କୁର୍ମି କ୍ଷତ୍ରୀୟ ସଂସ୍ଥାନ ଦଶପଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଭୋଗରାସ୍ଥିତ ସଭାଗୃହଠାରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ୧୪୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଞ୍ଚଳ ସଭାପତି ପ୍ରମୋଦ ପ୍ରଧାନଙ୍କ ଅଧକ୍ଷତାରେ କୁଳାଧିକାରୀ ଅର୍ଜୁନ ପ୍ରଧାନ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉପସଭାପତି ମାଟିଆ ପ୍ରଧାନ, ସମ୍ପାଦକ ସାଧୁଚରଣ ପ୍ରଧାନ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଦେଶ କମିଟି ସଦସ୍ୟ ଗୋବିନ୍ଦ ପ୍ରଧାନ, ସୁଧୀର ଦଳବେହେରା, ଗ୍ରାମ ସଭାପତି ବସନ୍ତ ଦଳବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସର୍ଦ୍ଦାରଙ୍କୁ ଅଖଣ୍ଡ ଭାରତ ଗଠନର ଅଗ୍ରଗଣ୍ୟ ସାରଥି ଭାବେ ଅଭିହିତ କରିଥିଲେ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ଜି.ଉଦୟଗିରି,୩୧।୧୦(ଡି.ଏନ.ଏ.):** ଜି.ଉଦୟଗିରି ହବାକ୍ ହାଇସ୍କୁଲରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ରାଷ୍ଟ୍ରୀୟ ଏକତା ଦିବସରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିଚାରଣ କରାଯିବା ସହ ରାଷ୍ଟ୍ରୀୟ ଏକତା ଦିବସ ଉପରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରମାନେ ସହର ପରିକ୍ରମା କରି ରାଷ୍ଟ୍ରୀୟ ଏକତା ଦିବସର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇଥିଲେ।

## ■ ସରକାରୀ ଜମି ହାତେଇବାକୁ ପ୍ରୟାସ

# ଜିଲାପାଳଙ୍କ ନିକଟରେ ଅଭିଯୋଗ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କରଡ଼ାବଣି ଗ୍ରାମବାସୀ।

**ନୟାଗଡ଼ ଅଫିସ,୩୧।୧୦**

ନୟାଗଡ଼ ବ୍ଲକ ମୁଥାଗାଡ଼ିଆ ପଞ୍ଚାୟତ କରଡ଼ାବଣି ଗ୍ରାମର କିଛି ସରକାରୀ ଜମିକୁ ଥିଲା ବାଲା ଲୋକ ନିଜ ନାମରେ କରାଇବା ପାଇଁ ପ୍ରୟାସ କରିଥିବା ନେଇ ଗ୍ରାମର କେତେକ ଲୋକ ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କରଡ଼ାବଣି ଗ୍ରାମର ଲୋକମାନଙ୍କ ଅଭିଯୋଗ ଅନୁସାରେ, କରଡ଼ାବଣି ପଶ୍ଚିମ ଦିଗରେ ଥିବା ପ୍ଲଟ ନମ୍ବର ୪୯୨।୧୦୭୪ ବସ୍ତି ଯୋଗ୍ୟ ପଡ଼ିଆ ଜାଗାକୁ ଗାମର କିଛି ଲୋକ ସେମାନଙ୍କ ସଦସ୍ୟଙ୍କୁ ଭୂମିହୀନ ଦେଖାଇ ତହସିଲ କାର୍ଯ୍ୟାଳୟରେ ସେମାନଙ୍କ ନାମରେ କରିବା ପାଇଁ ପ୍ରୟାସ କରିଛନ୍ତି। ଯାହାକି ଗ୍ରାମର ଅନ୍ୟମାନଙ୍କୁ କ୍ଷତି ପହଞ୍ଚାଇବ। ତେଣୁ ଉକ୍ତ ଜାଗାକୁ କୌଣସି ବ୍ୟକ୍ତିଙ୍କ ନାମରେ ନ କରାଇବା ପାଇଁ କରଡ଼ାବଣି ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପ୍ରମୋଦ ନାହାକଙ୍କ ସମତେ ଏକାଧିକ ବ୍ୟକ୍ତି ଗୁରୁବାର ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ।

## ପକ୍କା ଘର ପାଇଁ ଗୁହାରି



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଜଗନ୍ନାଥଙ୍କ ପରିବାର।

**ନୟାଗଡ଼ ଅଫିସ,୩୧।୧୦**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇଦେବା ପାଇଁ ଏକ ପରିବାର ଗୁରୁବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଓଡ଼ଗାଁ ବ୍ଲକ ପନ୍ତୀଖାରୀ ଶାସନ ଗ୍ରାମର ଜଗନ୍ନାଥ ବେହେରାଙ୍କ ପରିବାର ଗୁରୁବାର ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। ଜିଲାପାଳ ନ ଥିବାରୁ ଅଭିଯୋଗ ବାକ୍ସରେ ଅଭିଯୋଗ ପତ୍ର ପକାଇ ଦେଇ ଯାଇଛନ୍ତି। ଜଗନ୍ନାଥଙ୍କ ଅଭିଯୋଗ ଅନୁଯାୟୀ, ସେ ଦିବ୍ୟାଙ୍ଗ ହୋଇଥିବା ବେଳେ ତାଙ୍କ ପରିବାର ଏକ କଚା ଘରେ ରହି ଆସୁଥିଲେ। ହେଲେ ୨ ବର୍ଷ ତଳେ ହୋଇଥିବା ବାତ୍ୟାରେ ତାଙ୍କ ଘରଟି ଭାଙ୍ଗି ଯାଇଛି। ବର୍ତ୍ତମାନ ସେ ଏକ କୁଡ଼ିଆ ଘରେ ରହୁଛନ୍ତି। ଦିବ୍ୟାଙ୍ଗ ହୋଇଥିବା ହେତୁ ସେ କୌଣସି କାର୍ଯ୍ୟ କରୁ ପାରିନାହାନ୍ତି। ଫଳରେ ଉକ୍ତ କୁଡ଼ିଆ ଘରେ ଜଗନ୍ନାଥ, ସ୍ତ୍ରୀ, ମାଆ ଓ ପୁଅଙ୍କୁ ଧରି ରହୁଛନ୍ତି। ନିଜର ଏକ ପକ୍କା ଘରଟିଏ ପାଇଁ ସେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ପଦ୍ମାବତୀ କଲେଜରେ ରାଷ୍ଟ୍ରୀୟ ଏକତା ଦିବସ

**ଖଣ୍ଡପଡ଼ା/ଭାପୁର, ୩୧।୧୦ (ସ୍ୱ.ପ୍ର/ଡି.ଏନ.ଏ.)**



ଛାତ୍ରୀଛାତ୍ରମାନେ ଶପଥ ପାଠ କରୁଛନ୍ତି।

ଭାପୁର ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ କିଶୋର ଚନ୍ଦ୍ର ସାମନ୍ତରାୟ ଅଧକ୍ଷତା କରି ରାଷ୍ଟ୍ରୀୟ ଏକତାର ପ୍ରତୀକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶ ସମ୍ପର୍କରେ ଆଲୋକପାତ କରି ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣୀତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ରେଡକ୍ରସ କାଉନସିଲର ଫକୀର ମୋହନ ସ୍ୱାଇଁ, ବରିଷ୍ଠ ଅଧାପକ ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ରଷ୍ଟ୍ରୀୟ ଏକତା ବଜାୟ ରଖିବା ପାଇଁ ଶପଥ ପାଠ କରାଇଥିଲେ । ପରବର୍ତ୍ତୀ ସମୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ମିନି ମାରାଥନ କରାଯିବା ସହିତ କଲେଜ ପରିସରକୁ ସଫେଇ କରାଯାଇଥିଲା । ଜାତୀୟ ସେବା ସଂସ୍ଥା କାର୍ଯ୍ୟକ୍ରମ ଅଧିକାରିଣୀ କୃଷ୍ଣପ୍ରିୟା ମହାନ୍ତି ଓ ଅଧାପକ ବିନୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ହୋଇଥିଲା ।

## ■ ଷାଣ୍ମାସିକ ପରୀକ୍ଷା ଆଜି

# ପହଞ୍ଚିଲାନି ଆବଶ୍ୟକ ପ୍ରଶ୍ନପତ୍ର

**ନୂଆଗାଁ,୩୧।୧୦(ଡି.ଏନ.ଏ.)**



ଖୋଲାରେ ଥିବା ପ୍ରଶ୍ନପତ୍ର ଶିକ୍ଷକମାନେ ନେଉଛନ୍ତି।

ସ୍କୁଲଗୁଡିକରେ ଶୁକ୍ରବାରଠାରୁ ଷାଣ୍ମାସିକ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ଅଦ୍ୟାବଧି ନୟାଗଡ ଜିଲା ନୂଆଗାଁ ବ୍ଲକର ସ୍କୁଲଗୁଡିକରେ ଆବଶ୍ୟକ ପରିମାଣର ପ୍ରଶ୍ନପତ୍ର ପହଞ୍ଚି ପାରି ନାହିଁ । ଯାହାକୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡିଶା ଶିକ୍ଷା ବିଭାଗ ଦ୍ୱାରା ଶୁକ୍ରବାରଠାରୁ ୬ତାରିଖ ଯାଏ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କର ଷାଣ୍ମାସିକ ପରୀକ୍ଷା କରାଯିବା ସହ ସେଥିପାଇଁ ଆବଶ୍ୟକ ପ୍ରଶ୍ନପତ୍ର ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ନୂଆଗାଁ ବ୍ଲକରେ ୧୫୭ ଗୋଟି ସ୍କୁଲରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ପ୍ରଶ୍ନପତ୍ର ବିଷୟରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡା କୁହନ୍ତି ପ୍ରଶ୍ନପତ୍ର କମ ଥିବାରୁ ଆମେ ସମସ୍ତଙ୍କୁ ବାଣ୍ଟିକି ଦେଇଛୁ । ଯେଉଁଠାରେ ପ୍ରଶ୍ନପତ୍ର ନିଅଣ୍ଟ ପଡିବ ସେଠାରେ ଶିକ୍ଷକମାନେ ଜେରକ୍ସ କରିଦେବେ।

## ଗୁମୁଡୁମାହାବାସୀଙ୍କ ରାସ୍ତାରୋକୋ ଚେତାବନୀ

**ଫୁଲବାଣୀ ଅଫିସ,୩୧।୧୦**

**ଗୁଳିକାଣ୍ଡ ଘଟଣାର ୩ ବର୍ଷ ପରେ ବି ପ୍ରତିଶ୍ରୁତି ପୂରଣ ହେଲାନି**

ଗୁମୁଡୁମାହା ଗୁଳିକାଣ୍ଡ ଘଟଣାକୁ ୩ ବର୍ଷ ପୂରିଛି। ୨୦୧୬ ଜୁଲାଇ ୮ତାରିଖରେ ମାଓବାଦୀ ସନ୍ଦେହରେ ପୋଲିସ ଗୁଳିରେ ୫ ନିରୀହ ଆଦିବାସୀଙ୍କ ଜୀବନ ଚାଲିଯିବା ସହ ୭ଜଣ ଆହତ ହୋଇଥିଲେ। ରାଜ୍ୟ ସରକାର ବିଚାର ବିଭାଗୀୟ କମିଶନ ବସାଇଥିଲେ। ମୃତ ବ୍ୟକ୍ତିମାନଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ଓ ଆହତମାନଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବା ବେଳେ ଉକ୍ତ ଗ୍ରାମର ରାସ୍ତା, ବିଦ୍ୟୁତ, ପାନୀୟ ଜଳ ସମସ୍ୟା ସମାଧାନ ସହ ଟେଲିଫୋନ ଟାୱାର ଏବଂ ଏଏନ୍ଏମ କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ତେବେ ୩ ବର୍ଷ ପରେ ମିଳିଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହା ପ୍ରତିବାଦରେ ବୁଧବାର ଗୁମୁଡୁମାହା ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମର ସତ୍ୟଭାମା ନାୟକ, କାର୍ତ୍ତିକ ବେହେରା, ବ୍ରଜ ମଲିକ, ନିରଞ୍ଜନ ବେହେରା, ବନମାଳୀ ମଲିକ, ଦିଲି ମଲିକ, ବୁଲୁ ଦିଗାଲ, କେଶବ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ମୌଳିକ ସମସ୍ୟା ସମାଧାନ କରାଯିବ। ରାସ୍ତା, ପାଣି, ବିଦ୍ୟୁତ୍ ଆଦି ସୁବିଧା କରାଯିବା ନେଇ ପ୍ରଶାସନ ପକ୍ଷରୁ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି।

## ଦଶପଲ୍ଲାରେ ଭୀମ ଭୋଇ ସାମର୍ଥ୍ୟ ଶିବିର



ସାମର୍ଥ୍ୟ ଶିବିରରେ ଯୋଗ ଦେଇଥିବା ଦିବ୍ୟାଙ୍ଗ ଓ ସେମାନଙ୍କ ସମ୍ପର୍କୀୟମାନେ।

**ଦଶପଲ୍ଲା,୩୧।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଦଶପଲ୍ଲା ରାଧାମୋହନ ଜୀଉ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଦୃଷ୍ଟିବାଧିତ, ଶ୍ରବଣବାଧିତ, ଚଳନ ଶକ୍ତିରହିତ, ଗଳା-ନାଶା-କର୍ଣ୍ଣ ବିଭାଗ, ମାନସିକ ବିକାରଗ୍ରସ୍ତ, ଅସ୍ଥିଶଲ୍ୟ ବିଭାଗର ରୋଗୀମାନଙ୍କର ପଞ୍ଜୀକରଣ କରାଯାଇ ସେମାନଙ୍କୁ ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ରୋଗ ନିରୂପଣ କରାଯାଇଥିଲା। ସମସ୍ତ ବିଭାଗକୁ ମିଶାଇ ମୋଟ ୭୭୦ ଜଣ ରୋଗୀ ସେମାନଙ୍କ ଦିବ୍ୟାଙ୍ଗର ପ୍ରତିଶତ ସମ୍ପର୍କରେ ଜାଣିବା ସହ ଡାକ୍ତରଙ୍କ ସହ ଅନ୍ୟାନ୍ୟ ପରାମର୍ଶ ମଧ୍ୟ କରିଥିଲେ। ଏହି ଶିବିରରେ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ତହସିଲଦାର ପ୍ରମୋଦ କୁମାର ଦଳବେହେରା, ବିଇଓ ପ୍ରଦୀପ୍ତ କୁମାର ବେହେରା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ରନାଥ ଖୁଣ୍ଟିଆ, ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସାହୁ, ବିଡ଼ିଓ ଦେବୀପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରୀୟରଞ୍ଜନ ସାହୁ ପରିଚାଳନା କରିଥିଲେ।

## ଭିଆଇପି ରୋଡ଼ରେ ରାସ୍ତା ଦବିଲା

**ପୁରୀ ଅଫିସ, ୩୧।୧୦**

ପୁରୀ ଭିଆଇପି ରୋଡ଼ ସଦର ଥାନା ସମ୍ମୁଖ ଟ୍ରାଫିକ ପୋଷ୍ଟ ନିକଟରେ ରାସ୍ତା ଦବିଯାଇଛି। ୩ ଫୁଟ ଲମ୍ବ ଏବଂ ଅଢେଇ ଫୁଟ ଚଉଡ଼ାରେ ପ୍ରାୟ ଫୁଟେ ରାସ୍ତା ଦବିଛି। ପିକେଡିଏ ଛକଠାରୁ ସୁଭାଷ ବୋଷ ଛକ ଆଡକୁ ଯିବାବେଳେ ସଦର ଥାନା ସମ୍ମୁଖ ବାମ ପାର୍ଶ୍ୱରେ ରାସ୍ତା ଦବି ଯାଇଥିବାବେଳେ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ବ୍ୟାରିକେଡ ଘେରାଇ ଦିଆଯାଇଛି। ତେବେ ଏହି ଗୋଟିଏ ସ୍ଥାନରେ ନୁହେଁ ଅନେକ ସମୟରେ ସହରର ବିଭିନ୍ନ ସ୍ଥାନରେ ରାସ୍ତା ଦବୁଥିବା ଦେଖିବାକୁ ମିଳୁଛି। ସହରର ଅନେକ ରାସ୍ତା ତଳେ ମ୍ୟାନହୋଲ ରହିଛି। ବିଭିନ୍ନ ସମୟରେ ମ୍ୟାନହୋଲ ଭାଙ୍ଗିଯାଇ ରାସ୍ତା ମଧ୍ୟ ଦବି ଯାଉଛି। ରାସ୍ତା ଦବିଯିବାର ଅନୁଧ୍ୟାନ ସହ ତୁରନ୍ତ ମରାମତି କରାଯିବା ଆବଶ୍ୟକ। ଏହା ଏକ ବ୍ୟସ୍ତବହୁଳ ରାସ୍ତା। ମେଡିକାଲ ଛକରୁ ବେଳାଭୂମି, ସ୍ୱର୍ଗଦ୍ୱାର ଏବଂ ବିଭିନ୍ନ ସରକାରୀ ଅଫିସକୁ ଏହି ଭିଆଇପି ରୋଡ଼ ଦେଇ ଲୋକେ ଯାତାୟାତ କରନ୍ତି। ତୁରନ୍ତ ଏହି ରାସ୍ତା ମରାମତି କରା ନ ଗଲେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି ବୋଲି ସହର ବାସିନ୍ଦା ପ୍ରତାପ ଶତପଥୀ କହିଛନ୍ତି।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଜି.ଉଦୟଗିରି,୩୧।୧୦(ଡି.ଏନ.ଏ.)**




ଅତିଥିଙ୍କଠାରୁ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଜି.ଉଦୟଗିରିସ୍ଥିତ ହାତୀଶାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏବିଇଓ ବାଣୀ ଚରଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟଅତିଥି ଓ ଶିକ୍ଷାବିତ୍ ମିହିର କାନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ୯ଟି କ୍ଲଷ୍ଟରରୁ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ କଳା ଉତ୍ସବ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଲୋକନାଥ ବାରିକ, ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ବୈକୁଣ୍ଠନାଥ ସାହୁ, ଗୋଲକ ବିହାରୀ ପଟ୍ଟନାୟକ, ବିଭୁନନ୍ଦନ ପଣ୍ଡା, ପ୍ରସନ୍ନ ପ୍ରଧାନଙ୍କ ସମେତ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମରାମତି ହେଉନି ତିତ୍ଲିରେ କ୍ଷତିଗ୍ରସ୍ତ ରାସ୍ତା

**ଫିରିଙ୍ଗିଆ, ୩୧।୧୦**



ଧୋଇ ଯାଇଥିବା ରାସ୍ତା।

**ବଢୁଛି ଅସନ୍ତୋଷ**

ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ କୋଡ଼ାପାଲି ରାସ୍ତା ଗତବର୍ଷ ହୋଇଥିବା ବାତ୍ୟା 'ତିତ୍ଲି'ରେ ଧୋଇଯାଇଥିଲା। ଏହାର ମରାମତି ପାଇଁ ପଞ୍ଚାୟତବାସୀ ବାରମ୍ବାର ପ୍ରଶାସନ ପାଖରେ ଦାବି କରି ଆସୁଥିଲେ ମଧ୍ୟ ଏ ଦିଗରେ ଦୃଷ୍ଟି ଦିଆଯାଉନାହିଁ। ରାସ୍ତାର ମଝିରେ ପ୍ରାୟ ୩୦ ମିଟର ଧୋଇ ଯାଇଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଗ୍ରାମକୁ ଗାଡ଼ିମୋଟର, ଏପରକି ଜରୁରୀ ସମୟରେ ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନାହିଁ। ବର୍ଷା ହେଲେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେଉଛି। ଉକ୍ତ ରାସ୍ତା ଉପରେ କୋଡ଼ାପାଲି, ବିଜରପଡ଼ା, ଖଜୁରିପଡା, ଗାଟେଣୀ, ବାରାକାଣ୍ଡି ଗ୍ରାମବାସୀ ନିର୍ଭର କରନ୍ତି। ତିତ୍ଲିରେ ହୋଇଥିବା ବର୍ଷାରେ ଗୋପମୁଣ୍ଡା ନାଳରେ ପାଣି ଉଛୁଳି କୋଡ଼ାପାଲି ପୋଲ ପାଖରୁ ପ୍ରାୟ ୨୦୦ ମିଟର ଦୂର ରାସ୍ତା ପାର୍ଶ୍ୱରୁ ୩୦ ମିଟର ଧୋଇଯାଇଛି। ରାସ୍ତା ମରାମତି ହୋଇ ନ ଥିବାରୁ ବର୍ଷା ହେଲେ ଗ୍ରାମବାସୀ ପାଣିରେ ପଶି ଯିବାକୁ ବାଧ ହେଉଛନ୍ତି। ଗ୍ରାମକୁ ଗାଡି ଚଳାଚଳ କରିପାରୁନାହିଁ। ଜରୁରୀ ବେଳେ ମେଡିକାଲ ଯାଇ ହେଉ ନ ଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟରୁ ଚାଉଳ ମୁଣ୍ଡେଇ ଆଣିବା ସମ୍ଭବ ହେଉନାହିଁ। ତୁରନ୍ତ ଉକ୍ତ ରାସ୍ତା ମରାମତି ସହ ଶଙ୍ଖ ନିର୍ମାଣ କରିବାକୁ ସରପଞ୍ଚ କନ୍ହେଇ କହଁରଙ୍କ ସମେତ ରବି ଚନ୍ଦ୍ର କହଁର, ଶ୍ରୀରାମ କହଁର, ଜୟ କହଁର, ଚକ୍ରପତି କହଁର ପ୍ରମୁଖ ଦାବି କରଛନ୍ତି। ଏ ନେଇ ବିଡିଓ ରଶ୍ମିରଞ୍ଜନ ମହନ୍ତ କହିଛନ୍ତି, ବ୍ଲକ ନଚେତ ବିଧାୟକଙ୍କ ପାଣ୍ଠି ଅବା ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଏହି ରାସ୍ତା କାମ କରାଯିବ।